# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ସୋମବାର, ଅକ୍ଟୋବର ୨୭/୨୦୨୫ (୧୪ ପୃଷ୍ଠା) | Bhubaneswar, Monday, October 27/2025 | Page 14 | ₹ 7.00 | BALASORE

୫୧ଶ ଭାଗ ୩୩୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 330 | ମୂଲ୍ୟ ₹୭/-









ବାତ୍ୟା 'ମୋନ୍ଥା'କୁ ଦୃଷ୍ଟିରେ ରଖି ରବିବାର ପୁରୀ ଉପକୂଳରେ ଲାଇଫ୍ ଗାର୍ଡମାନେ ସମୁଦ୍ର ଭିତରକୁ ନ ଯିବା ପାଇଁ ପର୍ଯ୍ୟଟକଙ୍କୁ ସତର୍କ କରାଉଛନ୍ତି । **(ଫଟୋ: ଯଜ୍ଞେଶ୍ୱର ମହାନ୍ତି)**

# ଆଦୌ ପିଲା ନ ଥିବା ୮ ହଜାର ସ୍କୁଲରେ ୨୦,୮୧୭ ଶିକ୍ଷକ

**ଦେଶର ପ୍ରାୟ ୮,୦୦୦ ସ୍କୁଲରେ ଜଣେ ହେଲେ ପିଲା ପାଠ ପଢୁନାହାନ୍ତି। କିନ୍ତୁ ସେହି ବିଦ୍ୟାଳୟଗୁଡ଼ିକରେ ଶିକ୍ଷାଦାନ ପାଇଁ ୨୦,୦୦୦ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି। ଆଦୌ ପିଲା ନ ଥିବା ସର୍ବାଧିକ ସ୍କୁଲ ପଶ୍ଚିମବଙ୍ଗରେ ଥିବାବେଳେ ଏହି କ୍ଷେତ୍ରରେ ଦ୍ୱିତୀୟ ସ୍ଥାନରେ ତେଲଙ୍ଗାନା ରହିଛି।**

**ନୂଆଦିଲ୍ଲୀ,୨୬।୧୦(ପି.ଟି.)**

୨୦୨୪-୨୫ ଶିକ୍ଷାବର୍ଷରେ ଭାରତର ବିଭିନ୍ନ ଭାଗରେ ଥିବା ୮,୦୦୦ ସ୍କୁଲରେ ଜଣେ ହେଲେ ଛାତ୍ରୀଛାତ୍ର ପାଠ ପଢୁ ନ ଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପରିସଂଖ୍ୟାନ ତଥ୍ୟରୁ ଜଣାପଡ଼ିଛି। ତେବେ ସବୁଠୁ ଆଶ୍ଚର୍ଯ୍ୟ ବିଷୟ ହେଉଛି ଉକ୍ତ ସ୍କୁଲଗୁଡ଼ିକରେ ମୋଟ ୨୦,୮୧୭ ଶିକ୍ଷକଙ୍କୁ ନିଯୁକ୍ତି ମିଳିଛି, ଯେଉଁମାନେ କି ବିନା ଶିକ୍ଷାଦାନରେ ପ୍ରତିମାସରେ ସରକାରଙ୍କଠାରୁ ଦରମା ପାଉଛନ୍ତି। ସେମାନଙ୍କ ମଧ୍ୟରୁ ସର୍ବାଧିକ ୧୭,୯୬୫ ଶିକ୍ଷକ କେବଳ ପଶ୍ଚିମବଙ୍ଗର ହୋଇଥିବାବେଳେ ନିଯୁକ୍ତ ହୋଇଥିବା ସ୍କୁଲ ସଂଖ୍ୟା ୩,୮୧୨। ଶିକ୍ଷା ମନ୍ତ୍ରଣାଳୟର ତଥ୍ୟ ଦେଶର ଏଭଳି ସ୍କୁଲ ସଂଖ୍ୟା ୭,୯୯୩ ବୋଲି ଦର୍ଶାଉଛି। ଏହାର ପୂର୍ବ ଶିକ୍ଷାବର୍ଷରେ ୫,୦୦୦ରୁ ଅଧିକ ସ୍କୁଲରେ ୧୨,୯୫୪ ଶିକ୍ଷୟିତ୍ରୀ ଶିକ୍ଷକ ନିଯୁକ୍ତ ହୋଇଥିଲେ। ଅନ୍ୟପକ୍ଷେ ହରିୟାଣା, ମହାରାଷ୍ଟ୍ର, ଗୋଆ, ଆସାମ, ଛତିଶଗଡ଼, ନାଗାଲାଣ୍ଡ, ସିକିମ୍ ଓ ତ୍ରିପୁରାରେ ଆଦୌ ପିଲା ନ ଥିବା ଗୋଟିଏ ମଧ୍ୟ ବିଦ୍ୟାଳୟ ନାହିଁ। କେନ୍ଦ୍ରଶାସିତ ଅଞ୍ଚଳ କଥା ଦେଖିଲେ ଦିଲ୍ଲୀ, ପଣ୍ଡିଚେରୀ, ଲାକ୍ଷାଦ୍ୱୀପ, ଦାଦ୍ରା ଓ ନଗର ହାଭେଲି, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ, ଡାମନ ଓ ଡିଉ ଏବଂ ଚଣ୍ଡିଗଡ଼ରେ ମଧ୍ୟ ଶୂନ ପିଲାଙ୍କୁ ନେଇ ଗୋଟିଏ ହେଲେ ସ୍କୁଲ ଚାଲିନାହିଁ।

ବିନା ପିଲାରେ ସ୍କୁଲ ଚାଲିଥିବା ରାଜ୍ୟ ମଧ୍ୟରେ ତେଲଙ୍ଗାନା ଦ୍ୱିତୀୟରେ ରହିଛି। ତେଲଙ୍ଗାନାରେ ଏପରି ୨,୨୪୫ ସ୍କୁଲ ଥିବାବେଳେ ଶିକ୍ଷକଙ୍କ ସଂଖ୍ୟା ହେଉଛି ୧,୦୧୬। ସେହିପରି ମଧ୍ୟପ୍ରଦେଶରେ ଏପରି ୪୬୩ଟି ବିଦ୍ୟାଳୟ ରହିଛି, ଯେଉଁଠି ୨୨୩ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ଉତ୍ତର ପ୍ରଦେଶରେ ମଧ୍ୟ ୮୧ଟି ଏଭଳି ସ୍କୁଲ ରହିଛି। ଉତ୍ତର ପ୍ରଦେଶ ମାଧ୍ୟମିକ ଶିକ୍ଷା ପରିଷଦ (ୟୁପି ବୋର୍ଡ) କ୍ରମାଗତ ୩ ଶିକ୍ଷାବର୍ଷରେ ଆଦୌ ପିଲା ନାମ ଲେଖାଇ ନ ଥିବା ସ୍କୁଲଗୁଡ଼ିକର ଅନୁମୋଦନ ପ୍ରତ୍ୟାହାର କରିବାକୁ ଘୋଷଣା କରିଛି।

ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ସ୍କୁଲ ଶିକ୍ଷା ହେଉଛି ରାଜ୍ୟର ବିଷୟ। ରାଜ୍ୟଗୁଡ଼ିକୁ ଜିରୋ ଏନ୍‌ରୋଲ୍‌ମେଣ୍ଟ ସମସ୍ୟାର ସମାଧାନ ପାଇଁ ପରାମର୍ଶ ଦିଆଯାଇଛି। କେତେକ ରାଜ୍ୟ ନିଜ ଭିତ୍ତିଭୂମି ଓ କର୍ମଚାରୀ ଭଳି ସମ୍ବଳର ଉପଯୁକ୍ତ ଉପଯୋଗ ☞ପୃଷ୍ଠା-୪

# ସ୍କୁଲ ଯିବାବେଳେ ଛାତ୍ରୀଙ୍କୁ ବଳାତ୍କାର

**ଜମନକିରା, ୨୬।୧୦**
**(ରବୀନ୍ଦ୍ର ପ୍ରସାଦ ଦାନୀ)**

## ଅଭିଯୁକ୍ତ ଗିରଫ

ସମ୍ବଲପୁର ଜିଲା ଜମନକିରା ସଦର ମହକୁମାରେ ସ୍କୁଲ ଯାଉଥିବାବେଳେ ଜଣେ ଛାତ୍ରୀ ବଳାତ୍କାରର ଶିକାର ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ରାଧାକୃଷ୍ଣପଡ଼ାର ମହମ୍ମଦ ଅମିର କୁରେଶି(୩୧)ଙ୍କୁ ଗିରଫ କରିଛି। ଏନେଇ ଜମନକିରା ଥାନାରେ ବିଏନ୍‌ଏସ୍ ଦଫା ୬୪(୨)(ଆଇ) ୬୫(୧), ଏବଂ ପୋକ୍‌ସୋ ଆଇନର ଦଫା ୬ରେ ଗିରଫ କରି ସମ୍ବଲପୁର ପୋକ୍‌ସୋ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ☞ପୃଷ୍ଠା-୪

# ବିଶ୍ୱ ରେକର୍ଡ ସହ ପ୍ରୀତିସ୍ମିତାଙ୍କୁ ସ୍ୱର୍ଣ୍ଣ

## ଏସିଆନ ୟୁଥ୍ ଗେମ୍ସ



**ଭୁବନେଶ୍ୱର, ୨୬।୧୦**
**(ତପନ ସ୍ୱାଇଁ)**

ବାହାରିନ୍‌ର ମାନାମାଠାରେ ଚାଲିଥିବା ଏସିଆନ ୟୁଥ୍ ଗେମ୍ସ ଭାରୋତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶାର ପ୍ରୀତିସ୍ମିତା ଭୋଇ ନୂଆ ଏସିଆନ ଓ ବିଶ୍ୱ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟ ଏବଂ ଦେଶକୁ ଗର୍ବିତ କରିଛନ୍ତି। ଢେଙ୍କାନାଳସ୍ଥିତ ଭାରୋତ୍ତୋଳନ ଉପକେନ୍ଦ୍ରରେ ପ୍ରଶିକ୍ଷଣପ୍ରାପ୍ତ ପ୍ରୀତିସ୍ମିତା ରବିବାର ବାଳିକା ୪୪ କେଜି ବର୍ଗରେ ମୋଟ ୧୫୮ କେଜି ଉତ୍ତୋଳନ କରି ଏହି ସଫଳତା ପାଇଛନ୍ତି। ସେ ସ୍ନାଚ୍‌ରେ ୬୬ ଓ କ୍ଲିନ୍ ଆଣ୍ଡ ଜର୍କରେ ୯୨ କେଜି ଉତ୍ତୋଳନ କରିଥିଲେ। ଏହି ଓଜନ ବର୍ଗରେ କ୍ଲିନ୍ ଆଣ୍ଡ ଜର୍କରେ ୯୨ କେଜି ଉତ୍ତୋଳନ ଏକ ଏସୀୟ ଓ ବିଶ୍ୱ ରେକର୍ଡ। ପୂର୍ବରୁ ୮୯ କେଜି ଏସିଆନ ଏବଂ ☞ପୃଷ୍ଠା-୪

# ବାତ୍ୟା ପାଇଁ ଛୁଟି ବାତିଲ

**ସମ୍ଭାବ୍ୟ ବାତ୍ୟା 'ମୋନ୍ଥା' ୨୮ ତାରିଖରେ ଆନ୍ଧ୍ରପ୍ରଦେଶ ଉପକୂଳରେ ଲ୍ୟାଣ୍ଡ ଫଲ୍ କରିବ ବୋଲି ପାଣିପାଗ ବିଭାଗ ଆକଳନ କରିଥିଲେ ମଧ୍ୟ ଓଡ଼ିଶାରେ ୩ଦିନ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ବାତ୍ୟାଜନିତ ବର୍ଷା ଓ ପବନ ଯୋଗୁ ଓଡ଼ିଶାରେ କ୍ଷୟକ୍ଷତିର ଆଶଙ୍କା ଥିବାରୁ ମୁକାବିଲା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି। ରବିବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ବୈଠକ ଡାକି ସ୍ୱତନ୍ତ୍ର ରିଲିଫ୍ କମିଶନର ଓ ସମସ୍ତ ଜିଲାପାଳଙ୍କ ସହିତ ଆଲୋଚନା କରିଛନ୍ତି। ସାରା ରାଜ୍ୟରେ ବର୍ଷା ସମ୍ଭାବନା ରହିଥିବାବେଳେ ଅଧିକ ପ୍ରଭାବିତ ହେବାକୁ ଥିବା ୮ ଜିଲା ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଞ୍ଜାମ, ଗଜପତି, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁରକୁ ରେଡ୍ ଜୋନ୍‌ରେ ରଖାଯାଇ ଆବଶ୍ୟକ ପଦକ୍ଷେପ ନିଆଯାଇଛି। ବାତ୍ୟା ପ୍ରଭାବିତ ହେବାକୁ ଥିବା ଜିଲାର ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ ସହ ସମସ୍ତ ସ୍କୁଲ ବନ୍ଦ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଆଶ୍ରୟସ୍ଥଳ ପ୍ରସ୍ତୁତ ରହିଥିବାବେଳେ ଲୋକଙ୍କୁ ସ୍ଥାନାନ୍ତର ପାଇଁ ସମ୍ପୃକ୍ତ ଜିଲାପାଳମାନଙ୍କୁ କୁହାଯାଇଛି। ତୁରନ୍ତ ଉଦ୍ଧାର କାର୍ଯ୍ୟ, ରାସ୍ତା ସଫା, ଜଳନିଷ୍କାସନକୁ ଗୁରୁତ୍ୱ ଦିଆଯାଇଛି। ଭୂସ୍ଖଳନ ସମ୍ଭାବିତ ଅଞ୍ଚଳ ପାଇଁ ମଧ୍ୟ ସ୍ୱତନ୍ତ୍ର ନିର୍ଦ୍ଦେଶ ଦିଆଯାଇଛି।**

- **ରେଡ୍ ଜୋନ୍‌ରେ ୮ ଜିଲା**
- **୨୮,୨୯ରେ ସାରା ଓଡ଼ିଶାରେ ବର୍ଷା**

**ଭୁବନେଶ୍ୱର, ୨୬।୧୦**
**(ବନ୍ଦନା ସେଠୀ)**

ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସକ୍ରିୟ ଥିବା ଅବପାତ ରବିବାର ଗଭୀର ଅବପାତରେ ପରିଣତ ହୋଇଛି। ସନ୍ଧ୍ୟାସୁଦ୍ଧା ଏହା ଗୋପାଳପୁରଠାରୁ ୯୩୦ କି.ମି. ଦକ୍ଷିଣ-ଦକ୍ଷିଣ ପୂର୍ବ ଦିଗରେ ରହି ବଳ ଗୋଟାଉଛି। ଏହା କ୍ରମଶଃ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ୬ କି.ମି. ବେଗରେ ଗତି କରୁଥିବାବେଳେ ସୋମବାର ଦକ୍ଷିଣ-ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ବାତ୍ୟା 'ମୋନ୍ଥା'ରେ ପରିଣତ ହେବାର ସମ୍ଭାବନା ରହିଛି। ଏହାପରେ ଉତ୍ତର-ପଶ୍ଚିମ ଦିଗରେ ଗତିକରି ୨୮ ତାରିଖ ସକାଳ ସୁଦ୍ଧା ଭୟଙ୍କର ବାତ୍ୟା କିମ୍ବା ସିରିୟସ୍ ସାଇକ୍ଲୋନିକ୍ ଷ୍ଟର୍ମରେ ପରିଣତ ହେବ। ପରେ ଉତ୍ତର-ଉତ୍ତରପଶ୍ଚିମ ଦିଗରେ ଆଗକୁ ବଢ଼ିବା ସହ ମଙ୍ଗଳବାର ସନ୍ଧ୍ୟା କିମ୍ବା ରାତିରେ ଆନ୍ଧ୍ରପ୍ରଦେଶର କାକିନାଡା ପାଖାପାଖି ମଛଲିପଟ୍ଟନମ୍ ଏବଂ କଳିଙ୍ଗପଟ୍ଟନମ ମଧ୍ୟରେ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି। ଏହି ସମୟରେ ଘଣ୍ଟାପ୍ରତି ପବନ ବେଗ ୯୦ ରୁ ୧୦୦ କି.ମି ରହିବ ଏବଂ ଝଟ୍‌କା ପବନର ଗତି ୧୧୦ କି.ମି. ପର୍ଯ୍ୟନ୍ତ ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ଡ. ମନୋରମା ମହାନ୍ତି କହିଛନ୍ତି।

ବାତ୍ୟା ଆନ୍ଧ୍ର ଉପକୂଳରେ ମାଡ଼ ହେବାରୁ ସମ୍ଭାବନା ରହିଥିଲେ ମଧ୍ୟ ଓଡ଼ିଶାରେ ଏହାର ପ୍ରଭାବ କମ୍ ରହିବ। ମାତ୍ର ରାଜ୍ୟରେ ୩ଦିନ ପ୍ରବଳରୁ ଅତ୍ୟନ୍ତ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ଆକଳନ କରିବା ପରେ ଏହାକୁ ନେଇ ରାଜ୍ୟବାସୀ ବିଶେଷକରି ଚାଷୀକୂଳଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ୨୭, ୨୮ ଓ ୨୯ ତାରିଖରେ ରାଜ୍ୟରେ ପ୍ରବଳ ☞ପୃଷ୍ଠା-୪

# କାହା ସପକ୍ଷରେ ବିରୋଧୀ

## ନୂଆପଡ଼ା ଉପନିର୍ବାଚନ

**ନୂଆପଡା,୨୬।୧୦**
**(ପୀତାମ୍ବର ସାହୁ)**

ନୂଆପଡ଼ା ଉପନିର୍ବାଚନ ପାଇଁ ରାଜ୍ୟର ୩ ପ୍ରମୁଖ ଦଳ ମାଲମାଲ ନେତାଙ୍କୁ ନିର୍ବାଚନମଣ୍ଡଳୀର ଭୋଟ ହାତେଇବା ଲାଗି ଦାୟିତ୍ୱ ଦେଇଛି। ୨୦୨୪ ନିର୍ବାଚନରେ ବିଜେଡି ହାତରେ ଥିବା ଏହି ଆସନ କାହା ପାଖକୁ ଯିବ ସେକଥା ଫଳାଫଳ ବାହାରିବା ପୂର୍ବରୁ ଆକଳନ କରିବା କଷ୍ଟକର ବ୍ୟାପାର। ହେଲେ କେଉଁ ଦଳ କେମିତି ଲଢୁଛି, ତାକୁ ଦେଖିଲେ ଅନେକ କିଛି ଆକଳନ କରାଯାଇପାରିବ। ଏହାକୁ ଭିତ୍ତିକରି ରାଜନୈତିକ ବିଶ୍ଳେଷକମାନେ ଚର୍ଚ୍ଚା ଚଳାଇଛନ୍ତି। ଭାଜପା ପ୍ରାର୍ଥୀ ହୋଇଥିବା ଜୟ ଢୋଲକିଆ ବିଜେଡି ଛାଡ଼ିବା ପରେ ରାଜ୍ୟର ମୁଖ୍ୟ ବିରୋଧୀ ଦଳର ଆଭିମୁଖ୍ୟକୁ ନେଇ ଚର୍ଚ୍ଚା ହୋଇଥିଲା। ରାଜ୍ୟ ସଭାରେ ଖାଲି ହେବାକୁ ଥିବା ୪ଟି ଆସନର ଗଣିତରେ ଶାସକ ଭାଜପାକୁ ସମର୍ଥନ ଦେବାଲାଗି ବିଜେଡି ଚାହୁଁଥିବା ବିଷୟ ଜୟ ଦଳ ପରିବର୍ତ୍ତନ କରିବା ପରେ ଆଲୋଚନା ହେଲା। ବର୍ତ୍ତମାନ ସମୟରେ ବିଜେଡି ଏବଂ କଂଗ୍ରେସର ଉପନିର୍ବାଚନ ଲଢ଼ିବା ଶୈଳୀକୁ ଦେଖିଲେ ଉଭୟ ଭାଜପାକୁ ଉକ୍ତ ଆସନ ଟେକିଦେବା ଭଳି ରାସ୍ତା ପ୍ରସ୍ତୁତ କରୁଥାଇପାରନ୍ତି ବୋଲି ଚାଲିଥିବା ଆଲୋଚନାକୁ ଏଡ଼ାଇ ଦିଆଯାଇ ନ ପାରେ। ବିଜେଡି ବର୍ତ୍ତମାନ ସୁଦ୍ଧା ପ୍ରାୟ ୮୬ ନେତାଙ୍କୁ ଦାୟିତ୍ୱ ଦେଇସାରିଛି। ଏହାବାଦ୍ ଅନେକେ ୮୬ ନେତାଙ୍କ ସହିତ କର୍ମୀ ଭାବେ କାମକରୁଛନ୍ତି। ସେହିପରି କଂଗ୍ରେସର ଅନେକ ନେତା ଏଠାରେ ପ୍ରଚାର କାମରେ ଲାଗିଥିଲେ ମଧ୍ୟ ବହୁଜଣଙ୍କୁ ଲୋଡ଼ା ନ ଯିବା ଭବିଷ୍ୟତରେ ଭାଜପାକୁ ସୁହାଇବାର ପଥ ପ୍ରସ୍ତୁତି ବୋଲି ତାଙ୍କରି ଭିତରେ ଚର୍ଚ୍ଚା ଚାଲିଛି।



ନବୀନ ପଟ୍ଟନାୟକ



ଭକ୍ତଚରଣ ଦାସ

ରାଜ୍ୟର ଉପମୁଖ୍ୟମନ୍ତ୍ରୀ ତଥା ଭାଜପାର ବରିଷ୍ଠ ନେତା କନକବର୍ଦ୍ଧନ ସିଂଦେଓ ଏବଂ ବରିଷ୍ଠ ବିଧାୟକ ଜୟ ନାରାୟଣ ମିଶ୍ର ନୂଆପଡ଼ା ଉପନିର୍ବାଚନର ମଙ୍ଗ ଧରିଥିବା ନେଇ ☞ପୃଷ୍ଠା-୪

## ଆଜିର ସମ୍ପାଦକୀୟ

ବେପରୁଆ ଚାଳକ

## ଆଜିର ମନ୍ତବ୍ୟ

" ୨୦୦୫ ନଭେମ୍ବରେ ଜେଡିୟୁ କ୍ଷମତାକୁ ଆସିବା ପୂର୍ବରୁ ବିହାରବାସୀ ଆତଙ୍କିତ ଅବସ୍ଥାରେ ଥିଲେ। ଆଜି ସେମାନେ ରାଜ୍ୟରେ ଚାଲିଥିବା ସୁଶାସନ ଓ ଉନ୍ନତିମୂଳକ କାର୍ଯ୍ୟକୁ ନେଇ ବିହାରୀ ବୋଲି ଗର୍ବିତ।

-ନୀତିଶ କୁମାର, ମୁଖ୍ୟମନ୍ତ୍ରୀ, ବିହାର






ଗାଜାରେ ହମାସ୍ କବଳରୁ ନିକଟରେ ମୁକ୍ତ ହୋଇଥିବା ଇସ୍ରାଏଲୀ ପଣବନ୍ଦୀ ଏଭ୍ୟାଟାର ଡାଭିଡ୍ ରବିବାର ହସ୍ପିଟାଲରୁ ଘରକୁ ଫେରିବା ପରେ ଲୋକେ ଉତ୍ସବ ମନାଉଛନ୍ତି।

# ଗାଜାରେ ପୁଣି ପଶିଲା ଇସ୍ରାଏଲ୍

ଗାଜା ସିଟି/କାଇରୋ,୨୬।୧୦

ହମାସ୍ ଏବଂ ଇସ୍ରାଏଲ୍ ମଧ୍ୟରେ ଯୁଦ୍ଧବିରତି ସତ୍ତ୍ୱେ ଇସ୍ରାଏଲୀ ସେନା ପୁଣିଥରେ ଗାଜାରେ ପଶିଛି। ଇସ୍‌ଲାମିକ୍ ଜିହାଦ ଆତଙ୍କବାଦୀ ସଂଗଠନକୁ ଟାର୍ଗେଟ କରି ଗାଜା ଷ୍ଟ୍ରିପ୍‌ରେ ଏୟାରଷ୍ଟ୍ରାଇକ୍ କରାଯାଇଥିବା ଇସ୍ରାଏଲୀ ସେନା (ଆଇଡିଏଫ୍) କହିଛି। ୨ ସପ୍ତାହ ହେଲା ଯୁଦ୍ଧବିରତି ସତ୍ତ୍ୱେ ବହୁ ପାଲେଷ୍ଟିନୀୟ ସେମାନଙ୍କ ଘରକୁ ଫେରିପାରି ନାହାନ୍ତି। ଆତଙ୍କବାଦୀ ଆକ୍ରମଣରୁ ନିଜକୁ ଓ ନିଜ ସେନାକୁ ସୁରକ୍ଷା ଦେବା ଅଧିକାର ଇସ୍ରାଏଲ୍‌ର ରହିଥିବା ଆଇଡିଏଫ୍ କହିଛି। ଆଇଡିଏଫ୍ ସୈନ୍ୟଙ୍କ ଉପରେ ଇସ୍‌ଲାମିକ୍ ଜିହାଦି ଆତଙ୍କବାଦୀ ଆକ୍ରମଣ ଯୋଜନା କରିଥିଲେ। ସେଥିପାଇଁ କେନ୍ଦ୍ରୀୟ ଗାଜା ଷ୍ଟ୍ରିପ୍‌ର ନୁସେଇରାତ୍ ଅଞ୍ଚଳରେ ଏୟାରଷ୍ଟ୍ରାଇକ୍ କରାଯାଇଥିବା ଇସ୍ରାଏଲ୍ କହିଛି। ଏଥିରେ କେତେଜଣ ଆହତ ହୋଇଥିବା ଏଲ୍-ଅୱ୍ଦା ହସ୍ପିଟାଲ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ହମାସ୍ ଇତିମଧ୍ୟରେ ଗାଜା ଷ୍ଟ୍ରିପ୍‌ର ନୂଆ ଅଞ୍ଚଳଗୁଡ଼ିକରେ ପଣବନ୍ଦୀଙ୍କ ମୃତଦେହ ଖୋଜିବା ଆରମ୍ଭ କରିଛି। ଏଥିରେ ସହାୟତା କରିବାକୁ ଇଜିପ୍ଟ ଏକ ବିଶେଷଜ୍ଞ



## ଇସ୍‌ଲାମିକ୍ ଆତଙ୍କବାଦୀଙ୍କୁ ଟାର୍ଗେଟ କରି ଏୟାରଷ୍ଟ୍ରାଇକ୍

ଟିମ୍ ସହ ଓଜନଦାର ଉପକରଣ ପଠାଇଛି। ଗତ ୧୦ ତାରିଖରେ ହୋଇଥିବା ଯୁଦ୍ଧବିରତି ଚୁକ୍ତିନାମା ଅନୁଯାୟୀ, ହମାସ୍ ଅବଶିଷ୍ଟ ଇସ୍ରାଏଲୀ ପଣବନ୍ଦୀଙ୍କୁ ଯଥାଶୀଘ୍ର ଫେରାଇଦେବା ଆଶା କରାଯାଉଛି। ପଣବନ୍ଦୀଙ୍କ ମୃତଦେହ ବଦଳରେ ଇସ୍ରାଏଲ୍ ମଧ୍ୟ ୧୫ ପାଲେଷ୍ଟିନୀୟଙ୍କ ମୃତଦେହ ଫେରାଇବାକୁ ରାଜି ହୋଇଛି। ଚୁକ୍ତି ଅନୁଯାୟୀ, ଇସ୍ରାଏଲ୍ ୧୯୫ ପାଲେଷ୍ଟିନୀୟଙ୍କ ମୃତଦେହ ଫେରାଇ ସାରିଥିବାବେଳେ ହମାସ୍ ମଧ୍ୟ ୧୮ ପଣବନ୍ଦୀଙ୍କ ମୃତଦେହ ଫେରାଇଥିଲା। ତେବେ ୫ ଦିନ ହେଲା ଏହି ପ୍ରକ୍ରିୟା ବନ୍ଦ ରହିଛି।

## ସଂକ୍ଷେପରେ

### ପ୍ୟାରିସ୍ ମ୍ୟୁଜିୟମ୍‌ରୁ ଅଳଙ୍କାର ଚୋରି ମାମଲାରେ ୨ ଗିରଫ

ପ୍ୟାରିସ୍,୨୬।୧୦

ବିଶ୍ୱର ସର୍ବାଧିକ ଲୋକପ୍ରିୟ ସଂଗ୍ରହାଳୟ ଭାବେ ପରିଚିତ ପ୍ୟାରିସ୍‌ର ଲୁଭ୍ର ମ୍ୟୁଜିୟମ୍‌ରୁ ରାଜମୁକୁଟ ଅଳଙ୍କାର ଚୋରି ଘଟଣା ସହ ସମ୍ପୃକ୍ତ ୨ ଜଣ ସନ୍ଦିଗ୍ଧଙ୍କୁ ଗିରଫ କରାଯାଇଛି। ସଂଗ୍ରହାଳୟରୁ ବହୁ ମୂଲ୍ୟବାନ ଅଳଙ୍କାର ଚୋରି ଘଟଣା ସାରା ବିଶ୍ୱକୁ ସ୍ତବ୍ଧ କରିଥିଲା। ପ୍ୟାରିସ୍-ଚାର୍ଲସ ଡି ଗୌଲେ ଏୟାରପୋର୍ଟରୁ ଶନିବାର ରାତି ୧୦ଟାରେ ଜଣକୁ ଗିରଫ କରାଯାଇଛି। ସେ ବିମାନରେ ବିଦେଶ ପଳାଇଯିବାକୁ ଉଦ୍ୟମ କରୁଥିବାବେଳେ ଧରାପଡ଼ିଛନ୍ତି। ଏହାର କିଛି ସମୟ ପରେ ପ୍ୟାରିସ୍ ଅଞ୍ଚଳରୁ ଅନ୍ୟ ଜଣଙ୍କୁ ଗିରଫ କରାଯାଇଛି। ସୂଚନାଯୋଗ୍ୟ, ଚୋରମାନେ କ୍ରେନ୍ ସହାୟତାରେ ଉପର ମହଲା ଝରକା ଭାଙ୍ଗି ମ୍ୟୁଜିୟମ୍‌ରେ ପ୍ରବେଶ କରି ୮ଟି ମୂଲ୍ୟବାନ ଅଳଙ୍କାର ଚୋରାଇ ନେଇଥିଲେ, ଯାହାର ମୂଲ୍ୟ ୧୦୨ ନିୟୁତ ଡଲାର ହେବ ବୋଲି ଆକଳନ କରାଯାଇଛି। ବାଇକ୍ ଯୋଗେ ସେମାନେ ଖସି ପଳାଇଥିଲେ। ପ୍ୟାରିସ୍ ପୋଲିସର ସ୍ୱତନ୍ତ୍ର ଶାଖା ବିଆର୍‌ବି ଏହି ହାଇପ୍ରୋଫାଇଲ୍ ଡକାୟତି ଘଟଣାର ତଦନ୍ତ ଚଳାଇଛି।

### ଦଳିତ ଯୁବକଙ୍କୁ ପିଟି ହତ୍ୟା

ଭିଣ୍ଡ୍,୨୬।୧୦

ମଧ୍ୟପ୍ରଦେଶର ଭିଣ୍ଡ୍ ଜିଲାରେ ଏକ ବିବାଦକୁ ନେଇ ଜଣେ ୩୫ ବର୍ଷୀୟ ଦଳିତ ଯୁବକଙ୍କୁ ପଡ଼ୋଶୀ ପିଟି ମାରିଦେଇଥିବା ଅଭିଯୋଗ ହୋଇଛି। ଶନିବାର ସନ୍ଧ୍ୟାରେ ଏହି ଘଟଣା ଘଟିଥିବାବେଳେ ମୃତକଙ୍କ ସମ୍ପର୍କୀୟ ଓ ଅନ୍ୟମାନେ ଜଣେ ଅଭିଯୁକ୍ତଙ୍କ ଘରେ ଭଙ୍ଗାରୁଜା କରିବା ସହ ନିଆଁ ଲଗାଇଦେଇଛନ୍ତି। ଏଥିସହିତ ଆକ୍ରମଣକାରୀଙ୍କ ଘରର ଏକ କାର୍ ଓ ବାଇକ୍‌କୁ ମଧ୍ୟ ପୋଡ଼ିଦିଆଯାଇଛି। ଗାଁରେ ଉତ୍ତେଜନା ଲାଗି ରହିଥିବାରୁ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ମୃତ ଯୁବକ ରୁଦ୍ରପ୍ରତାପ ସିଂ ଯାତଭଙ୍କର ଏକ ପଡ଼ୋଶୀ ପରିବାର ସହ ବିବାଦ ରହିଥିଲା। ଶନିବାର ସନ୍ଧ୍ୟାରେ ପଡ଼ୋଶୀ କୌରଭ ପରିବାରର ୫ ସଦସ୍ୟ ରୁଦ୍ରଙ୍କୁ ଲାଠିରେ ଆକ୍ରମଣ କରି ଗୁରୁତର ଆହତ କରିଥିଲେ। ତାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରି ଜଣେ ବୟସ୍କ ବ୍ୟକ୍ତି ଆହତ ହୋଇଛନ୍ତି। ରୁଦ୍ରଙ୍କୁ ପ୍ରଥମେ ପାଖ ହସ୍ପିଟାଲରେ ଭର୍ତ୍ତି କରାଯାଇ ପରେ ଗ୍ୱାଲିଅର ନିଆଯାଉଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଅଭିଯୁକ୍ତ ରଣବୀର କୌରବ, ଅଶୁ କୌରବ, ପ୍ରହ୍ଲାଦ କୌରବ, ରାଜୀବ କୌରବ ଏବଂ କୁନ୍‌ୱାର ସିଂ କୌରବଙ୍କ ନାମରେ ବିଏନ୍‌ଏସ୍‌ର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଛି।

# ୧୬ ଜେଡିୟୁ ବିଦ୍ରୋହୀ ବହିଷ୍କୃତ

## ବିହାର ନିର୍ବାଚନ

ପାଟନା, ୨୬।୧୦(ପି.ଟି./ଏଜେନ୍ସି)

ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଶାସକ ସଂଯୁକ୍ତ ଜନତା ଦଳ(ଜେଡିୟୁ)ରେ ବିଦ୍ରୋହର ସ୍ୱର ଉଠିଛି। ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଜେଡିୟୁର ଜଣେ ବିଧାୟକ ଓ ୨ ପୂର୍ବତନ ମନ୍ତ୍ରୀଙ୍କ ସମେତ ୧୬ ବିଦ୍ରୋହୀଙ୍କୁ ଦଳରୁ ବହିଷ୍କାର କରିଛନ୍ତି। ବହିଷ୍କୃତ ନେତାଙ୍କ ମଧ୍ୟରୁ ଅଧିକାଂଶ ଦଳୀୟ ନିର୍ଦ୍ଦେଶକୁ ଅବଜ୍ଞା କରି ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ପ୍ରାର୍ଥୀମାନଙ୍କ ବିରୋଧରେ ନାମାଙ୍କନପତ୍ର ଦାଖଲ କରିଥିଲେ। ତେଣୁ ଶନିବାର ରାତି ଓ ରବିବାର ଦୁଇଟି ପର୍ଯ୍ୟାୟରେ ବିଦ୍ରୋହୀ ନେତାଙ୍କ ନାମ ତାଲିକା ପ୍ରକାଶ କରି ସେମାନଙ୍କୁ ବାହାର ରାସ୍ତା ଦେଖାଇ ଦିଆଯାଇଛି। ଦଳ ବିରୋଧୀ କାର୍ଯ୍ୟକଳାପ ଓ



ନୀତିଶ କୁମାର

ଆଦର୍ଶର ଉଲ୍ଲଂଘନ ଅଭିଯୋଗରେ ବିଦ୍ରୋହୀଙ୍କ ଉପରେ ଜେଡିୟୁ ପକ୍ଷରୁ ବଡ଼ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ବିଦା ହୋଇଥିବା ନେତାଙ୍କ ମଧ୍ୟରୁ ସବୁଠୁ ଚର୍ଚ୍ଚିତ ଚେହେରା ହେଉଛନ୍ତି ନରେନ୍ଦ୍ର ନିରଜ ଓରଫ ଗୋପାଳ ମଣ୍ଡଳ। ଭାଗଲପୁର ଜିଲା ଗୋପାଳପୁର ନିର୍ବାଚନମଣ୍ଡଳୀର ବିଧାୟକ ନରେନ୍ଦ୍ର ଅନେକ ସମୟରେ ଭୁଲ୍ କାର୍ଯ୍ୟ ପାଇଁ ଚର୍ଚ୍ଚାରେ ରହିଆନ୍ତି। ନରେନ୍ଦ୍ର ତାଙ୍କୁ ଦଳ ପକ୍ଷରୁ ୫ମ ଥର ପ୍ରାର୍ଥୀ କରାଯାଉ ନାହିଁ ବୋଲି ଜାଣିବା ପରେ ଜେଡିୟୁ ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ସରକାରୀ ବାସଭବନ ଆଗରେ ଧାରଣା ଦେଇଥିଲେ। ଏହି ଆସନରେ ଜେଡିୟୁ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି)ରୁ ଆସିଥିବା ବୁଲୋ ମଣ୍ଡଳଙ୍କୁ ଟିକେଟ ଦେବା ପରେ ନରେନ୍ଦ୍ର ତାଙ୍କ ବିରୋଧରେ ସ୍ୱାଧୀନ ପ୍ରାର୍ଥୀ ହୋଇଛନ୍ତି। ସେହିପରି ପୂର୍ବତନ ଏମ୍‌ଏଲ୍‌ସି ସଞ୍ଜୀବ ଶ୍ୟାମ ସିଂଙ୍କୁ ମଧ୍ୟ ଜେଡିୟୁ ବିଦା କରିଛି। ସଞ୍ଜୀବ ଗୟା ଜିଲା ଗୁରୁଆ ଆସନରୁ ପ୍ରଶାନ୍ତ କିଶୋରଙ୍କ ଜନ ସୁରାଜ ପାର୍ଟିରୁ ପ୍ରାର୍ଥୀ ହୋଇଛନ୍ତି। ପୂର୍ବତନ ମନ୍ତ୍ରୀ ହିମରାଜ ସିଂ କଟିହାର ଆସନରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢୁଛନ୍ତି। ପୂର୍ବତନ ବିଧାୟକ ମହେଶ୍ୱର ପ୍ରସାଦ ଯାଦବ(ଗୈହାଟ) ଓ ତାଙ୍କ ସମର୍ଥକ ପ୍ରଭାତ କିରନ ମଧ୍ୟ ଏଥର ଆଶାୟୀ ଥିଲେ। ଟିକେଟ ନ ମିଳିବାରୁ ସେମାନେ ବିଦ୍ରୋହୀ ସାଜିଲେ। ଏହା ପୂର୍ବରୁ ଜେଡିୟୁ ପୂର୍ବତନ ମନ୍ତ୍ରୀ ଶୈଳେଶ କୁମାର(ଜମାଲପୁର), ପୂର୍ବତନ ବିଧାୟକ ଶ୍ୟାମ ବାହାଦୁର ସିଂ, ପୂର୍ବତନ ଏମ୍‌ଏଲ୍‌ସି ସଞ୍ଜୟ ପ୍ରସାଦ ଓ ରଣବିଜୟ ସିଂଙ୍କ ବିରୋଧରେ ମଧ୍ୟ ଦଳ ବିରୋଧୀ କାର୍ଯ୍ୟକଳାପ ପାଇଁ ଅନୁରୂପ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

### ଡଷ୍ଟବିନ୍‌କୁ ଯିବ ୱାକ୍‌ଫ ଆଇନ: ତେଜସ୍ୱୀ

ବିହାରରେ ମହାମେଣ୍ଟ ସରକାର ଗଢ଼ିଲେ କେନ୍ଦ୍ରର ୱାକ୍‌ଫ (ସଂଶୋଧନ) ଆଇନକୁ ରଦ୍ଦ କରାଯିବ ବୋଲି ରବିବାର ବିରୋଧୀଙ୍କ ମୁଖ୍ୟମନ୍ତ୍ରୀ ଚେହେରା ତେଜସ୍ୱୀ ଯାଦବ କହିଛନ୍ତି। ଆର୍‌ଜେଡି ନେତା ତେଜସ୍ୱୀ ମୁସଲିମ୍ ବହୁଳ ଜିଲା କଟିହାରରେ ଏକ ସଭାକୁ ସମ୍ବୋଧିତ କରି କହିଛନ୍ତି, ଇଣ୍ଡିଆ ବ୍ଲକ୍ ଜିତିଲେ ଗତ ଏପ୍ରିଲରେ ପାର୍ଲାମେଣ୍ଟରେ ପାରିତ ୱାକ୍‌ଫ ଆଇନକୁ ଡଷ୍ଟବିନ୍‌କୁ ଫୋପାଡ଼ି ଦିଆଯିବ। ଆର୍‌ଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବ କେବେହେଲେ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ଭଳି ସାମ୍ପ୍ରଦାୟିକ ଶକ୍ତି ସହ ସାଲିସ କରି ନ ଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ଏବଂ ଏହାର ସହଯୋଗୀ ସଙ୍ଗଠନଗୁଡ଼ିକ ବିହାର ସମେତ ସାରା ଦେଶରେ ଘୃଣା ବିସ୍ତାର କରୁଛନ୍ତି। ଭାଜପା ଏକ 'ଭାରତ ଜାଳ ପାର୍ଟି'। ଏହି ଦଳ କ୍ଷମତାକୁ ଆସିଲେ ସାମ୍ପ୍ରଦାୟିକ ଏଜେଣ୍ଡାଗୁଡ଼ିକ ଆହୁରି ପ୍ରଭାବଶାଳୀ ଢଙ୍ଗରେ କାର୍ଯ୍ୟକାରୀ କରାଇବ ବୋଲି ସେ ସମାଲୋଚନା କରିଛନ୍ତି।

## ୫ ବର୍ଷ ପରେ ଚାଇନାକୁ ପ୍ରତ୍ୟକ୍ଷ ବିମାନ ଚଳାଚଳ ଆରମ୍ଭ


କୋଲକାତା,୨୬।୧୦

ଦୀର୍ଘ ୫ ବର୍ଷରୁ ଊର୍ଦ୍ଧ୍ୱ ଭାରତ ଓ ଚାଇନା ମଧ୍ୟରେ ବିମାନ ଚଳାଚଳ ବନ୍ଦ ରହିବା ପରେ ରବିବାରଠାରୁ ପ୍ରତ୍ୟକ୍ଷ ବିମାନସେବା ଆରମ୍ଭ ହୋଇଛି। ଭାରତରେ ଥିବା ଚାଇନା ଦୂତାବାସ ମୁଖପାତ୍ର ୟୁ ଜିଙ୍ଗ୍ ଏହା ସ୍ପଷ୍ଟ କରିଛନ୍ତି। କୋଲକାତାରୁ ରବିବାର ଗୁଆଙ୍ଗଝୋଉକୁ ପ୍ରଥମ ବିମାନ ଉଡ଼ାଣ କରିଛି। ନଭେମ୍ବର ୯ରୁ ସାଙ୍ଘାଇ-ନୂଆଦିଲ୍ଲୀ ରୁଟ୍‌ରେ ସପ୍ତାହକୁ ୩ ଥର ବିମାନ ଚଳାଚଳ ଆରମ୍ଭ ହେବାକୁ ଯାଉଛି। କୋଭିଡ୍-୧୯ ମହାମାରୀ ଯୋଗୁ ଚାଇନା ସହ ସିଧାସଳଖ ବିମାନ ଚଳାଚଳ ବନ୍ଦ ରହିଥିଲା। ଅକ୍ଟୋବର ୨୬ରୁ କୋଲକାତାରୁ ଗୁଆଙ୍ଗଝୋଉ ଦୈନିକ ବିମାନ ଚଳାଚଳ ଆରମ୍ଭ କରିବ ବୋଲି ଗତ ୨ ତାରିଖରେ ଇଣ୍ଡିଗୋ ଏୟାରଲାଇନ୍ସ ଘୋଷଣା କରିଥିଲା।

## ୨୦୨୬ ହେବ ଆସିଆନ୍-ଇଣ୍ଡିଆ ସାମୁଦ୍ରିକ ସହଯୋଗର ବର୍ଷ: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ/କୁଆଲାଲମ୍ପୁର,୨୬।୧୦

ଭାରତ-ଆସିଆନ୍ ବିସ୍ତୃତ ରଣନୈତିକ ସହଭାଗିତା ସମ୍ପ୍ରତି ବୈଶ୍ୱିକ ସ୍ଥିରତା ଓ ଅଭିବୃଦ୍ଧିର ଏକ ଶକ୍ତିଶାଳୀ ମୂଳଦୁଆ ଭାବେ ଉଭା ହେଉଛି ବୋଲି ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଭାରତ-ଆସିଆନ୍(ଆସୋସିଏଶନ୍ ଅଫ୍ ସାଉଥ୍ଇଷ୍ଟ ଏସିଆନ୍ ନେଶନ୍ସ)ର ବାର୍ଷିକ ଶିଖର ସମ୍ମିଳନୀକୁ ଭିଡିଓ କନ୍‌ଫରେନ୍ସ ଜରିଆରେ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନୂଆଦିଲ୍ଲୀର ଆକ୍ଟ ଇଷ୍ଟ ପଲିସିକୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ଭାବେ ଅଭିହିତ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ସବୁବେଳେ 'ଆସିଆନ୍ ସେଣ୍ଟ୍ରାଲି' ଏବଂ 'ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଆସିଆନ୍‌ର ଦୂରଦୃଷ୍ଟି'କୁ ସମର୍ଥନ ଦେଇଆସିଛି। ଏପରି କି ବର୍ତ୍ତମାନର ଅନିଶ୍ଚିତତା ଭିତରେ ମଧ୍ୟ ଭାରତ-ଆସିଆନ୍ ବିସ୍ତୃତ ରଣନୈତିକ ସହଭାଗିତା ପ୍ରଗତି ପଥରେ ଆଗେଇ ଚାଲିଛି। ଆମ ଦୃଢ଼ ସହଭାଗିତା ହେଉଛି



ବୈଶ୍ୱିକ ସ୍ଥିରତା ଓ ଅଭିବୃଦ୍ଧି ପାଇଁ ଏକ ପ୍ରଭାବଶାଳୀ ମୂଳଦୁଆ। ଆସିଆନ୍ ବନ୍ଧୁ ରାଷ୍ଟ୍ରଗୁଡ଼ିକ ସହ ଭାରତ ପ୍ରତ୍ୟେକ ସଙ୍କଟ ସମୟରେ ଛିଡ଼ା ହୋଇଆସିଛି। ସାମୁଦ୍ରିକ ସୁରକ୍ଷା ଓ ନୀଳ ଅର୍ଥନୀତିରେ ଦ୍ୱିପାକ୍ଷିକ ସହଯୋଗ ଦ୍ରୁତଗତିରେ ଆଗକୁ ବଢ଼ୁଛି। ଏହି ପରିପ୍ରେକ୍ଷୀରେ ଆମେ ୨୦୨୬କୁ ସାମୁଦ୍ରିକ ସହଯୋଗର ଆସିଆନ୍-ଇଣ୍ଡିଆ ବର୍ଷ ରୂପେ ଘୋଷଣା କରୁଛୁ। ଶିକ୍ଷା, ପର୍ଯ୍ୟଟନ, ବିଜ୍ଞାନ ଓ କାରିଗରି, ସ୍ୱାସ୍ଥ୍ୟ, ସବୁଜ ଶକ୍ତି ଏବଂ ସାଇବର ନିରାପତ୍ତାରେ ଅମେ ଦୃଢ଼ତାର ସହ ପାରସ୍ପରିକ ସହଯୋଗ ଆଡ଼କୁ ଅଗ୍ରସର ହେଉଛୁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ମଧ୍ୟପ୍ରଦେଶ ବିଚାରପତିଙ୍କୁ ହତ୍ୟା ଧମକ, ଘର ଉପରେ ଆକ୍ରମଣ


ଅନୁପୁର,୨୬।୧୦

ମଧ୍ୟପ୍ରଦେଶର ଅନୁପୁର ଜିଲାରେ ଜଣେ ବିଚାରପତିଙ୍କୁ ଦଳେ ଲୋକ ହତ୍ୟା ଧମକ ଦେବା ସହ ତାଙ୍କ ଘର ଉପରେ ଟେକାମାଡ଼ କରିଛନ୍ତି। ଜିଲା ମୁଖ୍ୟାଳୟଠାରୁ ୩୫ କି.ମି. ଦୂର ଭାଲୁମଡ଼ାଠାରେ ଶନିବାର ରାତି ୧୨ଟା ୩୦ ମିନିଟ୍ ସମୟରେ ଟେକାମାଡ଼ ହୋଇଥିବା ଏସ୍‌ପି ମୋତିଉର୍ ରେହମନ୍ ଗଣମାଧ୍ୟମକୁ କହିଛନ୍ତି। ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଅମନଦୀପ ସିଂ ଛାବ୍ରା ଭାଲୁମଡ଼ା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ସେ ଓ ତାଙ୍କ ପରିବାର ସରକାରୀ ବାସଭବନରେ ଶୋଇଥିବାବେଳେ ଦଳେ ଲୋକ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ। ସେମାନେ ବିଚାରପତିଙ୍କ ବାସଭବନ ଗେଟ୍‌ରେ ଲାଗିଥିବା ଲାଇଟ୍ ଭାଙ୍ଗିବା ସହ ଆଇରନ୍ ଫିକ୍ସରକୁ ନଷ୍ଟ କରିଛନ୍ତି ଓ ଅଗଣାକୁ ଟେକାମାଡ଼ କରିଛନ୍ତି। ମାଜିଷ୍ଟ୍ରେଟ୍ ଘରୁ ବାହାରିବା ପରେ ଦୁର୍ବୃତ୍ତମାନେ ଖସି ପଳାଇଥିଲେ।

## କନୋଲି ଆୟର୍ଲାଣ୍ଡ ରାଷ୍ଟ୍ରପତି

ଲଣ୍ଡନ,୨୬।୧୦

ଆୟର୍ଲାଣ୍ଡରେ ଶନିବାର ଅନୁଷ୍ଠିତ ନିର୍ବାଚନରେ କାଥେରିନ୍ କନୋଲି ପରବର୍ତ୍ତୀ ରାଷ୍ଟ୍ରପତି ନିର୍ବାଚିତ ହୋଇଛନ୍ତି। କନୋଲିଙ୍କ ସପକ୍ଷରେ ୬୦ ପ୍ରତିଶତ ଭୋଟ ଯାଇଥିବା ଜଣାପଡ଼ିଛି। ବିରୋଧୀ ପ୍ରାର୍ଥୀ ପରାଜୟ ସ୍ୱୀକାର କରିନେଇଛନ୍ତି। ପରବର୍ତ୍ତୀ ରାଷ୍ଟ୍ରପତି ଭାବେ ବାମପନ୍ଥୀ ରାଜନୈତିକ ବିଚାରଧାରାକୁ ସମର୍ଥନ କରୁଥିବା ସ୍ୱାଧୀନ ପ୍ରାର୍ଥୀ କନୋଲିଙ୍କୁ ଅଭିନନ୍ଦନ ଜଣାଇବାକୁ ଚାହାନ୍ତି ବୋଲି ସେଣ୍ଟର-ରାଇଟ୍ ପାର୍ଟି ପ୍ରାର୍ଥୀ ହିଥର ହମ୍ଫ୍ରେସ୍ ଗଣମାଧ୍ୟମକୁ କହିଛନ୍ତି। ୬୮ ବର୍ଷୀୟା କନୋଲିଙ୍କ ପ୍ରତି ଭୋଟରମାନଙ୍କ ଦୃଢ଼ ସମର୍ଥନ ରହିଥିବା ନିର୍ବାଚନରୁ ପ୍ରମାଣିତ ହୋଇଛି। ପୂର୍ବତନ ବାରିଷ୍ଟର ତଥା ୨୦୧୬ରୁ ସ୍ୱାଧୀନ ସାଂସଦ ରହିଥିବା କନୋଲିଙ୍କୁ ସିନ୍ ଫେଇନ୍ ସମେତ ବାମପନ୍ଥୀ ଦଳ, ଲେବର ପାର୍ଟି



କାଥେରିନ୍ କନୋଲି

ଓ ସୋସିଆଲ ଡେମୋକ୍ରାଟ୍ସ ସମର୍ଥନ ଜଣାଇଥିଲେ। ପ୍ରଥମ ଦିନରୁ ତାଙ୍କର ସମାବେଶୀ, ସମାନତା ଓ ସାମାଜିକ ନ୍ୟାୟ ବାର୍ତ୍ତା ଆୟର୍ଲାଣ୍ଡର ଭୋଟରଙ୍କ ମଧ୍ୟରେ ଗୁଞ୍ଜରିତ ହୋଇଥିଲା ବୋଲି ସୋସିଆଲ ଡେମୋକ୍ରାଟ୍ସ ନେତା ହୋଲି କେଇର୍ନସ କହିଛନ୍ତି।

## ମଦ୍ୟପ ବାଇକ୍ ଚାଳକଙ୍କ ଯୋଗୁ ଦୁର୍ଘଟଣା ଘଟିଥିଲା

### ଫୋରେନସିକ୍ ରିପୋର୍ଟ

କୁର୍ନୁଲ,୨୬।୧୦

ହାଇଦ୍ରାବାଦରୁ ବେଙ୍ଗାଲୁରୁ ଯାଉଥିବା ଏକ ଲକ୍ସୁରି ବସ୍ ଆନ୍ଧ୍ରପ୍ରଦେଶର କୁର୍ନୁଲ ଜିଲାରେ ଗୁରୁବାର ବିଳମ୍ବିତ ରାତିରେ ଦୁର୍ଘଟଣାଗ୍ରସ୍ତ ହୋଇ ନିଆଁ ଲାଗିଯିବାରୁ ୨୦ ଜଣଙ୍କ ମୃତ୍ୟୁ ଘଟିଥିଲା। ମଦ୍ୟପ ବାଇକ୍ ଆରୋହୀଙ୍କ ପାଇଁ ଏଭଳି ମର୍ମନ୍ତୁଦ ଦୁର୍ଘଟଣା ଘଟିଲା ବୋଲି ଫୋରେନ୍‌ସିକ୍ ରିପୋର୍ଟରେ କୁହାଯାଇଛି। ଦୁର୍ଘଟଣାସ୍ଥଳରେ ବସ୍ ପହଞ୍ଚିବା ପୂର୍ବରୁ ବାଇକ୍ ଦୁର୍ଘଟଣାର ସମ୍ମୁଖୀନ ହୋଇ ଆରୋହୀ ଶିବଶଙ୍କରଙ୍କ ମୃତ୍ୟୁ ଘଟିଥିଲା ବୋଲି ପୋଲିସ ଜାଣିବାକୁ ପାଇଛି। ସେ ମଦ୍ୟପାନ କରି ବେପରୁଆ ବାଇକ୍ ଚଳାଉଥିଲେ ବୋଲି ଭିସେରା ରିପୋର୍ଟ



ଏବଂ ସିସିଟିଭି ଫୁଟେଜ୍‌ରୁ ସ୍ପଷ୍ଟ ହୋଇଛି। ଏସ୍‌ପି ବିକ୍ରାନ୍ତ ପାଟିଲ୍ କହିଛନ୍ତି, ଆଞ୍ଚଳିକ ଫୋରେନ୍‌ସିକ୍ ସାଇନ୍ସ ଲାବ୍ ରିପୋର୍ଟରୁ ଶିବଶଙ୍କରଙ୍କ ଭିସେରା ନମୁନାରେ ଆଲକୋହଲ ଥିବା ଜଣାପଡ଼ିଛି। ତେଣୁ ସେ ଦୁର୍ଘଟଣା ପୂର୍ବରୁ ମଦ ପିଇଥିଲେ। ଏଥିସହିତ ବାଇକ୍‌ର ହେଡ୍‌ଲାଇଟ୍ ଜଳୁ ନ ଥିବାରୁ ଏହା ମଧ୍ୟ ଦୁର୍ଘଟଣାର ଅନ୍ୟତମ କାରଣ ହୋଇପାରେ ବୋଲି ସେ କହିଛନ୍ତି। ପୋଲିସ କହିବା ଅନୁଯାୟୀ, ଭେମୁରି କାବେରି ଟ୍ରାଭେଲ୍ସ ବସ୍ ପହଞ୍ଚିବା ପୂର୍ବରୁ ବାଇକ୍‌ଟି ରାସ୍ତାରେ ପଡ଼ିଥିଲା। ଏହା ବସ୍ ତଳେ ଲାଖିଯାଇ ଅନେକ ଦୂର ପର୍ଯ୍ୟନ୍ତ ଘୋଷାଡ଼ି ହେବାରୁ ନିଆଁ ଲାଗିଯାଇ ସମ୍ପୂର୍ଣ୍ଣ ବସ୍ ଜଳିଯାଇଥିଲା।

ଶିବଶଙ୍କରଙ୍କ ସହ ବାଇକ୍ ପଛ ସିଟ୍‌ରେ ବସିଥିବା ତାଙ୍କ ସାଙ୍ଗ ୟେରିସ୍ୱାମୀ ଦୁର୍ଘଟଣାରେ ଆହତ ହୋଇଛନ୍ତି। ଦୁର୍ଘଟଣା ପୂର୍ବରୁ ଉଭୟ ଲକ୍ଷ୍ମୀପୁରମ୍‌ର ଏକ ମଦ ଦୋକାନରୁ ମଦ କିଣିଥିବା ସିସିଟିଭି ଫୁଟେଜ୍‌ରେ ଦେଖିବାକୁ ମିଳିଛି। ଉଭୟ ମଦ ପିଇଥିଲେ ବୋଲି ୟେରିସ୍ୱାମୀ ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ବେପରୁଆ ଗାଡ଼ି ଚାଳନା ଯୋଗୁ ବାଇକ୍ ଡିଭାଇଡରରେ ଧକ୍କା ହୋଇ ଘଟଣାସ୍ଥଳରେ ଶିବଶଙ୍କରଙ୍କ ମୃତ୍ୟୁ ଘଟିଥିଲା ବୋଲି ସେ କହିଛନ୍ତି। ଶିବଶଙ୍କରଙ୍କ ମୃତଦେହକୁ ୟେରିସ୍ୱାମୀ ରାସ୍ତା କଡ଼କୁ ଘୋଷାଡ଼ି ନେଇଥିଲେ। ବାଇକ୍‌କୁ ସେ ରାସ୍ତାରୁ ହଟାଇବାକୁ ଯାଉଥିବାବେଳେ ବସ୍‌ଟି ଏହା ଉପରେ ମାଡ଼ିଯାଇଥିଲା। ମଦ୍ୟପ ଡ୍ରାଇଭରମାନେ ଆତଙ୍କବାଦୀଙ୍କଠାରୁ କମ୍ ନୁହନ୍ତି। ମଦ୍ୟପାନ କରି ବେପରୁଆ ବାଇକ୍ ଚଳାଇବାରୁ ଏଭଳି ମର୍ମନ୍ତୁଦ ଦୁର୍ଘଟଣା ଘଟିଲା ବୋଲି ହାଇଦ୍ରାବାଦ ପୋଲିସ କମିଶନର ଭି.ସି. ସଜ୍ଜନର କହିଛନ୍ତି।

# ଆଜି ଇଣ୍ଡିଆ ମେରିଟାଇମ ୱିକ୍‌ରେ ଯୋଗଦେବେ ମୁଖ୍ୟମନ୍ତ୍ରୀ

## ରାଜ୍ୟର ବନ୍ଦର-ଆଧାରିତ ନିବେଶ ସୁଯୋଗ ଓ ରପ୍ତାନି ଉପରେ ଆଲୋଚନା କରିବେ

ଭୁବନେଶ୍ୱର,୨୬।୧୦
(ଅନୁରାଧା ମହାରଣା)

ଇଣ୍ଡିଆ ମେରିଟାଇମ ୱିକ୍(ଆଇଏମ୍‌ଡବ୍ଲ୍ୟୁ) ୨୦୨୫ ସୋମବାର ମୁମ୍ବାଇଠାରେ ଆରମ୍ଭ ହେବ। ୩୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମିଳନୀର ଉଦ୍‌ଘାଟନୀ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ମାନିତ ଅତିଥି ଭାବେ


ମୋହନ ଚରଣ ମାଝୀ

ଯୋଗଦେବେ। ପରେ ଓଡ଼ିଶା ବିଶେଷ ଅଧିବେଶନରେ ରାଜ୍ୟର ବନ୍ଦର-ଆଧାରିତ ନିବେଶ ସୁଯୋଗ ଓ ରପ୍ତାନି ସମ୍ଭାବନା ଉପରେ ଆଲୋଚନା କରିବେ। ଇତିମଧ୍ୟରେ ଓଡ଼ିଶା ସରକାରଙ୍କ ଏକ ପ୍ରତିନିଧି ଦଳ ଏହି ସମ୍ମିଳନୀରେ ଅଂଶଗ୍ରହଣ ପାଇଁ ମୁମ୍ବାଇ ପହଞ୍ଚିସାରିଥିବା ସୂଚନା ମିଳିଛି। ସୂଚନା ଥାଉକି, ଇଣ୍ଡିଆ ମେରିଟାଇମ ୱିକ୍ ହେଉଛି ଏକ ପ୍ରମୁଖ ଜାତୀୟ ଓ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମ, ଯେଉଁଥିରେ ନେତା, ଶିଳ୍ପ ବିଶେଷଜ୍ଞ ଓ ନିବେଶକମାନେ ମିଳିତ ହୋଇ ବନ୍ଦର ଭିତ୍ତିଭୂମି, ମେରିଟାଇମ ଉନ୍ନୟନ ଓ ବ୍ଲୁ ଇକୋନୋମିରେ ଅଗ୍ରଗତି ଏବଂ ସୁଯୋଗ ଉପରେ ଆଲୋଚନା କରିବେ। ଓଡ଼ିଶାର ଅଂଶଗ୍ରହଣ ରାଜ୍ୟକୁ ବନ୍ଦର-ଆଧାରିତ ଶିଳ୍ପ ଓ ଉପକୂଳୀୟ ଅର୍ଥନୀତିରେ ଏକ ପ୍ରମୁଖ କେନ୍ଦ୍ର ଭାବେ ଗଢ଼ିବାର ଲକ୍ଷ୍ୟକୁ ପ୍ରତିଫଳିତ କରୁଛି। ଓଡ଼ିଶା ପ୍ରତିନିଧି ଦଳ ବନ୍ଦର-ଆଧାରିତ ଶିଳ୍ପ, ଲଜିଷ୍ଟିକ୍ସ, ମତ୍ସ୍ୟ ଓ ମେରିଟାଇମ ଟେକ୍ନୋଲୋଜିରେ ନିବେଶ ସୁଯୋଗକୁ ପ୍ରୋତ୍ସାହିତ କରିବେ। ଓଡ଼ିଶା ଅଧିବେଶନରେ ରାଜ୍ୟର ଉନ୍ନତ ବନ୍ଦର ଭିତ୍ତିଭୂମି ଓ ମେରିଟାଇମ ସମ୍ଭାବନା ପ୍ରଦର୍ଶିତ ହେବ, ଯାହା ଦେଶୀୟ ଓ ବିଦେଶୀ ନିବେଶକଙ୍କୁ ଆକର୍ଷିତ କରିବ। ମୁଖ୍ୟମନ୍ତ୍ରୀ ମାଝୀଙ୍କ ନେତୃତ୍ୱରେ ଓଡ଼ିଶା ସରକାରଙ୍କ ୫୦୦ ଦିନ ପୂର୍ଣ୍ଣ ହୋଇଥିବାବେଳେ ତାଙ୍କର ଏହି ଗସ୍ତ ସମାବେଶୀ ଉନ୍ନୟନ, ଶିଳ୍ପ ବୃଦ୍ଧି ଓ ରୋଜଗାର ସୃଷ୍ଟି ଉପରେ ବିଶେଷ ଗୁରୁତ୍ୱ ବହନ କରୁଛି।


# ମନ୍ କୀ ବାତ୍‌ରେ କୋରାପୁଟ କଫିକୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା

କୋରାପୁଟ,୨୬।୧୦
(ଅମିତାଭ ବେହେରା)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ କୋରାପୁଟ କଫିକୁ ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀ ତାଙ୍କ ୧୨୭ତମ ମନ୍ କୀ ବାତ୍‌ରେ ସ୍ୱଦେଶୀ ସାମଗ୍ରୀର ଚାହିଦା ବଢ଼ୁଥିବା ନେଇ ଖୁସି ବ୍ୟକ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଭାରତରେ ଅନେକ କିସମର କଫି ଅଛି। ସମଗ୍ର ବିଶ୍ୱରେ ଏହାର ବହୁତ ଚାହିଦା ରହିଛି। ଭାରତର ଏକ ସ୍ଥାନୀୟ ଉତ୍ପାଦକୁ ବିଶ୍ୱସ୍ତରୀୟ ହେଉଥିବା ଦେଖିଲେ ଗର୍ବ ଅନୁଭବ କରିବା ସ୍ୱାଭାବିକ ବୋଲି ସେ କହିଛନ୍ତି। କୋରାପୁଟ କଫି ମଧ୍ୟ ଏଭଳି ଏକ ଉତ୍ପାଦ। କୋରାପୁଟ କଫି ଅତ୍ୟନ୍ତ ସ୍ୱାଦିଷ୍ଟ ଏବଂ ଓଡ଼ିଶାର ଏକ ଗୌରବ। କଫି ଚାଷ ଦ୍ୱାରା ଆଦିବାସୀ କୃଷକମାନଙ୍କ ଆୟ ବୃଦ୍ଧି ପାଇଛି। ଆଦିବାସୀ ସମ୍ପ୍ରଦାୟ ଏଥିରୁ ଉପକୃତ ହୋଇଛନ୍ତି। ଆଦିବାସୀ ମହିଳାମାନେ ମଧ୍ୟ ସ୍ୱାବଲମ୍ବୀ ହୋଇପାରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା ପରେ କୋରାପୁଟ ଜିଲାପାଳ ମନୋଜ ସତ୍ୟବାନ ମହାଜନ ଏହା ଓଡ଼ିଶା ଏବଂ ଜିଲା ପାଇଁ ଏକ ଗୌରବର ବିଷୟ ବୋଲି କହିଛନ୍ତି। ଜିଲାରେ ୪୭୦୦ ହେକ୍ଟରରେ କଫି ପ୍ଲାଣ୍ଟେଶନ କରାଯାଇଛି। ଜିଲାର ୭ ହଜାର ଆଦିବାସୀ ଓ ଘରୋଇ ଚାଷୀ କଫି ଚାଷ କରୁଛନ୍ତି। ଜିଲା ପ୍ରଶାସନ ଅଧିକ କଫି ଚାଷ ପାଇଁ ସ୍ୱତନ୍ତ୍ର ଧ୍ୟାନ ଦେଇଛନ୍ତି। ଆଗାମୀ ଦିନରେ କୋରାପୁଟ କଫି ବିଶ୍ୱ ଦରବାରରେ ଏକ ବ୍ରାଣ୍ଡ ହେବା ନେଇ ଟାର୍ଗେଟ ଥିବା ଜିଲାପାଳ ମହାଜନ କହିଛନ୍ତି।


କୋରାପୁଟ ଜିଲାର ମହିଳା କଫି ଚାଷୀ।

ଦୀର୍ଘଦିନ ଧରି ଆରକୁ କଫି ସମ୍ପର୍କରେ ଆଲୋଚନା ହେଉଥିବା ବେଳେ କୋରାପୁଟ କଫି ନିଜର ସ୍ୱାଦ ଓ ଗୁଣବତ୍ତା ଯୋଗୁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଓଡ଼ିଶା କଫି ଗ୍ରୋୟର ଆସୋସିଏଶନ୍ ପକ୍ଷରୁ ସଭାପତି ପ୍ରଦୀପ ମହାନ୍ତି, ଉପସଭାପତି ସୁଜୟ କୁମାର ପ୍ରଧାନ, ସମ୍ପାଦକ ଲଲାଟେନ୍ଦୁ ଦେଓ ଏବଂ ସମସ୍ତ କଫି ଚାଷୀ କୃତଜ୍ଞତା ଜ୍ଞାପନ କରିଛନ୍ତି।




# କଲବଲ କଲାଣି ଉପନିର୍ବାଚନ

ନୂଆପଡ଼ା,୨୬।୧୦
(ମକାରୁ ବେମାଲ)

- ୩ ଗୁଣା ବଢ଼ିଯାଇଛି ଘରଭଡ଼ା
- ନେତାଙ୍କ ଦଖଲରେ ହୋଟେଲ, ଲଜ୍
- ଘରଭଡ଼ା ନ ପାଇ ରୋଗୀ ସମ୍ପର୍କୀୟ ହଇରାଣ
- ବିଜେଡି ନେତାଙ୍କୁ ନାମ ଦେଇଦେଲେ ଜୟ

ନୂଆପଡ଼ା ବିଧାନସଭା ଆସନ ଲାଗି ଉପନିର୍ବାଚନକୁ ନେଇ ରାଜନୀତି ଜୋର ଧରିଛି। ଏହା ଭିତରେ ନୂଆପଡ଼ାରେ ଘରଭଡ଼ା ମିଳିବା ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ଯାହାର ସମାଧାନ ପାଇଁ ପୂର୍ବରୁ ଚିନ୍ତା କରାଯାଇନାହିଁ। ରାଜ୍ୟସ୍ତରରୁ ଆସିଥିବା ବଡ ନେତାମାନେ ନିଜର ଆରାମଦାୟକ ରହଣି ପାଇଁ ଯେଉଁଠି ଭଲ ଘର ମିଳିଲା ସେଠାରେ ଅଧିକ ଭଡ଼ା ଦେଇ ସେହି ସ୍ଥାନକୁ ହାତେଇ ନେଇଛନ୍ତି। ପ୍ରାୟ ସବୁ ହୋଟେଲ, ଲଜ୍ ବୁକ୍ ହୋଇ ରହିଛି। ଫଳରେ ଏହାର ପ୍ରଭାବ ଏବେ ସାଧାରଣ ଜନତାଙ୍କୁ ଭୋଗିବାକୁ ପଡୁଛି। ନୂଆପଡ଼ା ଜିଲାରେ ସେଭଳି ବଡ ହୋଟେଲ ନ ଥିବାବେଳେ ଯେଉଁ କେତୋଟି ଛୋଟ ଛୋଟ ଲଜ୍ ରହିଛି, ସେସବୁ ବିଭିନ୍ନ ଦଳର ନେତାମାନେ ହାତେଇ ନେଇଛନ୍ତି। ତେଣୁ କୌଣସି ଜରୁରୀ କାର୍ଯ୍ୟରେ ନୂଆପଡ଼ାକୁ ଗସ୍ତ କରୁଥିବା ବ୍ୟବସାୟୀ, ସାଧାରଣ ଲୋକେ ଘରଭଡ଼ା ନ ପାଇ ଅସୁବିଧା ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। କୌଣସି ବ୍ୟକ୍ତି ସ୍ୱାସ୍ଥ୍ୟସେବା ପାଇଁ ଆସୁଥିଲେ ଘର ନ ପାଇ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଓଡ଼ିଶାର ସୀମାନ୍ତବର୍ତ୍ତୀ ଛତିଶଗଡ଼ ରାଜ୍ୟର ରସେଲା ଗାଁର ଜଣେ ବ୍ୟକ୍ତି ରବିବାର ତାଙ୍କ ସ୍ତ୍ରୀଙ୍କ ଚିକିତ୍ସା ଲାଗି ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ଡାକ୍ତର ତାଙ୍କ ସ୍ତ୍ରୀଙ୍କ ଚିକିତ୍ସା ଲାଗି ୩ ଦିନ ଏଠାରେ ରହିବାକୁ ପ୍ରସ୍ତାବ ଦେଇଥିଲେ। ହେଲେ ନୂଆପଡ଼ାର ଉପନିର୍ବାଚନ ଯୋଗୁ ଏଠାରେ ସୃଷ୍ଟି ହୋଇଥିବା ଘର ଭଡ଼ା ସମସ୍ୟା ତାଙ୍କ ଚିନ୍ତା ବଢାଇଦେଇଛି। ସାଧାରଣ ଲୋକଙ୍କ ପାଇଁ ଏବାବଦରେ ନୂଆପଡ଼ା ଜିଲା ପ୍ରଶାସନର ଅଦୂରଦୃଷ୍ଟିକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ନୂଆପଡ଼ା ଭିତରେ ଯେଉଁ ଘର ଭଡ଼ା ଉପନିର୍ବାଚନ ଘୋଷଣା ପୂର୍ବଯାଏ ୨ରୁ ୩ ହଜାର ଟଙ୍କା ପର୍ଯ୍ୟନ୍ତ ରହୁଥିଲା ତାହା ବର୍ତ୍ତମାନ ୨ଗୁଣା ବଢ଼ିଯାଇଛି। ରାଜନେତାମାନଙ୍କ ଗହଳ କାରଣରୁ ଘରଭଡ଼ା ଦେବା ପୂର୍ବରୁ ଭଡାଟିଆଙ୍କଠାରୁ ରଖାଯିବାକୁ ଥିବା ପରିଚୟପତ୍ର ମଧ୍ୟ ଘର ମାଲିକମାନେ ଏବେ ଲୋଡୁ ନାହାନ୍ତି। ଯେଉଁ ଭଡାଟିଆଙ୍କ ତଥ୍ୟ ସ୍ଥାନୀୟ ଥାନାରେ ଦାଖଲ କରିବା କଥା ତାହା ମଧ୍ୟ ହେଉନାହିଁ। ଏହାକୁ ଜିଲା ପୋଲିସ ପ୍ରଶାସନ ମଧ୍ୟ ଗୁରୁତ୍ୱ ଦେଉନାହିଁ। ଜିଲାରେ ଚାକିରି କରୁଥିବା କେତେକ ବୁଦ୍ଧିଜୀବୀ ଏବିଷୟରେ ଚର୍ଚ୍ଚା କରିବା ଆରମ୍ଭ କରିଛନ୍ତି।

ସୂଚନା ମୁତାବକ ସବୁଦଳର କେତେଜଣ ବଡ ନେତା ବର୍ତ୍ତମାନ ଖଡିଆଳ ଅଞ୍ଚଳରେ ହୋଟେଲ ଏବଂ ଫାର୍ମ ହାଉସକୁ ନିଜ ରହଣି ସ୍ଥାନ ବନାଇଲେଣି। ଏହି ଅଞ୍ଚଳ ନୂଆପଡ଼ା ନିର୍ବାଚନମଣ୍ଡଳୀ ବାହାରେ ଆସୁଥିବାରୁ ସେଠାରେ ରହିବାକୁ ଅଧିକ ପସନ୍ଦ କରୁଛନ୍ତି। କାରଣ ସେହି ସ୍ଥାନରେ ପୋଲିସର ଚଢାଉ ବା ଚେକିଂ ହେବାର ସମ୍ଭାବନା ନାହିଁ। ଟଙ୍କା ରଖିବା ଏବଂ ସେଠାରୁ କିଛି କିଛି କରି ଭୋଟ ହାତେଇବାକୁ ନେଣଦେଣ କରିବା ପାଇଁ ସେହି ସ୍ଥାନ କୁଆଡେ ସୁବିଧା ସ୍ଥାନ ପାଲଟିଛି ବୋଲି ଶୁଣିବାକୁ ମିଳିଛି।

ଏହି ଘରଭଡ଼ା ସମସ୍ୟା ଭିତରେ ନୂଆପଡ଼ାରେ ହୋଟେଲରେ ରହିବା ଲାଗି ବିଜେଡି ନେତାଙ୍କୁ ଭାଜପା ପ୍ରାର୍ଥୀ ଜୟ ଢୋଲକିଆ ପାନେ ଦେଇଥିବା ଚର୍ଚ୍ଚା ହେଉଛି। ଜଣେ ଯୁବ ବିଜେଡି ନେତା ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଉପନିର୍ବାଚନ ଘୋଷଣା ପରେ ଜୟ ବିଜେଡିରୁ ପ୍ରାର୍ଥୀ ହେବେ ବୋଲି ସମସ୍ତେ ଚିନ୍ତା କରୁଥିଲେ। ସେହି ସମୟରେ ନିର୍ବାଚନ ବେଳକୁ ହୋଟେଲ ଓ ଘର ଭଡ଼ାର ସମସ୍ୟା ହୋଇପାରେ ଭାବି ବିଜେଡିର ରାଜ୍ୟସ୍ତରୀୟ କେତେ ଜଣ ନେତା ଆଗୁଆ ହୋଟେଲଗୁଡିକୁ ବୁକିଂ କରିଦେବା ପାଇଁ ଜୟଙ୍କ ନିକଟକୁ ଟଙ୍କା ପଠାଇ ଦେଇଥିଲେ। ଜୟ ମଧ୍ୟ ସବୁ ହୋଟେଲରେ ରୁମ ବୁକିଂ ପାଇଁ ଟଙ୍କା ଦେଇଦେଲେ। ହେଲେ ହୋଟେଲ ମାଲିକମାନେ ନିଜ ରୁମ୍ ସଂଖ୍ୟାର ଅଧା ଭାଜପାକୁ ଏବଂ ଆଉ ଅଧା ବିଜେଡିକୁ ଦେଲେ। ପରବର୍ତ୍ତୀ ସମୟରେ ବିଜେଡି ନେତାମାନେ ଜୟ ବୁକିଂ କରିଥିବା ହୋଟେଲର ରୁମଗୁଡିକରେ ଆସି ନିଜର ରହଣି ବ୍ୟବସ୍ଥା କରିଦେଲେ। ମାତ୍ର ପରବର୍ତ୍ତୀ ସମୟରେ ଜୟ ଭାଜପାରେ ଯୋଗଦେବା ପରେ ବିଜେଡି ନେତାଙ୍କୁ ସେ ବୁକିଂ କରିଥିବା ରୁମରୁ କାଢିବା ଲାଗି ହୋଟେଲ ମାଲିକ ଉପରେ ଜୟ ଚାପ ପକାଇଥିଲେ। ଯାହା ବିଜେଡି ନେତାଙ୍କ ଅକଲ ଗୁଡୁମ କରି ଦେଇଥିବା ଯୁବ ନେତା ଜଣଙ୍କ କହିଛନ୍ତି। ପରବର୍ତ୍ତୀ ସମୟରେ ବିଜେଡି ନେତାଙ୍କୁ ଜବରଦସ୍ତ କିଛି ରୁମ ରଖିବାକୁ ପଡିଥିବା ଜଣାପଡିଛି। ପ୍ରକାଶ ଯେ, ନୂଆପଡ଼ା ସଦର ମହକୁମା ଏକ ବିଜ୍ଞାପିତ ଅଞ୍ଚଳ ପରିଷଦ। ଏହା ବଡ଼ ସହର ହୋଇ ନ ଥିବାରୁ ସେମିତି ଅଧିକ ହୋଟେଲ, ଲଜ ନାହିଁ। ତେଣୁ ସବୁ ରାଜ୍ୟସ୍ତରୀୟ ନେତା ଏଠାରେ ଡ଼େରା ପକାଇ ଥିବାରୁ ଘରଭଡ଼ା ମିଳିବା ବଡ଼ ସମସ୍ୟା ସୃଷ୍ଟି ହୋଇଛି। ସତେ ଯେମିତି ସାଧାରଣ ଲୋକଙ୍କୁ କଲବଲ କଲାଣି ଉପନିର୍ବାଚନ।

# ରାସ୍ତାକଡ଼ରୁ ଉଦ୍ଧାର ନବଜାତ ପୁତ୍ର ଏମ୍‌କେସିଜିରେ ଭର୍ତ୍ତି

ବ୍ରହ୍ମପୁର/ଗୋପାଳପୁର,୨୬।୧୦
(ସୁବାସ ଚନ୍ଦ୍ର ପାଢ଼ୀ/ ନବୀନରାଜ ଆଚାରୀ)

ଗଞ୍ଜାମ ଜିଲା ଗୋପାଳପୁର ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ପେଟ୍ରୋଲ ପମ୍ପ ସମ୍ମୁଖ ରାସ୍ତାକଡ଼ରେ ପଡିଥିବା ଏକ ନବଜାତ ଶିଶୁପୁତ୍ରକୁ ଉଦ୍ଧାର ପରେ ରବିବାର ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି। ଏମ୍‌କେସିଜିର ଏସ୍‌ଏନ୍‌ଏସୟୁରେ ରଖି ତାହାର ଚିକିତ୍ସା କରାଯାଉଛି। ଶିଶୁଟିର ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବାବେଳେ ଓଜନ ୨କେଜି ୧୦୦ ଗ୍ରାମ ରହିଛି। ୭ରୁ୮ ଦିନର ଏହି ଶିଶୁପୁତ୍ରକୁ ଫିଙ୍ଗିଥିବା ମହିଳାଙ୍କୁ ଖୋଜି ବାହାର କରାଯିବ ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ) ରାଜଶ୍ରୀ ଦାସ କହିଛନ୍ତି। ଶିଶୁପୁତ୍ରକୁ କିଛିଦିନ ମେଡିକାଲରେ ରଖି ପରେ ଗୋଷାଣୀ ନୂଆଗାଁ ଉତ୍କଳ ବାଳାଶ୍ରମରେ ଥିବା ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗୃହ (ସା)ରେ ରଖି ଯତ୍ନ ନିଆଯିବ ବୋଲି ସେ କହିଛନ୍ତି।

ଜଣେ ବ୍ୟକ୍ତି ଏକ ନବଜାତ ଶିଶୁପୁତ୍ରକୁ ରାସ୍ତାକଡ଼ରୁ ଆଣି ଘରେ ରଖିଥିବା ନେଇ ରବିବାର ସକାଳେ ୧୦୯୮ ନମ୍ବରକୁ ସୂଚନା ମିଳିଥିଲା। ଏହାପରେ ଚାଇଲ୍ଡ ଲାଇନ୍ ତତ୍ପର ହୋଇ ବହୁ ଖୋଜାଖୋଜି କରିବା ପରେ ଡୁରା ଗାଁରେ ପହଞ୍ଚି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଉକ୍ତ ଶିଶୁପୁତ୍ରକୁ ଫେରାଇ ଦେବାକୁ କହିଥିଲା। ସେ ରାଜି ନ ହେବାରୁ ଗୋପାଳପୁର ପୋଲିସର ସହାୟତା ନିଆଯାଇଥିଲା। ପରେ ପୋଲିସ, ଜିଲା ପ୍ରଶାସନ ଓ ଚାଇଲ୍ଡ ଲାଇନ ସହାୟତାରେ ଶିଶୁକୁ ଉଦ୍ଧାର କରାଯାଇ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟ, ଶନିବାର ମଧ୍ୟାହ୍ନରେ ରାମଚନ୍ଦ୍ରପୁର ପେଟ୍ରୋଲ ପମ୍ପ ସମ୍ମୁଖରେ ଜଣେ ମହିଳା ଏକ ବ୍ୟାଗ୍ ଫିଙ୍ଗିଦେଇ ଚାଲିଯାଇଥିଲେ। ସେହି ନିକଟରେ କାଠ କାମ କରୁଥିବା ୨ଭାଇ ସେଠାକୁ ଯିବାରେ ଏକ ପରିବା ବ୍ୟାଗ୍ ମଧ୍ୟରେ ଶିଶୁଟି ପଡ଼ି ରହିଥିବା ଦେଖିଥିଲେ। ଉକ୍ତ ରାସ୍ତା ଦେଇ ଯାଉଥିବା ଡୁରା ଗ୍ରାମର ବ୍ୟକ୍ତି ଜଣଙ୍କ ଶିଶୁଟିକୁ ପାଳିବେ ବୋଲି କହି ନେଇଯାଇଥିଲେ। ଶିଶୁଟିର ନାଭିରେ ଟ୍ୟାଗ୍ ଲାଗିଛି। ଉକ୍ତ ଟ୍ୟାଗକୁ ଆଧାର କରି ଗତ ୭/୮ ଦିନ ଭିତରେ କେଉଁ ବେସରକାରୀ କିମ୍ବା ସରକାରୀ ହସ୍ପିଟାଲରେ ସେ ଜନ୍ମ ହୋଇଛି ଏବଂ କିଏ ଜନ୍ମ ଦେଇଛନ୍ତି, କାହିଁକି ଫିଙ୍ଗିଲେ ତାହାର ତଦନ୍ତ କରାଯିବ ବୋଲି ଡିସିପିଓ ଦାସ କହିଛନ୍ତି।

# ଇ-ଗେଜେଟ୍ ନୋଟିଫିକେଶନରେ ଦୁର୍ନୀତି

ଯାଜପୁର,୨୬।୧୦
(ହର୍ଷବର୍ଦ୍ଧନ ବେହେରା)

- ମାସ ମାସ ଧରି ପଡ଼ି ରହୁଛି ନାମ ପରିବର୍ତ୍ତନ ଦରଖାସ୍ତ
- ଛାତ୍ରୀଛାତ୍ରଙ୍କ ଶିକ୍ଷା କ୍ଷେତ୍ରରେ ପ୍ରତିବନ୍ଧକ
- ବାଣିଜ୍ୟ, ପରିବହନ ବିଭାଗ ପକ୍ଷରୁ ତଦନ୍ତ ନିର୍ଦ୍ଦେଶ

ମାନବ ହସ୍ତକ୍ଷେପକୁ ଦୂର କରିବା ସହ ସ୍ୱଚ୍ଛତା ଓ ସାଧାରଣ ଲୋକଙ୍କୁ ତୁରନ୍ତ ସେବା ଯୋଗାଇ ଦେବା ଲକ୍ଷ୍ୟରେ ଇ-ଗେଜେଟ୍ ନୋଟିଫିକେଶନ ବ୍ୟବସ୍ଥା କରାଯାଇଛି। ଏଥିରେ ଆଧାର କାର୍ଡ ଓ ଅନ୍ୟାନ୍ୟ ଅଫିସିଆଲ କାର୍ଯ୍ୟରେ ନାମ ସଂଶୋଧନ ବ୍ୟବସ୍ଥା ରହିଛି। ହେଲେ ଏଥିରେ ବ୍ୟାପକ ଦୁର୍ନୀତି ହେଉଛି। ଅସାଧୁ ଓ ଅନୈତିକ ଉପାୟରେ କେତେଜଣ ବ୍ୟକ୍ତିଙ୍କ ୧୫ରୁ ୨୦ ଦିନ ମଧ୍ୟରେ ସମାଧାନ ହେଉଥିବାବେଳେ ଅନ୍ୟ କେତେଜଣଙ୍କ ୭୦ରୁ ଊର୍ଦ୍ଧ୍ୱ ଦିନ ଧରି ଆବେଦନ ପଡ଼ି ରହୁଥିବା ଅଭିଯୋଗ ହୋଇଛି। ଏହିମର୍ମରେ ଗୌରୀଶଙ୍କର ନାୟକ, ସୁଚିତ୍ରା ମହାରଣା ପ୍ରମୁଖ ଅଭିଯୋଗ କରିବା ପରେ ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଅନୁସଚିବ ନିର୍ମଳା କୁମାରୀ ବିଶ୍ୱାଳ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନାୟକଙ୍କ ଅଭିଯୋଗ ଅନୁସାରେ ସମ୍ପ୍ରତି ଆଧାର କାର୍ଡ ଓ ଅନ୍ୟାନ୍ୟ କାର୍ଯ୍ୟରେ ନାମ ସଂଶୋଧନ ପାଇଁ ଜଟିଳ ପଦ୍ଧତି ସୃଷ୍ଟି କରାଯାଉଛି। ପୂର୍ବରୁ କୋର୍ଟ ଆଫିଡାଭିଟ ଦ୍ୱାରା ଏହି କାର୍ଯ୍ୟ ହେଉଥିଲାବେଳେ ଏବେ ଏଥିପାଇଁ ଗେଜେଟ ନୋଟିଫିକେଶନ ବାଧ୍ୟତାମୂଳକ କରାଯାଇଛି। ଜନସାଧାରଣଙ୍କ ସୁବିଧା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନ୍‌ଲାଇନ ଆବେଦନ ପ୍ରକ୍ରିୟା ଇ-ଗେଜେଟ୍ ପ୍ରଣୟନ ହୋଇଛି। ତେବେ ଏଥିପାଇଁ ଆହୁରି ହଇରାଣ ହେବାକୁ ପଡ଼ିବା ସହ ବାରମ୍ବାର ଭୁବନେଶ୍ୱର ଦୌଡ଼ିବାକୁ ପଡୁଛି। ଆବେଦନର ୫୦ରୁ ୬୦ ଦିନ ପରେ ମଧ୍ୟ ଅନ୍‌ଲାଇନରେ କୌଣସି ନୋଟିଫିକେଶନ ଦିଆଯାଉନାହିଁ। ଏହାବାଦ ଭୁବନେଶ୍ୱର ଅଫିସକୁ ଏନେଇ ପଚାରିବାକୁ ଗଲେ ଅନ୍‌ଲାଇନରେ ଆବେଦନ କରିଥିବା ଆଫିଡାଭିଟ୍ ଓ ଖବରକାଗଜରେ ବାହାରିଥିବା ବିଜ୍ଞାପନ ଠିକ୍ ନୁହେଁ, ଆବଶ୍ୟକ କାଗଜପତ୍ର ନାହିଁ ଇତ୍ୟାଦି କୁହାଯାଉଛି। ଭୁବନେଶ୍ୱର ଅଫିସ୍‌କୁ ବାରମ୍ବାର ଦୌଡ଼ିବା ଓ ବିଭାଗୀୟ ଅଧିକାରୀ, କର୍ମଚାରୀଙ୍କ କଥା ବୁଝିବାରେ କେତେ ଅର୍ଥ ଓ ସମୟ ବ୍ୟୟ ହେଉଛି ତାହା ଅନୁଭବୀ ହିଁ ଜାଣିପାରିବ। ସ୍ୱତନ୍ତ୍ର ଯାଞ୍ଚ ଅଧିକାରୀ ଓ ଏଜେନ୍ସି ଦ୍ୱାରା ଏହାର ସମୀକ୍ଷା କରାଗଲେ ଇ-ଗେଜେଟ୍‌ରେ କିଭଳି ମହା ବିଭ୍ରାଟ ହେଉଛି ତାହା ଜାଣିହେବ ବୋଲି ଅଭିଯୋଗକାରୀ ପ୍ରସ୍ତାବ ଦେଇଛନ୍ତି। ଏହି ବ୍ୟବସ୍ଥାର ସରଳୀକରଣ ସହ ୭ ଦିନ ମଧ୍ୟରେ ଅନ୍‌ଲାଇନ ଆବେଦନ ସମ୍ପର୍କରେ ନିଷ୍ପତ୍ତି ନେବାକୁ ଦାବି ହେଉଛି। ମହାରଣାଙ୍କ ଅଭିଯୋଗ ଅନୁସାରେ ତାଙ୍କ ଝିଅର ନାମ ପରିବର୍ତ୍ତନ କରିବାକୁ ଇ-ଗେଜେଟ୍‌ରେ ସେ ଦୁଇଥର ଆବେଦନ କରିଛନ୍ତି। ଗୋଟିଏ ଆବେଦନ ୩ ମାସ ପରେ ଖାରଜ ହୋଇଥିବାବେଳେ ଅନ୍ୟଟି ୨ ମାସରୁ ଊର୍ଦ୍ଧ୍ୱ ହେବ ପଡ଼ିରହିଛି। ସେ ଯେହେତୁ ଜଣେ ବିଧବା ମହିଳା, ବିଭାଗୀୟ କାର୍ଯ୍ୟାଳୟକୁ ଯାଇପାରିବେ ନାହିଁ। ନାମ ପରିବର୍ତ୍ତନ ପ୍ରକ୍ରିୟା ବିଳମ୍ବ ହେଉଥିବାରୁ ତାଙ୍କ ଝିଅର ଶିକ୍ଷାକ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ଝିଅର ନାମ ପରିବର୍ତ୍ତନ ପ୍ରକ୍ରିୟାରେ ଯଦି କୌଣସି ତଦନ୍ତର ଆବଶ୍ୟକତା ରହୁଛି ତେବେ ସେ ସମ୍ପୂର୍ଣ୍ଣ ଭାବେ ସହଯୋଗ କରିବେ। ତେଣୁ ଏହାକୁ ଜରୁରୀ ଭାବେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଇ-ଗେଜେଟ୍ ଓଡ଼ିଶା ନିକଟରେ ଆବେଦନ କରିଛନ୍ତି। ତେବେ ଏଭଳି ଶତାଧିକ ଲୋକଙ୍କ ଇ-ଗେଜେଟ୍ ଆବେଦନ ଉପରେ ସମାଧାନ କରାଯାଉ ନାହିଁ ବୋଲି ଅଭିଯୋଗ ହେଉଛି। ଏହିକ୍ରମରେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ୨୩।୧୦।୨୦୨୫ରେ ହୋଇଥିବା ତଦନ୍ତ ନିର୍ଦ୍ଦେଶ କେତେଦୂର କାର୍ଯ୍ୟକାରୀ ହେଉଛି ଏବଂ ଆବେଦନକାରୀଙ୍କ ସମସ୍ୟାର ସମାଧାନ ତ୍ୱରିତ ଭାବେ କେବେ କରାଯାଉଛି ତାହା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

DSPL-328

ଓଡ଼ିଶା ସରକାର

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୦୨୫ ପାଳନ ଅବସରରେ

## ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ଦୁର୍ନୀତି ପ୍ରଗତିର ପରିପନ୍ଥୀ । ସ୍ୱଚ୍ଛତା ଉତ୍ତମ ପ୍ରଶାସନର ପ୍ରତିଛବି । ଚଳିତ ବର୍ଷ ୨୦୨୫ ଅକ୍ଟୋବର ୨୭ ତାରିଖଠାରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହେବା ଅବସରରେ ମୁଁ ରାଜ୍ୟର ଜନସାଧାରଣଙ୍କୁ ଦୁର୍ନୀତି ବିରୋଧୀ ଅଭିଯାନରେ ସାମିଲ ହେବାକୁ ଆହ୍ୱାନ କରୁଛି । ଏଥି ସହିତ, କୌଣସି ପରିସ୍ଥିତିରେ ଦୁର୍ନୀତି ସହ ସାଲିସ ନକରି ସାଧାରଣ ଜୀବନରେ ସାଧୁତା ଓ ସ୍ୱଚ୍ଛତା ପାଳନ କରିବାକୁ ଅନୁରୋଧ କରୁଛି ।

ଆମ ସରକାର "ଦୁର୍ନୀତି ବିରୁଦ୍ଧରେ ଶୂନ୍ୟ ସହନଶୀଳତା ନୀତି" (Zero Tolerance to Corruption) ଆପଣାଇଛନ୍ତି । ଦୁର୍ନୀତିକୁ କୌଣସି ସ୍ତରରେ ବରଦାସ୍ତ କରାଯିବ ନାହିଁ । ଦୁର୍ନୀତି ସାମାଜିକ ଛବି ମଳିନ କରିବା ସହ ସମାଜର ତଳ ସ୍ତରରେ ଥିବା ନାଗରିକଙ୍କୁ ତାଙ୍କର ନ୍ୟାଯ୍ୟ ପ୍ରାପ୍ୟରୁ ବଞ୍ଚିତ କରିଥାଏ । କେବଳ ଏତିକି ନୁହେଁ, ଧନୀ ଦରିଦ୍ର ମଧ୍ୟରେ ବ୍ୟବଧାନ ବୃଦ୍ଧି କରିବା ସହ ଅର୍ଥନୀତି କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି କରିଥାଏ । ଆମ ସରକାର ଦୁର୍ନୀତି ପରାୟଣ ସରକାରୀ କର୍ମଚାରୀ, ଏପରିକି ସର୍ବଭାରତୀୟ ସେବାର ଅଧିକାରୀଙ୍କ ପ୍ରତି ମଧ୍ୟ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ନିକଟରେ ବହୁ ସଂଖ୍ୟାର ସରକାରୀ ଅଧିକାରୀଙ୍କୁ ଦୁର୍ନୀତିରେ ଲିପ୍ତ ଥିବାରୁ ସେମାନଙ୍କୁ ସରକାରୀ କାର୍ଯ୍ୟରୁ ବହିଷ୍କାର କରାଯାଇଛି କିମ୍ବା ବାଧ୍ୟତାମୂଳକ ଅବସର ଦିଆଯାଇଛି ।

ଏହି ଅବସରରେ ମୁଁ ଆମ ରାଜ୍ୟର ଦୁର୍ନୀତି ନିବାରଣ ବିଭାଗକୁ ସେମାନଙ୍କର ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ଓ ସଫଳତା ନିମନ୍ତେ ଅଭିନନ୍ଦନ ଜଣାଉଛି ।

ଆସନ୍ତୁ, ସାଧୁତାକୁ ଜୀବନର ବ୍ରତ ଭାବେ ଗ୍ରହଣ କରି ଏକ ଦୁର୍ନୀତିମୁକ୍ତ ବିକଶିତ ଓଡ଼ିଶା ଗଠନ କରିବା ଦିଗରେ ଆମେ ସମସ୍ତେ ପ୍ରଚେଷ୍ଟା ଜାରି ରଖିବା ।

*ବନ୍ଦେ ଉତ୍କଳ ଜନନୀ ।*

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-12120/13/0003/2526

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଭେଙ୍କଟେଶ୍ୱର ଇଂରାଜୀ ମିଡିୟମ୍ ସ୍କୁଲ୍ ପକ୍ଷରୁ ସାଇନ୍ସ ଏକ୍ସିବିଶନ୍, ସ୍ଥାନ: ସ୍କୁଲ୍ ପରିସର, ମଧୁସୁଦନ ନଗର, ୟୁନିଟ୍ ୪, ସମୟ: ସକାଳ ୯ଟା।
- ଦେବର୍ଚ୍ଚଣା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ୨ୟ ଶ୍ରୀଜା ସଙ୍ଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଗୁରୁ ଦେବପ୍ରସାଦ ଦାସ ଫାଉଣ୍ଡେଶନ୍ ପକ୍ଷରୁ ଆୱାର୍ଡ ଫେଷ୍ଟିଭାଲ୍ ୨୦୨୫, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- ଜିଲାପାଳଙ୍କ ଯୁଗ୍ମ ଜନ ଶୁଣାଣି ଶିବିର, ସ୍ଥାନ: ବଡ଼ମ୍ବା ପଞ୍ଚାୟତ ସମିତି ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ବରିଷ୍ଠ ନାଗରିକ ସମ୍ମିଳନୀ, ସ୍ଥାନ: ବଡ଼ମ୍ବା ଟେନିସ ପଡ଼ିଆ, ସମୟ: ଅପରାହ୍ନ ୨ଟା।

## ଖୋର୍ଦ୍ଧା
- ଗୁରୁଜଙ୍ଗ କପ୍ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଗୁରୁଜଙ୍ଗ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଭାଲିଆବାଡ଼ି କପ୍ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଭାଲିଆବାଡ଼ି ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଔପଦା, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ନପୂର୍ଣ୍ଣା ଯୋଜନାରେ ଖାଦ୍ୟ ବଣ୍ଟନ, ସ୍ଥାନ: ମିଶନ ପଡ଼ିଆ, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା।
- ୨୬ତମ ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବ ଓ କଳାକାରର ୩୫ତମ ବାର୍ଷିକ ଉତ୍ସବର ପଞ୍ଚମ ସନ୍ଧ୍ୟା, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ୫୮ତମ ମା' ଶ୍ୟାମାକାଳୀ ପୂଜା ଉତ୍ସବର ଅଷ୍ଟମ ଦିବସ, ସ୍ଥାନ: ପୋଡ଼ାଶୂଳ ବଜାର, ନୀଳଗିରି, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- କାଳୀପୂଜାର ୭ମ ଦିନ, ସ୍ଥାନ: ଚରମ୍ପା, ଭଦ୍ରକ, ସମୟ: ସକାଳ ୯ଟା।
- ମିଳିତ ଜନଅଭିଯୋଗ ଶୁଣାଣି, ସ୍ଥାନ: ନୀଳମଣି ଟାଉନ ହଲ୍, ବାସୁଦେବପୁର, ସମୟ: ସକାଳ ୯ଟା।

## କେନ୍ଦୁଝର
- ଶ୍ରୀପୂର୍ଣ୍ଣବ୍ରହ୍ମ ମହାବୈଷ୍ଣବ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ସୀତାବିଞ୍ଜି, ଢେଙ୍କିକୋଟ୍, ସମୟ: ପୂର୍ବାହ୍ନ ୧୦ ଟା।
- ବ୍ଲକସ୍ତରୀୟ ସୁରଭି ମହୋତ୍ସବ, ସ୍ଥାନ: କଣ୍ଟିପାଳ ଉଚ୍ଚବିଦ୍ୟାଳୟ, ଆନନ୍ଦପୁର, ସମୟ: ପୂର୍ବାହ୍ନ ୧୧ ଟା।
- ରାଧାକୃଷ୍ଣ ଯୁବକ ସଂଘ ତରଫରୁ ପ୍ରସ୍ତୁତି ବୈଠକ, ସ୍ଥାନ: ବଡ଼ରମ୍ପାସ, ହାଟଡ଼ିହୀ, ସମୟ: ସନ୍ଧ୍ୟା ୬ ଟା।

## ମୟୂରଭଞ୍ଜ
- ଜଗଦ୍ଧାତ୍ରୀ ମେଳା କମିଟି ପକ୍ଷରୁ ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତା, ସ୍ଥାନ: କୁମାର୍ସ କ୍ଲବ, ଭଞ୍ଜପୁର, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଯୁବକ ସଂଘ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ବୈରାଟପୁର ଗ୍ରାମ ରାସ୍ତା, ଉଦଳା, ସମୟ:ପୂର୍ବାହ୍ନ ୧୦ଟା୩୦।
- ଜିଲାପାଳ ଏବଂ ଏସ୍‌ପି ଯୁଗ୍ମ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ଶରତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, କପ୍ତିପଦା, ସମୟ:ପୂର୍ବାହ୍ନ ୧୦ଟା୩୦।
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର
- ଚନ୍ଦ୍ରଶେଖର ମହାଦେବଙ୍କ ନାଗମଣ୍ଡପ ପ୍ରତିଷ୍ଠାର ପ୍ରଥମ ବାର୍ଷିକୀ, ସ୍ଥାନ: ୧୧ନଂ. ୱାର୍ଡ, ଚନ୍ଦ୍ରଶେଖର ମନ୍ଦିର ସାହି, ସମୟ: ସକାଳ ୮ଟା ୩୦।
- ଜିଲାସ୍ତରୀୟ ଜନଶୁଣାଣି, ସ୍ଥାନ: ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ଗଞ୍ଜାମ
- ଭିଜିଲାନ୍ସ ସଚେତନତା ସପ୍ତାହ, ସ୍ଥାନ: ଛତ୍ରପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀଶ୍ରୀ ଆଖଣ୍ଡଳମଣିଙ୍କ ୪୧ତମ ବାର୍ଷିକ ମେଳା ଉତ୍ସବ, ସ୍ଥାନ: ଆସିକା ବିଚାର ବିଭାଗୀୟ ଅଦାଲତ ପରିସର, ସମୟ: ସନ୍ଧ୍ୟା ୬ ଟା।

## କନ୍ଧମାଳ
- ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବାଲିଗୁଡା ଉପ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଧାନମନ୍ତ୍ରୀ ଜନମନ ଯୋଜନାର ସମୀକ୍ଷା ବୈଠକ, ସ୍ଥାନ: ବାଲିଗୁଡା ଆଇଟିଡିଏ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା।

## ଢେଙ୍କାନାଳ
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କାମାକ୍ଷାନଗର ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ଅନୁଗୋଳ
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟ ନିକଟସ୍ଥ ସଭାଗୃହ, ସମୟ: ପୂର୍ବାହ୍ନ ୧୦ ଟା।
- ଛେଣ୍ଡିପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅଭିଯୋଗ ଜନଶୁଣାଣି ଶିବିର, ସ୍ଥାନ: କୋରଡ଼ା ଗ୍ରାମ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା।
- ବଇଣ୍ଡା : ହନୁମାନ ମନ୍ଦିରର ବାର୍ଷିକ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଶରଧାମୁଣ୍ଡା, ସମୟ: ପୂର୍ବାହ୍ନ ୧୦ଟା।
- ବଁଅରପାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅଭିଯୋଗ ଜନ ଶୁଣାଣି, ସ୍ଥାନ: ଗୋଟୋମରା, ବଁଅରପାଳ, ସମୟ: ୧୦ଘଟିକା।

## ଜଗତ୍‌ସିଂହପୁର
- ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ରଘୁନାଥପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ସଡ଼କ ସୁରକ୍ଷା ସମିତି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ଜଗତ୍‌ସିଂହପୁର, ସମୟ: ଅପରାହ୍ନ ୪ଟା ୩୦।

## କେନ୍ଦ୍ରାପଡ଼ା
- ଶ୍ରୀସିଦ୍ଧ ବଳଦେବଜୀଉ ଗୋତୀର୍ଥ ଗୋ ନବରାତ୍ର ମହୋତ୍ସବ, ସ୍ଥାନ: ବସନ୍ତ ବଗିଚା, ଗୁଣ୍ଡିଚା ମନ୍ଦିର ନିକଟ, ନାଗପାଟଣା, କେନ୍ଦ୍ରାପଡ଼ା ସହର, ସମୟ: ପ୍ରାତଃ ୫ଟା।
- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ଗୃହ, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ଜିଲାପାଳ ଓ ଏସପିଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ : ଦାନଗଦି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ପଞ୍ଚମ ବାର୍ଷିକ ରାମଚରିତ ମାନସ ପାରାୟଣର ୪ର୍ଥ ଦିବସରେ ସୂର୍ଯ୍ୟପୂଜା ଓ ନଗର କୀର୍ତ୍ତନ, ସ୍ଥାନ:ଖାଙ୍କି ମଠ ନୟାଗଡ, ସମୟ: ସକାଳ ୫ଟା।
- ପଞ୍ଚମ ବାର୍ଷିକ ଭାଗବତ କଥାମୃତ ଉଦ୍‌ଯାପନ ଦିବସରେ ହୋମ, ପୂଜାନୀତି, ସ୍ଥାନ: ଗୋଡିପଡା ନିକଟସ୍ଥ ପଞ୍ଝୁମୁ ପଞ୍ଚାୟତ ମଝିଆଖଣ୍ଡ, ସମୟ: ସକାଳ ୬ଟା ।
- ଓଡିଶା କୃଷକ ସଭାର ୨୫ତମ ରାଜ୍ୟ ସମ୍ମିଳନୀର ୨ୟ ଦିବସରେ ଖୋଲା ଅଧିବେଶନ, ସ୍ଥାନ:ରଣପୁର ପଞ୍ଝୁଦୋଳ ପଡିଆ, ସମୟ:ମଧ୍ୟାହ୍ନ ୧୨ଟା ।
- ଶ୍ରୀମଦ୍ ଭାଗବତ କଥା ଉପରେ ପ୍ରବଚନର ପଞ୍ଚମ ଦିବସ, ସ୍ଥାନ: ନୟାଗଡ ପୁରୁଣା ସହର ଜଗନ୍ନାଥ ମନ୍ଦିର, ସମୟ: ସଂଧ୍ୟା ୬.୩୦ ।
- ପଞ୍ଚମ ବାର୍ଷିକ ରାମଚରିତ ମାନସ ପାରାୟଣରେ କଥାଯଜ୍ଞର ପଞ୍ଚମ ଦିବସରେ ପ୍ରବଚନ, ସ୍ଥାନ:ଖାଙ୍କି ମଠ ନୟାଗଡ, ସମୟ: ସଂଧ୍ୟା ୬ଟା ।
- ପଞ୍ଚମ ବାର୍ଷିକ ଭାଗବତ କଥାମୃତ ଉଦ୍‌ଯାପନ ଦିବସରେ ଭାଗବତ ସଭା, ସ୍ଥାନ: ଗୋଡିପଡା ନିକଟସ୍ଥ ପଞ୍ଝୁମୁ ପଞ୍ଚାୟତ ମଝିଆଖଣ୍ଡ, ସମୟ: ସଂଧ୍ୟା ୬ଟା।
- ଜିଲାପାଳଙ୍କ ଜନଶୁଣାଣି ଶିବିର, ସ୍ଥାନ: ଭାପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।

# ରକ୍ତ ନେଇ ୫ ପିଲା ଏଚ୍‌ଆଇଭି ସଂକ୍ରମିତ

## ସିଭିଲ୍ ସର୍ଜନ ନିଲମ୍ବିତ

**ରାଞ୍ଚି,୨୬।୧୦**

ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମ ଜିଲାର ସଦର ହସ୍ପିଟାଲରେ ରକ୍ତ ନେଇଥିବା ୫ ଜଣ ପିଲା ଏଚ୍‌ଆଇଭି ସଂକ୍ରମିତ ହୋଇଛନ୍ତି। ଚାଇବାସାର ଥାଲାସେମିଆ ପୀଡ଼ିତ ଉକ୍ତ ପିଲାମାନଙ୍କୁ ଏଚ୍‌ଆଇଭି ସଂକ୍ରମିତ ରକ୍ତ ଦିଆଯାଇଥିବା ଖବର ପ୍ରକାଶ ପାଇବା ପରେ ତ୍ରୁଟି ପାଇଁ ଦାୟୀ ସିଭିଲ୍ ସର୍ଜନ ଏବଂ ଅନ୍ୟ ଅଧିକାରୀମାନଙ୍କୁ ନିଲମ୍ବନ କରିବାକୁ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତି ପୀଡ଼ିତ ଶିଶୁଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀ ୨ ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ସହାୟତା ଘୋଷଣା କରିବା ସହ ପିଲାଙ୍କୁ ମାଗଣାରେ ଚିକିତ୍ସା ଯୋଗାଇଦେବାକୁ କହିଛନ୍ତି।




ସେପ୍ଟେମ୍ବର ମାସରେ ସଂକ୍ରମିତ ରକ୍ତ ନେଇଥିବା ଜଣେ ୭ ବର୍ଷର ଥାଲାସେମିଆ ପୀଡ଼ିତ ପିଲାର ରକ୍ତ ପରୀକ୍ଷାରୁ ଏଚ୍‌ଆଇଭି ପଜିଟିଭ୍ ରିପୋର୍ଟ ଆସିବା ପରେ ଡାକ୍ତରୀ ଅବହେଳା ଘଟଣା ପଦାକୁ ଆସିଥିଲା। ସମ୍ପୃକ୍ତ ପିଲାର ପରିବାର ଡେପୁଟି କମିଶନର ଏବଂ ରାଜ୍ୟ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଘଟଣାର ଗମ୍ଭୀରତା ଦୃଷ୍ଟିରୁ ଝାଡ଼ଖଣ୍ଡ ହାଇକୋର୍ଟ ନିଜଆଡୁ ମାମଲାକୁ ବିଚାର ପାଇଁ ଗ୍ରହଣ କରିବା ସହ ଶୁକ୍ରବାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏହି ଘଟଣା ପରେ ରାଞ୍ଚିରୁ ଏକ ୫ ଜଣିଆ ଟିମ୍ ଚାଇବାସା ଯାଇ ସଦର ହସ୍ପିଟାଲରେ ତଦନ୍ତ କରିଛି। ଟିମ୍‌ରେ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ଦିନେଶ କୁମାର, ଡା. ଶିପ୍ରା ଦାସ, ଡା. ଏସ୍.ଏସ୍. ପାଶ୍ୱାନ, ଡା. ଭଗତ ଏବଂ ଚାଇବାସା ସିଭିଲ ସର୍ଜନ ଡ. ସୁଶାନ୍ତୋ କୁମାର ମାଝୀଙ୍କ ସମେତ ଡା. ଶିବଚରଣ ହାଁସଦା ଏବଂ ଡା. ମୀନୁ କୁମାରୀ ରହିଛନ୍ତି। ଉକ୍ତ ଟିମ୍ ହସ୍ପିଟାଲର ବ୍ଲଡ୍ ବ୍ୟାଙ୍କ ଏବଂ ପିଆଇସିୟୁ ୱାର୍ଡ ଯାଞ୍ଚ କରିବା ସହ ସଂକ୍ରମିତ ପିଲାଙ୍କ ପରିବାରରୁ ସବିଶେଷ ତଥ୍ୟ ସଂଗ୍ରହ କରିଛି। ତଦନ୍ତ ସମୟରେ ରକ୍ତ ନେଇଥିବା ଆଉ ୪ ପିଲା ଏଚ୍‌ଆଇଭିରେ ସଂକ୍ରମିତ ହୋଇଥିବା ଜଣାପଡ଼ିଥିଲା। ସେମାନଙ୍କ ମଧ୍ୟରୁ ୨ ଜଣ ଏବେ ବି ସଦର ହସ୍ପିଟାଲ ପିଆଇସିୟୁରେ ଚିକିତ୍ସିତ ହେଉଛନ୍ତି। ସଂକ୍ରମଣର ଉତ୍ସ ଖୋଜିବାକୁ ଉଦ୍ୟମ ଚାଲିଥିବା ଡା. ଦିନେଶ କୁମାର କହିଛନ୍ତି। ଡ. କୁମାରଙ୍କ କହିବା ଅନୁଯାୟୀ, ଜିଲାରେ ମୋଟ ୫୧୫ ଏଚ୍‌ଆଇଭି ରୋଗୀ ରହିଥିବାବେଳେ ୫୬ ଜଣ ଥାଲାସେମିଆ ପୀଡ଼ିତ। ବ୍ଲଡ୍ ବ୍ୟାଙ୍କ ଏବଂ ଲାବୋରେଟୋରି ଯାଞ୍ଚ ବେଳେ ମେଡିକାଲ ଟିମ୍ ଅନେକ ଅଭାବ ଏବଂ ଗମ୍ଭୀର ଅନିୟମିତତା ଥିବା ଜାଣିବାକୁ ପାଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ରାଶି ପ୍ରତି ମଙ୍ଗଳଙ୍କ ପୂର୍ଣ୍ଣ ଦୃଷ୍ଟି କାରଣରୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବ। ବହୁ ପୂର୍ବରୁ ଚେଷ୍ଟା କରୁଥିବା କାମରେ ସଫଳତା ପାଇପାରନ୍ତି। ଅଶ୍ୱିନୀ ନକ୍ଷତ୍ର ସକାଶେ ବନ୍ଧୁଙ୍କ ସଙ୍ଗ ଲାଭରୁ ଧର୍ମକାର୍ଯ୍ୟ ପାଇଁ ପ୍ରେରଣା ମିଳିପାରେ। ଘର ଲୋକମାନଙ୍କ ଉପରେ ଅଯଥା ବିରକ୍ତି ପ୍ରକାଶ କଲେ କଳହକୁ ନିମନ୍ତ୍ରଣ କରିବା ପରି ହୋଇପାରେ।

**ବୃଷ** ପ୍ରତ୍ୟେକ କ୍ଷେତ୍ରରେ ମତଭେଦ କାରଣରୁ ପାରିବାରିକ ଓ କର୍ମକ୍ଷେତ୍ର ସମସ୍ୟାବହୁଳ ରହିବ। କୃତ୍ତିକା ନକ୍ଷତ୍ର ସକାଶେ ଆଜି ସହକର୍ମୀଙ୍କ ସହାୟତାରେ ଅର୍ଥ ଲାଭ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିପାରେ। ଘରର କେତେକ ବ୍ୟତିକ୍ରମ ବିଷୟକୁ ନେଇ ଚିନ୍ତିତ ରହିବେ। କମ୍ପାନୀ କାମରେ ମାଲିକ ସହ ଛୋଟ କଥାରୁ ମନୋମାଳିନ୍ୟର ସୂଚନା ରହିଛି।

**ମିଥୁନ** ଆତ୍ମୀୟ ସ୍ୱଜନଙ୍କ ସହ ଭୁଲ୍ ବୁଝାମଣା କଳହର କାରଣ ହୋଇପାରେ। ମୃଗଶିରା ନକ୍ଷତ୍ର ରାଜନୀତି, ସଭାସମିତି ଓ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ଆଲୋଚନା କରିପାରନ୍ତି। ବନ୍ଧୁଙ୍କ ପ୍ରଭାବରେ ଅଟକି ରହିଥିବା କାମଟିକୁ ଆରମ୍ଭ କରିବାକୁ ମନ ବଳାଇବେ। ଅସାବଧାନତା କାରଣରୁ କୌଣସି ଦ୍ରବ୍ୟ ନଷ୍ଟ ହୋଇପାରେ।

**କର୍କଟ** ପାରିବାରିକ ଜୀବନରେ ବହୁଳ ବ୍ୟୟ ମାନସିକ ସ୍ଥିତିକୁ ପ୍ରଭାବିତ କରିବ। ସ୍ୱାର୍ଥ ସାଧନ ଦିଗରେ ଅନ୍ୟକୁ ନିୟୋଜିତ କରିପାରନ୍ତି। ପୁନର୍ବସୁ ନକ୍ଷତ୍ର ବନ୍ଧୁମାନଙ୍କ ସାହାଯ୍ୟରେ ବାଣିଜ୍ୟ, ଶିଳ୍ପ ଓ ବ୍ୟବସାୟରେ ଦ୍ୱନ୍ଦ୍ୱର ଅବସାନ ଘଟିବ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବାର ଆଶଙ୍କା ରହିଛି।

**ସିଂହ** ମନ କଥା ମନ ଭିତରେ ସାଇତି ରଖି ନିର୍ଦ୍ଦିନିଆ କାମ ସକାଶେ ସକାଳୁ ସକାଳୁ ବାହାରିବାକୁ ପଡ଼ିପାରେ। ବାରମ୍ବାର ଅସଫଳତା ହେତୁ ନିଜ ଲୋକଙ୍କ ଉପରୁ ଭରସା ତୁଟି ଯାଇପାରେ। ପୂର୍ବା ଫାଲ୍‌ଗୁନୀ ନକ୍ଷତ୍ର କର୍ମକ୍ଷେତ୍ରରେ ଅଧସ୍ତନ କର୍ମଚାରୀଙ୍କ ସହମତିରେ କାମ କଲେ ଉପକୃତ ହେବେ। ଅନିୟମିତ ଆହାର ଯୋଗୁ ଅସୁସ୍ଥ ହୋଇପାରନ୍ତି।

**କନ୍ୟା** ଯୋଜନା ଅନୁଯାୟୀ କାର୍ଯ୍ୟ ହାସଲରେ ଅସୁବିଧା ରହିବ ନାହିଁ। ସହକର୍ମୀଙ୍କ ପରାମର୍ଶକୁ ଗ୍ରହଣ କରି ଧୈର୍ଯ୍ୟଧାରଣ ପୂର୍ବକ କାର୍ଯ୍ୟ କଲେ ଉପକୃତ ହେବେ। ଚିତ୍ରା ନକ୍ଷତ୍ର ରପ୍ତାନି ବାଣିଜ୍ୟ, ପରିବହନ ଓ ନୂତନ ବ୍ୟବସାୟରେ ଆଶାଜନକ ଫଳ ପାଇବେ। ବନ୍ଧୁଙ୍କ କଥା ଓ କାମକୁ ପ୍ରାଧାନ୍ୟ ଦେଇ ଘର କାମକୁ ଅବହେଳା କରିପାରନ୍ତି।

**ତୁଳା** ବିଶାଖା ନକ୍ଷତ୍ରର ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣ ଓ ଅକାରଣ ଜିଦ୍ ମନକୁ ବିଭ୍ରାନ୍ତ କରିବ। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ଆର୍ଥିକ ସ୍ଥିତି ପୂର୍ବ ପରି ରହିବା କାରଣରୁ ମନରେ ସରସତା ରହିବ ନାହିଁ। କାର୍ଯ୍ୟସାଧନ କ୍ଷେତ୍ରରେ ସମ୍ପର୍କୀୟଙ୍କଠାରୁ ସାହାଯ୍ୟ ପାଇ ଖୁସି ହୋଇପାରନ୍ତି।

**ବିଛା** ନୂତନ ବନ୍ଧୁତ୍ୱ ସାଙ୍ଗକୁ କର୍ମକ୍ଷେତ୍ର ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଜୀବିକା କ୍ଷେତ୍ରରେ ସତର୍କତା ଅବଲମ୍ବନ ନ କଲେ ଠକାମିରେ ପଡ଼ିଯାଇପାରନ୍ତି। ବୃଥା ସନ୍ଦେହଜନିତ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହୋଇପାରେ। ଅନୁରାଧା ନକ୍ଷତ୍ରର ସାହିତ୍ୟ, ଚଳଚ୍ଚିତ୍ର ଓ ରାଜନୀତିରେ ଚେଷ୍ଟା ସଫଳ ହେବେ।

**ଧନୁ** ଆନୁଷ୍ଠାନିକ କାର୍ଯ୍ୟ ମଧ୍ୟରେ ପ୍ରିୟ ବନ୍ଧୁଙ୍କର ଦର୍ଶନଜନିତ ଆନନ୍ଦ ଅନୁଭବ କରିବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ପ୍ରଶାସନିକ ଆଲୋଚନା କ୍ଷେତ୍ରରେ ଅପରାହ୍ନ ସମୟରେ ଟେନସନ୍ କିଛି ମାତ୍ରାରେ କମିଯିବ। ଉତ୍ତରାଷାଢ଼ା ନକ୍ଷତ୍ର ପର ଉପରେ ନିର୍ଭର କରିବା ସକାଶେ ବାଧ୍ୟ ହେବାକୁ ପଡ଼ିପାରେ।

**ମକର** କାମ ହାସଲରେ ବିଳମ୍ବ ମନକୁ ଭାରାକ୍ରାନ୍ତ କରିବ। ଏହା ସାଙ୍ଗକୁ ସଦା ସର୍ବଦା ରୋଗ, ଋଣ ଓ ଶତ୍ରୁତା ଲାଗି ରହିବା କାରଣରୁ ମନ ଭଲ ରହିବ ନାହିଁ। ଶ୍ରବଣା ନକ୍ଷତ୍ର ଭଲ ସମ୍ପର୍କ ନଥିବା ବ୍ୟକ୍ତିମାନଙ୍କ ଦ୍ୱାରା ମିଥ୍ୟା ଗୁଜବରେ ଆତଙ୍କିତ ହୋଇପାରନ୍ତି। ଆକସ୍ମିକ ଭାବରେ ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି।

**କୁମ୍ଭ** ପ୍ରତ୍ୟେକ କାମ ବିଳମ୍ବରେ ସମ୍ପନ୍ନ ହେବ। ଶତଭିଷା ନକ୍ଷତ୍ର କର୍ମକ୍ଷେତ୍ରରେ କିଛି କରିବା ସକାଶେ ଯାହା ଓ ଯେପରି ଭାବୁଛନ୍ତି ତାହା ଆରମ୍ଭ କରିବା ଭଲ ହେବ। ସାମ୍ବାଦିକତା, ପ୍ରଶାସନ, ବାଣିଜ୍ୟ କ୍ଷେତ୍ରରେ ଶୁଭଫଳ ପାଇବେ। ବିବାଦୀୟ ପରିସ୍ଥିତିରେ ମନଭୁଲାଣିଆ କଥା କହି ପରିବେଶକୁ ସ୍ୱାଭାବିକ କରିପାରନ୍ତି।

**ମୀନ** ଉତ୍ତରଭାଦ୍ର ନକ୍ଷତ୍ର ସକାଶେ ଧୀରେ ଧୀରେ ସ୍ୱାସ୍ଥ୍ୟ ସମସ୍ୟାରେ ସୁଧାର ଆସିବାର ସୂଚନା ରହିଛି। ମାମଲାମକଦ୍ଦମା, ରାଜନୀତି କ୍ଷେତ୍ରରେ ଶୁଭଫଳ ପାଇବେ। ନିଜ ପରିବାର ସମ୍ବନ୍ଧରେ ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ। କର୍ମକ୍ଷେତ୍ରରେ ବୁଝାମଣା ନେଇ ତିକ୍ତତା ଦୂରେଇବାରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ।

ଆଜି ଅକ୍ଟୋବର ୨୭ ତାରିଖ, ସତର୍କତା ସଚେତନତା ସପ୍ତାହାରମ୍ଭ, କାର୍ତ୍ତିକ ଶୁକ୍ଲଷଷ୍ଠୀ ସୋମବାର। ଦିବା ଘ.୦୧।୨୭ ଗତେ, ରାଶିନକ୍ଷତ୍ର- ପୂର୍ବାଷାଢ଼ା/ଧନୁ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ସକାଳ ଘ.୦୫।୪୯ ଗତେ ଘ.୦୭।୧୪ମି. ମଧ୍ୟେ, ଘ.୦୮।୫୧ ଗତେ ଘ.୧୧।୦୭ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭।୧୪ ଗତେ ଘ.୦୮।୩୯ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ବିଶ୍ୱ ରେକର୍ଡ ସହ ...

୯୦ କେଜି ଉତ୍ତୋଳନ ବିଶ୍ୱ ରେକର୍ଡ ଥିଲା ବୋଲି ଓଡ଼ିଶା ଭାରୋତ୍ତୋଳନ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ୯୦ କେଜି ଉତ୍ତୋଳନର ବିଶ୍ୱ ରେକର୍ଡ ପ୍ରିତିସ୍ମିତାଙ୍କ ନାମରେ ହିଁ ଥିଲା। ଅର୍ଥାତ୍ ସେ ନିଜ ରେକର୍ଡକୁ ଭାଙ୍ଗିଛନ୍ତି। ପ୍ରୀତିସ୍ମିତା ସମ୍ପ୍ରତି ଉତ୍ତର ପ୍ରଦେଶର ମୋଦିନଗରସ୍ଥିତ 'ୱେଟ୍‌ଲିଫ୍‌ଟିଂ ୱାରିୟର୍ସ' ଅନୁଷ୍ଠାନରେ କୋଚ୍ ବିଜୟ ଶର୍ମାଙ୍କ ଅଧୀନରେ ପ୍ରଶିକ୍ଷଣ ନେଉଛନ୍ତି। ତାଙ୍କର ଏହି ସଫଳତାରେ ରାଜ୍ୟ ସଂଘ ସଭାପତି ଚିତ୍ତରଞ୍ଜନ ସ୍ୱାଇଁ, ସମ୍ପାଦକ ଗୋପାଳ କୃଷ୍ଣ ଦାସ, ଉପସଭାପତି ହରି ପ୍ରସାଦ ପଟ୍ଟନାୟକ, ଜାନକୀ ବଲ୍ଲଭ ମିଶ୍ର ଓ ଅନ୍ୟ ସଦସ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଏଇ ପେଟ, ଏଇ ପେଟ ଲାଗି ଲାଗିଛି ନାଟ**
**ଏଇ ପେଟ ଲାଗି ଛଟପଟ**
**ଏଇ ପେଟ ଲାଗି ବଙ୍ଗଳା ବାଟ**
**ଏଇ ପେଟ ଲାଗି ଢିଙ୍କି କୁଟ**
**ନଟ କୁଟ, ମୁଣ୍ଡ କାଟ।**

ପେଟ ଲାଗି ସବୁ ନାଟ। ପେଟର ଭୋକ ପୂରଣ କରିବା ଲାଗି କିଏ କେଉଁଠି ମୂଲ ମଜୁରି ଲାଗୁଛି। ସେହିପରି କେଉଁଠି କୂଟକପଟର ଖେଳ, ହଣାମରା ଭଳି କେତେ କ'ଣ ଲାଗି ରହୁଛି ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଏକକୁ କହିଲେ ଦୁଇକୁ ବାଜେ**
**ଯିଏ ସେ ନାଗର ସେ ତାହା ବୁଝେ।**

ମନର କଥା ବା ଭାଷା କେବଳ ମନର ମଣିଷ ହିଁ ବୁଝିଥାଏ। ଯେଉଁଠି ଗୋଟିଏ କଥାର ଦୁଇଟି ଅର୍ଥ ବାହାରେ, ସେଠି ସମ୍ପୃକ୍ତ ଚତୁର ବ୍ୟକ୍ତି ଜଣକ ହିଁ ଅତି ସହଜରେ ତା' ଭିତର ଅର୍ଥକୁ ଧରି ନିଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

### ସ୍କୁଲ ଯିବାବେଳେ ...

ତାଙ୍କୁ ବିଚାର ବିଭାଗ ହାଜତକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ପଦ୍ମାଳୟା ସାହୁ ପ୍ରକାଶ କରିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ୧୦ମ ଶ୍ରେଣୀର ଉକ୍ତ ନାବାଳିକା ଜଣକ ସ୍ଥାନୀୟ ଏକ ସ୍କୁଲକୁ ଶନିବାର ସକାଳେ ପାଠ ପଢ଼ିବାକୁ ଯାଉଥିଲେ। ସ୍ଥାନୀୟ କଲେଜ ନିକଟରେ ଅଭିଯୁକ୍ତ ଅମିର ତାଙ୍କୁ ଦେବଗଡ଼ ପ୍ରଧାନପାଟ ଜଳପ୍ରପାତ ବୁଲିଯିବାକୁ ଡାକିଥିଲେ। ଏଥିରେ ରାଜି ନ ହେବାରୁ ସେ ତାଙ୍କୁ ବଳପୂର୍ବକ ଏକ କାର୍‌ରେ ଉଠେଇ ନେଇଯାଇଥିଲେ। ବାଟରେ ତାଙ୍କୁ ବଳାତ୍କାର କରିଥିଲେ। ପରେ ପୀଡ଼ିତାଙ୍କୁ ଆଣି ତାଙ୍କ ଘର ପାଖରେ ଛାଡ଼ିଦେଇଥିଲେ। ରାତିରେ ପୀଡ଼ିତାଙ୍କ ମା' ଜମନକିରା ଥାନାରେ ଅମିରଙ୍କ ବିରୋଧରେ ଏତଲା ଦେଇଥିଲେ। ଅଭିଯୋଗ ପରେ ପୋଲିସ ଅଭିଯୁକ୍ତଙ୍କୁ ବିଳମ୍ବିତ ରାତିରେ ଗିରଫ କରିଥିଲା। ରବିବାର ଅଭିଯୁକ୍ତ ଓ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯାଇଥିଲା। ଘଟଣାରେ ବ୍ୟବହୃତ କାର୍‌କୁ ପୋଲିସ ଜବତ କରିଛି।

### ଆଦୌ ପିଲା ନ ଥିବା ...

ପାଇଁ ଏହି ଧରଣର ସରକାରୀ ସ୍କୁଲଗୁଡ଼ିକର ମିଶ୍ରଣ କରାଉଛନ୍ତି। ସାରା ଦେଶରେ ଏପରି ଲକ୍ଷାଧିକ ସ୍କୁଲ ରହିଛି, ଯେଉଁଠି ଜଣେ ଲେଖାଏ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଏଭଳି ସ୍କୁଲ ପିଲାଙ୍କ ସଂଖ୍ୟା ୩୩ ଲକ୍ଷରୁ ଅଧିକ ହେବ। ମାତ୍ର ଜଣେ ଶିକ୍ଷକଙ୍କୁ ନେଇ କାମ ଚଳାଉଥିବା ସର୍ବାଧିକ ସ୍କୁଲ ଆନ୍ଧ୍ର ପ୍ରଦେଶରେ ରହିଛି। ଏହା ପଛକୁ ୟୁପି, ଝାଡ଼ଖଣ୍ଡ, ମହାରାଷ୍ଟ୍ର, କର୍ଣ୍ଣାଟକ ଓ ଲାକ୍ଷାଦ୍ୱୀପ ରହିଛି। ୨୦୨୨-୨୩ରେ ଦେଶରେ ସିଙ୍ଗଲ-ଟିଚର ସ୍କୁଲ ସଂଖ୍ୟା ୧,୧୮,୧୯୦ ଥିବାବେଳେ ୨୦୨୩-୨୪ ଶିକ୍ଷାବର୍ଷରେ ପ୍ରାୟ ୬ ପ୍ରତିଶତ ହ୍ରାସ ପାଇ ୧,୧୦,୯୭୧କୁ ଖସିଆସିଥିଲା।

### ବାତ୍ୟା ପାଇଁ ଛୁଟି ...

ବର୍ଷା ହେବ। ବିଶେଷକରି ଦକ୍ଷିଣ ଓ ଉପକୂଳ ଓଡ଼ିଶାରେ ବର୍ଷାର ପ୍ରଭାବ ଅଧିକ ରହିବ। ଗଞ୍ଜାମ, ଗଜପତି, ରାୟଗଡା, କୋରାପୁଟ, ମାଲକାନଗିରି, କନ୍ଧମାଳ, ନୂଆପଡା, କଳାହାଣ୍ଡି ଓ ବୌଦ୍ଧରେ ସର୍ବାଧିକ ପ୍ରଭାବ ରହିବାର ସମ୍ଭାବନା ରହିଛି। ସେହିପରି ଖୋର୍ଦ୍ଧା, କଟକ, ପୁରୀ, ନୟାଗଡ଼ ଜିଲାଗୁଡିକ ମଧ୍ୟ ପ୍ରଭାବିତ ହେବା ନେଇ ପୂର୍ବାନୁମାନ କରାଯାଇଛି। ପ୍ରବଳ ପବନ ଯୋଗୁ ଉଦ୍ୟାନ କୃଷି ଏବଂ ଧାନ ଫସଲର କ୍ଷତି ହୋଇପାରେ। ସେହିପରି କଚ୍ଚା ଘର, କାନ୍ଥ ଏବଂ କୁଡିଆର ସାମାନ୍ୟ କ୍ଷତି, ବିଦ୍ୟୁତ୍ ଏବଂ ଯୋଗାଯୋଗ ଲାଇନ୍‌ର ସାମାନ୍ୟ କ୍ଷତି, କଚ୍ଚା ଏବଂ ପକ୍କା ରାସ୍ତାର ସାମାନ୍ୟ କ୍ଷତି, ଗଛଡାଳ ଭାଙ୍ଗିବା, ଗଛ ଉପୁଡିବା, ତଳିଆ ଅଞ୍ଚଳରେ ପାଣି ଜମି ରହିବା, ସ୍ଥାନୀୟ ଭୂସ୍ଖଳନ, ମାଟି ଅତଡା ଖସିବା ଆଦି ପ୍ରଭାବ ପଡିପାରେ। ଏହାସହ ବାତ୍ୟା ସମୟରେ ଓଡ଼ିଶାରେ ପବନର ବେଗ ୬୦ ରୁ ୭୦ କି.ମି ରହିବ। ଝଟକା ପବନ ଘଣ୍ଟା ପ୍ରତି ୮୦ କି.ମି ରହିବ। ପବନର ବେଗକୁ ନେଇ ସମୁଦ୍ର ମଧ୍ୟ ଅଶାନ୍ତ ରହିବ। ତେଣୁ ରବିବାରଠାରୁ ୩୦ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ଯିବାକୁ ବାରଣ କରାଯାଇଛି।

### ଆଜି ୮ ଜିଲାରେ ପ୍ରବଳ ବର୍ଷା

ସୋମବାର ପ୍ରବଳରୁ ଅତି ପ୍ରବଳ (୧୨ରୁ ୨୦ ସେ.ମି ପର୍ଯ୍ୟନ୍ତ) ବର୍ଷା ନେଇ ୮ଟି ଜିଲା କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, ଗଞ୍ଜାମ, ରାୟଗଡ଼ା, ଗଜପତି, କୋରାପୁଟ, ମାଲକାନଗିରିକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ନୂଆପଡା, ବଲାଙ୍ଗୀର, ବୌଦ୍ଧ, ନୟାଗଡ଼, କଟକ, କେନ୍ଦ୍ରାପଡା, ଜଗତ୍‌ସିଂହପୁର, ଖୋର୍ଦ୍ଧା, ପୁରୀ ଆଦି ଜିଲାରେ ପ୍ରବଳ ବର୍ଷା ହେବା ନେଇ ୟେଲୋ ୱାର୍ନିଂ ଦିଆଯାଇଛି। ବର୍ଷା ସମୟରେ ଗଜପତି, ଗଞ୍ଜାମ ଏବଂ ପୁରୀ ଜିଲାରେ ଘଣ୍ଟାପ୍ରତି ୩୦ରୁ ୪୦ କି.ମି. ପର୍ଯ୍ୟନ୍ତ ପବନ ବହିବା ନେଇ ସତର୍କତା ଜାରି କରାଯାଇଛି।

### ୨୮ ତାରିଖରେ ୫ ଜିଲାକୁ ରେଡ୍ ଆଲର୍ଟ

ମଙ୍ଗଳବାର ବାତ୍ୟା ସ୍ଥଳଭାଗ ଅତିକ୍ରମ କରିବା ସମୟରେ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏଥିପାଇଁ ଗଞ୍ଜାମ, ଗଜପତି, ରାୟଗଡ଼, ମାଲକାନଗିରି ଓ କୋରାପୁଟ ଜିଲାକୁ ରେଡ୍ ଆଲର୍ଟ ଜାରି କରାଯାଇଛି। ଏହି ସମୟରେ ପବନର ବେଗ ଘଣ୍ଟାପ୍ରତି ୬୦ରୁ ୭୦ କି.ମି ପର୍ଯ୍ୟନ୍ତ ରହିବ। ଏଥିସହ କଳାହାଣ୍ଡି, ନବରଙ୍ଗପୁର, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା, ପୁରୀ ଜିଲାକୁ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଜାରି ହୋଇଛି। ଏହି ସମୟରେ ଘଣ୍ଟାପ୍ରତି ୫୦ରୁ ୬୦ କି.ମି. ବେଗରେ ପବନ ବହିବା ନେଇ ପୂର୍ବାନୁମାନ କରାଯାଇଛି। ଅନ୍ୟ ସମସ୍ତ ଜିଲାଗୁଡିକରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଦିଆଯାଇଥିବାବେଳେ ପବନର ବେଗ ଘଣ୍ଟାପ୍ରତି ୪୦ ରୁ ୫୦ କି.ମି ମଧ୍ୟରେ ରହିବ ବୋଲି ସୂଚନା ଦିଆଯାଇଛି।

### କାହା ସପକ୍ଷରେ ...

ଦୁଇ ଦିନ ତଳେ ଗଣମାଧ୍ୟମରେ ପ୍ରକାଶ ପାଇଲା। ରବିବାର ନୂଆପଡ଼ା ଏନ୍‌ଏସି ଏବଂ ନିର୍ବାଚନମଣ୍ଡଳୀର କେତେକ ସ୍ଥାନରେ କନକବର୍ଦ୍ଧନ ଦଳୀୟ କାର୍ଯ୍ୟରେ ବୁଲୁଥିବା ଦେଖିବାକୁ ମିଳିଛି। ସେହିପରି ଭାଜପା ପଶ୍ଚିମ ଓଡ଼ିଶାର ନେତାମାନଙ୍କୁ ଏହି ଉପନିର୍ବାଚନର ଜୋନ୍‌ୱାରି ଦାୟିତ୍ୱ ବଣ୍ଟନ କରିଛି। ଏହାଦ୍ୱାରା ପଶ୍ଚିମ ଓଡ଼ିଶାରେ ସେମାନଙ୍କ ସ୍ଥାନୀୟ ନେତାଙ୍କ ଗୁରୁତ୍ୱ ଦଳ ଭିତରେ ବଢ଼ିଥିବା ନେଇ ଭାଜପା ଏକ ବାର୍ତ୍ତା ଦେବାକୁ ଚେଷ୍ଟା କରିଛି। ଏହି ଉପନିର୍ବାଚନରେ ଭାଜପା ଉପକୂଳିଆ ନେତାଙ୍କୁ ଦାୟିତ୍ୱ ଦେଇଥିଲେ ମଧ୍ୟ ଆଗଧାଡ଼ିରେ ପଶ୍ଚିମ ଓଡ଼ିଶା ନେତାଙ୍କୁ ରଖିଛି। ହେଲେ ପୂର୍ବଭଳି ବିଜେଡି ପୁଣିଥରେ ପଶ୍ଚିମ ଓଡ଼ିଶା ନେତାଙ୍କୁ ଅବହେଳା କରିବାର ବାର୍ତ୍ତା ସେହି ଅଞ୍ଚଳକୁ ଆସି ଦେଉଛି ବୋଲି ତାଙ୍କ ଦଳରେ ଚର୍ଚ୍ଚା କରାଯାଉଛି। ଯେଉଥିପାଇଁ ପଶ୍ଚିମ ଓଡ଼ିଶାର ଅନେକ ନେତା ଏବେ ଅସୁସ୍ଥତା ଏବଂ ଅନ୍ୟାନ୍ୟ ବାହାନା ଦେଖାଇ ଉପନିର୍ବାଚନରୁ ନିଜକୁ ଦୂରେଇ ରଖିଛନ୍ତି। ଜଣେ ବିଜେଡି ନେତାଙ୍କ କହିବା ମୁତାବକ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ପୂର୍ବତନ ମନ୍ତ୍ରୀ ରୋହିତ ପୂଜାରୀ, ଢୁକୁନି ସାହୁ, ପଦ୍ମନାଭ ବେହେରା, ପୂର୍ବତନ ବିଧାୟକ ଭୂପିନ୍ଦର ସିଂଙ୍କ ଭଳି ଅନେକ ପଶ୍ଚିମ ଓଡ଼ିଶା ନେତା ଉପନିର୍ବାଚନରେ ଦେଖିବାକୁ ମିଳୁନାହାନ୍ତି। ଅନେକ ଉପକୂଳିଆ ନେତା ଆସି ଉପନିର୍ବାଚନରେ ମାମଲାତି କରିବା ଆଗକୁ ଦଳ ପାଇଁ ବୁମେରାଂ ହୋଇପାରେ ବୋଲି କୁହାଯାଉଛି। ବିଜେଡି ପକ୍ଷରୁ ଖରିଆର ରୋଡ୍ ଏନ୍‌ଏସି, ନୂଆପଡା ଏନ୍‌ଏସି, କୋମନା ଏବଂ ନୂଆପଡ଼ା ବ୍ଲକର ଦାୟିତ୍ୱ ସମ୍ପୂର୍ଣ୍ଣ ଉପକୂଳ ନେତାଙ୍କ ହାତରେ ଟେକି ଦିଆଯାଇଛି। ଖରିଆର ରୋଡ୍ ଏନ୍‌ଏସି ଦାୟିତ୍ୱ ବରିଷ୍ଠ ନେତା ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ଦିଆଯାଇଛି। ସେହିପରି କୋମନା ବ୍ଲକରେ ପ୍ରଣବ ପ୍ରକାଶ ଦାସ(ବବି), ନୂଆପଡା ଏନ୍‌ଏସିରେ ଅତନୁ ସବ୍ୟସାଚୀ ନାଏକ ଏବଂ ନୂଆପଡ଼ା ବ୍ଲକରେ ସଞ୍ଜୟ ଦାସବର୍ମା, ଅରୁଣ ସାହୁ ଓ ପ୍ରତାପ ଜେନା ମୁଖ୍ୟ ଦାୟିତ୍ୱ ତୁଲାଉଛନ୍ତି। ଏମାନେ ସମସ୍ତେ ଉପକୂଳ ନେତା ହୋଇଥିବାବେଳେ ଜଣେ ହେଲେ ପଶ୍ଚିମ ଓଡ଼ିଶା ନେତାଙ୍କୁ ମୁଖ୍ୟ ଭୂମିକାରେ ରଖାଯାଇନାହିଁ। ମିଳିଥିବା ସୂଚନା ଅନୁଯାୟୀ ଆଉ ଜଣେ ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର ସମ୍ପୂର୍ଣ୍ଣ ନିର୍ବାଚନ ମଣ୍ଡଳୀର ରିପୋର୍ଟ ସଂଗ୍ରହ କରି ନବୀନ ନିବାସ ପଠାଉଛନ୍ତି। ତେଣୁ ପଶ୍ଚିମ ଓଡ଼ିଶାରେ ଉପକୂଳର ଏହି ମାମଲାତି ଭୋଟିଂ ପ୍ରକ୍ରିୟାକୁ ଯେ କେବଳ ପ୍ରଭାବ ପକାଇବ ତାହା ନୁହେଁ, ଏହା ଭାଜପାକୁ ମଧ୍ୟ ସୁହାଇବ ବୋଲି କୁହାଯାଉଛି।

ନୂଆପଡ଼ା ନିର୍ବାଚନମଣ୍ଡଳୀଟି ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଭକ୍ତ ଚରଣ ଦାସଙ୍କ ଲୋକ ସଭା କ୍ଷେତ୍ର ଅଧୀନରେ ଆସୁଛି। ସ୍ୱାଭାବିକ ଭାବେ ଭକ୍ତ ନୂଆପଡ଼ାରେ ଜଣେ ପରିଚିତ ଏବଂ ପୁରୁଖା ନେତା। ହେଲେ କଂଗ୍ରେସ ସଭାପତିଙ୍କ ଦୁଇଟି ଚିଠି ଦଳୀୟ ମହଲରେ ନିରାଶା ସୃଷ୍ଟି କରିବା ସହ ତାଙ୍କର କିଛି ନ୍ୟସ୍ତସ୍ୱାର୍ଥ ଉପନିର୍ବାଚନକୁ ନେଇ ରହିଛି ବୋଲି ବହୁଜଣ କହିବା ଆରମ୍ଭ କଲେଣି। ଗୋଟିଏ ଚିଠିରେ ଭକ୍ତ ଉଲ୍ଲେଖ କରିଛନ୍ତି, ଅଯଥାରେ ଏଠାକୁ ଆସି କେହି ଗହଳି କରନ୍ତୁ ନାହିଁ। ଆଉ ଏକ ଚିଠିରେ ଉଲ୍ଲେଖ କରିଛନ୍ତି, ଯାହା ପାଖରେ ସମ୍ଭବ କିଛି ଆର୍ଥିକ ସହାୟତା ପ୍ରଦାନ କରନ୍ତୁ। ବିଧିବଦ୍ଧ ଭାବେ ସବୁ ଅଞ୍ଚଳର ନେତାମାନଙ୍କୁ ଉପନିର୍ବାଚନରେ ସାମିଲ କରିବାକୁ ଭକ୍ତ ନ ଚାହିଁବା ନେଇ ଦଳରେ ଅସନ୍ତୋଷ ଦାନା ବାନ୍ଧିଲାଣି। ଉପକୂଳର ଜଣେ ବରିଷ୍ଠ ନେତା କହିଛନ୍ତି, ଆମେମାନେ ପଚାଶ ବର୍ଷ ହେଲା କଂଗ୍ରେସରେ କାମ କରୁଛୁ। ଅନେକ ନୂଆ ଏବଂ ଯୁବନେତା ଦଳରେ ଯୋଡ଼ିହେବାକୁ ଚାହୁଁଛନ୍ତି। ଉପନିର୍ବାଚନରେ ଯଦି ସବୁ ପ୍ରାନ୍ତର ନୂଆ ପିଲାଙ୍କୁ ଏବଂ ବରିଷ୍ଠ ନେତାଙ୍କୁ ସାମିଲ କରାଯାଇଥାନ୍ତା, ତେବେ ଲଢ଼େଇରେ ଦଳୀୟ ପ୍ରାର୍ଥୀଙ୍କୁ ଆଉ ଟିକିଏ ବଳ ମିଳିଥାନ୍ତା। ଶୁଣିବାକୁ ମିଳୁଛି, ବରିଷ୍ଠ ନେତା ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ମହମ୍ମଦ ମୋକିମ, ବିଧାୟକ ରମେଶ ଜେନା ଏବଂ ତାରାପ୍ରସାଦ ବାହିନୀପତିଙ୍କ ଭଳି ବହୁନେତା ଏବେ ଉପନିର୍ବାଚନ ପାଇଁ ଡାକରା ପାଇନାହାନ୍ତି। ଭକ୍ତଙ୍କ ଏହି ରଣନୀତି କାହା ସପକ୍ଷରେ ବୋଲି ଚର୍ଚ୍ଚା ହେଲାଣି।

# ସୁବର୍ଣ୍ଣରେଖା ବନ୍ୟାରେ ଧୋଇଗଲା ନଦୀବନ୍ଧ

## ବ୍ୟୟ ହୋଇଥିଲା ୨୦ ଲକ୍ଷ

**ଜଳେଶ୍ୱର, ୨୬।୧୦(ନବୀନ ସାହୁ)**

ବାଲେଶ୍ୱର ଜିଲା ଜଳେଶ୍ୱର ତହସିଲ ଅଧୀନ ରାଜପୁର ଗାଁ ବୋଇତବନ୍ଦାଣ ପଡ଼ିଆ ନିକଟରେ ସୁବର୍ଣ୍ଣରେଖା ତଟସୁରକ୍ଷା ପାଇଁ ପରୀକ୍ଷାମୂଳକ ଭାବେ ପାଖାପାଖି ୨୦ଲକ୍ଷ ଟଙ୍କା ବିନିଯୋଗରେ ହୋଇଥିବା ଜିଓ ଟ୍ୟୁବ୍, ଜିଓ ସିନ୍ଥେଟିକ ବ୍ୟାଗ୍ କାମ ଚଳିତବର୍ଷ ବନ୍ୟାରେ ସମ୍ପୂର୍ଣ୍ଣ ଭାବେ ଧୋଇଯାଇଛି। ନଦୀ ଅତଡ଼ା ଖସି ୪୦ ମିଟର ପର୍ଯ୍ୟନ୍ତ ଗଭୀରତା ସୃଷ୍ଟି ହୋଇଛି। ଫଳରେ ରାଜପୁର ଏବଂ ବାଘାବାଳି ଗାଁ ପ୍ରତି ବିପଦ ଆଶଙ୍କା ବଢ଼ିଯାଇଛି।

ରାଜପୁର ବୋଇତ ବନ୍ଦାଣ ପଡିଆ ନିକଟରେ ନଦୀ ସ୍ଥଳ ଭାଗ ନିକଟରୁ ପାଖାପାଖି ଶହେ ମିଟର ଦୂରରେ ଥିଲା ସୁବର୍ଣ୍ଣରେଖା ନଦୀ। ସେହି ସ୍ଥାନରେ ନଦୀରେ ଏକ ଘାଟ ରହିଥିଲା। ଘାଟରେ ଗ୍ରାମର ଲୋକେ ଶୌଚ ହେବା ସହ ଲୁଗାପଟା ସଫା କରିବା, ପୂଜା ପାର୍ବଣରେ ଘଟଉତ୍ତୋଳନ କରିବା ସହିତ ଗୃହପାଳିତ ପ୍ରାଣୀ ବି ପାଣି ପିଉଥିଲେ। ଗତ କିଛି ବର୍ଷ ହେଲା ସେଠାରେ ନଦୀ ସାମାନ୍ୟ କୂଳ ଖାଇ ସ୍ଥଳଭାଗ ଆଡ଼କୁ ମାଡ଼ି ଆସିଛି। ଏନେଇ ଗ୍ରାମବାସୀ ତଟ ସୁରକ୍ଷା ପାଇଁ ଜଳସମ୍ପଦ ବିଭାଗ ନିକଟରେ ଦାବି କରିଥିଲେ। ଗ୍ରାମବାସୀଙ୍କ ଅନୁରୋଧକୁ ରକ୍ଷା କରି ଜଳସମ୍ପଦ ବିଭାଗ ପକ୍ଷରୁ ସେହି ସ୍ଥାନରେ ପାଖାପାଖି ଦେଢ଼ଶହ ମିଟର ସ୍ଥାନରେ ତଟ ସୁରକ୍ଷା ପାଇଁ ୨୦ ଲକ୍ଷ ଟଙ୍କା ବ୍ୟୟରେ ପରୀକ୍ଷାମୂଳକ ଭାବେ ଦୁଇଟି ପ୍ରକଳ୍ପ ଗତ ଆର୍ଥିକ ବର୍ଷରେ କାର୍ଯ୍ୟକାରୀ କରାଯାଇଥିଲା। ଗୋଟିଏ ପ୍ରକଳ୍ପ ଜିଓ ଟ୍ୟୁବ୍‌ରେ ଓ ଅନ୍ୟଟି ଜିଓ ସିନ୍ଥେଟିକ ବ୍ୟାଗରେ କାମ ହୋଇଥିଲା। କାମ ଶେଷ ହେବା ପରେ ଲୋକ ନିଶ୍ଚିତ ଥିଲେ କି ରାଜପୁର ଓ ବାଘାବାଳି ଗାଁକୁ ସୁରକ୍ଷା ମିଳିଯିବ। ଚଳିତବର୍ଷ ସୁବର୍ଣ୍ଣରେଖାରେ ୬ଥର ବନ୍ୟା ଆସିବା ଯୋଗୁ ସେହି ସ୍ଥାନରେ ଖୁବ୍ ଜୋରରେ ଅତଡ଼ା ଖସିବା ଆରମ୍ଭ କରିଥିଲା ଓ ଉକ୍ତ ଜିଓ ଟ୍ୟୁବ୍, ଜିଓ ସନ୍ଥେଟିକ ବ୍ୟାଗ କାମ ସମ୍ପୂର୍ଣ୍ଣ ଧୋଇଯାଇଛି। ଅତଡ଼ା ଖସି ସ୍ଥଳ ଭାଗ ୪୦ ମିଟର ଗଭୀରତାରେ ଦବି ନଦୀର ଶଯ୍ୟାରେ ସମ୍ପୂର୍ଣ୍ଣ ମିଶିଯାଇଛି। ଘାଟର ଚିହ୍ନବର୍ଣ୍ଣ ନାହିଁ। ଫଳରେ ଶହ ଶହ ବର୍ଷ ଧରି ନଦୀ ଘାଟକୁ ବ୍ୟବହାର କରୁଥିବା ଲୋକେ ନଦୀ ପାଣି ବ୍ୟବହାର କରି ନ ପାରି ହନ୍ତସନ୍ତ ହେଉଛନ୍ତି। ସେହି ପାଖରେ ଥିବା କପିଳ ମୁନି ଆଶ୍ରମ ଓ ଧର୍ମପଦ ମଣ୍ଡଳଙ୍କ ଘର ପ୍ରତି ମଧ୍ୟ ବିପଦ ଦେଖାଦେଇଛି। ତେଣୁ ସରକାର ତୁରନ୍ତ ତଟ ସୁରକ୍ଷା ପାଇଁ ପଦକ୍ଷେପ ନିଅନ୍ତୁ ବୋଲି ସାମାଜିକ କର୍ମୀ କରଣାକର ଭୁୟାଁ, ଦିବାକର ଦାସ, ପ୍ରାଣକୃଷ୍ଣ ମହାନ୍ତି, ସନ୍ତୋଷ ମହାନ୍ତି, ସୁନୀଲ୍ ମହାନ୍ତି, ତନ୍ମୟ ପ୍ରଧାନ, ସେକ ନଶିରୁଦ୍ଦିନ, ଅମୂଲ୍ୟ ଗିରି, ନିରଞ୍ଜନ କିସ୍କୁ, ଅଜୟ ଦେ, ଦୁର୍ଗାଶଙ୍କର ଦେ, ଧର୍ମପଦ ମଣ୍ଡଳ ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି।

ଏ ସମ୍ପର୍କରେ ଜଳସେଚନ ବିଭାଗର ଜଳେଶ୍ୱରସ୍ଥିତ ଉପଖଣ୍ଡ ଯନ୍ତ୍ରୀ ପ୍ରିୟବ୍ରତ ସିଂହଙ୍କ ସହ ଯୋଗାଯୋଗ କରାଯିବାରୁ ସେ କହିଥିଲେ ବନ୍ୟା ଯୋଗୁ ରାଜପୁର ବୋଇତ ବନ୍ଦାଣ ପଡ଼ିଆ ନିକଟରେ ନଦୀବନ୍ଧ ସମ୍ପୂର୍ଣ୍ଣ ତଳକୁ ଖସିପଡ଼ିଛି। ଫଳରେ ସ୍ଥାନୀୟ ଗାଁ ପ୍ରତି ବିପଦ ଦେଖାଦେଇଛି। ସମ୍ବଳକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବ।



ଧୋଇଯାଇଥିବା ନଦୀବନ୍ଧ।

# ୧୮ ମଣ୍ଡପରେ ଚାଲିଛି କାଳୀପୂଜା

## ଦୁଲୁକୁଛି ବାହାନଗା

**ବାହାନଗା, ୨୬।୧୦(ଅରୂପ୍ କୁମାର ଦାସ)**

ମା' ଜଗଜ୍ଜନନୀ କାଳୀଙ୍କ ପୂଜା ପାଇଁ ଦୁଲୁକୁଛି ବାହାନଗା ବ୍ଲକ ଅଞ୍ଚଳ। ୧୮ଟି ସ୍ଥାନରେ ମା' କାଳୀଙ୍କ ପୂଜା ମଣ୍ଡପ କରାଯାଇଥିବା ବେଳେ ଖନ୍ତାପଡା ଓ ଗୋପାଳପୁର ବଜାରରେ ପ୍ରତ୍ୟହ ସନ୍ଧ୍ୟାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ଲାଗିଛି। ବାହାନଗା ବ୍ଲକ ଖନ୍ତାପଡା ବଜାରରେ ଅନୁଷ୍ଠିତ ମା' କାଳୀ ପୂଜା ଦୀର୍ଘ ୧୦୩ ବର୍ଷ ଧରି ପାଳନ ହୋଇଆସୁଛି। ଏଥିଲାଗି ବଜାର କମିଟି ପକ୍ଷରୁ ସୁସଜ୍ଜିତ ଆଲୋକମାଳା ଓ ମା'ଙ୍କ ପୂଜା ମଣ୍ଡପକୁ ଆକର୍ଷଣୀୟ କରାଯିବା ସହିତ ବିଭିନ୍ନ ସ୍ଥାନରେ କୁଞ୍ଜମାନ ସ୍ଥାପନ କରାଯାଇଛି। ଯାହାକୁ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ହଜାର ହଜାର ଲୋକ ପ୍ରତ୍ୟହ ସନ୍ଧ୍ୟାରେ ଭିଡ ଜମାଉଛନ୍ତି। ଏହାବ୍ୟତୀତ ଖନ୍ତାପଡା ବଜାର ତରଫରୁ ଶନିବାରଠାରୁ ଯାତ୍ରା ପରିବେଷଣ ହେଉଛି।

ସେହିପରି ବ୍ଲକର ଅନ୍ୟତମ ପ୍ରମୁଖ ବ୍ୟବସାୟୀସ୍ଥଳୀ ଗୋପାଳପୁର ମା' କାଳୀ ବଜାର କମିଟି ପକ୍ଷରୁ ଦୀର୍ଘ ୭୧ବର୍ଷ ଧରି ମା' କାଳୀଙ୍କ ପୂଜା ଆଡମ୍ବରରେ କରାଯାଉଛି। ସୁନ୍ଦର ତୋରଣ ସହ ବଜାରର ଚାରିଦିଗକୁ ଅର୍କଷଣୀୟ ଆଲୋକମାଳାରେ ସଜ୍ଜିତ କରାଯାଇଛି। ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମେଲୋଡି, ଭଜନ ସନ୍ଧ୍ୟା ଅନୁଷ୍ଠିତ ହେଉଛି। ଏହି ଅବସରରେ ବଜାରରେ ୪ଦିନ ଧରି ଅପେରା ପରିବେଷଣ ହୋଇଥିଲା। ମୋଟାମୋଟି ବ୍ଲକର ଅନ୍ୟବଜାର ବା ପୂଜା କମିଟି ମାନଙ୍କଠାରୁ ଖନ୍ତାପଡା ଓ ଗୋପାଳପୁର ବଜାରରେ ମା' କାଳୀଙ୍କ ପୂଜା ପାଇଁ ଦୁଲୁକୁଛି। ବ୍ଲକର ବାହାନଗା ସଦର ମହୁକମା ବଜାରରେ ମା'ଙ୍କ ପୂଜା ଅନୁଷ୍ଠିତ ହେବା ସହିତ ଷଠୀ, ଜୁଣିଆ ବଜାର, ନୂଆପୁରର ହାଟୁଆଣି ଛକ, ଖେରଙ୍ଗ ବଜାର, ଆରୁହାବାଡ, ଅଭଣା, ବିଷ୍ଣୁପୁର, ଖରାସାହାପୁର, ରମଧା, ଅଞ୍ଜି, ଝାଡତା, ତାଳକୁରୁଣିଆଁ, ସାଉଡୁ, କୁରୁଡାଛକ, ପଣପଣା ଆଦି ସ୍ଥାନରେ ଜାକଜମକରେ ପୂଜା ହେବା ସହିତ ପ୍ରତ୍ୟେକ ସନ୍ଧ୍ୟାରେ ମଣ୍ଡପଠାରେ ଭଜନ ସମାରୋହ ସମେତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଖନ୍ତାପଡା ବଜାର କମିଟି ସଭାପତି ସୁଶାନ୍ତ କୁମାର ଲେଙ୍କା କୁହନ୍ତି ଆମର ପୂଜା ଦୀର୍ଘ ୧୦୩ ବର୍ଷ ଧରି ପାଳନ କରାଯାଉଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ୍ ମୁତୟନ କରାଯାଇଛି । ଏହି କମିଟି ସମ୍ପାଦକ ନିରଞ୍ଜନ ମହାନ୍ତି କହନ୍ତି ପୂଜା କମିଟି ପକ୍ଷରୁ ଯାତ୍ରା ପରିବେଷଣ କରାଯାଉଥିବା ବେଳେ ତାହାର ଲାଭାଂଶରୁ ପୂଜା ପାଇଁ ରଖାଯାଇଥାଏ। ସେହିପରି ଗୋପାଳପୁର ବଜାର ମା' କାଳୀ ବ୍ୟବସାୟୀ ସଂଘ ସଭାପତି ଭଗବାନ ଦାସ କହନ୍ତି ଆମ ବଜାର କମିଟି ପକ୍ଷରୁ ଚଳିତବର୍ଷ ଆଡମ୍ବର ସହିତ ପୂଜା ହେଉଥିବା ବେଳେ ଆର୍କଷଣୀୟ ଆଲୋକ ମାଳାରେ ସୁସଜ୍ଜିତ କରାଯାଇଛି। ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି ।



ଗୋପାଳପୁର ବଜାରରେ ପୂଜା ପାଉଥିବା ମା'

# କଂଗ୍ରେସର ମିଶ୍ରଣ ପର୍ବ

**ବାଲେଶ୍ୱର, ୨୬।୧୦(ବାଞ୍ଛାନିଧି ଦେ)**

ବାଲେଶ୍ୱର ଜିଲା କଂଗ୍ରେସ କାର୍ଯ୍ୟାଳୟରେ ରବିବାର କଂଗ୍ରେସର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ସଭାରେ ସଦର ବ୍ଲକ ସଭାପତି ଜୟକୃଷ୍ଣ ବେହେରା ପୌରୋହିତ୍ୟ କରିଥିଲେ। ଯୁବନେତା ସରୋଜ ଲେଙ୍କାଙ୍କ ତତ୍ତ୍ୱାବଧାନରେ ଏହି ମିଶ୍ରଣ ପର୍ବ ଆୟୋଜିତ ହୋଇଥିଲା। ସଦର ନିର୍ବାଚନମଣ୍ଡଳୀରେ ଦଳର ସ୍ଥିତି ଓ ସାଙ୍ଗଠନିକସ୍ତରରେ ଦଳ କିଭଳି ସୁଦୃଢ଼ ହୋଇପାରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା।

ପ୍ରାରମ୍ଭରେ ନୂତନ ଜିଲା ସଭାପତି ସତ୍ୟଶିବ ଦାସଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଭାଜପା ଓ ବିଜେଡିରୁ ଆସିଥିବା ୬ଜଣ ବରିଷ୍ଠ କର୍ମୀ କଂଗ୍ରେସ ଦଳରେ ସାମିଲ ହୋଇଥିଲେ। କଷାଫଳ ପଞ୍ଚାୟତର ଶିବାନନ୍ଦ ପାତ୍ର, ୨୯ନଂ. ୱାର୍ଡର ପୂର୍ବତନ କାଉନସିଲର ମୁନ୍ନା ସ୍ୱାଇଁ, ୨୫ନଂ. ଜୋନ୍ ଭାଜପା ପୂର୍ବତନ ସଭାପତି ଅନନ୍ତ ମହାପାତ୍ର, ପୌରପାଳିକାର ସାମାଜିକ କର୍ମୀ ସାଇବା ଅଖତର, ସିନ୍ଧିଆର ସୁକାନ୍ତି ଦାସ, ବଇଞ୍ଚା ପଞ୍ଚାୟତର ଦାମୋଦର ତରେଇ ପ୍ରମୁଖ ନିଜ ସମର୍ଥକଙ୍କ ସହ କଂଗ୍ରେସରେ ସାମିଲ ହୋଇଥିଲେ। ଏହି ମିଶ୍ରଣ ପର୍ବରେ ଜିଲା ସଭାପତି ଦାସଙ୍କ ସମେତ ବରିଷ୍ଠ କାଉନସିଲର ପଦ୍ମଲୋଚନ ଲେଙ୍କା, ପୂର୍ବତନ ଜିଲା ସଭାପତି ସଞ୍ଜୀବ ଗିରି ପ୍ରମୁଖ ନବାଗତଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ପୂର୍ବତନ ଜିଲା ଉପସଭାପତି ଗୋପୀନାଥ ପାଢ଼ୀ, ଆଙ୍କୋ ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ବେହେରା, ପିସିସି ସଦସ୍ୟା ଅର୍ଚ୍ଚନା ନନ୍ଦୀ, ରାଜ୍ୟ ସାଧାରଣ ସମ୍ପାଦିକା ଜ୍ୟୋତ୍ସ୍ନା ସେନାପତି, ଜିଲା ସଂଖ୍ୟାଲଘୁ ସମ୍ପ୍ରଦାୟ ସେଲର ସଭାପତି ଶେଖ ଅଜଗର ଅଲ୍ଲୀ, ଜିଲା ଯୁବ କଂଗ୍ରେସ ସଭାପତି ଇଂ. ରଞ୍ଜନ ଦାସ ଓ ଶ୍ରୀକାନ୍ତ ବୁଗୁଡ଼ାଇ ପ୍ରମୁଖ ମଞ୍ଚାସୀନ ଥିଲେ।

# ରାମପୁର ରାବଣ ପୋଡ଼ିର ମଜାନେଲେ ଦର୍ଶକ





ରାବଣ ପୋଡ଼ି ଉତ୍ସବରେ ମଞ୍ଚାସୀନ ଅତିଥି।

**ଖଇରା, ୨୬।୧୦(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକ ବର୍ଦ୍ଧନା ପଞ୍ଚାୟତ ରାମପୁର କେନାଲ ନିକଟସ୍ଥ ପଡିଆରେ ଶନିବାର ସନ୍ଧ୍ୟାରେ ରାବଣପୋଡି ଅନୁଷ୍ଠିତ ହୋଇ ଯାଇଛି। ଆଖପାଖ ଗ୍ରାମରୁ ହଜାର ହଜାର ସଂଖ୍ୟାର ଦର୍ଶକ ରାବଣପୋଡି ସାଙ୍ଗକୁ ମେଲୋଡି ଓ ମ୍ୟାଜିକ ଶୋର ମଜା ନେଇଛନ୍ତି। ଏହି ଅବସରରେ ଭାଜପାର ପୂର୍ବତନ ମଣ୍ଡଳ ସଭାପତି ପତିତପାବନ କରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭାଜପା ଯୁବନେତା ନିଳମାଧବ ପଣ୍ଡା, ମୁଖ୍ୟବକ୍ତା ଭାବେ ପାଇମହୁରା ସିଟି ସ୍କୁଲର ପୂର୍ବତନ ଅଧ୍ୟକ୍ଷ ଚିନ୍ତାମଣି ପାଣିଗ୍ରାହୀ, ସମ୍ମାନନୀୟ ଅତିଥି ଭାବେ ଖଇରା ବିଡିଓ ନାରାୟଣ ସାହୁ, ଆଇଆଇସି ସୁଚନ୍ଦ୍ର ମହାଲିକ, ବର୍ଦ୍ଧନା ସରପଞ୍ଚ ବୀଣାପାଣି ପଣ୍ଡା, ସମିତିସଭ୍ୟା ରଶ୍ମିବାଳା କର, ବଡ ନୂଆଗାଁ ସରପଞ୍ଚ ଗିନାକ୍ଷୀଲତା ନାୟକ, କୁପାରୀ ସମିତିସଭ୍ୟ ଅକ୍ଷୟ ଜେନା, ମଣ୍ଡଳ ସଭାପତି ସୁମନ୍ତ ଜେନା, ଶ୍ରୀକାନ୍ତ ବେହେରା, କରୁଣାକର ମହାନ୍ତି ଓ ଆନନ୍ଦ ବଲ୍ଲଭ ନାୟକ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ରାବଣ ପୋଡି କମିଟିର ସମସ୍ତ ସଭ୍ୟ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ଚକ୍ଷୁ ପରୀକ୍ଷା, ମୋତିଆବିନ୍ଦୁ ଚିହ୍ନଟ ଶିବିର

**କାଳିପଦା, ୨୬।୧୦(ରାଜଶ୍ରୀ ପାଣିଗ୍ରାହୀ)**

ବାଲିଆପାଳ ବ୍ଲକ ଅଧୀନ ନୂଆଗାଁସ୍ଥିତ ନିତ୍ୟାନନ୍ଦ ସରସ୍ୱତୀ ମନ୍ଦିର ପରିସରରେ ରବିବାର ଜଗାବଳିଆ ଟ୍ରଷ୍ଟ ଓ ରୋଟାରୀ କ୍ଲବ ଆନୁକୂଲ୍ୟରେ ଚକ୍ଷୁ ପରୀକ୍ଷା ଓ ମୋତିଆବିନ୍ଦୁ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। କ୍ଲବ କର୍ମକର୍ତ୍ତା ରମେଶ ଚନ୍ଦ୍ର ବାରିକ, ଧନଞ୍ଜୟ ବାରିକ, ଭାରତୀ ଦଳାଇ, କ୍ଷେତ୍ରମୋହନ ମହାପାତ୍ର, ପ୍ରଶାନ୍ତ କୁମାର ମହାନ୍ତି, ଚନ୍ଦନ କୁମାର ଚାନ୍ଦ, ସୁଜାତା ପଟ୍ଟନାୟକ, ସୁବୋଧ ଭୂୟାଁଙ୍କ ଦ୍ୱାରା ଶିବିରରେ ମୋଟ୍ ୫୫ଜଣଙ୍କର ମୋତିଆବିନ୍ଦୁ ଚିହ୍ନଟ କରାଯାଇଛି। ଶିବିରକୁ ବିଦ୍ୟାଳୟ ସମ୍ପାଦକ ରଞ୍ଜନ କୁମାର ବେହେରା, ସୁଧାଂଶୁ ଶେଖର ପଣ୍ଡା ଓ ଚିତ୍ତରଞ୍ଜନ ନାୟକ ପ୍ରମୁଖ ପରିଚାଳନା କରିଥିଲେ। ବିଦ୍ୟାଳୟର ୨୦ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଏକ ଇଣ୍ଟାରେକ୍ଟର କ୍ଲବ ଗଠନ କରାଯାଇଥିଲା। ପ୍ରଧାନ ଗୁରୁଜୀ ପ୍ରଭାକର ବେହେରା, ଗଦାଧର ବେହେରା, ନିବାସୀ ରଣଜିତ, ସାଇ ବିକାଶ ବେହେରା, ଗୁରୁମା ଅଞ୍ଜୁବାଳା ମିଶ୍ର, ଶାନ୍ତିଲତା ଜେନା ଓ ସାଇପ୍ରିୟା ସାମନ୍ତରାୟ ପ୍ରମୁଖ ସହଯୋଗ କରିଥିଲେ।



ମୋତିଆବିନ୍ଦୁ ଚିହ୍ନଟ କରାଯାଉଛି।

# ବିକାଶ କ୍ଷେତ୍ରରେ ବାଲେଶ୍ୱର ହେବ ଏକ ନମ୍ବର



କାର୍ଯ୍ୟକ୍ରମକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

- ଏକତ୍ର ବାଲେଶ୍ୱର ମହାସଭା
- ନାଇପର ପ୍ରତିଷ୍ଠା ଦାବି ତେଜିଲା

**ବାଲେଶ୍ୱର, ୨୬।୧୦(ବାଞ୍ଛାନିଧି ଦେ)**

ଭୁବନେଶ୍ୱରସ୍ଥିତ ବୁଦ୍ଧମନ୍ଦିର ପରିସରରେ ଶନିବାର ଏକତ୍ର ବାଲେଶ୍ୱର ମହାସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସରକାରୀ ଉପ-ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗଦେଇ ବିକାଶ କ୍ଷେତ୍ରରେ ବାଲେଶ୍ୱର ଜିଲାକୁ ୧ ନମ୍ବର କରିବା ସହ ତ୍ରିବେଣୀ ଯୋଜନାରେ ଜିଲାର ନଦୀଗୁଡିକୁ ସଂଯୋଗ କରାଯିବ ବୋଲି ବକ୍ତବ୍ୟରେ କହିଥିଲେ।

ଏକତ୍ର ବାଲେଶ୍ୱରର ସଭାପତି ନିରଞ୍ଜନ ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ଉପସଭାପତି କେଶୁ ଦାସ ଅତିଥି ପରିଚୟ ଓ ରାମଜୀବନ ଗୋଛାୟତ ସ୍ୱାଗତ ଭାଷଣ ଦେଇଥିଲେ। ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର ଯୋଗଦେଇ ଜିଲାରେ ଜଳପଥର ବିକାଶ ଦିଗରେ ଆଲୋକପାତ କରିଥିଲେ। ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି ଜିଲାର ସଂସ୍କୃତି, ପର୍ଯ୍ୟଟନର ବିକାଶ ଦିଗରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଡ. ଅଦ୍ୱୈତ ପାତ୍ର, ଓଡ଼ିଶୀ ନୃତ୍ୟଙ୍ଗନା ସୁଜାତା ମହାପାତ୍ର, ଫକୀରମୋହନ ସେନାପତିଙ୍କ ଅଣନାତୁଣୀ ମୋନିକା ଦାସ, ପୂର୍ବତନ ପ୍ରଶାସକ ନିରଞ୍ଜନ ସାହୁ, ସ୍ତମ୍ଭକାର ସୁଦର୍ଶନ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସାଧାରଣ ସମ୍ପାଦକ ସରୋଜ କୁମାର ଦାଶ ବିବରଣୀ ପାଠ କରିବା ସହ ବାଲେଶ୍ୱରରେ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ ଫାର୍ମାସିଟିକାଲ ଏଜୁକେଶନ ଆଣ୍ଡ ରିସର୍ଚ୍ଚ (ନାଇପର)ପ୍ରତିଷ୍ଠା ପାଇଁ ଦାବି ରଖିଥିଲେ। ଉପସଭାପତି ବିରୋଜ ରାଉତ କାର୍ଯ୍ୟକ୍ରମ ଆଭିମୁଖ୍ୟ ସମ୍ପର୍କରେ ପାୱାର ପଏଣ୍ଟ ଉପସ୍ଥାପନ କରିଥିଲେ। ସହ-ସମ୍ପାଦିକା ସ୍ୱାତୀ ବିଶ୍ୱାଳ ଓ ସ୍ନିଗ୍ଧା ଆର୍ଯ୍ୟ ମଞ୍ଚ ପରିଚାଳନା କରିଥିଲେ। ସଚିନ୍ଦ୍ର ମାଝି, ବିଭୁପଦ ଦାସ, ସୁଧାକର ସେଠୀ କାର୍ଯ୍ୟକ୍ରମ ସଞ୍ଚାଳନା କରିଥିବା ବେଳେ ଉପସଭାପତି ଜୟନ୍ତ ଦାସ ଧନ୍ୟବାଦ ଦେଇଥିଲେ। ଏହି ସଭାରେ କଟକ, ପୁରୀ, ଖୋର୍ଦ୍ଧା ଓ ଭୁବନେଶ୍ୱରରେ ବସବାସ କରୁଥିବା ଅବସରପ୍ରାପ୍ତ ଅଧିକାରୀ, ଶିକ୍ଷାବିତ୍, ସାହିତ୍ୟିକ, ଗବେଷକ, ପ୍ରଶାସନିକ ଅଧିକାରୀ, ଯୁବ ସଂଗଠକ ୧୦୦ରୁ ଊର୍ଦ୍ଧ୍ୱ ପ୍ରବାସୀ ବାଲେଶ୍ୱରିଆ ଯୋଗ ଦେଇଥିଲେ।


## ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ବିକାଶ ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ ବିଭାଗ, ଓଡ଼ିଶା

ଲୋକସେବା ଭବନ, ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧

**ଓଡ଼ିଶା ରାଜ୍ୟର କେନ୍ଦ୍ରୀୟ OBC ତାଲିକାରେ ବର୍ଗ ଏବଂ ସମ୍ପ୍ରଦାୟର ଅନ୍ତର୍ଭୁକ୍ତ/ବାଦ୍ ଦେବା ସମ୍ପର୍କରେ ଜାତୀୟ ପଛୁଆ ବର୍ଗ କମିଶନ ଅଧ୍ୟକ୍ଷ ମାନ୍ୟବର ଶ୍ରୀ ହଂସରାଜ ଗଙ୍ଗାରାମ ଅହିରଙ୍କ ଜନଶୁଣାଣି ୨୯।୧୦।୨୦୨୫, ଦିବା: ୧୧ ଘଟିକା, ସ୍ଥାନ: ଓଡ଼ିଶା ରାଜ୍ୟ ଅତିଥି ଭବନ, ଭୁବନେଶ୍ୱର**

No. V-: ନିମ୍ନଲିଖିତ ଜାତିଗୁଡ଼ିକୁ କେନ୍ଦ୍ରୀୟ OBC ତାଲିକାରେ ଅନ୍ତର୍ଭୁକ୍ତ/ବାଦ୍ ଦେବା ପାଇଁ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ବିକାଶ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ ବିଭାଗ, ଓଡ଼ିଶାକୁ ଜାତୀୟ ପଛୁଆ ବର୍ଗ କମିଶନ ଏବଂ ବ୍ୟକ୍ତିବିଶେଷଙ୍କଠାରୁ ପ୍ରାପ୍ତ ହୋଇଛି।

"Barai, Bania, Putulibandha Vasya, Vasya Bania, Vashya, Vaishy, Vaishya, Vashya Bania, Vaishya Bania, Vashya Banik, Vaishya Banik, Potali Bania, Gandha Banik, Vaishya Putuli Bania, Paudar Bania, Podar Bania, Subarna Banik, Sunari Bania, Sunari Banik, Subarna Bania, Astolohi Bania, Swarnakara Bania, Baisya Astaloi Karmakar, Pradhan, Padhan, Odapadhan, Jhadua Gouda, Naria Gouda, Bashya Gopa, Mahabhoi, Gendu, Nepalis, Gorkha, Mahakul, Mahakud, Gopal Baishnab, Kalanjia Gouda, Karanjia Gouda, Kanoujia Gouda, Jyotisha Abadhan, Jyotish Nayak, Khandal, Khandual, Gakulakapu, Kapu, Kampo, Reddy, Nagavasam, Mahisya, Saunties, Mahesh, Maheshya, Paltan, Khandayat, Chasa Paika, Paikali Khandayat, Kalinga Sudra Khandayat, Mahanayak Sudra, Baisya Karan, Odia, Odia Khandayat, Mahanayak, Mahalayak, Chasa Mahanty, Mahanty, Ashini Patara, Rana, Raju, Sinko, Ekadas Teli, Tailik Baishya, Teloga,, Mahanta, Mahat, Khandayat Kalanji, Odra Khandayat Kalanji, Kalinga, Dalapati, Dalua, Rajasri Balasi, Balasi, Dalakhandayat, Dalua Paika, Kshitibansa, Matibansa Ojha, Kshitibansa Naik, Ojhakaran, Kshitibansa Nayak, Matibansa Abadhan, Khuria, Ellama, Banka, Pallia, Agnikula Kshatriya, Bangadesiya Tambili, Tamila, Tambila, Sagua, Gandhamali, Thanapati , Haladia Teli, Hansi Tanti, Oda Paiko, Oda Paika, Oda"

ଏହି ପରିପ୍ରେକ୍ଷୀରେ, ଜାତୀୟ ପଛୁଆ ବର୍ଗ କମିଶନ **୨୯।୧୦।୨୦୨୫, ଦିବା: ୧୧ଘଟିକା, ସ୍ଥାନ: ଓଡ଼ିଶା ରାଜ୍ୟ ଅତିଥି ଭବନ, ଭୁବନେଶ୍ୱର**ରେ ଏକ ଜନଶୁଣାଣି କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ପରିପ୍ରେକ୍ଷୀରେ, ଉପରୋକ୍ତ ଜାତି/ବର୍ଗର ଅନ୍ତର୍ଭୁକ୍ତୀକରଣ/ବାଦ୍ ଦେବା ପାଇଁ ଆଗ୍ରହୀ ବ୍ୟକ୍ତିମାନଙ୍କୁ ଉପରୋକ୍ତ ଜାତି/ବର୍ଗର ସାମାଜିକ ଏବଂ ଶିକ୍ଷାଗତ ଅବସ୍ଥା ସମ୍ପର୍କରେ ଉପସ୍ଥିତରହି ପ୍ରାସଙ୍ଗିକ ସୂଚନା ପ୍ରଦାନ କରିବାକୁ ଆମନ୍ତ୍ରିତ କରାଯାଉଛି।

ଯଦି କୌଣସି ବ୍ୟକ୍ତି/ସଂଗଠନ ଉପରୋକ୍ତ ଜାତି/ବର୍ଗର ଅନ୍ତର୍ଭୁକ୍ତୀକରଣ OBC ତାଲିକାରୁ କିମ୍ବା ବର୍ଗକୁ ବାଦ୍ ଦେବା ସମ୍ପର୍କରେ ସେମାନଙ୍କର ଆପତ୍ତି ଦାଖଲ କରିବାକୁ ଚାହାନ୍ତି, ତେବେ ନିର୍ଦ୍ଧାରିତ ତାରିଖ ଏବଂ ସମୟରେ Affidavit ମାଧ୍ୟମରେ ଜାତୀୟ ପଛୁଆ ବର୍ଗ କମିଶନଙ୍କ ନିକଟରେ ଦାଖଲ କରିବାକୁ ଅନୁରୋଧ କରାଯାଉଛି। Affidavit ଫର୍ମାଟ **ncbc.nic.in**ରୁ ଡାଉନଲୋଡ୍ କରାଯାଇପାରିବ।

**OIPR-26001/11/0020/2526** ସ୍ୱା./– ନିର୍ଦ୍ଦେଶକ, ପଛୁଆ ବର୍ଗ

**ହରତାଳ ସ୍ଥଗିତ** ବାରିପଦା,(ନୀଳାଦ୍ରି ବିହାରୀ ଦଣ୍ଡପାଟ): ଠାକୁରମୁଣ୍ଡା ବ୍ଲକ ଅଧୀନ ନୂଆଗାଁ ବାଳିକା ଉଚ୍ଚବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରମିଳା ସାହୁଙ୍କ ନିଲମ୍ବନ ଆଦେଶକୁ ଜିଲା ଶିକ୍ଷାଧିକାରୀ ପ୍ରତ୍ୟାହାର କରିଛନ୍ତି। ଯାହାକୁ ନେଇ ଅକ୍ଟୋବର ୨୭ ତାରିଖରେ ଜିଲା ମଧ ଦେଇ ଯାଇଥିବା ସମସ୍ତ ଜାତୀୟ ରାଜପଥ, ରାଜ୍ୟ ରାଜପଥ ଏବଂ ଅନ୍ୟାନ୍ୟ ରାସ୍ତା ଉପରେ ହେବାକୁ ଥିବା ହରତାଳ କାର୍ଯ୍ୟକ୍ରମ ସ୍ଥଗିତ ରଖାଗଲା ବୋଲି ଭଞ୍ଜସେନା ଘୋଷଣା କରିଥିବା ସଂଗଠନର ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ଜଣାଇଛନ୍ତି।



# ‘ଉପଯୁକ୍ତ ଭିତ୍ତିଭୂମି ଯୋଗାଇ ଦିଅ’

## ମୟୂରଭଞ୍ଜ ଶିକ୍ଷକ ସଂଘର ଦାବି

ବାରିପଦା,୨୬।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଶିକ୍ଷା କ୍ଷେତ୍ରରେ (ୟୁନାଇଟେଡ ଅଟୋମେଟିକ ସିଷ୍ଟମ) ୟୁଏଏସ ସିଷ୍ଟମ ଲାଗୁ ସକାଶେ ଉପଯୁକ୍ତ ଭିତ୍ତିଭୂମୀ ଯୋଗାଇ ଦେବାକୁ ମୟୂରଭଞ୍ଜ ଜିଲାର ବିଭିନ୍ନ ଶିକ୍ଷକ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ଏ ସଂକ୍ରାନ୍ତରେ ମୟୂରଭଞ୍ଜ ଜିଲା ଶିକ୍ଷକ ସମନ୍ୱୟ ସମିତି ତଥା ଓଷ୍ଟା ସଂଘ ମୟୂରଭଞ୍ଜ ଜିଲା ସମ୍ପାଦକ କିଶୋର କୁମାର ଆଚାର୍ଯ୍ୟଙ୍କ ନେତୃତ୍ୱରେ ଓଷ୍ଟା, ଆପଟା, ଏନ୍‌ପିଏସ, ଜେଟି, ଓଫଟା,ଏକ୍ସ କ୍ୟାଡର, ବିଇଡି ପ୍ରଭୃତି ଶିକ୍ଷକ ସଂଘର ପ୍ରତିନିଧି ମଣ୍ଡଳୀ ଶନିବାର ପୂର୍ବାହ୍ନରେ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କ ଜରିଆରେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ସମଗ୍ର ଶିକ୍ଷାଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ଏହା ସହିତ ଜିଲାପାଳ ଓ ଜିଲା ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକକାଙ୍କ ପତ୍ର ସଂଖ୍ୟା ୪୦୯୦-୯୯୮୩-୧୫୪୦ ଜରିଆରେ ରାଜ୍ୟର ପ୍ରାଥମିକଠାରୁ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ କର୍ମଚାରୀଙ୍କୁ ଉପଯୁକ୍ତ ସାଧନ ସାମଗ୍ରୀ ଯୋଗାଇବା, ଦକ୍ଷ ପରିଚାଳକଙ୍କ ନିଯୁକ୍ତି, ସମସ୍ତ ବିଦ୍ୟାଳୟକୁ ଇଣ୍ଟରନେଟ ସୁବିଧା, ବ୍ୟକ୍ତିଗତ ମୋବାଇଲକୁ ସରକାରୀ କାର୍ଯ୍ୟରେ ବିନିଯୋଗ କରିବା ଭଳି ଭିତ୍ତିଭୂମୀ ଯୋଗାଇ ଦିଆ ନ ଯାଇ ତରବରିଆ ଭାବେ ଶିକ୍ଷକ, କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କ ଉପସ୍ଥାନକୁ ୟୁଏଏସ ମାଧ୍ୟମରେ ସମ୍ପାଦନ କରିବା ନିର୍ଦ୍ଦେଶକୁ ଅଯୌକ୍ତିକ ତଥା ଆଇନ ସମ୍ମତ ନୁହେଁ ବୋଲି ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ଜିଲାରେ ଇଣ୍ଟରନେଟ ତଥା ଡିଭାଇସର ସୁବନ୍ଦୋବସ୍ତ ନ କରି କାର୍ଯ୍ୟକାରୀ ପାଇଁ ଉପରିସ୍ଥ ଅଧିକାରୀଙ୍କ ଜରିଆରେ ଦରମା ବନ୍ଦ ଆଦି ଧମକପୂର୍ଣ୍ଣ ନିର୍ଦ୍ଦେଶକୁ ନେତୃମଣ୍ଡଳୀ ବିରୋଧ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ନେତା ବିମଳ କୁମାର ଆଚାର୍ଯ୍ୟ, ଦୟାନିଧି ମହାନ୍ତ, ପୂର୍ଣ୍ଣାନନ୍ଦ ଆଚାର୍ଯ୍ୟ, ବିକାଶ କୁମାର ପଣ୍ଡା, ହରେକୃଷ୍ଣ ବାରିକ, ସୁଶାନ୍ତ କୁମାର ଗିରି, ଜାମିନିକାନ୍ତ ପଣ୍ଡା, ମନୋରଞ୍ଜନ ଧଳ, ଗଦାଧର ନାୟକ, ରମେଶ କୁମାର ପ୍ରଧାନ, ସୁଦର୍ଶନ ବାରିକ, ଛବିଲତା ବାରିକ, ପ୍ରଦୀପ କୁମାର ମହାନ୍ତ, ଗୌର ଗୋପାଳ ଲେଙ୍କା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।


ଶିକ୍ଷକ ସଂଘ ପକ୍ଷରୁ ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ହାତୀ ଆକ୍ରମଣରେ ମହିଳା ଗୁରୁତର

ମୋରଡ଼ା (ସ୍ମାରକ ମାଜୀ)/ ବେତନଟୀ (ଧରଣୀଧର ମହାନ୍ତି), ୨୬।୧୦

ମୟୂରଭଞ୍ଜ ଜିଲା ମୋରଡା ବ୍ଲକ ତଥା ବେତନଟୀ ଓ ରାସଗୋବିନ୍ଦପୁର ରେଞ୍ଜରେ ହାତୀ ଉପଦ୍ରବ ଥମିବାର ନା ଧରୁ ନ ଥିବା ବେଳେ ବନ ବିଭାଗ ମଧ୍ୟ ଏଥିପ୍ରତି ନୀରବ ଦ୍ରଷ୍ଟା ସାଜିଛି। ରବିବାର ଅପରାହ୍ନ ୪ଟା ସମୟରେ ବେତନଟୀ ରେଞ୍ଜ ଅଧୀନ ଗଣ୍ଡିଗଧା ଜଙ୍ଗଲରେ ଜଣେ ମହିଳା ହାତୀ ଆକ୍ରମଣରେ ଗୁରୁତର ହୋଇଛନ୍ତି। ସେ ହେଲେ ସୁଶୀଳା ମହାନ୍ତ। ସୁଶୀଳା ଛେଳି ଚରାଉ ଥିବା ସମୟରେ ଏକ ଦନ୍ତା ହାତୀ ହାବୁଡ଼ରେ ପଡ଼ିଥିଲେ। ଦନ୍ତା ହାତୀଟି ତାଙ୍କୁ ଆକ୍ରମଣ କରି ଗୁରୁତର କରିଥିଲା। ତେବେ ସ୍ଥାନୀୟ ଲୋକେ ଏକ ଖଟିଆ ସାହାଯ୍ୟରେ ସୁଶୀଳାଙ୍କୁ ଜଙ୍ଗଲରୁ ଘରକୁ ବୋହି ନେଇଥଲେ। ପରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲକୁ ଚିକିତ୍ସା ପାଇଁ ପଠାଯାଇଛି। ଘଟଣାସ୍ଥଳରେ ଡେପୁଟି ରେଞ୍ଜର ଧ୍ରୁବେନ୍ଦ୍ରନାଥ ନାଏକ ଏବଂ କେସିପୁର ଫରେଷ୍ଟର କାଞ୍ଚନମଣି ନାଏକ ଘଟଣାସ୍ଥଳରେ ପହଞ୍ଚି ଅନୁଧାନ କରିଛନ୍ତି।


ଗୁରୁତର ମହିଳାଙ୍କୁ ଗାଁ ଲୋକେ ଖଟିଆରେ ବୋହି ନେଉଛନ୍ତି।

# ବିଜେଡି କର୍ମୀ ସମ୍ମିଳନୀ

ରାସଗୋବିନ୍ଦପୁର,୨୬।୧୦(ସତ୍ୟବାଦୀ ପରିଡ଼ା)

ରାସଗୋବିନ୍ଦପୁର ବ୍ଲକ୍ ବିଜୁଜନତା ଦଳର ନୂତନ ସଭାପତି ଜଗନ୍ନାଥ ଦାଶଙ୍କ ଆବାହକତ୍ୱ ଏବଂ ମୋରଡ଼ା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ରାଜକିଶୋର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରବବାର ବିଜେଡି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟା ଓ ସଭ୍ୟ ତଥା ଦଳୀୟ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ। ରାସଗୋବିନ୍ଦପୁର ପଞ୍ଚାୟତ ସରପଞ୍ଚ ସୁଧାଂଶୁ ନାୟକ ଡବଲ ଇଞ୍ଜିନରୁ ନିର୍ଗତ ଧୂଆଁରେ ବର୍ତ୍ତମାନ ପରିବେଶ ସମ୍ପୂର୍ଣ୍ଣ ଦୂଷିତ। ଏହି ଦୂଷିତ ପରିବେଶରୁ ନିରୀହ ଜନସାଧାରଣଙ୍କୁ ସୁସ୍ଥ ଓ ସୁରକ୍ଷିତ ରଖିବାକୁ ପଡ଼ିବ ବୋଲି କହିଥିଲେ। ଅହଂକାରୀ, ଆତଙ୍କ ସୃଷ୍ଟିକାରୀ, ମିଛ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ଭାଜପା ସରକାରଙ୍କ ଅସଲ ଉଦ୍ଦେଶ୍ୟ ବିଜେଡି ପଦଯାତ୍ରା ମାଧ୍ୟମରେ ଲୋକଲୋଚନକୁ ଆଣିବା ପାଇଁ ପୂର୍ବତନ ବିଧାୟକ ଦାସ କହିଥିଲେ।

# ଚିତ୍ରାଙ୍କନ, ନୃତ୍ୟ ପ୍ରତିଯୋଗିତା

ବାରିପଦା,୨୬।୧୦ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦାର ଭଞ୍ଜପୁରଠାରେ ମା’ ଜଗଦ୍ଧାତ୍ରୀଙ୍କ ୭୩ତମ ପୂଜା ଅବସରରେ ନଭେମ୍ବର ୩ ତାରିଖରୁ ଜଗଦ୍ଧାତ୍ରୀ ମେଳା ଅନୁଷ୍ଠିତ ହେବାକୁ ଯାଉଛି। ଏହି ଅବସରରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ, କୁଇଜ, ବକ୍ତୃତା ଓ ସଂଗୀତ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ରବିବାର ପୂର୍ବାହ୍ନ ୧୦ଟାରେ ଭଞ୍ଜପୁର ଦୁର୍ଗା ବିବାହ ମଣ୍ଡପରେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରାୟ ୨୦୦ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେହିପରି କୁମାର୍ସ କ୍ଲବ ପରିସରରେ ଆୟୋଜିତ ନୃତ୍ୟ ଅଡିସନରେ ସବ ଜୁନିୟର, ଜୁନିୟର ଓ ସିନିୟର ବର୍ଗରେ ପ୍ରାୟ ୧୬୦ ପ୍ରତିଯୋଗୀ ଭାଗ ନେଇଥିଲେ। ଚିତ୍ରାଙ୍କନରେ ମହେଶ୍ୱର ମାର୍ଣ୍ଡି ଓ ରବୀନ ମହାପାତ୍ର ଏବଂ ନୃତ୍ୟରେ ରକି ନାୟକ ଓ ମେଘା ସାହା ବିଚାରକ ଭାବେ କାର୍ଯ୍ୟ ତୁଲାଇଥିଲେ।

ଜଗଦ୍ଧାତ୍ରୀ ପୂଜା ଓ ମେଳା କମିଟିର ସାଧାରଣ ସମ୍ପାଦକ ଦର୍ପ ନାରାୟଣ ପାଲ ଉଭୟ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, ସାଂସ୍କୃତିକ ସମ୍ପାଦକ କିଶୋର ପଲେଇ, ମେଳା ସମ୍ପାଦକ ପ୍ରସନ୍ନଜିତ ମହାନ୍ତି, ବରିଷ୍ଠ ସଦସ୍ୟ ପ୍ରୀତମ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ସାଂସ୍କୃତିକ ସହ ସମ୍ପାଦକ ଅବିନାଶ ରଥ, ସତ୍ୟବ୍ରତ ଧଳ, ଆନିଷ ମିଶ୍ର, ସୁରଜ ବେହେରା, ସୋନୁ ରଣା ନୃତ୍ୟ ପ୍ରତିଯୋଗିତା ଏବଂ ଜଗଦିଶ ପାଣି ଓ ଆଲୋକ ବାରିକ ଚିତ୍ରାଙ୍କନ ପ୍ରତିଯୋଗିତା ପରିଚାଳନା କରିଥିଲେ। ସୋମବାର ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ କୁଇଜ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ।


ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ପ୍ରତିଯୋଗୀମାନେ।

# ଗାଁ ପଡ଼ିଆରୁ ମୃତଦେହ ଜବତ

ଠାକୁରମୁଣ୍ଡା,୨୬।୧୦ (ତାରାକାନ୍ତ ପଟ୍ଟନାୟକ)

ଠାକୁରମୁଣ୍ଡା ଥାନା ଅଧୀନ କେନ୍ଦୁଜିଆଣି ଗ୍ରାମ ତଳ ପଡ଼ିଆରୁ ରବିବାର ଜଣେ ବ୍ୟକ୍ତିଙ୍କ ମୃତଦେହ ପୋଲିସ ଜବତ କରିଛି। ଥାନା ଏସ୍‌ଆଇ ଅନିତା ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଠାକୁରମୁଣ୍ଡା ବିଡିଓ ସପନେଶ୍ୱର ବେହେରା ଓ ସ୍ଥାନୀୟ ସରପଞ୍ଚ କୃଷ୍ଣଚନ୍ଦ୍ର ମୁର୍ମୁଙ୍କ ଉପସ୍ଥିତରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଏ ସଂକ୍ରାନ୍ତରେ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୮/୨୦୨୫) ରୁଜୁ ହୋଇଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। କିଛିଦିନ ହେବ ସେ କେନ୍ଦୁଜିଆଣି ଅଞ୍ଚଳରେ ଘୁରି ବୁଲୁଥିଲେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

# ଜମି ବିବାଦରୁ ଗଣ୍ଡଗୋଳ, ୫ ଗୁରୁତର

ଉଦଳା,୨୬।୧୦(ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ନୁଦଡିହା ଅଞ୍ଚଳରେ ଜମି ବିବାଦରୁ ରକ୍ତାକ୍ତ ସଂଘର୍ଷ ଘଟିଛି। ଏଥିରେ ଦୁଇ ପରିବାରର ୫ ସଦସ୍ୟ ଗୁରୁତର ହୋଇଛନ୍ତି। ଚିକିତ୍ସା ନିମନ୍ତେ ସମସ୍ତେ ଉଦଳା ମେଡିକାଲରେ ଭର୍ତ୍ତି ହୋଇଛନ୍ତି।

ସୂଚନା ଅନୁଯାୟୀ, ଗ୍ରାମର ଅଜୟ ଗାଣ ଓ ମୁକ୍ତିକାନ୍ତ ଗାଣ ସମ୍ପର୍କୀୟ ଦାଦା ଏବଂ ପୁତୁରା। ବାଡ଼ ବସାଇବା ପାଇଁ ରବିବାର ସକାଳ ୧୧ଟାରେ ମୁକ୍ତିକାନ୍ତଙ୍କ ପରିବାର ଲୋକେ କାମ କରୁଥିଲେ। ହେଲେ ଉକ୍ତ ଜାଗାକୁ ନେଇ କୋର୍ଟରେ ମାମଲା ରହିଥିବା କାରଣରୁ ଏହାକୁ ଦାଦା ଅଜୟ ବିରୋଧ କରିଥିଲେ। ଯାହାକୁ ନେଇ ଉଭୟ ପରିବାର ମଧ୍ୟରେ ଝଗଡ଼ା ଉଗ୍ରରୂପ ନେଇଥିଲା। ପରସ୍ପରକୁ କଟୁରି, ଠେଙ୍ଗାରେ ଆକ୍ରମଣ କରିଥିବା ବେଳେ ଉଭୟ ପରିବାର ସଦସ୍ୟ ଲହୁଲୁହାଣ ହୋଇଥିଲେ। ଦାଦା ଅଜୟ ଏକ କଟୁରିରେ ପୁତୁରା ମୁକ୍ତିକାନ୍ତ ଏବଂ ତାଙ୍କ ସାନଭାଇ ମୁଣ୍ଡକୁ ହାଣିଥିବା ବେଳେ ଅନ୍ୟପଟେ ପୁତୁରା ପରିବାର ସଦସ୍ୟଙ୍କ ଆକ୍ରମଣରେ ଅଜୟ ଏବଂ ତାଙ୍କ ସ୍ତ୍ରୀ ଗୁରୁତର ହୋଇଛନ୍ତି।

# ଖଟିରୁ ସ୍ୱଚ୍ଛତା, ଚାରାରୋପଣ ଅଭିଯାନ

ବାରିପଦା,୨୬।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଜଞ୍ଜାଳରୁ ସାମାନ୍ୟ ଆଶ୍ୱସ୍ତି ପାଇଁ ଖଟିରେ ସାମୁହିକ ସମୟ ବିତିଥାଏ। ମନକୁ ହାଲୁକା କରି କିଛି କ୍ଷଣ ଗପସପରେ ବିତିଯାଏ। ଏଥିପାଇଁ ସକାଳ ହଲେ ଚା’ଖଟିରେ ଭିଡ଼ ପରିଲକ୍ଷିତ ହୁଏ। ଏହି ଭିଡ଼ରୁ ସ୍ୱଚ୍ଛତା ଅଭିଯାନ ଭଳି କାର୍ଯ୍ୟକ୍ରମ ବାରିପଦା ସହରରେ ଦେଖିବାକୁ ମିଳିଛି। ଖଟିରୁ ସ୍ୱଚ୍ଛତା ଅଭିଯାନ ଆରମ୍ଭ କରି ସଫେଇ କରିବା ସହ ଚାରାରୋପଣ କରିବା ନିଆରା ପରମ୍ପରା ବାରିପଦା ସହରର ‘ଆମ ଖଟି’ଠାରୁ ଆରମ୍ଭ ହୋଇଛି। ସହରକୁ ସ୍ୱଚ୍ଛ ରଖିବା ପାଇଁ ଖଟିର ସମସ୍ତ ସଦସ୍ୟ ଶପଥ ନେଇଛନ୍ତି। ଯାହାକୁ ନେଇ ବାରିପଦା ମାତୃମଙ୍ଗଳ ଛକଠାରେ ରବିବାର ‘ଆମ ମୟୂରଭଞ୍ଜ, ଆମ ଖଟ’ରେ ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯାଇଛି। ସେହି ସ୍ଥାନର ସଫେଇ କରିବା ସହ ଚାରାରୋପଣ କରାଯାଇଛି। ସମସ୍ତେ ଏଭଳି କାର୍ଯ୍ୟରେ ନିଜକୁ ନିୟୋଜିତ କଲେ ନିଶ୍ଚିତ ଭାବେ ବାରିପଦାକୁ ସ୍ୱଚ୍ଛ ବାରିପଦା ଓ ସୁନ୍ଦର ବାରିପଦା ଭାବେ ଗଢ଼ି ପାରିବା ବୋଲି ବାରିପଦା ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି କହିଛନ୍ତି। କାର୍ଯ୍ୟକ୍ରମରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ପୌରାଧ୍ୟକ୍ଷ ମହାନ୍ତି, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ଶିକ୍ଷାବିତ୍ ବିପ୍ଳବ ବୁଗୁଡେଇ, ସାମାଜିକ କର୍ମୀ କାଶୀନାଥ ରଣା, ତରୁଣ ମହାନ୍ତି, ବ୍ୟବସାୟୀ ସଂଘ ସଭାପତି ଅମିତାଭ ସାହୁ, ସୁଜିତ ମହାନ୍ତି, ପ୍ରସନ୍ନ ମହାପାତ୍ର, ସୁଶାନ୍ତ ଦାସ, ରଞ୍ଜନ ଗିରି, ସତ୍ୟବାନ ପାତ୍ର, ସତ୍ୟରଞ୍ଜନ ମହାନ୍ତି, ସୁରନଜିତ୍ ସୋମ, ଆଶୁତୋଷ ସାହୁ, ନିମାଇଁ ତ୍ରିପାଠୀ, ସମୀର ଦେ, ସନ୍ଦୀପ ପୃଷ୍ଟି, ମଦନ ସାହୁ, ସୁକାନ୍ତ ବଳ, ବାଲିଆ ରଣା, ଜଗନ୍ନାଥ ମହାପାତ୍ର , ଦିଲ୍ଲୀପ ରାୟବାବୁ, ଦୀପକ ସୁର, ରବୀନ୍ଦ୍ର ପାଣି, ସତ୍ୟମ ପାଣି, ଦେବାଶିଷ ଜେନା, ରାମେଶ୍ୱର ମାଝୀ , ସନ୍ଦୀପ ପୃଷ୍ଟି, ସଙ୍କୁ ପଲ, ପ୍ରମୁଖ ସାମିଲ ଥିଲେ।

# ଜିଲାସ୍ତରୀୟ ରଗ୍‌ବୀ ଫୁଟ୍‌ବଲ ପ୍ରତିଯୋଗିତା

ବାରିପଦା,୨୬।୧୦ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ପୌରାଞ୍ଚଳ ଅନ୍ତର୍ଗତ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖେଳ ପଡ଼ିଆରେ ମୟୂରଭଞ୍ଜ ଜିଲାସ୍ତରୀୟ ୧୪ ଓ ୧୭ ବର୍ଷରୁ କମ୍ ଉଭୟ ବାଳକ ବାଳିକା ବିଭାଗର ରଗ୍‌ବୀ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୌମ୍ୟ ଦାଶଙ୍କ ପୌରହିତ୍ୟରେ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ଆୟୋଜକ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ସୋମନାଥ ସିଂହ, ଓଷ୍ଟା ଶିକ୍ଷକ ସଂଘର ସଭାପତି ଚିତ୍ତରଞ୍ଜନ ପଲତା ଯୋଗ ଦେଇଥିଲେ। ବିଚାରକ ଭାବେ ଦିବ୍ୟରଞ୍ଜନ ଦାସ, କ୍ରିଷ୍ଣା ଟୁଡୁ, ରାଇମୋହନ ନାଏକ, ପ୍ରକାଶ ଚନ୍ଦ୍ର ସୋଏ, ମାଲିନ ସୋଏ, ବୁକାଏ ହାଁସଦା ପ୍ରମୁଖ ଯୋଗ ଦେଇଥିଲେ। ସେଣ୍ଟ୍ରାଲ ଅଫିସିଆଲ ଭାବେ ଦୀପକ ରାମ, ପ୍ରଦୀପ ଚୌଧୁରୀ ଯୋଗ ଦେଇଥିଲେ। ଜିଲାସ୍ତରରୁ ଚୟନ ହୋଇଥିବା ୪୮ ଜଣ କ୍ରୀଡ଼ାବିତ ଚଳିତ ଅକ୍ଟୋବର ମାସ ୩୦ରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ ଆଇଆରସି ଭିଲେଜ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ରଗବୀ ଫୁଟବଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ୧୭ ବର୍ଷରୁ କମ୍ ବାଳକ ବିଭାଗରେ ଶ୍ରୀକାନ୍ତ ସିଂ, କାଶୀନାଥ ଟୁଡୁ, ଦଶରଥ ମାଝୀ, ରାମଚନ୍ଦ୍ର ହେମ୍ବ୍ରମ, ବାଦଲ ନାୟକ, ରାମଚନ୍ଦ୍ର ହେମ୍ବ୍ରମ, ହୃଦାନନ୍ଦ ସିଂ, ଶରତ ଦେହୁରୀ, ସୁକୁଲ ବାସ୍କେ, ଯଦୁ ଗୋଡ଼ସାରା, ଫାଗୁ ମୁର୍ମୁ, ରହିଦାସ ସିଂ ସ୍ଥାନ ପାଇଥିବାବେଳେ ବାଳିକା ବିଭାଗରେ ସୁମିତ୍ରା ମୁର୍ମୁ, ସୁଦସ୍ନା କ୍ରିଷ୍ଣା ନାଏକ, ଦୁଲାରୀ ହାଁସଦା, ଜୟନ୍ତୀ ବାସ୍କେ, ସୁଭଦ୍ରା ସୋରେନ, ସାଲଗେ ମୁର୍ମୁ, ସବିତା ସୋରେନ, ପାଏଲ ହାଁସଦା, ସନ୍ଧ୍ୟା ସୋରେନ, ସୀତା ମାରାଣ୍ଡି, ସୁଲେନା ହେମ୍ବ୍ରମ ଓ ପଦ୍ମାବତୀ ସିଂ ସ୍ଥାନ ପାଇଛନ୍ତି। ୧୪ ବର୍ଷରୁ କମ୍ ବାଳକ ବିଭାଗରେ ବିକ୍ରମ ଦାଶ, ସୂର୍ଯ୍ୟ ପ୍ରକାଶ ନାଏକ, ବିଜୁ ମାରାଣ୍ଡି, ସିମନ ମୁର୍ମୁ, ବିଷ୍ଣୁପଦ ମହାନ୍ତ, ରାଜେନ ହାଁସଦା, ମୁନା ସିଂ, ବାରିଶା ମାରାଣ୍ଡି, ଶଙ୍ଖଚରଣ ଟୁଡୁ, ସାଇବା ମାରାଣ୍ଡି, ଅତନୁ ପାଣି, ଆନନ୍ଦ କାରୁଆ ଓ ବାଳିକା ବିଭାଗ ରେ ହୀରା ମୁର୍ମୁ, ସୁଗି ହେମ୍ବ୍ରମ, ମିନାକ୍ଷୀ ଟୁଡୁ, ସଲମା ହେମ୍ବ୍ରମ, ମୀନା ମାରାଣ୍ଡି, ସାବିତ୍ରୀ ମାରାଣ୍ଡି, ନମିତା ହୋ, ହିସି ମାଝୀ, ଲକ୍ଷ୍ମୀ ମାରାଣ୍ଡି, ଦୁଦୁ ମାରାଣ୍ଡି, ରଞ୍ଜିତା ସିଂ ସ୍ଥାନ ପାଇଛନ୍ତି। କାର୍ଯ୍ୟକ୍ରମ ପରିଚାଳନାରେ ଆୟୋଜକ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ପିଇଟି ଅଭିଷେକ ବେହେରା,ଛାତ୍ର ନିବାସର ୱାର୍ଡେନ ଓ କର୍ମଚାରୀମାନେ ସହଯୋଗ କରିଥିଲେ।


ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ସହ ଖେଳାଳିମାନେ।


## ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ବିକାଶ ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ ବିଭାଗ, ଓଡ଼ିଶା

ଲୋକସେବା ଭବନ, ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧

**ଓଡ଼ିଶା ରାଜ୍ୟର କେନ୍ଦ୍ରୀୟ OBC ତାଲିକାରେ ବର୍ଗ ଏବଂ ସମ୍ପ୍ରଦାୟର ଅନ୍ତର୍ଭୁକ୍ତ/ବାଦ୍ ଦେବା ସମ୍ପର୍କରେ ଜାତୀୟ ପଛୁଆ ବର୍ଗ କମିଶନ ଅଧ୍ୟକ୍ଷ ମାନ୍ୟବର ଶ୍ରୀ ହନ୍ସରାଜ ଗଙ୍ଗାରାମ ଅହିରଙ୍କ ଜନଶୁଣାଣି ୨୯।୧୦।୨୦୨୫, ଦିବା: ୧୧ ଘଟିକା, ସ୍ଥାନ: ଓଡ଼ିଶା ରାଜ୍ୟ ଅତିଥି ଭବନ, ଭୁବନେଶ୍ୱର**

No. V-: ନିମ୍ନଲିଖିତ ଜାତିଗୁଡ଼ିକୁ କେନ୍ଦ୍ରୀୟ OBC ତାଲିକାରେ ଅନ୍ତର୍ଭୁକ୍ତ/ବାଦ୍ ଦେବା ପାଇଁ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ବିକାଶ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ ବିଭାଗ, ଓଡ଼ିଶାକୁ ଜାତୀୟ ପଛୁଆ ବର୍ଗ କମିଶନ ଏବଂ ବ୍ୟକ୍ତିବିଶେଷଙ୍କଠାରୁ ପ୍ରାପ୍ତ ହୋଇଛି।

“Barai, Bania, Putulibandha Vasya, Vasya Bania, Vashya, Vaishy, Vaishya, Vashya Bania, Vaishya Bania, Vashya Banik, Vaishya Banik, Potali Bania, Gandha Banik, Vaishya Putuli Bania, Paudar Bania, Podar Bania, Subarna Banik, Sunari Bania, Sunari Banik, Subarna Bania, Astolohi Bania, Swarnakara Bania, Baisya Astaloi Karmakar, Pradhan, Padhan, Odapadhan, Jhadua Gouda, Naria Gouda, Bashya Gopa, Mahabhoi, Gendu, Nepalis, Gorkha, Mahakul, Mahakud, Gopal Baishnab, Kalanjia Gouda, Karanjia Gouda, Kanoujia Gouda, Jyotisha Abadhan, Jyotish Nayak, Khandal, Khandual, Gakulakapu, Kapu, Kampo, Reddy, Nagavasam, Mahisya, Saunties, Mahesh, Maheshya, Paltan, Khandayat, Chasa Paika, Paikali Khandayat, Kalinga Sudra Khandayat, Mahanayak Sudra, Baisya Karan, Odia, Odia Khandayat, Mahanayak, Mahalayak, Chasa Mahanty, Mahanty, Ashini Patara, Rana, Raju, Sinko, Ekadas Teli, Tailik Baishya, Teloga,, Mahanta, Mahat, Khandayat Kalanji, Odra Khandayat Kalanji, Kalinga, Dalapati, Dalua, Rajasri Balasi, Balasi, Dalakhandayat, Dalua Paika, Kshitibansa, Matibansa Ojha, Kshitibansa Naik, Ojhakaran, Kshitibansa Nayak, Matibansa Abadhan, Khuria, Ellama, Banka, Pallia, Agnikula Kshatriya, Bangadesiya Tambili, Tamila, Tambila, Sagua, Gandhamali, Thanapati , Haladia Teli, Hansi Tanti, Oda Paiko, Oda Paika, Oda”

ଏହି ପରିପ୍ରେକ୍ଷୀରେ, ଜାତୀୟ ପଛୁଆ ବର୍ଗ କମିଶନ **୨୯।୧୦।୨୦୨୫, ଦିବା: ୧୧ଘଟିକା, ସ୍ଥାନ: ଓଡ଼ିଶା ରାଜ୍ୟ ଅତିଥି ଭବନ, ଭୁବନେଶ୍ୱର**ରେ ଏକ ଜନଶୁଣାଣି କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ପରିପ୍ରେକ୍ଷୀରେ, ଉପରୋକ୍ତ ଜାତି/ବର୍ଗର ଅନ୍ତର୍ଭୁକ୍ତୀକରଣ/ବାଦ୍ ଦେବା ପାଇଁ ଆଗ୍ରହୀ ବ୍ୟକ୍ତିମାନଙ୍କୁ ଉପରୋକ୍ତ ଜାତି/ବର୍ଗର ସାମାଜିକ ଏବଂ ଶିକ୍ଷାଗତ ଅବସ୍ଥା ସମ୍ପର୍କରେ ଉପସ୍ଥିତରହି ପ୍ରାସଙ୍ଗିକ ସୂଚନା ପ୍ରଦାନ କରିବାକୁ ଆମନ୍ତ୍ରିତ କରାଯାଉଛି।

ଯଦି କୌଣସି ବ୍ୟକ୍ତି/ସଂଗଠନ ଉପରୋକ୍ତ ଜାତି/ବର୍ଗର ଅନ୍ତର୍ଭୁକ୍ତୀକରଣ OBC ତାଲିକାରୁ କିମ୍ବା ବର୍ଗକୁ ବାଦ୍ ଦେବା ସମ୍ପର୍କରେ ସେମାନଙ୍କର ଆପତ୍ତି ଦାଖଲ କରିବାକୁ ଚାହାନ୍ତି, ତେବେ ନିର୍ଦ୍ଧାରିତ ତାରିଖ ଏବଂ ସମୟରେ Affidavit ମାଧ୍ୟମରେ ଜାତୀୟ ପଛୁଆ ବର୍ଗ କମିଶନଙ୍କ ନିକଟରେ ଦାଖଲ କରିବାକୁ ଅନୁରୋଧ କରାଯାଉଛି। Affidavit ଫର୍ମାଟ **ncbc.nic.in**ରୁ ଡାଉନଲୋଡ୍ କରାଯାଇପାରିବ।

**OIPR-26001/11/0020/2526** — ସ୍ୱା./- ନିର୍ଦ୍ଦେଶକ, ପଛୁଆ ବର୍ଗ

# ବେପରୁଆ ଚାଳକ

ଭାରତରେ ଅନେକ ଥର କୁହାଯାଏ ଯେ, ସାଧାରଣ ମଣିଷ ଜୀବନର ମୂଲ୍ୟ କିଛି ନାହିଁ। ଆଜିକାଲି ବିଭିନ୍ନ କ୍ଷେତ୍ରରେ ତାହାର ପ୍ରମାଣ ମିଳୁଛି। ଆନ୍ଧ୍ରପ୍ରଦେଶର କୁର୍ନୁଲ ଜିଲାରେ ୨୪ ଅକ୍ଟୋବରରେ ଏକ ବସ୍ ଦୁର୍ଘଟଣାରେ ୨୦ ଜଣଙ୍କ ମୃତ୍ୟୁ ଘଟିବା ପରେ ବିଳାସପୂର୍ଣ୍ଣ ଗାଡ଼ିରେ ଯାତ୍ରୀଙ୍କ ସୁରକ୍ଷା ପ୍ରଶ୍ନବାଚୀକୁ ଆସିଯାଇଛି। ଏକ ବାଇକ୍ ସଡ଼କ ଉପରେ ଖସିଯାଇ ବସ୍ ତଳେ ପଶି ଯିବା ପରେ ବସ୍‌ଟି ଜୁହୁରୁ ହୋଇ ଜଳିଯାଇଥିଲା। ଏଥିରେ ଥିବା ୪୬ ଜଣ ଯାତ୍ରୀଙ୍କ ମଧ୍ୟରୁ ୧୯ ଜଣଙ୍କ ଜୀବନ ଯାଇଥିବାବେଳେ ବାଇକ୍ ଚାଳକଙ୍କର ମଧ୍ୟ ମୃତ୍ୟୁ ଘଟିଛି। ୨୬ ଅକ୍ଟୋବରରେ ଆନ୍ଧ୍ରପ୍ରଦେଶ ପୋଲିସ ସ୍ପଷ୍ଟ କହିଛି ଯେ, ବାଇକ୍ ଆରୋହୀ ଅତି ମାତ୍ରାରେ ମଦ୍ୟପାନ କରିଥିବାରୁ ସେ ନିଜ ଉପରୁ ନିୟନ୍ତ୍ରଣ ହରାଇ ବସ୍ ସହ ଧକ୍କା ଦେଇଥିଲେ। ଯେଉଁ ପେଟ୍ରୋଲ ପମ୍ପରୁ ସେ ତେଲ ପକାଇଲେ ସେଠାକାର ସିସିଟିଭି ଯାଞ୍ଚ କରାଯିବା ପରେ ସେ କେତେ ମାତ୍ରାରେ ନିଶାସକ୍ତ ଥିଲେ ସେହି ଭିଡିଓରୁ ଜଣାପଡ଼ିଯାଇଛି। ନିଶାସକ୍ତ ଚାଳକ ଆତଙ୍କବାଦୀଙ୍କଠାରୁ କୌଣସି ଗୁଣରେ କମ୍ ନୁହନ୍ତି ବୋଲି କୁହାଯାଇପାରେ। କାରଣ ତାଙ୍କ ବେପରୁଆ ଗାଡ଼ିଚାଳନା ଅନ୍ୟମାନଙ୍କ ମୃତ୍ୟୁର କାରଣ ପାଲଟୁଛି। ଭାରତରେ ଦୁଇଚକିଆ, ଚାରି କିମ୍ବା ତଦୂର୍ଦ୍ଧ୍ୱ ଯାନଗୁଡ଼ିକ ପାଇଁ ଲାଇସେନ୍ସ ମିଳିବାର ପ୍ରକ୍ରିୟା ଦୁର୍ବଳ ରହିଛି। ଅନେକ କ୍ଷେତ୍ରରେ ଗାଡ଼ି ଚଳାଇବା ବା ସଡ଼କ ନିୟମ ବିଷୟରେ ତିଳେମାତ୍ର ଜ୍ଞାନ ନ ଥିବା ବ୍ୟକ୍ତିଙ୍କୁ ସହଜରେ ଲାଇସେନ୍ସ ମିଳିଯାଉଛି।

କୁର୍ନୁଲ ଘଟଣାକୁ ଦେଖିଲେ ବସ୍‌ର ମାଲିକ, ଚାଳକ ଓ ସେଥିରେ ଥିବା ଅନ୍ୟ କର୍ମଚାରୀ ଏହି ଦୁର୍ଘଟଣାରେ ବହୁ ପରିମାଣରେ ଦାୟୀ ଥିବାର ପ୍ରମାଣ ମିଳୁଛି। ବସ୍ ଆନ୍ଧ୍ରପ୍ରଦେଶ ଓ କର୍ଣ୍ଣାଟକ ମଧ୍ୟରେ ଚାଲୁଥିଲେ ମଧ୍ୟ ଓଡ଼ିଶା ରାୟଗଡ଼ା ଆରଟିଓରେ ପଞ୍ଜୀକୃତ ହୋଇଛି। କେବଳ ସେତିକି ନୁହେଁ, ପୂର୍ବରୁ ଏହା ତେଲଙ୍ଗାନା ଓ ଡାମନ୍ ଡିଉରେ ମଧ୍ୟ ପଞ୍ଜୀକୃତ ହୋଇଥିବା ତଥ୍ୟ ମିଳିଛି। ଏଥିରୁ ବସ୍ ମାଲିକଙ୍କ କାଗଜପତ୍ର ଉପରେ ସନ୍ଦେହ ଉପୁଜିଛି। ବସ୍ ସହ ବାଇକ୍‌ର ଧକ୍କା ହେବା ବେଳେ ତାହା ଜଳିଯାଇଥିଲା। ପୁଣି ଖବର ମିଳିଛି ଯେ ବସ୍‌ରେ ଜଣେ ବ୍ୟବସାୟୀ ୨୩୪ ସ୍ମାର୍ଟଫୋନ୍ ନେଇ ଯାଉଥିଲେ। ଦୁର୍ଘଟଣା ଯୋଗୁ ସେଗୁଡ଼ିକ ବିସ୍ଫୋରକ ପାଲଟିଯିବା ବିଷୟକୁ ମଧ୍ୟ ଅନୁଧ୍ୟାନ କରାଯାଉଛି। ଅବଶ୍ୟ ଏଠାରେ କୁହାଯାଇପାରେ ଯେ, ଯାତ୍ରୀଙ୍କର ମଧ୍ୟ ନିଜସ୍ୱ ଦାୟିତ୍ୱ ରହିବା ଦରକାର। ବିମାନବନ୍ଦରରେ ଯାଞ୍ଚ ଭଳି ବସ୍‌ରେ କିଛିନା କିଛି କରି ଯାତ୍ରୀଙ୍କୁ ଚେକିଂ କରିବା ସମୟ ଓ ସାଧନର ଅଭାବ ଯୋଗୁ କାଠିକର ପାଠ। ଆଜିକାଲି ମାଲିକମାନେ ଉପର ସୁନ୍ଦର କରିବାକୁ ଯାଇ ସେମାନଙ୍କ ଗାଡ଼ିକୁ ଖୁବ୍ ବିଳାସପୂର୍ଣ୍ଣ କରି ଅଧିକ ଅର୍ଥ ଉପାର୍ଜନ ପାଇଁ ଚେଷ୍ଟା କରୁଛନ୍ତି। ସେଥିପାଇଁ ଇଲେକ୍ଟ୍ରୋନିକ୍ସ, ଇଲେକ୍ଟ୍ରିକାଲ ଓ ଶୀତାତାପ ନିୟନ୍ତ୍ରିତ ବ୍ୟବସ୍ଥାକୁ ସୁରକ୍ଷାଠାରୁ ବେଶି ଗୁରୁତ୍ୱ ଦେଉଛନ୍ତି। ଯାତ୍ରୀଙ୍କୁ ଆରାମ ଦେବାକୁ ଯାଇ ନରମ ପଦାର୍ଥମାନ ବ୍ୟବହାର କରୁଛନ୍ତି। କିନ୍ତୁ ସେଗୁଡ଼ିକ ଯେ ଅତ୍ୟନ୍ତ ଦହନଶୀଳ ସେ ବିଷୟ ପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ବିଳାସପୂର୍ଣ୍ଣ ଯେଉଁ ବସ୍ ଲାଗି ବସ୍‌କୁ ଉନ୍ନତ ପ୍ରଯୁକ୍ତିରେ ଗୁଛି ଦିଆଯାଉଛି। କିନ୍ତୁ ଇଲେକ୍ଟ୍ରିକାଲ ଓୟାରିଂଠାରୁ ଆରମ୍ଭ କରି ଇଲେକ୍ଟ୍ରୋନିକ୍ସ ଯନ୍ତ୍ରପାତିର ମାନ ଉପରେ ଧ୍ୟାନ ଦିଆଯାଉ ନାହିଁ। ଏଥିସହ ଅନେକ ବସ୍‌ରେ ଦୁର୍ଘଟଣା ଘଟିଲେ ସହଜରେ ଯାତ୍ରୀମାନେ ବାହାରିପାରିବାର ବାଟ ମିଳେ ନାହିଁ।

ଭାରତରେ ଯାତ୍ରୀ ସୁରକ୍ଷା ଏକ ବଡ଼ ସମସ୍ୟା ଭାବେ ଦେଖାଦେଲାଣି। ସଡ଼କ ସୁରକ୍ଷା, ଟ୍ରେନ୍ ଓ ବିମାନ ଚଳାଚଳରେ ମଧ୍ୟ ଅନେକ ସୁରକ୍ଷା ଅଭାବ ଥିବା ଦେଖିବାକୁ ମିଳୁଛି। ୨୦୨୫ ଅଗଷ୍ଟରେ ମିଳିଥିବା ସୂଚନା ଅନୁଯାୟୀ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟର ୨୦୨୩ ତଥ୍ୟ କହେ ଭାରତରେ ରାସ୍ତା ଦୁର୍ଘଟଣାରେ ପ୍ରତି ଘଣ୍ଟାରେ ୨୦ ଜଣ ଲୋକଙ୍କ ଜୀବନ ଯାଉଛି। କର୍ନୁଲ ଘଟଣାକୁ ଦେଖିଲେ ବାଇକ ଚାଳକ ଏବଂ ବସ୍ ଡ୍ରାଇଭର ଦୁଇଜଣ ନିଶାସକ୍ତ ଥିଲେ ବୋଲି କଥାଉଠୁଛି। ଦେଖିବାକୁ ଗଲେ ଦେଶରେ ସଡ଼କ ଦୁର୍ଘଟଣାର ଏକ ପ୍ରମୁଖ କାରଣ ନିଶାସେବନ କରି ଗାଡ଼ି ଚାଳନା। ବିଡ଼ମ୍ବନାର ବିଷୟ, ପ୍ରତ୍ୟେକ ରାଜପଥ ପାଖାପାଖି ଅଞ୍ଚଳରେ ଅନାୟାସରେ ମଦ ଦୋକାନ ବାଷ୍ଟି ହୋଇ ଖୋଲାଯାଏ। ଏଥିସହ ମଦପିଇ ଗାଡ଼ି ଚଳାଉଥିବା ବ୍ୟକ୍ତି ଧରାପଡ଼ିଲେ ଅତି ସହଜରେ ଖସିଯାଆନ୍ତି। ସେଥିପାଇଁ ଆଇନରେ ମଧ୍ୟ ବଡ଼ ପରିବର୍ତ୍ତନ ଦରକାର। ତା'ଠାରୁ ବଡ଼ କଥାହେଲା ଆଇନର କାର୍ଯ୍ୟକାରିତା। ବିଭିନ୍ନ ସହର ଜାଗାରେ ପୋଲିସ ହେଲମେଟ୍ ଚେକିଂ କରିବା ପରିବର୍ତ୍ତେ ରାଜପଥରେ ନିଶା ଚେକିଂ ପଏଣ୍ଟ ଏବଂ ବେପରୁଆ ଗାଡ଼ିଚାଳନା ନିୟନ୍ତ୍ରଣ ପାଇଁ ଟିମ୍ ଖଞ୍ଜି ତତ୍କ୍ଷଣାତ୍ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଲେ ହୁଏତ ସେଥିରୁ କିଛିଟା ସୁଫଳ ମିଳିପାରନ୍ତା। ସବୁଠାରୁ ବଡ଼କଥା ହେଲା, ଭାରତୀୟଙ୍କ ମାନସିକତାରେ ପରିବର୍ତ୍ତନ। ଯେପର୍ଯ୍ୟନ୍ତ ନିଜର ଓ ଅନ୍ୟମାନଙ୍କ ନିରାପତ୍ତା ଚିନ୍ତା ମନକୁ ନ ଆସିବ ଏବଂ ସର୍ବସାଧାରଣ ସ୍ଥାନରେ ଲୋକଙ୍କ ବ୍ୟବହାରରେ ପରିବର୍ତ୍ତନ ନ ଘଟିବ, ସେପର୍ଯ୍ୟନ୍ତ ସ୍ଥିତିରେ ସୁଧାର ଆସିବା କଷ୍ଟକର।

> ବିଭିନ୍ନ ସହର ଜାଗାରେ ପୋଲିସ ହେଲମେଟ୍ ଚେକିଂ କରିବା ପରିବର୍ତ୍ତେ ରାଜପଥରେ ନିଶା ଚେକିଂ ପଏଣ୍ଟ ଏବଂ ବେପରୁଆ ଗାଡ଼ିଚାଳନା ନିୟନ୍ତ୍ରଣ ପାଇଁ ଟିମ୍ ଖଞ୍ଜି ତତ୍କ୍ଷଣାତ୍ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଲେ ହୁଏତ ସେଥିରୁ କିଛିଟା ସୁଫଳ ମିଳିପାରନ୍ତା।

## sudoku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | | 4 | | | | | | 9 |
| 9 | 5 | | 8 | | | 4 | | |
| | | | | 6 | | | 8 | |
| | 3 | | | | | | | |
| 1 | | 9 | | 8 | 6 | | | |
| | | 5 | | | | 7 | | 2 |
| | | | | | 1 | | 2 | |
| | 2 | | | 4 | | | | |
| | | | 5 | | 9 | | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 4 | 9 | 1 | 7 | 2 | 8 | 6 | 3 |
| 1 | 3 | 8 | 6 | 9 | 4 | 7 | 5 | 2 |
| 6 | 2 | 7 | 8 | 5 | 3 | 9 | 4 | 1 |
| 3 | 5 | 6 | 7 | 2 | 8 | 4 | 1 | 9 |
| 2 | 8 | 1 | 3 | 4 | 9 | 5 | 7 | 6 |
| 7 | 9 | 4 | 5 | 6 | 1 | 2 | 3 | 8 |
| 4 | 6 | 3 | 9 | 8 | 5 | 1 | 2 | 7 |
| 9 | 1 | 5 | 2 | 3 | 7 | 6 | 8 | 4 |
| 8 | 7 | 2 | 4 | 1 | 6 | 3 | 9 | 5 |

ଗତକାଲିର ଉତ୍ତର



# ଆପଣା ମହତ ଆପେ ରଖି

ଅକ୍ଷୟ କୁମାର ମିଶ୍ର

ଉତ୍କଳ ଗୌରବ ମଧୁସୂଦନ ଦାସ ସିନା କହିଥିଲେ, "ଆଲୋ ସଖୀ ଆପଣା ମହତ ଆପେ ରଖି"। କେବଳ କହି ନଥିଲେ ନିଜ ମାନ ମହତକୁ ରକ୍ଷା କରିବା ନିମନ୍ତେ କ୍ଷତି ମଧ୍ୟ ସହିଥିଲେ। ଏପରିକି ଆର୍ଥିକ ଦେବାଳିଆ ହେବାକୁ ପଡ଼ିଥିଲା ତାଙ୍କୁ। ଫଳରେ ତାଙ୍କ ସ୍ୱପ୍ନର ଚମଡ଼ା ଶିଳ୍ପ 'ଉତ୍କଳ ଟ୍ୟାନେରୀ' ବନ୍ଦ ହୋଇଯାଇଥିଲା। ଅଥଚ ସେ ଅସାଧୁ ଉପାୟ ଅବଲମ୍ବନ କରିନଥିଲେ। କିନ୍ତୁ ଏବେ ମହତ ଯାଉ, ଲାଭ ହେଉ। ସେଥିପାଇଁ ବୋଧହୁଏ ଯେକୌଣସି ବ୍ୟବସାୟର ଶୁଭାରମ୍ଭରେ "ଶୁଭମ୍ ଲାଭ" ବୋଲି ନ ଲେଖିଲେ ନଚଳେ। ସମ୍ମାନ ବରଂ ବଜାରରେ ନିଲାମ ହୋଇଯାଉ, ଅର୍ଥ ଉପାର୍ଜନ ହେଉଥାଉ। ଅର୍ଥ ନିକଟରେ ମାନ ସମ୍ମାନ ସବୁକିଛି ତୁଚ୍ଛ। ମଣିଷ ନିକଟରେ ସୁବିଧାବାଦୀ ଚରିତ୍ର ଏତେ ପରିମାଣରେ ବୃଦ୍ଧି ପାଇଲାଣି ଯେ କେବଳ ନିଜ ସ୍ୱାର୍ଥ ବ୍ୟତୀତ ତାକୁ ଆଉ କିଛି ଦେଖାଯାଉ ନାହିଁ। ସେତେଯେମିତି ଅର୍ଥର ଯାଦୁକରୀ ଶକ୍ତି ସମ୍ମୋହିତ କରିଦେଇଛି ମଣିଷକୁ। ହିତାହିତ ଜ୍ଞାନ ଭୁଲି ଏମିତି କଦର୍ଯ୍ୟ କାମ ସେ କରୁଛି, ଯଦ୍ୱାରା କି ମାନ ମହତ ଭୂଲୁଣ୍ଠିତ ହେଉଛି।

ମାଆ ବାପାଙ୍କ ଆଖିରେ ନିଦ ନାହିଁ - ପୁଅ ପାଠ ପଢ଼ିବ। ଦିନ ରାତିକୁ ଏକାକାର କରି ମୁଣ୍ଡ ଝାଳ ତୁଣ୍ଡରେ ମାରି କଠିନ ପରିଶ୍ରମ କରି ଚାଲିଛନ୍ତି - ଏକମାତ୍ର ଉଦ୍ଦେଶ୍ୟ ପିଲାଙ୍କ ପାଠପଢ଼ା ପାଇଁ ଟଙ୍କା ଦରକାର। ନ ଖାଇ ନ ପିଇ ଧନ ସଞ୍ଚୁଛନ୍ତି - ଉଚ୍ଚ ଶିକ୍ଷା କରିବାକୁ ଗଲେ ଅଧିକ ଖର୍ଚ୍ଚ ହେବ। ଭଲ ପଢ଼ୁଛି। ଶିକ୍ଷକମାନେ କହୁଛନ୍ତି - ଶହେ ଜଣରେ ଜଣେ ହୋଇ ଠିଆହେବ, ଆମ ବିଦ୍ୟାଳୟର ମାଁ ରଖିବ। ସେଇଆ ହେଲା, ଶିକ୍ଷକମାନଙ୍କର କଥା ସତ ହେଲା। ହାଇସ୍କୁଲ ବୋର୍ଡ ପରୀକ୍ଷାରେ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ଉତ୍ତୀର୍ଣ୍ଣ ହେଲା। ଲୋକେ କହିଲେ ସୁନା ମୁଣ୍ଡାଟିଏ। ତା'ପରେ ଉଚ୍ଚ ମାଧ୍ୟମିକ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ସବୁଠି ସମାନ ସଫଳତା। ଓପିଏସ୍‌ସି ପରୀକ୍ଷାରେ ମଧ୍ୟ ରାଜ୍ୟରେ ଏକ ନମ୍ବର। ମାଆବାପାଙ୍କ ପାଦ ତଳେ ଲାଗିଲା ନାହିଁ। ବାରିଆଡୁ ପ୍ରଶଂସାର ପୁଅ ଛୁଟିଲା। ତମାମ ଗାଆଁ ଲୋକେ ଖୁସି ମନେକଲେ। ଅଫିସର ଭାବରେ ନିଯୁକ୍ତି ପାଇଁ ଯେଉଁଦିନ ସେ ଘରକୁ ଆସିଲା ଗାଆଁ ଲୋକେ ଏକ ବିରାଟ ସଭାର ଆୟୋଜନ କଲେ। ମଞ୍ଚରେ ବସାଇ ସମ୍ବର୍ଦ୍ଧନା କଲେ। ଶ୍ରଦ୍ଧାରେ ଫୁଲମାଳ, ଫୁଲତୋଡ଼ା, ଉତ୍ତରୀୟ ଦେଇ କହିଲେ, "ତୁମେ ଆମ ଗାଆଁର ଏକେ ରଖିଛ। ତୁମ ପାଇଁ ଆମେ ସମସ୍ତେ ଗର୍ବିତ।" ପୁଅର ପ୍ରଶଂସାରେ ଭାବବିହ୍ୱଳ ହୋଇ ଯାଇଥିଲେ ସେଦିନ ମଞ୍ଚ ସାମନାରେ ବସିଥିବା ମାଆବାପା ଦୁଇଜଣ। ଉଭୟଙ୍କ ଆଖିରୁ ଝରି ପଡ଼ିଥିଲା ଆନନ୍ଦାଶ୍ରୁ। ପୁଅର ପରିଚୟରେ ଆମେ ଏଣିକି ପରିଚିତ ହେବା ଏଇ କଥା ଭାବି ହୁଏତ ସେଦିନ ସେମାନେ ଘରକୁ ଫେରିଥିବେ।

ଦୁଇ ଚାରି ବର୍ଷ ଯାଇଛି କି ନାହିଁ ହଠାତ୍ ଦିନେ ଦେଖାଗଲା ଗ୍ରାମବାସୀଙ୍କ ଦ୍ୱାରା ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ପାଇଥିବା ସେହି ଅଫିସର ଜଣକୁ ପୋଲିସ ଥାନା ହାଜତକୁ ନେଉଥିବାର ଦୃଶ୍ୟ। ଖବର ପ୍ରକାଶିତ ହେଲା, ପନ୍ଦର ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଧରା ପଡ଼ିଲେ ରାଜ୍ୟରେ ଓପିଏସ୍‌ସି ପରୀକ୍ଷାରେ ଏକଦା ଟପ୍ପର ହୋଇଥିବା ଯୁବ ଅଫିସର। ରାଜ୍ୟବାସୀ ଛି ଛାକର କଲେ। ଗାଆଁ ଲୋକେ କହିଲେ "ଛିଃ ଏମିତି ନୀଚକର୍ମ କାମ କରିବ ବୋଲି ଆମକୁ ଜଣା ନଥିଲା। ନିଜ ମହତକୁ ନିଜେ ସାରିଲା। ମାଆବାପାର ମୁଣ୍ଡକୁ ତଳକୁ କରିଦେଲା। ଗାଆଁକୁ ବଦନାମ୍ କଲା।" ଏମିତି ଜାଣିଥିଲେ ଆମେ ତାକୁ ସମ୍ବର୍ଦ୍ଧନା କରି ନଥାନ୍ତୁ। ଆମ ପ୍ରେରଣାର ମୂଲ୍ୟ ସେ ଏମିତି ଦେଲା ? ଧିକ୍ ତାକୁ, ଧିକ୍ ତା'ର ଉଚ୍ଚଶିକ୍ଷାକୁ।"

ଉପରୋକ୍ତ ଘଟଣାଟି କେବଳ ଗୋଟିଏ ଉଦାହରଣ ମାତ୍ର। ଏମିତି ଅସଂଖ୍ୟ ଘଟଣା ପ୍ରତିଦିନ ଘଟି ଚାଲିଛି ଆମ ସମାଜରେ। ବିଶେଷ କରି ଯେଉଁମାନେ ଉଚ୍ଚ ଶିକ୍ଷିତ ତଥା ଉଚ୍ଚ ପଦବୀରେ ଅଧିଷ୍ଠିତ, ଯେଉଁମାନଙ୍କଠାରୁ ସମାଜ ଅନେକ ଆଶା କରେ, ଯେଉଁମାନଙ୍କୁ ଅନେକ ଲୋକ ଅନୁସରଣ କରନ୍ତି ସେହିମାନଙ୍କଠାରେ ଏଭଳି କଦର୍ଯ୍ୟ କଳା କାରନାମା ଦେଖିବାକୁ ମିଳୁଛି। ସବୁଠି ସବୁ କ୍ଷେତ୍ରରେ ସ୍ୱଚ୍ଛତା ଖୋଜି ପାଇବା ମୁସ୍କିଲ। ବାଣିଜ୍ୟ, ବ୍ୟବସାୟ, ଶିକ୍ଷା, ସେବା, ସ୍ୱାସ୍ଥ୍ୟ, ପ୍ରଶିକ୍ଷଣ ସବୁଠି ସୁବିଧାବାଦୀ ଚରିତ୍ରର ଅବସ୍ଥା ଲୋକ ଭରପୂର। କାମନା, ବାସନା ପ୍ରତି ଲୋଭ, ଅର୍ଥ ପ୍ରତି ଆସକ୍ତି, ବଡ଼ ହେବାର ନିଶା, କ୍ଷମତାର ମୋହ ନିକଟରେ ମଣିଷ ଏମିତି ଆତ୍ମସମର୍ପଣ କରିଛି ଯେ, "ଆପଣା ମହତ ଆପେ ରଖି" ଆପ୍ତ ବାଣୀଟି ତା' ପାଇଁ ମୂଲ୍ୟହୀନ ପାଲଟି ଯାଇଛି। ମଣିଷ ମନେରଖିବା ଉଚିତ ଲୋଭ, ମୋହ, କାମନା, ବାସନା ଏସବୁ ତା'ର ବ୍ୟକ୍ତିଗତ। ଲାଭ ହେଲେ ନିଜର, କ୍ଷତି ହେଲେ ମଧ୍ୟ ନିଜର। କିନ୍ତୁ ମାନ ମହତ ଚାଲିଗଲେ କେବଳ ସମ୍ପୃକ୍ତ ବ୍ୟକ୍ତିର କ୍ଷତି ହୁଏ ନାହିଁ, ପରନ୍ତୁ ଅନିଷ୍ଟ ହୁଏ ପରିବାରର, ବଦନାମ ରାଜ୍ୟର, ନାଁ ପଡ଼େ ଦେଶର। ସମ୍ପୂର୍ଣ୍ଣ ଜାତିର ଅସମ୍ମାନ ହୁଏ। ସେଇଥିପାଇଁ ତ ଓଡ଼ିଆ ଜାତିର ବଦନାମ୍ ହେବ ବୋଲି ସେଦିନ ମଧୁବାବୁ ଏତେ ବଡ଼ ନିଷ୍ପତ୍ତି ନେଇଥିଲେ। ଚମଡ଼ାରେ ସାମାନ୍ୟ ଖରାପ ଥିଲା ବୋଲି ସେଥିରୁ ନିର୍ମିତ ଜୋତା ସବୁକୁ ସେ ପୋଡ଼ି ଦେବାକୁ ଶ୍ରେୟସ୍କର ମଣିଥିଲେ। ଅଥଚ ଏବର ମଣିଷମାନେ ଜାଣିଶୁଣି ଭେଜାଲ, ଅପମିଶ୍ରଣରେ ଲିପ୍ତ ରହୁଛନ୍ତି। ନିମ୍ନମାନର ସାମଗ୍ରୀ ଉପରେ ଗୁଣାତ୍ମକ ମାନର ଷ୍ଟିକର ଲଗାଇ ବଜାରକୁ ଛାଡ଼ୁଛନ୍ତି। 'ଯିଏ ଯାହା କହୁ ମୋର ତୋ' ଏଭଳି ମାନସିକତା ମଣିଷ ଉପରେ ସବାର ହୋଇ ସାରିଛି।

ମହତ ଓ ନୈତିକତା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଗୋଟିଏ ଅପରଟିକୁ ଉଦ୍ଦୀପିତ କରେ, ବଳିଷ୍ଠ କରେ। ଗୋଟିଏ ଦୁର୍ବଳ ହେଲେ ଅନ୍ୟଟି ବୁଡ଼ିଯାଏ। ମାନ ମହତକୁ ଗୁରୁତ୍ୱ ଦେଉନଥିବା ମଣିଷ ନିକଟରେ ନୈତିକତା ଅର୍ଥହୀନ। ଆଉ ଯିଏ ନୀତିବାନ ତା' ପାଇଁ ମାନ ମହତ ଅମୂଲ୍ୟ ସମ୍ପଦ। ଏଇ ଯେଉଁମାନେ ଦୁର୍ନୀତି ଗ୍ରସ୍ତ, ଯେଉଁମାନେ ହତ୍ୟା, ବଳାତ୍କାର, ଲୁଣ୍ଠନ ସହିତ ଜଡ଼ିତ, ଯେଉଁମାନେ ନିଶା କାରବାରରେ ସାମିଲ ସେମାନେ ନୀତି, ନୈତିକତା କ'ଣ ବୁଝନ୍ତି ନାହିଁ। ଏହି ଧରଣର ଲୋକମାନେ ମାନ ମହତ ପ୍ରତି ମଧ୍ୟ ଧ୍ୟାନ ଦିଅନ୍ତି ନାହିଁ। ଗାଳି ଗୁଲଜ, ଜେଲ, ଜରିମାନା, ସମାଲୋଚନା, ତିରସ୍କାର ପ୍ରତି ସାମାନ୍ୟତମ ହେୟ ଜ୍ଞାନ ନଥାଏ। ଏମାନଙ୍କ ପାଇଁ ସ୍ୱାର୍ଥ ହିଁ ସର୍ବସ୍ୱ।

ସବୁଠାରୁ ବିଚିତ୍ର କଥା ହେଲା ଲୋକମାନେ ସମ୍ମାନ ପାଇବା ପାଇଁ ଯେମିତି ଲାଳାୟିତ ହେଉଛନ୍ତି ସମ୍ମାନ ରକ୍ଷା ନିମନ୍ତେ ସେତିକି ତତ୍ପରତା ପ୍ରକାଶ କରୁ ନାହାନ୍ତି। ଏଇ ଯେମିତି ପୁରସ୍କାର ପାଇବା, ସମ୍ବର୍ଦ୍ଧନ ହେବା, ନିଜର ପ୍ରଶଂସା ଶୁଣିବା ସକାଶେ ଲୋକେ କେତେ କ'ଣ କରୁଛନ୍ତି। ନିଜ ସପକ୍ଷରେ ମିଛ ପ୍ରଶଂସାପତ୍ର ପ୍ରସ୍ତୁତ କରିବା, ତୋଷାମଦ କରିବା ଏପରିକି ଲାଞ୍ଚ ଦେଇ ନିଜ ନାମକୁ ତାଲିକାରେ ଦରଜ କରିବାକୁ ପଛାଉ ନାହାନ୍ତି। କିନ୍ତୁ କଳା କୁକର୍ମ ପାଇଁ ଏପଟେ ମହତ ଯାଉଛି ସେଥିପ୍ରତି ଆଦୌ ବିଚଳିତ ନୁହନ୍ତି।

ସତ କହିବାକୁ ଗଲେ ଇଜ୍ଜତର ଉଡି ହୁଏ ମଣିଷ ତା'ର ନିଜର କର୍ମ୍ମଦକ୍ଷ୍ୟ, ଆଚିରନକ ବ୍ୟବହାର ଏବଂ ଅନେତିକ କାର୍ଯ୍ୟକଳାପ ଯୋଗୁ। ଦୁଷ୍ଟ ବାଇଦ ସହସ୍ର କୋଷ ଭଳି ବଦନାମ୍ ରଟେ। ଖଣ୍ଡ ମଣ୍ଡଳ। ଇଜ୍ଜତ ପାଇବା ସେତିକି କଠିନ ଓ କଷ୍ଟକର, ଇଜ୍ଜତ ହରାଇବା ସେତିକି ସହଜ ଓ ସରଳ। ନିମିଷକ ମାତ୍ରେ ସବୁ ମହତ ମାଟିରେ ମିଶିଯିବ ନିଜର ସାମାନ୍ୟ ଭୁଲ୍ ପାଇଁ। ଥରେ ଏହା ଚାଲିଗଲେ ଫେରିପାଇବା ସମ୍ଭବ ନୁହେଁ। ମାତ୍ର ଏହାକୁ ରକ୍ଷା କରିବାର ଦାୟିତ୍ୱ ସମ୍ପୂର୍ଣ୍ଣ ନିଜର। ଏଣୁ ଆସନ୍ତୁ ଯାହା କରିବା, ଯାହା କରିବା ତାହା ପୂର୍ବରୁ ସେହି ବାଣୀଟିକୁ ମନେ ପକାଇବା - 'ଆପଣା ମହତ ଆପେ ରଖି'।

ସଭାପତି, ଓଷ୍ଟା
ମୋ: ୯୯୩୮୭୬୩୨୩୭



# ଉଚ୍ଚଶବ୍ଦ ଓ ସ୍ୱାସ୍ଥ୍ୟ ସୁରକ୍ଷା



ଡ.ବିମଳ ଷଡ଼ଙ୍ଗୀ

ମାନ୍ୟବର ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ପାଳନକରି କଟକରେ ପ୍ରଶାସନ ଶବ୍ଦ ପ୍ରଦୂଷଣ ରୋକିବା ଏବଂ ଜନସାଧାରଣଙ୍କ ସ୍ୱାସ୍ଥ୍ୟସୁରକ୍ଷାକୁ ଅଗ୍ରାଧିକାର ଦେଇ ଡିଜେ,ସାଉଣ୍ଡ ଏବଂ ଏଲଇଡି ଲାଇଟ ଉପରେ ନିଷେଧାଦେଶ ଦେଇଛନ୍ତି। ସେହିପରି ଭାରତର ଅନ୍ୟ ରାଜ୍ୟ ଓ ସହର ଗୁଡ଼ିକରେ ମଧ୍ୟ ଡିଜେକୁ ଅନୁମତି ଦିଆଯାଉନାହିଁ। ୧୯୪୦ମସିହାରେ "ଡିସ୍କ ଜକି" (ଡିଜେ) ଶବ୍ଦଟି ରେଡିଓ ହୋଷ୍ଟମାନଙ୍କୁ ବର୍ଣ୍ଣନା କରିବା ପାଇଁ ଉଦ୍ଭିଷ୍ଟଥିଲା। ୧୯୫୦ରୁ ୧୯୬୦ ମସିହା ଭିତରେ ସାଉଣ୍ଡ ସିଷ୍ଟମର ଉତ୍ଥାନ ପରେ ଜିଙ୍ଗଷ୍ଟନରେକ୍ଷମ୍-ନିର୍ମିତ ସାଉଣ୍ଡ ସିଷ୍ଟମ ବ୍ୟବହାର କରି ବଡ଼ ବଡ଼ ବାହ୍ୟ ପାର୍ଟି ଆୟୋଜନ କରାଯାଉଥିଲା।୨୦୦୦ରୁ ୨୦୧୦ ମସିହାର ଡିଜିଟାଲ ବିପ୍ଳବରେ ଡିଜେ ଗୁଡ଼ିକୁ ଡିଜିଟାଲ ଜ୍ଞାନ ସହିତ ମିଶ୍ରଣ ହୋଇଥିଲା।୨୦୨୦ ମସିହାରୁ ଆଜି ପର୍ଯ୍ୟନ୍ତ ଷ୍ଟ୍ରିମିଂ ପ୍ଲାଟଫର୍ମରେ ସଂଗୀତର ମିଶ୍ରଣ ଏବଂ ଡିଜେ ସେଟକୁ ବିକଶିତ କରି ଅତି ଉଚ୍ଚଶବ୍ଦର ଉତ୍ସ ଭାବରେ ଷ୍ଟାଣ୍ଡାଲୋନ ଡିଜିଟାଲ ଡେକ ଯଥା ପାୟୋନିୟର ସିଡି ଜେ -୩୦୦୦ରେ ପରିଣତ କରିଛି। ଆଜିକାଲୁ ସେଣ୍ଡୁ ବ୍ୟବହାର ଯୋଗୁ ଡିଜେ ଶବ୍ଦ ଉପରେ ସେତେଟା ଗୁରୁ ଦିଆଯାଉ ନଥିଲା ମାତ୍ର ପରବର୍ତ୍ତୀ ସମୟରେ ଭାରତରେ ଡିଜେର ବହୁଳ ବ୍ୟବହାର ଯୋଗୁ ପରିବେଶ ଓ ସ୍ୱାସ୍ଥ୍ୟ ଉପରେ ଅଧିକ କୁପ୍ରଭାବକୁ ରୋକିବାକୁ ଆଇନ କଠୋର ହେବା ଆରମ୍ଭ ହୋଇଛି।



ଭାରତୀୟ ଚିକିତ୍ସା ଗବେଷଣା ପରିଷଦ ଅନୁସାରେ ମଣିଷ,ଜୀବ ଜନ୍ତୁଙ୍କ ଉପରେ ୮୫ ଡିବିରୁ ଅଧିକ ଉଚ୍ଚ-ଡେସିବେଲ ଶବ୍ଦ ବାରମ୍ବାର ବା ଦୀର୍ଘ ସଂସ୍ପର୍ଶରେ ଆସିବା ଦ୍ୱାରା ସ୍ନାୟବିକ କ୍ଷତ ସହିତ କାନପରଦା ଫାଟିଯାଏ। ଅସ୍ଥାୟୀ କିମ୍ବା ସ୍ଥାୟୀ ଶ୍ରବଣ ଶକ୍ତି ହ୍ରାସ, କାନରେ ଘଡ ଘଡ ଶବ୍ଦ ସୃଷ୍ଟି ସହିତ କାନ ଯନ୍ତ୍ରଣା ହୋଇପାରେ। ଉଚ୍ଚ ଶବ୍ଦ ମସ୍ତିଷ୍କର ମାନସିକ ଚାପ ପ୍ରତିକ୍ରିୟାକୁ ସକ୍ରିୟ କରେ ଓ ଚିନ୍ତା, ଚିଡ଼ିଚିଡ଼ାପଣ, ଏକାଗ୍ରତାର ନଷ୍ଟ ଏବଂ ନିଦ୍ରା ବ୍ୟାଘାତର କାରଣ ହୋଇଥାଏ। ଦୀର୍ଘ ସମୟ ଧରି ଉଚ୍ଚ-ଡେସିବେଲ ଶବ୍ଦ ସଂସ୍ପର୍ଶରେ ରହିବା ଦ୍ୱାରା ହୃଦ୍‌ରୋଗର ସମ୍ଭାବନା ବଢ଼ିଥାଏ, ରକ୍ତଚାପ, ହୃଦସ୍ପନ୍ଦନ ବୃଦ୍ଧି ପାଏ ଏବଂ ହୃଦ୍‌ରୋଗରେ ବ୍ୟକ୍ତି ପୀଡ଼ିତ ହୋଇ ମୃତ୍ୟୁମୁଖରେ ପଡ଼ିପାରେ। ପିଲାମାନଙ୍କର ଶ୍ରବଣ ଶକ୍ତି ଅଧିକ ସମ୍ବେଦନଶୀଳ, ଯେଣୁ ଏହା ପାଠପଢ଼ା, ଆଚରଣଗତ ସମସ୍ୟା, ନିଦ୍ରାରେ ବାଧାଏବଂ କାର୍ଯ୍ୟଦକ୍ଷତା ହ୍ରାସ କରେ।ବୟସ୍କ ଲୋକମାନେ ଅଧିକ ଚାପ, ନିଦ୍ରା ବିଚଳିତ ଏବଂ ଅଧିକ ସ୍ୱାସ୍ଥ୍ୟ ବିପଦର ସମ୍ମୁଖୀନ ହୁଅନ୍ତି। ପକ୍ଷୀ, ପ୍ରାଣୀ ଏବଂ କୀଟପତଙ୍ଗ ନିଜନିଜ ଭିତରେ ସମ୍ପର୍କ ପାଇଁ ଶବ୍ଦ ଉପରେ ନିର୍ଭର କରନ୍ତି।ଉଚ୍ଚ ଡିଜେ ଶବ୍ଦ ସେମାନଙ୍କୁ ଭୟଭୀତ କରେ, ପ୍ରଜନନକୁ ବାଧା ଦିଏ ଏବଂ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଯିବାକୁ ବାଧ୍ୟ କରେ। ତୀକ୍ଷ୍ଣ ଶବ୍ଦ ଫ୍ରିକ୍ୱେନ୍ସି ଯୋଗୁଁ କୁକୁର, ବିଲେଇ ଏବଂ ଗାଈମାନେ ଅତ୍ୟଧିକ ଚାପଗ୍ରସ୍ତ ହୁଅନ୍ତି ଜଙ୍ଗଲ, ଆର୍ଦ୍ରଭୂମି କିମ୍ବା ଗ୍ରାମ ନିକଟରେ ଶବ୍ଦ ପ୍ରଦୂଷଣର ଦୀର୍ଘ ସମୟ ଧରି ସଂସ୍ପର୍ଶରେ ରହିବା ଜୈବ ବିବିଧତାକୁ ପ୍ରଭାବିତ କରେ। ପେଡ଼ା, ବାଡ଼ୁଡ଼ି ପରି ରାତ୍ରିରେ ପ୍ରାଣୀଙ୍କ ଜୀବନଯାପନ ପ୍ରଣାଳୀ କ୍ଷତିଗ୍ରସ୍ତ ହୋଇଥାଏ। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଔଦ୍ୟୋଗିକ କ୍ଷେତ୍ରରେ ଶବ୍ଦ ସୀମା ୭୫ରୁ ୭୦ ଡେସିବେଲ,ବାଣିଜ୍ୟିକ କ୍ଷେତ୍ରରେ ୬୫ ରୁ ୫୫ ଡେସିବେଲ, ଆବାସିକ କ୍ଷେତ୍ରରେ ୫୫ ରୁ ୪୫ ଡେସିବେଲ, ହସ୍ପିଟାଲ, ସ୍କୁଲ, କୋର୍ଟ, ଧାର୍ମିକ ସ୍ଥାନ ଚାରିପାଖରେ ବା ୧୦୦ ମିଟର ପରିସୀମା ଭିତରେ ୫୦ରୁ ୪୦ ଡେସିବେଲ ଶବ୍ଦ ସହିବା ଆବଶ୍ୟକ, ଯଦି ଏଥିରେ କୌଣସି ବ୍ୟାଘାତ ଘଟେ ତେବେ ସାଧାରଣ ବ୍ୟକ୍ତି ଆଇନର ଆଶ୍ରୟ ନେଇପାରିବେ। ସୁପ୍ରିମକୋର୍ଟରେ ୨୦୦୫ ଓ ୨୦୧୮ ମସିହା ରାୟ ଅନୁସାରେ ଶବ୍ଦ ସୀମାକୁ କଡ଼ାକଡ଼ି ଲାଗୁ କରିବାକୁ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ନିୟମ ୨୦୦୦ ଅନୁସାରେ ଆୟୋଜକ ଶବ୍ଦସୀମା ଉଲ୍ଲଂଘନ କଲେ ଉପକରଣ ଜବତ, ଜରିମାନା ଏବଂ ଜେଲଦଣ୍ଡ ମଧ୍ୟ ହୋଇପାରେ।

ରାଜନୈତିକ ରାଲି ଏବଂ ଉତ୍ସବରେ, ବିବାହ ପାର୍ଟି, ରାତ୍ରିକାଳୀନ କ୍ଲବ, ପର୍ବପର୍ବାଣି, ସ୍କୁଲ କଲେଜରେ ଯୁବକମାନେ ସଚେତନତା ଅଭାବରୁ ଦୀର୍ଘ ସମୟ ଧରି ଡିଜେ ଶବ୍ଦ ସଂସ୍ପର୍ଶରେ ଆସିବାର କ୍ଷତିକାରକ ପ୍ରଭାବକୁ ଅଣଦେଖା କରନ୍ତି। ଶବ୍ଦ ସୀମାବଦ୍ଧତା ଏବଂ ପରିବେଶର କ୍ଷତି ହ୍ରାସ କରିବାକୁ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରି ଜନ ସଚେତନତା ସୃଷ୍ଟି କରାଯିବା ଉଚିତ। ଅତ୍ୟଧିକ ଡିଜେ ସଂଗୀତ ବିନା ପାରମ୍ପରିକ ସଂଗୀତ ଓ ବାଦ୍ୟ ସହିତ ଉତ୍ସବକୁ ପ୍ରୋତ୍ସାହିତ କରାଯିବା ଉଚିତ। ଯୁବବର୍ଗ ତଥା ସମସ୍ତ ନାଗରିକ ନିଜର ତଥା ଭବିଷ୍ୟତ ସମାଜର ସୁରକ୍ଷା ଦୃଷ୍ଟିରୁ ନିୟମ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ ନ୍ୟାୟିକ ବ୍ୟବସ୍ଥା, ଜିଲ୍ଲାପାଳ, ବିଡ଼ିଓ, ସରପଞ୍ଚ ଆଦିଙ୍କୁ ଜଣାଇବା ସହିତ ଶାନ୍ତିପୂର୍ଣ୍ଣ ବିକଳ୍ପଗୁଡ଼ିକୁ ଆପଣାଇବା ଉଚିତ। ଉତ୍ସବ ଏବଂ ଦାୟିତ୍ୱ ମଧ୍ୟରେ ଏକ ସନ୍ତୁଳନ ବଜାୟ ରଖିବାକୁ ପଡ଼ିବ। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ଭାରତୀୟ ଚିକିତ୍ସା ଗବେଷଣା ପରିଷଦର ନିୟମ ପାଳନ କରି ସଚେତନତାକୁ ପ୍ରସାର କରି ଏବଂ ପ୍ରକୃତିକୁ ସମ୍ମାନ ଦେଇ ଆମେ ପରିବେଶକୁ କ୍ଷତି ନ ପହଞ୍ଚାଇ ଉତ୍ସବ ପାଳନ ସହିତ ଜୀବଜଗତକୁ ସ୍ୱାସ୍ଥ୍ୟ ସୁରକ୍ଷା ଦେଇପାରିବା।

ରିସୋର୍ସ ପର୍ସନ, ଭାରତୀୟ ମାନକ ବ୍ୟୁରୋ, ଭୁବନେଶ୍ୱର, ଭାରତ ସରକାର
ମୋ: ୯୪୩୭୧୨୩୮୯୨

## ଏଇ ଭାରତରେ

ବର୍ଷେ ନୁହଁ ଦୁଇ ବର୍ଷ ନୁହେଁ, ୧୦ ବର୍ଷ ଲାଗିଯାଇଛି ଗୋଟିଏ ଘଣ୍ଟା ସଜାଡ଼ିବାକୁ। ଏହି ଘଣ୍ଟା ସାଧାରଣ ଘଣ୍ଟା ନୁହେଁ, ଏହା ହେଉଛି ମୁମ୍ବଇର ରାଜବାଇ କ୍ଲକ ଟାୱାରର ୧୪୭ ବର୍ଷର ପୁରୁଣା ଘଡ଼ି। ଏହାକୁ ମରାମତି କରି କାର୍ଯ୍ୟକ୍ଷମ କରିପାରିଛନ୍ତି ମହେନ୍ଦ୍ର ପ୍ରସାଦ ଗୁପ୍ତା। ପେସାରେ ସେ ଜଣେ ଇଲେକ୍ଟ୍ରିସିଆନ। ପ୍ରତିଦିନ ୨୩୭ଟି ପାହାଚ ଚଢ଼ି ଟାୱାର ଉପରକୁ ଯାଇ ସେ ଘଣ୍ଟା କାମ କରନ୍ତି ଏବଂ ୧୦ ବର୍ଷ ପରେ ତାହା ଏବେ ଚାଲୁଛି। ରାଜବାଇ ଘଡ଼ିର ଓଜନ ପାଖାପାଖି ୩୦୦ କେଜି। ଲଣ୍ଡନର ବିଗ୍‌ବେନ ଘଣ୍ଟା ଡାଞ୍ଚାରେ ୧୮୭୮ରେ ରାଜବାଇ କ୍ଲକ୍ ଟାୱାର ନିର୍ମାଣ କରାଯାଇଥିଲା। ବ୍ରିଟେନର ସ୍ଥପତି ସାର୍ ଜର୍ଜ ଗିଲବର୍ଟ ସ୍କଟ ଏହାର ଡିଜାଇନ କରିଥିଲେ ଏବଂ ଷ୍ଟକ୍‌ବ୍ରୋକର ପ୍ରେମଚାନ୍ଦ ରୟଚାନ୍ଦ ତାଙ୍କ ମା' ରାଜବାଇଙ୍କ ସ୍ମୃତିରେ ଏହାକୁ ପାଣ୍ଠି ଯୋଗାଇ ଦେଇଥିଲେ। ମୁମ୍ବାଇ ବିଶ୍ୱବିଦ୍ୟାଳୟର ଫୋର୍ଟ କ୍ୟାମ୍ପସରେ ଥିବା ଏହି ଟାୱାରର ଉଚ୍ଚତା ୨୮୦ ଫୁଟ। ଆରମ୍ଭରୁ ରାଜବାଇ ଘଡ଼ିରେ ୧୬ଟି ବେଲ୍ ଏକାଥରକେ ବାଜୁଥିଲା। ଏବେ ମରାମତି କରାଯିବା ପରେ ପ୍ରତି ୧୫ ମିନିଟରେ ୫ଟି ବେଲ୍ ବାଜୁଛି। ଐତିହାସିକ ତଥ୍ୟ କହେ, ଏହି ଟାୱାର ରୟଚାନ୍ଦଙ୍କ ଘର ନିକଟରେ ଥିଲା। ରାଜବାଇ ଦୃଷ୍ଟିହୀନ ଥିବାରୁ ସେ ଏହି ଘଣ୍ଟା ଶବ୍ଦରୁ ସମୟ ଜାଣିପାରୁଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

### ୨୭ ଅକ୍ଟୋବର ୧୯୭୬

- ଓଡ଼ିଶା ଓ ବିହାର ମଧ୍ୟରେ ସୁବର୍ଣ୍ଣରେଖା ବନ୍ଧ ଯୋଜନା ନେଇ ଆପୋଷ ମୀମାଂସା ଓ ରାଜିନାମା ସ୍ୱାକ୍ଷରିତ।
- ବିଶାଖାପାଟଣାସ୍ଥିତ ହିନ୍ଦୁସ୍ତାନ ଜାହାଜ ନିର୍ମାଣ କାରଖାନାରେ ନିର୍ମିତ 'ଦାମୋଦର ଗଙ୍ଗା' ନାମକ ଏକ ବୃହତ୍ତମ ଆକାର ବିଶିଷ୍ଟ ଜାହାଜର ଭସାଣି ଉତ୍ସବ ଉଦ୍‌ଘାଟିତ।

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରଦୂଷଣ ବୋର୍ଡ ଅସହାୟ

ମହାଶୟ,

ଗତ କାଳୀପୂଜା/ଦୀପାବଳୀ ସମୟରେ ସରକାରଙ୍କ ନିୟମ ତଥା ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କେତେ ପ୍ରତିପାଳନ କରାଯାଇଛି ସରକାର ତା'ର ଜବାବ ଜନତାଙ୍କୁ ଦେବେ କି? ପ୍ରଦୂଷଣର ମାତ୍ରା କଟକ, ଭୁବନେଶ୍ୱର, ପୁରୀ, ବ୍ରହ୍ମପୁର, ସମ୍ବଲପୁର ସହିତ ଅନ୍ୟାନ୍ୟ ସହରଗୁଡ଼ିକ ଉପରେ କି ପ୍ରଭାବ ପକାଇଛି ତା'ର ଜବାବ ହେବା ଉଚିତ। ଭାଇଚାରା, ପରମ୍ପରା, ଧର୍ମୀୟ ଭାବନା ସହିତ ସର୍ବସାଧାରଣଙ୍କ ସ୍ୱାସ୍ଥ୍ୟ, ପରିବେଶ ପ୍ରତି ଧ୍ୟାନଦେବାକୁ ହୋଇଥାଏ। ନିଜ ଓ ବ୍ୟବସାୟୀଙ୍କ ସ୍ୱାର୍ଥ ତଥା ଅମାନିଆ ବେଆଇନ ଆତସବାଜି ବ୍ୟବହାର କରୁଥିବା ବ୍ୟକ୍ତିଙ୍କ ଉପରେ କେତେ କାର୍ଯ୍ୟାନୁଷ୍ଠାନ ହୋଇଛି? ସରକାର ନିୟମ କରିଦେଲେ ତାଙ୍କ ଦାୟିତ୍ୱ ଶେଷ। ପ୍ରକୃତପକ୍ଷେ ଏହାକୁ ତଦାରଖ କରିବ କିଏ ? ସୀମିତ ସଂଖ୍ୟକ ପୋଲିସ କ'ଣ ଏ ସବୁ ରୋକି ପାରିବେ? ଜାଣିଶୁଣି ପ୍ରଶାସନ ବୟସ୍କ ନାଗରିକ, ଶିଶୁ, ରୋଗଗ୍ରସ୍ତ ବ୍ୟକ୍ତିଙ୍କୁ ଶବ୍ଦଜନିତ ତଥା ପ୍ରଦୂଷଣଜନିତ ଯନ୍ତ୍ରଣା ଦେଉଛନ୍ତି। ସବୁଜ ଆତସବାଜିର ନାରା ଦେଇ ଅତ୍ୟୁଚ୍ଚ ଶବ୍ଦ ଉଦ୍ରେକକାରୀ ଫୋଟକାର ବ୍ୟବହାର ହଜାର ହଜାର ଲୋକଙ୍କ ମାନସିକ, ଶାରୀରିକ ଭାରସାମ୍ୟ ବିଗାଡ଼ି ଦେଉଛି। ବାୟୁ ପ୍ରଦୂଷଣର ଭୟାବହତା ବୋଧହୁଏ ଭାଇଚାରା ସହରର ଲୋକମାନେ ଠିକ୍ ଭାବେ ଅନୁଭବ କରିପାରନ୍ତି ନାହିଁ। ପାଠ ପଢ଼ୁଆ, ଅପାଠୁଆ ସବୁ ମିଳିମିଶି ସହରକୁ ଧୂଆଁମୟ କରି ଦେଲେ। କଥାରେ ଅଛି ଖଣ୍ଡୁରି ଗଛର କି ଗୁଣ ଗାଇବି, ମୂଳରୁ ପାହାଚ ପାହାଚ।

-ବିଷ୍ଣୁ ପ୍ରସାଦ ଦାସ, ବରିଷ୍ଠ ନାଗରିକ, କଟକ

## ଚିରନ୍ତନୀ

ଏହି ବାଟାଇନ ପାଶେ ଦେଖିଥିଲା ଦିନେ ସେ
ପରିଚିତ ରୂପ ଶୋଭା ଉଭା ହେଲା ନିମେଷେ
କଣାଇଲା ଦୁଇ କର ଯୋଡ଼ି ଛୋଟ ନଟିଟି
ଥିଲେ ହେଁ ନିକଟେ ଯଥା ଅଛି ଦୂର ବିଦେଶେ !
-(ପଥର ପ୍ରେମିକ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବାତ୍ୟା ମୁକାବିଲା ପାଇଁ ସରକାର ପ୍ରସ୍ତୁତ: ରାଜସ୍ୱ ମନ୍ତ୍ରୀ

## ରେଡ୍ ଜୋନ୍‌ରେ ୮ ଜିଲା, ନିଆଗଲା ଆଗୁଆ ପଦକ୍ଷେପ



ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆର୍‌ସି) ଦେଓରଞ୍ଜନ କୁମାର ସିଂଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ।

- ଅତ୍ୟାବଶ୍ୟକ ସାମଗ୍ରୀର କଳାବଜାର ହେଲେ କଠୋର କାର୍ଯ୍ୟାନୁଷ୍ଠାନ
- ୨୪ଘଣ୍ଟା ମଧ୍ୟରେ ଶସ୍ୟକୁ ସୁରକ୍ଷିତ ରଖିବାକୁ ପରାମର୍ଶ
- ପ୍ରଭାବିତ ଜିଲାରେ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ୍, ବନ୍ଦ ରହିବ ସ୍କୁଲ

ଭୁବନେଶ୍ୱର, ୨୬।୧୦
(ବନ୍ଦନା ସେଠୀ)

ସମ୍ଭାବ୍ୟ ବାତ୍ୟା 'ମୋନ୍ଥା'ର ମୁକାବିଲା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତି ଅଛନ୍ତି। ଓଡ଼ିଶାରେ ବାତ୍ୟାର ପ୍ରଭାବ ନ ରହିଲେ ମଧ୍ୟ କିଛି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ତେଣୁ ଲୋକଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ରବିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ମନ୍ତ୍ରୀ ପୂଜାରୀ ବାତ୍ୟା ପ୍ରସ୍ତୁତି ସମ୍ପର୍କରେ ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆର୍‌ସି) ଦେଓରଞ୍ଜନ କୁମାର ସିଂ ଓ ସମସ୍ତ ଜିଲାର ଜିଲାପାଳଙ୍କ ସହିତ ଆଲୋଚନା କରିବା ପରେ ରାଜୀବ ଭବନଠାରେ ଏନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ବାତ୍ୟା ପ୍ରଭାବରେ ୮ ଜିଲା ଯଥା ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଞ୍ଜାମ, ଗଜପତି, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁର ସବୁଠାରୁ ଅଧିକ ପ୍ରଭାବିତ ହେବ। ଏହିସବୁ ଜିଲାଗୁଡ଼ିକୁ ରେଡ୍ ଜୋନ ଅନ୍ତର୍ଭୁକ୍ତ କରାଯାଇଛି। ସେହିପରି ବାତ୍ୟା ପରିସ୍ଥିତିର ମୁକାବିଲା ପାଇଁ ସମ୍ପୃକ୍ତ ବିଭାଗଗୁଡିକ ସହ ଆଲୋଚନା କରାଯାଇଛି। ଆବଶ୍ୟକ ପଡ଼ିଲେ ପଡୋଶୀ ଜିଲାକୁ ସହାୟତା କରିବା ପାଇଁ ଅନ୍ୟ ଜିଲାର ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଗଜପତି ଜିଲାରେ ସମ୍ଭାବ୍ୟ ଭୂସ୍ଖଳନର ଆଶଙ୍କା ଥିବାରୁ ସେଠାରେ ଓଡ୍ରାଫ୍, ଏନ୍‌ଡିଆର୍‌ଏଫ ଓ ଅଗ୍ନିଶମ ବାହିନୀଙ୍କୁ ଆଗୁଆ ମୁତୟନ କରାଯାଇଛି। ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ଶକ୍ତି ବିଭାଗ ସହ ଆଲୋଚନା ହେବା ସହ ଡାକ୍ତରଖାନା, ଜରୁରୀସେବା, ପାନୀୟ ଜଳ ଯୋଗାଇଦେବା ପାଇଁ ବିକଳ୍ପ ଶକ୍ତିର ବ୍ୟବସ୍ଥା କରାଯାଇଛି। ବୟସ୍କ, ଶିଶୁମାନଙ୍କୁ ଆଗୁଆ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବା ସହ ଆସନ୍ନ ପ୍ରସବାମାନଙ୍କୁ ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକରେ ରଖାଯିବାର ବ୍ୟବସ୍ଥା କରାଯାଇଛି। ଗଜପତି ଜିଲାର ମହେନ୍ଦ୍ରଗିରି ଭଳି ଉଚ୍ଚସ୍ଥାନରେ ଥିବା ଲୋକମାନଙ୍କୁ ସମତଳ ସ୍ଥାନକୁ ସ୍ଥାନାନ୍ତର ପାଇଁ ବ୍ୟବସ୍ଥା କରାଯାଇଛି। ଆସନ୍ତା ୨୭ରୁ ୩୧ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ଯିବା ପାଇଁ ବାରଣ କରାଯାଇଛି। ସମୁଦ୍ର କୂଳରେ ରହୁଥିବା ପର୍ଯ୍ୟଟକମାନେ ମଧ୍ୟ ସମୁଦ୍ର ତଟକୁ ନ ଯିବାପାଇଁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ସମୟରେ ଅତ୍ୟାବଶ୍ୟକ ସାମଗ୍ରୀର କଳାବଜାର ହେଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ପ୍ରଭାବିତ ହେବାକୁ ଥିବା ଜିଲାର ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ ସହ ସମସ୍ତ ସ୍କୁଲ ବନ୍ଦ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀ ସହ ସ୍କୁଲ ଘର ଓ ଗୋଷ୍ଠୀ କେନ୍ଦ୍ରଗୁଡିକୁ ଲୋକମାନଙ୍କୁ ସ୍ଥାନାନ୍ତର କରିବା ପାଇଁ କୁହାଯାଇଛି। ବର୍ତ୍ତମାନ ଧାନ ଅମଳର ସମୟ ହୋଇଥିବାରୁ ଆଗାମୀ ୨୪ଘଣ୍ଟା ମଧ୍ୟରେ ନିଜ ଶସ୍ୟକୁ ସୁରକ୍ଷିତ ରଖିବା ପାଇଁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଛି। ସହରାଞ୍ଚଳଗୁଡିକ ଜଳମଗ୍ନ ହେବାର ଆଶଙ୍କା ରହିଥିବାରୁ ଆବଶ୍ୟକସ୍ଥଳେ ତୁରନ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଜଳସମ୍ପଦ ବିଭାଗ ସହିତ ନଦୀର ଜଳସ୍ତର ନେଇ ଆଲୋଚନା ହୋଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

ବାତ୍ୟାର ମୁକାବିଲା ପ୍ରସ୍ତୁତି ସମ୍ପର୍କରେ ସ୍ୱତନ୍ତ୍ର ରିଲିଫ୍ କମିଶନର ସିଂ ସୂଚନା ଦେଇ କହିଛନ୍ତି, ରେଡ୍ ଜୋନ୍‌ରେ ଥିବା ୮ ଜିଲାରେ ସୋମବାରଠାରୁ ବର୍ଷା ଆରମ୍ଭ ହୋଇଯାଇପାରେ। ୨୮ ଓ ୨୯ ତାରିଖ ବେଳକୁ ବର୍ଷାର ପ୍ରଭାବ ବୃଦ୍ଧି ପାଇବ ଏବଂ ୩୦ ତାରିଖ ବେଳକୁ ପ୍ରଭାବ ହ୍ରାସ ପାଇବାର ସମ୍ଭାବନା ରହିଛି। ତେଣୁ ଏହାର ମୁକାବିଲା ପାଇଁ ଏବେସୁଦ୍ଧା ୧୨୮ଟି ଓଡ୍ରାଫ, ଏନ୍‌ଡିଆର୍‌ଏଫ ଓ ଅଗ୍ନିଶମ ବାହିନୀ ଦଳଙ୍କୁ ସମ୍ପୃକ୍ତ ଜିଲାରେ ମୁତୟନ କରାଯାଇଛି। ଜିଲାପାଳମାନଙ୍କୁ ସୋମବାର ଅପରାହ୍ନ ୫ଟା ସୁଦ୍ଧା ବିପଦ ଆଶଙ୍କା ଥିବା ସ୍ଥାନଗୁଡ଼ିକରୁ ଜନସାଧାରଣଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି।

# ଶିମିଳିପାଳ ଫେରୁନି ଯମୁନା

- ଆଜକୁ ବର୍ଷେ ବିତିଲା
- ବିଭାଗର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପୂରଣ ହେବା ନେଇ ଆଶଙ୍କା



ମହାବଳ ବାଘୁଣୀ ଯମୁନା।

ବାରିପଦା, ୨୬।୧୦
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମହାରାଷ୍ଟ୍ରର ତଡ଼ବା ଜଙ୍ଗଲରୁ ଯେଉଁ ଉଦ୍ଦେଶ୍ୟ ନେଇ ମହାବଳ ବାଘୁଣୀ ଯମୁନାକୁ ମୟୂରଭଞ୍ଜ ଜିଲା ଶିମିଳିପାଳ ଜାତୀୟ ଉଦ୍ୟାନକୁ ଅଣାଯାଇଥିଲା ବିଭାଗର ସେହି ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପୂରଣ ହେବାରେ ଆଶଙ୍କା ସୃଷ୍ଟି ହୋଇଛି। ଶିମିଳିପାଳର ବଣପାହାଡ଼ଘେରା ଅଞ୍ଚଳରେ ନିଜକୁ ଖାପ ଖୁଆଇ ନ ପାରି ଯମୁନା ଅନ୍ୟ ଜଙ୍ଗଲକୁ ପଳାଇଥିବା ବେଳେ ବର୍ଷେ ହେଲା ଫେରିବାର ନାଁ ଧରୁନି। ତେବେ ଶିମିଳିପାଳ ଅଭୟାରଣ୍ୟର ଭୌଗୋଳିକ ପରିଧି ମଧ୍ୟରେ ଥିବା ଜଙ୍ଗଲରେ ଯମୁନା ବୁଲୁଛି। ତା'ର ଗତିବିଧି ଉପରେ ସମ୍ପୂର୍ଣ୍ଣ ନଜର ରଖାଯାଇଛି ବୋଲି ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ତଥା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡା.ପ୍ରକାଶ ଚାନ୍ଦ ଗୋଗିନେନୀ କହୁଥିବା ବେଳେ ଯମୁନା ଏବେ କେଉଁଠି ସେ ସମ୍ପର୍କରେ ବିଭାଗ ସ୍ପଷ୍ଟ ସୂଚନା ଦେଉନାହିଁ। ଫଳରେ ଶିମିଳିପାଳର ଜଳବାୟୁରେ ବାଘ ବଂଶ ବୃଦ୍ଧିକୁ ନେଇ କରାଯାଇଥିବା ଯୋଜନା ଫଳପ୍ରଦ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଓଡ଼ିଶାରେ ପ୍ରଥମ କରି ଅନ୍ୟ ରାଜ୍ୟରୁ ବାଘ ଆଣି ବଂଶ ବୃଦ୍ଧି କରାଇବାର ଯୋଜନା ଫେଲ୍ ମାରିଥିବା ବେଳେ ଏବେ ପୁଣିଥରେ ଏହି ଯୋଜନାରେ ଓଡ଼ିଶାରେ ଏବଂ ବିଶେଷ କରି ଶିମିଳିପାଳରେ ଏହାର ପ୍ରଭାବ କ'ଣ ରହିବ ତାହା ଉପରେ ସମସ୍ତଙ୍କର ନଜର ରହିଛି। ବନ ବିଭାଗର ଏହି ଯୋଜନା ସଫଳ ହୋଇପାରିଲେ ବାଘ ବଂଶ ବୃଦ୍ଧି ହେବାରେ ସହାୟକ ହୋଇପାରିବ ବୋଲି ମତପ୍ରକାଶ ପାଇଛି।

ଦେଶରେ ବାଘ ସଂଖ୍ୟା ବୃଦ୍ଧି ଲାଗି ଶିମିଳିପାଳ ଅଭୟାରଣ୍ୟ ପ୍ରକୃଷ୍ଟ ସ୍ଥାନ ବୋଲି ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ (ଏନ୍‌ଟିସିଏ) ରିପୋର୍ଟ ଦେଇଥିଲା। ଫଳରେ ରାଜ୍ୟରେ ବାଘ ବଂଶ ବୃଦ୍ଧି ଲକ୍ଷ୍ୟ ନେଇ ମହାରାଷ୍ଟ୍ରର ତଡ଼ବା ଜଙ୍ଗଲରୁ ଦୁଇଟି ବାଘୁଣୀ ଯମୁନା ଓ ଜିନତକୁ ଶିମିଳିପାଳ ଅଣାଯାଇଥିଲା। ୨୦୨୪ ଅକ୍ଟୋବର ୨୭ରେ ଏକ ସ୍ୱତନ୍ତ୍ର ଟିମ୍ ଓ ଗାଡ଼ି ଯୋଗେ ଯମୁନା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ପହଞ୍ଚିଥିଲା। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ରୟାଲ ବେଙ୍ଗଲ ଟାଇଗରମାନଙ୍କ ରଙ୍ଗ ପରିବର୍ତ୍ତନକୁ ନେଇ ବିଭାଗ ପକ୍ଷରୁ ଅନୁଧ୍ୟାନ କରାଯାଇଥିଲା। ମହାବଳ ବାଘଙ୍କ ଜେନେଟିକ ଡାଇଭର୍ସିଟି(ବଂଶାନୁକ୍ରମିକ ବିବିଧତା)ରେ ପରିବର୍ତ୍ତନ ଘଟି କଳାବାଘ ସୃଷ୍ଟିରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ପ୍ରୟାସ ଆରମ୍ଭ କରାଯାଇଥିଲା। ବେଙ୍ଗାଲୁରୁର ନ୍ୟାଶନାଲ ସେଣ୍ଟର ଫର୍ ବାୟୋଲୋଜିକାଲ ସାଇନ୍ସ ବିଭାଗର ଏକ ବିଶେଷଜ୍ଞ ଦଳ ଆସି ପରୀକ୍ଷା ନିରୀକ୍ଷା କରିଥିଲେ। ଅସ୍ୱାଭାବିକ ପ୍ରଜନନ ଓ ଅନ୍ୟାନ୍ୟ କାରଣରୁ ବାଘଙ୍କ ରଙ୍ଗ ପରିବର୍ତ୍ତନ ହେଉଥିବା ନେଇ ପୂର୍ବରୁ ନଜିର ରହିଥିବା ବେଳେ ନନ୍ଦନକାନନରେ ସେହିଭଳି ଧଳାବାଘ ଜନ୍ମ ଗ୍ରହଣ ହୋଇଥିଲେ ବୋଲି ଆଲୋଚନା ହେଉଛି। ତେବେ ଗୋଟିଏ ଅଣ୍ଡିରା ବାଘରୁ ବଂଶ ବୃଦ୍ଧି ଯୋଗୁ ଏପରି ହୋଇଥାଇପାରେ ବୋଲି ବିଭାଗ ଅନୁମାନ କରିଛି। ତେଣୁ ଅନ୍ୟ ସ୍ଥାନରୁ ମାଈବାଘ ଆଣି ବାଘ ସଂଖ୍ୟା ବୃଦ୍ଧି କରାଗଲେ ଶିମିଳିପାଳରେ ବାଘଙ୍କ ଜେନେଟିକରେ ପରିବର୍ତ୍ତନ ଘଟିବ ଏବଂ ଧୀରେ ଧୀରେ ଏଥିରେ ନିୟନ୍ତ୍ରଣ ଆସିପାରିବା ବିଷୟକୁ ଦୃଷ୍ଟିରେ ରଖି ଶିମିଳିପାଳକୁ ଦୁଇ ମହାବଳ ବାଘ ଆସିବା ନେଇ ୨୦୨୪ ଜୁଲାଇ ୨୮ରେ ଏନ୍‌ଟିସିଏ ଅନୁମତି ଦେଇଥିଲା। ବିଭାଗ ପକ୍ଷରୁ ମିଶନ ଆରମ୍ଭ କରାଯାଇ ତଡ଼ବା ଜଙ୍ଗଲରୁ ପ୍ରଥମେ ମହାବଳ ବାଘୁଣୀ ଯମୁନାକୁ ଅଣାଯାଇ ଶିମିଳିପାଳ ଅଭୟାରଣ୍ୟରେ ଛଡ଼ାଯାଇଥିଲା। ତେବେ ଯମୁନା ଶିମିଳିପାଳ କୋର୍ ଏରିଆ ଛାଡ଼ି ପାଦଦେଶରେ ଘୂରିବୁଲିବା ସହ ଗୃହପାଳିତ ପ୍ରାଣୀ ଶିକାର କରିଥିଲା। ଶିମିଳିପାଳରେ ଯମୁନା ନିଜକୁ ଖାପ ଖୁଆଇ ନ ପାରି ଜନବସତି ଦେଇ ବାଲେଶ୍ୱର ଜିଲା କୁଲଡିହା ଅଭୟାରଣ୍ୟକୁ ପଳାଇଥିଲା। ସେଠାରେ କିଛି ଦିନ ରହିବା ପରେ ନିଜର ବାସସ୍ଥାନ ପାଇଁ କେନ୍ଦୁଝର ଜିଲା ହଦଗଡ଼ ଅଭୟାରଣ୍ୟ ପର୍ଯ୍ୟନ୍ତ ଯିବାଆସିବା କରୁଛି । ତେବେ ବାରିପଦା ସର୍କଲ ଅଧୀନରେ ଥିବା ୭ଟି ବନଖଣ୍ଡ ମଧ୍ୟରେ ହଦଗଡ଼ ଅଭୟାରଣ୍ୟ ରହିଥିବାରୁ ଏହା ଶିମିଳିପାଳ ଅଭୟାରଣ୍ୟର ଭୌଗୋଳିକ ଅଞ୍ଚଳରେ ରହୁଥିବା ଓ ଯମୁନା ଦେହରେ ଲାଗିଥିବା ରେଡିଓ କଲାର ଦ୍ୱାରା ତା'ର ଗତିବିଧି ଉପରେ ନଜର ରଖାଯାଇଛି ବୋଲି ବିଭାଗ ସୂଚନା ଦେଇଛି।

ଏ ସମ୍ପର୍କରେ ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କୁହନ୍ତି, ଯେଉଁ ଉଦ୍ଦେଶ୍ୟରେ ଦୁଇ ମହାବଳ ବାଘୁଣୀଙ୍କୁ ଶିମିଳିପାଳ ଅଣାଯାଇଥିଲା ତାହା ପୂରଣ ହେବା ନେଇ ସନ୍ଦେହ ଉପୁଜିଛି। ଯମୁନା ଶିମିଳିପାଳ ଭୌଗୋଳିକ ଅବସ୍ଥିତି ମଧ୍ୟରେ ଚଳପ୍ରଚଳ କରୁଥିବା ବିଭାଗୀୟ ଅଧିକାରୀ କହୁଥିବା ବେଳେ ବାଘ ଗଣନା ସମୟରେ ବାଘ ଶୂନ୍ୟ କୁଲଡିହା କିମ୍ବା ହଦଗଡ଼ରେ ଯମୁନାକୁ ଗଣନା କରିବେ ନା ଶିମିଳିପାଳର ବାଘ ସହିତ ଗଣତି କରିବେ ତାହାକୁ ନେଇ ପ୍ରଶ୍ନ ଉଠିଛି। ବିଭାଗ ନିଜ ତ୍ରୁଟି ସଂଶୋଧନ ନ କରି ବାହାରୁ ବାଘ ଆଣି ଶିମିଳିପାଳରେ ଛାଡ଼ିବା ଏକ ପ୍ରକାର ଭୁଆଁ ବୁଲାଇବା ନୀତି ବୋଲି ଆଚାର୍ଯ୍ୟ କହିଛନ୍ତି।

# ବାତ୍ୟା ମୁକାବିଲା ପାଇଁ ଏନ୍‌ଡିଆର୍‌ଏଫ୍

## ୨ ଟିମ୍ ଭାଇଜାଗ, ୧ ଶ୍ରୀକାକୁଲମ ପଠାଗଲା

ବାରଙ୍ଗ, ୨୬।୧୦ (ଲିଙ୍ଗରାଜ ରାଉତ)

ସମ୍ଭାବ୍ୟ ବାତ୍ୟା ମୋନ୍ଥାର ମୁକାବିଲା ପାଇଁ ଓ ସାଧାରଣ ଲୋକଙ୍କୁ ସୁରକ୍ଷା ଯୋଗାଇବା ଉଦ୍ଦେଶ୍ୟରେ ମୁଣ୍ଡଳୀସ୍ଥିତ ଏନ୍‌ଡିଆର୍‌ଏଫ୍ ୩ୟ ବାଟାଲିୟନର ରବିବାର ୩ଟି ଦଳକୁ ପ୍ରଥମ ପର୍ଯ୍ୟାୟରେ ଆନ୍ଧ୍ରପ୍ରଦେଶ ପଠାଯାଇଛି। ସେଥିରୁ ୨ଟି ଦଳ ଭାଇଜାଗ ଗସ୍ତ କରିଥିବା ବେଳେ ଗୋଟିଏ ଦଳ ଶ୍ରୀକାକୁଲମ ଗସ୍ତ କରିଛି। ତେବେ ଆଉ ୨ଟି ଦଳ ସଜାଗ ରହିଛି ବୋଲି ଟିମ୍ ପକ୍ଷରୁ କୁହାଯାଇଛି। ଏନ୍‌ଡିଆର୍‌ଏଫ୍ ଟିମ୍ ସମସ୍ତ ପ୍ରକାରର ଜରୁରିକାଳୀନ ଯନ୍ତ୍ରପାତି ନେଇ ଗନ୍ତବ୍ୟ ସ୍ଥଳକୁ ଗସ୍ତ କରିଛି।




ମୁଣ୍ଡଳୀରୁ ଆନ୍ଧ୍ରପ୍ରଦେଶ ଅଭିମୁଖେ ବାହାରିଥିବା ଏନ୍‌ଡିଆର୍‌ଏଫ୍ ଟିମ୍।

# ତରବରିଆ ଧାନ କାଟିଛନ୍ତି ଚାଷୀ

- ସୁରକ୍ଷିତ ସ୍ଥାନକୁ ଜାଲ, ଡଙ୍ଗା ଆଣିଲେ ମତ୍ସ୍ୟଜୀବୀ
- ଅସ୍ତରଙ୍ଗରେ ଚାଷୀଙ୍କୁ 'ମୋନ୍ଥା' ଭୟ



ସମ୍ଭାବ୍ୟ ବାତ୍ୟାକୁ ନେଇ ଚାଷୀମାନେ ତରବରିଆ ଭାବେ ଧାନ କାଟି ନେଉଛନ୍ତି।

ଅସ୍ତରଙ୍ଗ, ୨୬।୧୦
(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଆସୁଛି ବାତ୍ୟା 'ମୋନ୍ଥା', ଏଥିପାଇଁ ଏବେ ଚିନ୍ତାରେ ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ଚାଷୀକୁଳ। ଗତ କିଛିବର୍ଷ ହେଲା ଅକ୍ଟୋବରରେ ଅସ୍ତରଙ୍ଗ ବ୍ଲକ ଅଞ୍ଚଳବାସୀ ବାରମ୍ବାର ବାତ୍ୟାର ସମ୍ମୁଖୀନ ହେଉଛନ୍ତି। ଏଥିରେ ବହୁ ଧନଜୀବନ କ୍ଷତି ହେବା ସହ ଚାଷୀମାନେ ଫସଲ କ୍ଷତି ସହିଛନ୍ତି। ବିଶେଷ କରି ଅକ୍ଟୋବର ମାସରେ ଧାନ ଫସଲ ପାଚିବା ସହ ଅମଳ ସମୟ ଆସିଯାଇଥାଏ। ବର୍ଷକର ଝାଳବୁହା ପରିଶ୍ରମର ଫଳ ସ୍ୱରୂପ ସୁନାର ଫସଲକୁ ଅମଳ କରି ସାଇତି ରଖିଥାନ୍ତି ଚାଷୀ। କିଛି ବର୍ଷ ହେଲା ଅକ୍ଟୋବରର ବାତ୍ୟା ଯୋଗୁ ଫସଲ କ୍ଷତି ସହି ଚାଷୀଙ୍କ ମେରୁଦଣ୍ଡ ଦୋହଲିଯାଇଛି। ଚଳିତବର୍ଷ ମଧ୍ୟ ଧାନ ଫସଲ କିଛିସ୍ଥାନରେ ପାଚିଥିବା ବେଳେ ଅନେକ ଜମିରେ ଫୁଲ ଧରିଲାଣି। ଏଭଳି କ୍ଷେତ୍ରରେ ବାତ୍ୟା ଆଶଙ୍କା ଓ ତାହା ଯୋଗୁ ଧାନ ଫସଲ ଉଜୁଡ଼ିଯିବା ଚିନ୍ତାରେ ଚାଷୀଙ୍କ ନିଦ ହଜିଗଲାଣି। ପଡ଼ୋଶୀ ଆନ୍ଧ୍ରପ୍ରଦେଶର ଉପକୂଳରେ ବାତ୍ୟା ଲ୍ୟାଣ୍ଡଫଲ କରିବା ସୂଚନା ମିଳିବା ସହ ଏହାର ପ୍ରଭାବରେ ପୁରୀ ଜିଲାରେ ବର୍ଷା ପ୍ରଭାବ ଥିବାରୁ କ୍ଷତି ଆଶଙ୍କାରେ ଚାଷୀମାନେ ଚିନ୍ତାଗ୍ରସ୍ତ ହୋଇପଡ଼ିଛନ୍ତି। ଅସ୍ତରଙ୍ଗ ମତ୍ସ୍ୟ ବିଭାଗ ପକ୍ଷରୁ ନୂଆଗଡ଼, ଡାଲୁଅକଣି, ସହନ, ସୁନ୍ଦିକେଶ୍ୱର, ପାଟସୁନ୍ଦରପୁର, ଅସନ, ନଗର, କାଳିଆକଣ ସମେତ ବିଭିନ୍ନ ସ୍ଥାନରେ ମତ୍ସ୍ୟଜୀବୀମାନଙ୍କୁ ସଜାଗ ରହିବାକୁ କୁହାଯିବା ସହ ଜାଲ, ଡଙ୍ଗା ସୁରକ୍ଷିତ ସ୍ଥାନକୁ ଆଣିବା ପାଇଁ ମତ୍ସ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଅନ୍ୟପଟେ ଅସ୍ତରଙ୍ଗ ବ୍ଲକ ବେଗୁନିଆବସ୍ତ ଗ୍ରାମରେ ଚାଷୀ ବର୍ଷା ଓ ପବନ ଭୟରେ ପାଚିଲା ଧାନକୁ ତରବରିଆ ଭାବେ କାଟି ନେଉଛନ୍ତି। ବର୍ତ୍ତମାନ ବିଲରେ ଧାନ ଫଳିଛି। ବର୍ଷା ଓ ପବନ ହେଲେ ଧାନ ସବୁ ଭୂଇଁରେ ଲେଉଟିବା ଆଶଙ୍କା ରହିଛି। ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ୬ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଜମିରେ ଧାନ ଚାଷ ହୋଇଛି। ଧାନକେଣ୍ଡା ଧରିବା ଆରମ୍ଭ ହେଲାଣି। ଯଦି ଲଘୁଚାପଜନିତ ବର୍ଷା ହୁଏ, ତେବେ ଅନେକ କ୍ଷତି ହେବ। ଧାନ ପାଣିରେ ପଡ଼ିଲେ କିମ୍ବା ପଟୁ ମାଡ଼ିଗଲେ ବିଶେଷ କ୍ଷତି ହେବ।

# ସୁରକ୍ଷିତ ବିଦ୍ୟୁତ୍ ଯୋଗାଣ ପାଇଁ ପ୍ରସ୍ତୁତି

## ଜରୁରୀକାଳୀନ ନମ୍ବର ଜାରି କଲା ଟିପିସିଓଡିଏଲ୍

ଭୁବନେଶ୍ୱର, ୨୬।୧୦
(ଅନୁରାଧା ମହାରଣା)

ଟିପି ସେଣ୍ଟ୍ରାଲ ଓଡିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ (ଟିପିସିଓଡିଏଲ୍) ବିଦ୍ୟୁତ୍ ଭିତ୍ତିଭୂମି ଉପରେ ବାତ୍ୟା 'ମୋନ୍ଥା'ର ସମ୍ଭାବ୍ୟ ପ୍ରଭାବକୁ ହ୍ରାସ କରିବାକୁ ଗୁରୁତ୍ୱ ଦେଉଛି। ଏଥିସହ ଉପଭୋକ୍ତାମାନଙ୍କୁ ସୁରକ୍ଷିତ ବିଦ୍ୟୁତ୍ ଯୋଗାଣ ପାଇଁ ପ୍ରସ୍ତୁତି ଆରମ୍ଭ କରିଛି। ଏହାର ବ୍ୟବସାୟ ନିରନ୍ତରତା ଏବଂ ବିପର୍ଯ୍ୟୟ ପରିଚାଳନା ଯୋଜନା (ବିସିଡିଏମପି) ଅଧୀନରେ ବିଭିନ୍ନ ପଦକ୍ଷେପ ନିଆଯାଇଛି। ପାଣିପାଗ ସୂଚନା ଉପରେ ନଜର ରଖି ପୁନରୁଦ୍ଧାର ପାଇଁ ବାତ୍ୟା ପୂର୍ବରୁ ଓ ପରେ କିପରି ପଦକ୍ଷେପ ନିଆଯିବ ସେଥିପାଇଁ ସ୍ୱତନ୍ତ୍ର ନିୟମ ଜାରି କରିଛି। ଇତିମଧ୍ୟରେ ଉଭୟ ବିତରଣ ଏବଂ ପ୍ରାଇମେରୀ ସବ୍-ଷ୍ଟେଶନର ରକ୍ଷଣାବେକ୍ଷଣ କାର୍ଯ୍ୟ ଶେଷ ହୋଇଛି। ବାତ୍ୟା ସମୟରେ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହେଲେ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଟ୍ରାନ୍ସଫର୍ମର, ସୁଇଚ ଗିୟର ଏବଂ କଣ୍ଡକ୍ଟର ସମେତ ଗୁରୁତ୍ୱପୂର୍ଣ୍ଣ ଉପକରଣର ପର୍ଯ୍ୟାପ୍ତ ଷ୍ଟକ୍ ରଖାଯାଇଛି। ବିଦ୍ୟୁତ୍ ବିଭ୍ରାଟ ହେଲେ ଶୀଘ୍ର ପୁନରୁଦ୍ଧାର ପାଇଁ ସମସ୍ତ ଡିଭିଜନରେ ସ୍ୱତନ୍ତ୍ର ତାଲିମପ୍ରାପ୍ତ ଟିମ୍‌କୁ ପ୍ରସ୍ତୁତ ରଖାଯାଇଛି। ହସ୍ପିଟାଲ, ଜଳଯୋଗାଣ କେନ୍ଦ୍ର ଓ ବିପର୍ଯ୍ୟୟ ପ୍ରତିକ୍ରିୟା କେନ୍ଦ୍ର ଭଳି ମୁଖ୍ୟ ସଂସ୍ଥାଗୁଡ଼ିକୁ ଅବିଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ବିଶେଷ ବ୍ୟବସ୍ଥା କରାଯାଇଛି। ୧୯୧୨ କିମ୍ବା ୧୮୦୦-୩୪୫-୭୧୨୨ରେ ଯୋଗାଯୋଗ କରି ବିଜୁଳି ସମ୍ବନ୍ଧୀୟ କୌଣସି ଜରୁରିକାଳୀନ ପରିସ୍ଥିତି ସମ୍ପର୍କରେ ଉପଭୋକ୍ତା ଜଣାଇପାରିବେ। ସମସ୍ୟାଗୁଡ଼ିକୁ ତୁରନ୍ତ ଏବଂ ଦକ୍ଷତାର ସହିତ ସମାଧାନ କରିବା ପାଇଁ ବିଭିନ୍ନ ଜୋନ୍‌ରେ ଜରୁରିକାଳୀନ-ରେସ୍‌ପନ୍ସ ଟିମ୍ ନିୟୋଜିତ କରାଯାଇଛି। ଉପଭୋକ୍ତାମାନେ ବର୍ଷା ଏବଂ ବନ୍ୟା ସମୟରେ ବିଦ୍ୟୁତ୍ ଖୁଣ୍ଟ, ତାର କିମ୍ବା ବିଦ୍ୟୁତ୍ ଉପକରଣକୁ ନ ଛୁଇଁବା ପାଇଁ ପରାମର୍ଶ ଦିଆଯାଇଛି। ପ୍ରବଳ ପବନ ସମୟରେ ଘର ଭିତରେ ରହିବା ସହ ଗଛ କିମ୍ବା ଅସ୍ଥାୟୀ ଗୃହଠାରୁ ଦୂରରେ ରହିବାକୁ କୁହାଯାଇଛି। ଓଦା ହାତରେ କିମ୍ବା ପାଣିରେ ଠିଆହୋଇ ବୈଦ୍ୟୁତିକ ଉପକରଣ ବ୍ୟବହାର ନ କରିବା, ଖୋଲା ଡ୍ରେନ ଏବଂ ଜଳବନ୍ଦୀ ଅଞ୍ଚଳରୁ ପିଲାମାନଙ୍କୁ ଦୂରରେ ରଖିବାକୁ ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହ ପରାମର୍ଶ ଦେଇଛନ୍ତି।

# ଆସୁଛି 'ମୋନ୍ଥା': ଚାଷୀଙ୍କୁ ଘାରିଛି ଅମଳ ଚିନ୍ତା

ବାଲେଶ୍ୱର, ୨୬।୧୦ (ବାଞ୍ଛାନିଧି ଦେ)

ଅକ୍ଟୋବର ଆସିଲେ ମାଡ଼ିବସେ ବାତ୍ୟା ଭୟ। ଏବେ ପୁଣି ଆସୁଛି ବାତ୍ୟା 'ମୋନ୍ଥା'। ଏହି ସମ୍ଭାବ୍ୟ ବାତ୍ୟାକୁ ନେଇ ବାଲେଶ୍ୱର ଜିଲାର ଚାଷୀଙ୍କ ମଧ୍ୟରେ ଛାତିରେ ଛନକା ପଶିଛି। ବାତ୍ୟା ପ୍ରଭାବରେ ବର୍ଷକର ଖାଦ୍ୟ ନଷ୍ଟ ହେବାର ଆଶଙ୍କା ଥିବାରୁ ଚାଷୀକୁଳ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଧାନ ଚାଷ କରିଥିବା ଚାଷୀ ଗର୍ଭଣା ସଂକ୍ରାନ୍ତିରେ ନିଜ ଚାଷଜମିକୁ ଦେଖି ଖୁସି ହୋଇଥିବା ବେଳେ ବାତ୍ୟା 'ମୋନ୍ଥା' ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। ଏବେ ଧାନ ଗଛରେ କେଣ୍ଡା ବାହାରୁଥିବା ବେଳେ ଶୀତ ଦିନିଆ ପନିପରିବା ଅମଳ ହେବାକୁ ବସିଛି। ଏହି ସମୟରେ ଯଦି ବାତ୍ୟା ହୁଏ ତେବେ ବର୍ଷା ଓ ପବନରେ ଧାନ ଓ ପନିପରିବା ଫସଲ ନଷ୍ଟ ହେବା ଆଶଙ୍କା ରହିଛି। ସେହିପରି ପାନବରଜ ଚାଷୀ ବି ଭୟଭୀତ ହୋଇପଡ଼ିଛନ୍ତି। ବର୍ଷା ସହ ପବନ ବହିଲେ ପାନବରଜ ଭାଡ଼ି ଭାଙ୍ଗିଯିବ। ଅନ୍ୟପଟେ ସ୍ଥାନୀୟ ମତ୍ସ୍ୟ ବିଭାଗ ତରଫରୁ ଉପକୂଳ ଅଞ୍ଚଳରେ ଡାକବାଜି ଯନ୍ତ୍ର ଯୋଗେ ସଚେତନ କରାଯାଇଛି। ସମୁଦ୍ରକୁ ଯିବାକୁ ବାରଣ କରାଯାଇଥିବାରୁ ମତ୍ସ୍ୟଜୀବୀମାନେ ଘରମୁହାଁ ହେଉଛନ୍ତି। ସୁରକ୍ଷିତ ସ୍ଥାନକୁ ନିଜ ଜାଲ, ଡଙ୍ଗା ଓ ବୋଟ୍ ସହ ଯନ୍ତ୍ରାଂଶ ନେଇଯାଉଥିବା ଦେଖିବାକୁ ମିଳିଛି।



ଚାଷ ଜମିରେ ଥୋଡ଼ ବାହାରୁଛି।

ବାଲେଶ୍ୱର ଜିଲା କୃଷି କାର୍ଯ୍ୟାଳୟରୁ ମିଳିଥିବା ସୂଚନା ମୁତାବକ ଜିଲାରେ ୨ଲକ୍ଷ ୨୬ହଜାର ହେକ୍ଟର ଚାଷ ଜମି ରହିଛି। ଚଳିତବର୍ଷ ସେଥିରୁ୨ଲକ୍ଷ ୩ହଜାର ହେକ୍ଟର ଖରିଫ୍ ଧାନ ଚାଷ ହୋଇଥିବା ବେଳେ ୨୩ ହଜାର ହେକ୍ଟର ପନିପରିବା, ମକା, ମାଣ୍ଡିଆ ଆଦି ଅଣଧାନ ଚାଷ ହୋଇଛି। ୩୦ ପ୍ରତିଶତ ଧାନ ଚାଷ ଜମିରେ କେଣ୍ଡା ବା ଥୋଡ଼ ବାହାରିଛି। ଆଉ ଅଳ୍ପ ଦିନ ଭିତରେ ଅବଶିଷ୍ଟ ଧାନଗଛରେ ଥୋଡ଼ ବାହାରିବ। ଏହି ସମୟରେ ଯଦି ବାତ୍ୟା ସାଙ୍ଗକୁ ଲଗାଣ ବର୍ଷା ହୁଏ ତେବେ ଧାନଗଛ ଶୋଇଯିବା ସହ ଚାଷ କ୍ଷତିଗ୍ରସ୍ତ ହେବ। ଚଳିତବର୍ଷ ଜଳକା ଓ ସୁବର୍ଣ୍ଣରେଖାରେ ବାରମ୍ବାର ବନ୍ୟା ଯୋଗୁ ସଦର, ବସ୍ତା, ବାଲିଆପାଳ, ଜଳେଶ୍ୱର ଓ ଭୋଗରାଇ ବ୍ଲକରେ ଚାଷୀଙ୍କ ମେରୁଦଣ୍ଡ ଭୁଶୁଡ଼ି ପଡ଼ିଥିଲା। ପ୍ରତିକୂଳ ପରିସ୍ଥିତିରେ ଯେନତେନ ପ୍ରକାରେ ଚାଷୀ ଅଣ୍ଟା ସଳଖି ଚାଷ କରିଥିଲେ। ସମ୍ଭାବ୍ୟ ବାତ୍ୟାକୁ ନେଇ ଅମଳ ଆଶା ଚାଷୀଙ୍କୁ ଚିନ୍ତାରେ ପକାଇଛି। ରୂପସା ଅଞ୍ଚଳର ଚାଷୀ କାର୍ତ୍ତିକେଶ୍ୱର ପ୍ରଧାନ କୁହନ୍ତି, ବହୁତ ବାତ୍ୟା ଆମେ ଦେଖିଲୁଣି। ଧାର କରଜ କରି ଚାଷ କରିଛୁ। ଏବେ ଯଦି ବାତ୍ୟା ବର୍ଷା ହୁଏ ସର୍ବସ୍ୱ ପଳେଇବ। ବାହାବଳପୁର ଅଞ୍ଚଳର ବୋଟ୍ ମାଲିକ ପ୍ରବୀର ସାହୁ କୁହନ୍ତି, ମତ୍ସ୍ୟ ବିଭାଗ ନିର୍ଦ୍ଦେଶ ମୁତାବକ ସମୁଦ୍ରକୁ ମାଛ ଧରିବାକୁ ଯାଇଥିବା ବୋଟ୍ ଓ ଟ୍ରଲର କୂଳକୁ ଫେରାଇ ଅଣାଯାଇଛି। ସମୁଦ୍ର ତଟବର୍ତ୍ତୀ ଅଞ୍ଚଳକୁ ଅଧିକ ବାତ୍ୟା ଭୟ ଥିବାରୁ ଜନସାଧାରଣଙ୍କ ସୁରକ୍ଷା ପାଇଁ ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବା ଜରୁରୀ। ଜିଲା ମୁଖ୍ୟ କୃଷି ଅଧିକାରୀ ତୁଷାରକାନ୍ତି ତୁଙ୍ଗ କହିଛନ୍ତି, ସମ୍ଭାବ୍ୟ ବାତ୍ୟା ଓ ବର୍ଷା ଯୋଗୁ ଚାଷୀଙ୍କୁ ଏବେ ଜମିରେ ଥୋଡ଼ ସାର ଓ କୀଟନାଶକ ଔଷଧ ସ୍ପ୍ରେ କରିବା ପାଇଁ ବାରଣ କରାଯାଇଛି। ଜଳ ଜମି ରହୁଥିବା ତଳିଆ ଅଞ୍ଚଳରେ ଜଳ ନିଷ୍କାସନ ବ୍ୟବସ୍ଥା କରିବା ପାଇଁ ଚାଷୀଙ୍କୁ କୁହାଯାଇଛି। ବାତ୍ୟା ମୁକାବିଲା ପାଇଁ ଜିଲା ପ୍ରଶାସନ ପ୍ରସ୍ତୁତ ରହିଛି। ଜନସାଧାରଣ ଭୟଭୀତ ନ ହୋଇ ପ୍ରଶାସନର ନିର୍ଦ୍ଦେଶକୁ ମାନିବା ଆବଶ୍ୟକ ବୋଲି ଜିଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ କହିଛନ୍ତି।

OFFICE OF THE PRINCIPAL
K.C.G. SANSKRIT COLLEGE, JAGAMARA, BBSR-30
Email Id : kcgsanskritcollege10@gmail.com Website - HIMS
Letter No. - 76 dt.25.10.2025
ADVERTISEMENT
Interested and eligible retired academicians and Non teaching staffs require purely on contractual and temporary basis following subjects for K.C.G. Sanskrit College, Jagamara, Bhubaneswar-30, Sanskrit (Sahitya), Sanskrit (Sarvadarshan), Odia, English and Jr. Clerk & Peon.
Remuneration will be paid as per Higher Education Dept. Odisha. Interested person may apply through HIMS Portal. (Last date for apply 31.10.2025). Contact No. : 7978579344
Principal
K.C.G. Sanskrit College, Jagamara, BBSR-30

GOVT. OF ODISHA
No.O-1180
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE : KEONJHAR
email : se_nerwkjr@rediffmail.com
eProcurement Notice for Road Works under PM-JANMAN Batch-I
Identification No. NCB-24 / RWCKJR / 2025-26
No. 4511 / Date : 23.10.2025
1. Name of the work : Construction of road works under PM-JANMAN Batch-I in the District of Keonjhar. 2. No. of work : 03 (Three) Nos. 3. Estimated cost : As per Annexure in NIT. 4. Class of Contractor (Eligible) : As per Annexure in NIT. 5. Period of Completion : As per Annexure in NIT. 6. Other details :

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o C.C.E., R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | NCB-24 / RWCKJR / 2025-26 | Dt.30.10.25 at 11.00 A.M. | Dt.13.11.25 up to 5.00 P.M. | Dt.12.11.25 up to 5.00 P.M. | Dt.14.11.25 at 11.00 A.M. | Will be intimated later |

• Further details can be seen from the website : www.pmgsytenders.gov.in
Sd./- Chief Construction Engineer
R.W. Circle, Keonjhar
OIPR-25177/11/0101/2526

# ୧୮ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ସହ ଆତ୍ମସମର୍ପଣ କଲେ ୨୧ ମାଓବାଦୀ



ରାଇଘର,୨୬।୧୦
(କିରଣ ପଟ୍ଟନାୟକ)

ପୁନା ମାର୍ଗେମ (ପୁନର୍ବାସ ପାଇଁ ପଥ) ପ୍ରୟାସ ଅଧୀନରେ ରବିବାର ଛତିଶଗଡ଼ କାଙ୍କେର ଜିଲାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ରେକର୍ଡ କରାଯାଇଛି। ମୋଟ ୨୧ ମାଓବାଦୀ ୧୮ଟି ଅସ୍ତ୍ରଶସ୍ତ୍ର ଧରି ଆତ୍ମସମର୍ପଣ କରିଛନ୍ତି। ମାଓବାଦୀମାନେ ସାଙ୍ଗରେ ନେଇ ଆସିଥିବା ଅସ୍ତ୍ରଶସ୍ତ୍ର ମଧ୍ୟରେ ୩ଟି ଏକେ-୪୭ ରାଇଫଲ୍, ୪ଟି ଏସ୍ଏଲ୍ଆର୍ ରାଇଫଲ୍, ୨ଟି ଆଇଏନ୍ଏସ୍ଏଏସ୍ ରାଇଫଲ୍, ୬ଟି ୩୦୩ ରାଇଫଲ୍, ୨ଟି ସିଙ୍ଗଲ୍-ସଟ୍ ରାଇଫଲ୍ ଓ ଗୋଟିଏ ବିଜିଏଲ୍ ରହିଛି। ସମାଜର ମୁଖ୍ୟସ୍ରୋତକୁ ଫେରିବାକୁ ନିଷ୍ପତ୍ତି ନେଇଥିବା ଆତ୍ମସମର୍ପଣ କରିଥିବା ମାଓବାଦୀମାନେ କହିଛନ୍ତି। ସମସ୍ତ ଆତ୍ମସମର୍ପଣକାରୀ କ୍ୟାଡର କେଶକାଲ ଡିଭିଜନ (ଉତ୍ତର ଉପ-ଜୋନାଲ ବ୍ୟୁରୋ)ର କୁଏମାରୀ/କିସ୍କୋଡୋ ଏରିଆ କମିଟିର ଅଟନ୍ତି। ସେମାନଙ୍କ ମଧ୍ୟରେ ୪ ଜଣ ଡିଭିସିଏମ୍ (ଡିଭିଜନ ଉପାଧ୍ୟକ୍ଷ କମିଟି ସଦସ୍ୟ), ୯ ଜଣ ଏସିଆର କମିଟି ସଦସ୍ୟ ଏବଂ ଡିଭିଜନ କମିଟି ସଚିବ ମୁକେଶଙ୍କ ସମେତ ୮ ଜଣ ଦଳୀୟ ସଦସ୍ୟ ଅନ୍ତର୍ଭୁକ୍ତ। ସେମାନଙ୍କ ମଧ୍ୟରେ ୧୩ ଜଣ ମହିଳା ଏବଂ ୮ ଜଣ ପୁରୁଷ କ୍ୟାଡର ଅଛନ୍ତି। ଯେଉଁମାନେ ହିଂସା ଏବଂ ଜନବିରୋଧୀ ଚିନ୍ତାଧାରାର ପଥ ପରିତ୍ୟାଗ କରି ଶାନ୍ତି ଏବଂ ପ୍ରଗତି ପଥ ଗ୍ରହଣ କରିଛନ୍ତି। ଏମାନଙ୍କ ପାଇଁ ପୁନର୍ବାସନ ଏବଂ ସମାଜରେ ପୁନଃମିଳନ ପ୍ରକ୍ରିୟା ପୋଲିସ ଏବଂ ପ୍ରଶାସନିକସ୍ତରରେ ଜାରି ରହିଛି ବୋଲି ବସ୍ତର ଆଇଜି ପି. ସୁନ୍ଦରରାଜ କହିଛନ୍ତି।

# ୫୦୦ ଟଙ୍କିଆ ୮୦୩ଟି ଜାଲ ନୋଟ୍ ଜବତ

## ୩ ଗିରଫ, ବରଗଡ଼କୁ ଲମ୍ବିଛି ଚେର

ସୋନପୁର/ବିନିକା,୨୬।୧୦(ମୃତ୍ୟୁଞ୍ଜୟ ଶତପଥୀ/ରାମଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲାରେ ଜାଲନୋଟ କାରବାର ବୃଦ୍ଧି ପାଇଛି। ଏଥିରେ ଏକ ର୍ୟାକେଟ୍ କାମ କରୁଛି। ପଡୋଶୀ ବରଗଡ ଜିଲାକୁ ମଧ୍ୟ ଏହି ଅପରାଧର ଚେର ଲମ୍ବିଛି। ଜାଲ୍ ନୋଟ୍‌ଗୁଡ଼ିକୁ ସହଯୋଗୀଙ୍କ ଜରିଆରେ ଗ୍ରାମାଞ୍ଚଳ ବଜାରକୁ ଛଡ଼ାଯାଉଛି। ବିନିକା ପୋଲିସ ଏହି କାରବାରରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ସୁବର୍ଣ୍ଣପୁର ଜିଲା ଲଚ୍ଛିପୁର ଥାନା ରେଙ୍ଗାଲି ଗ୍ରାମର ଜୟନାରାୟଣ ବହିଆ(୨୭), ବିନିକା ଥାନା ଫୁଲମୁଠି ଗ୍ରାମର ଅଭିଷେକ ହୋତା(୨୩) ଓ ବେତ୍ରାପଡାର ଅଶୋକ ନାଏକ(୨୮)। ସେମାନଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତଙ୍କ ନିକଟରୁ ୮୦୩ଟି ୫୦୦ଟଙ୍କିଆ ଜାଲନୋଟ୍ ଜବତ ହୋଇଛି। ଏହାର ସମୁଦାୟ ମୂଲ୍ୟ ୪ଲକ୍ଷ ୧୫ଶହ ଟଙ୍କା ବୋଲି ସୁବର୍ଣ୍ଣପୁର ଏସ୍‌ପି ନାରାୟଣ ନାୟକ ବିନିକା ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଏସ୍‌ପି ନାୟକ କହିଛନ୍ତି, ବିଳମ୍ବିତ ରାତିରେ ଜାଲନୋଟ କାରବାର ସମ୍ପର୍କରେ ଗୋଇନ୍ଦା ସୂତ୍ରରୁ ଖବର ପାଇଥିଲେ। ବିନିକା ଥାନା ଆଇଆଇସି ସତ୍ୟନାରାୟଣ ପ୍ରଧାନଙ୍କୁ ଏହାର ଅନୁସନ୍ଧାନ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ପୋଲିସ ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲା। ଏହି ସମୟରେ ଜାଲନୋଟ ଦେବା ପାଇଁ ଫୁଲମୁଠି ଗ୍ରାମ ନିକଟରେ ଅଭିଷେକ ଓ ଅଶୋକ ଅପେକ୍ଷା କରିଥିଲେ। ଅତର୍କିତ ଚଢାଉ ଫଳରେ ଉଭୟ ପୋଲିସ ହାତରେ ଧରାପଡ଼ିଥିଲେ। ସେମାନଙ୍କଠାରୁ ପୋଲିସ ଜାଲନୋଟ୍ ଜବତ କରିଛି। ତଦନ୍ତ ପରେ ଏହି ସବୁ ଜାଲନୋଟ ରେଙ୍ଗାଲି ଗ୍ରାମର ଜୟନାରାୟଣ ଦେଇଥିବା ଜଣାପଡ଼ିଥିଲା। ସେ ବରଗଡର ଜଣେ ବ୍ୟକ୍ତିଙ୍କ ନିକଟରୁ ଆଣି ଟଙ୍କା ବଣ୍ଡଲରେ ମିଶାଇ ମାର୍କେଟ୍‌କୁ ଛାଡୁଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ୩ଟି ମୋବାଇଲ ଜବତ କରିଛି। ଚଢାଉରେ ଆଇଆଇସି ପ୍ରଧାନଙ୍କ ସମେତ ଏସଆଇ ତ୍ରିନାଥ ସାହୁ ଓ ପୋଲିସ ଟିମ୍ ସାମିଲ ଥିଲେ। ଏସ୍ଆଇ ପ୍ରସନ୍ନଜିତ ବେହେରା ମାମଲାର ତଦନ୍ତ କରୁଛନ୍ତି। ଏ ନେଇ ଥାନାରେ ଏକ ମାମଲା (ନଂ. ୨୧୯/୨୫) ରୁଜୁ ହୋଇଛି। ଏହି ର୍ୟାକେଟ୍‌ରେ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି ଓ ବଜାରକୁ କେତେ ପରିମାଣର ଜାଲନୋଟ ଛଡାଯାଇଛି ସେନେଇ ତଦନ୍ତ କରାଯାଉଥିବା ଏସ୍‌ପି କହିଛନ୍ତି। ସୂଚନାଥାଉକି, ପ୍ରାୟ ୨ବର୍ଷ ପୂର୍ବରୁ ଜିଲାର ଉଲୁଣ୍ଡା ବ୍ଲକ ମାଟିଖାଇ(ନୂଆବସ୍ତି)ର ଏକ ଘରେ ଜାଲନୋଟ କାରବାର ଚାଲିଥିଲା। ଓଡ଼ିଶା ପୋଲିସର ଏସ୍‌ଟିଏଫ୍ ଟିମ୍ ଚଢାଉ କରି ଲକ୍ଷାଧିକ ଟଙ୍କାର ଜାଲନୋଟ୍ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରିଥିଲା। ଏବେ ପୁଣି ଜାଲନୋଟ୍ ଜବତ ହେବା ପରେ ଏହି ଅଞ୍ଚଳରେ ଏହି ର୍ୟାକେଟ୍ ସକ୍ରିୟ ଥିବା ସ୍ପଷ୍ଟ ହେଉଛି।



ଜବତ ଟଙ୍କା ଓ ଗିରଫ ୩ ଅଭିଯୁକ୍ତ।

# ୨୧ ଦିନ ପରେ ଏବିଡିଓ ଗିରଫ

## ସ୍ତ୍ରୀଙ୍କୁ ହତ୍ୟା ଘଟଣା

ହାଟଡିହି/ବଉଳା/ଛେନାପଦି,୨୬।୧୦
(ଶୁଭକାନ୍ତ ନାୟକ/ ଦୁର୍ଗା ପ୍ରସାଦ ଆୟଚ/ ନିରାକାର ପରିଡ଼ା)

ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗରେ ଭଦ୍ରକ ଜିଲା ବନ୍ତ ବ୍ଲକ୍‌ରେ କାର୍ଯ୍ୟରତ ଏବିଡିଓ ଦେବୀ ପ୍ରସାଦ ଜେନାଙ୍କୁ ୨୧ ଦିନ ପରେ ଶନିବାର ବିଳମ୍ବିତ ରାତିରେ ନନ୍ଦିପଦା ପୋଲିସ ଗିରଫ କରିଛି। ଅଭିଯୁକ୍ତ ଜେନା ଘଟଣା ପରଠାରୁ ଫେରାର ଥିଲେ। ତାଙ୍କୁ ରବିବାର କୋର୍ଟଚାଲାଣ କରାଯାଇଥିବା ଡିଏସ୍‌ପି ପ୍ରଶାନ୍ତ ବେହେରା ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, କେନ୍ଦୁଝର ଜିଲା ହାଟଡିହୀ ବ୍ଲକ୍ ଡଅଁର ଗ୍ରାମରେ ଗତ ଅକ୍ଟୋବର ୨ରେ ଏବିଡିଓ ଜେନା ପାରିବାରିକ କଳହକୁ କେନ୍ଦ୍ରକରି ସ୍ତ୍ରୀ ସୁଦେଷ୍ଣା (୪୨)ଙ୍କ ବେକକୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ଘଟଣା ଘଟାଇ ସେ ଫେରାର ହୋଇଯାଇଥିଲେ। ପୁଅ ସତ୍ୟ ପ୍ରକାଶଙ୍କ ଅଭିଯୋଗ ପରେ ନନ୍ଦିପଦା ପୋଲିସ ଏକ ହତ୍ୟା ମାମଲା (ନଂ. ୨୯୪/୨୦୨୫) ରୁଜୁ କରିଥିଲା। ଆନନ୍ଦପୁର ଡିଏସ୍‌ପି ପ୍ରଶାନ୍ତ ବେହେରାଙ୍କ ନେତୃତ୍ୱରେ ଅଭିଯୁକ୍ତ ଏବିଡିଓଙ୍କୁ ଧରିବା ପାଇଁ ଏକ ସ୍ୱେଶାଲ ଟିମ୍ ଗଠନ ହୋଇଥିଲା। ଟିମ୍ ଭଦ୍ରକ, ଯାଜପୁର, ବାଲେଶ୍ୱର ଆଦି ବିଭିନ୍ନ ସ୍ଥାନରେ ନଜର ରଖିଥିଲା। ଶନିବାର ରାତିରେ ଏବିଡିଓ ପୁରୀରୁ ଟ୍ରେନ୍‌ରେ ଆସି ଯାଜପୁର ରୋଡ୍‌ରେ ଓହ୍ଲାଇ ଥିଲେ। ସେଠାରେ ଏକ ସାଇକେଲ କିଣି ଆଖୁଆପଦା ନଦୀବନ୍ଧରେ ଗେଡ଼ମା ରାସ୍ତାରେ ନସିରପୁର ଗ୍ରାମ ପଟକୁ ଯାଉଥିଲେ। ଖବର ପାଇ ପୋଲିସ ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି, ବଳିଆ ବାରିକ, ସୁଷମା ସେଠୀ, ବିନିତା ଲାକ୍ରା ପ୍ରମୁଖ ନସିରପୁରଠାରେ ଅଭିଯୁକ୍ତ ଜେନାଙ୍କୁ ଧରି ଥାନାକୁ ଆଣିଥିଲେ। ଗିରଫ ପରେ ଶାଳନିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜେନାଙ୍କ ଡାକ୍ତରୀ ମାଇନା କରାଯାଇ କୋର୍ଟଚାଲାଣ କରାଯାଇଥିଲା।



ଅଭିଯୁକ୍ତ ଦେବୀ ପ୍ରସାଦ ଜେନା

# କଲରାପତରିଆ ବାଘ ଛାଲ ଜବତ, ୨ ଗିରଫ

## ସୋନପୁରରେ ଏସ୍‌ଟିଏଫ୍ ଚଢ଼ାଉ

ସୋନପୁର,(ମୃତ୍ୟୁଞ୍ଜୟ ଶତପଥୀ)/ଭୁବନେଶ୍ୱର, ୨୬।୧୦ (ସତ୍ୟଜିତ ରାଉତ)

କ୍ରାଇମବ୍ରାଞ୍ଚର ସ୍ୱେଶାଲ ଟାସ୍କ ଫୋର୍ସ (ଏସଟିଏଫ୍) ରବିବାର ସୁବର୍ଣ୍ଣପୁର ଜିଲାର ସୋନପୁର ଥାନା ଅଞ୍ଚଳରେ ଚଢ଼ାଉ କରି ଏକ କଲରାପତରିଆ ବାଘ ଛାଲ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରିଛଇ। ସେମାନେ ହେଲେ ବୌଦ୍ଧ ଜିଲା ମନମୁଣ୍ଡା ଥାନା ଅନ୍ତର୍ଗତ ତୁନିଖମାର ଗ୍ରାମର ପ୍ରକାଶ କହଁର (୨୪) ଓ ବୁଢ଼ିଖମାର ଗ୍ରାମର ରଞ୍ଜିତ ଭୋକ୍ତା (୩୭)। ଏନେଇ ଏସଟିଏଫ୍ ପକ୍ଷରୁ ବିଏନ୍ଏସ୍‌ର ବିଭିନ୍ନ ଦଫା ଏବଂ ୱାଇଲ୍ଡ ଲାଇଫ୍ ପ୍ରୋଟେକ୍ସନ ଆକ୍ଟରେ ଏକ ମାମଲା (ନଂ.୨୨/୨୦୨୫) ରୁଜୁ କରାଯାଇଛି। ଅଭିଯୁକ୍ତଦ୍ୱୟଙ୍କୁ ସୋନପୁର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଅଭିଯୁକ୍ତଦ୍ୱୟ ବାଘ ଶିକାର କରିଥିଲେ ନା କାହାଠାରୁ ବାଘଛାଲ ଆଣିଥିଲେ ସେନେଇ ଏସ୍‌ଟିଏଫ୍ ଅଧିକ ତଦନ୍ତ କରୁଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ପ୍ରକାଶ ଓ ରଞ୍ଜିତ ବାଘଛାଲ ଡିଲ୍ ପାଇଁ ଏକ ବାଇକରେ ସୋନପୁର-ବରପାଲି ରୋଡ୍ (ଏନଏଚ୍-୧୨୬ଏ) ଦେଇ ଆସୁଥିବାବେଳେ ଅର୍ଜୁନପୁର ଛକ ନିକଟରେ ଅଭିଯୁକ୍ତଦ୍ୱୟଙ୍କୁ ଏସ୍‌ଟିଏଫ୍ ଟିମ୍ କାବୁ କରିଥିଲା।



# ନକଲି ବିଦେଶୀ ମଦ କାରଖାନା ଠାବ

ପରଜଙ୍ଗ,୨୬।୧୦
(ନିଗମାନନ୍ଦ ଦଳବେହେରା)



ଢେଙ୍କାନାଳ ଜିଲା ପରଜଙ୍ଗ ଅବକାରୀ କାର୍ଯ୍ୟାଳୟଠାରୁ ମାତ୍ର ୩ କି.ମି. ଦୂର କନ୍ଦରସିଂହା ପଞ୍ଚାୟତ କଟରାପଡ଼ା ଗ୍ରାମରେ ଶନିବାର ରାତିରେ ଅବକାରୀ ବିଭାଗ ଏକ ଘରେ ଚାଲିଥିବା ନକଲି ବିଦେଶୀ ମଦ କାରଖାନା ଠାବ କରିଛି। ସେଠାରୁ ଲକ୍ଷାଧିକ ଟଙ୍କାର ନକଲି ବିଦେଶୀ ମଦ, ମଦ ତିଆରି ସାମଗ୍ରୀ ଜବତ କରାଯିବା ସହ ଜଣେ ମହିଳାଙ୍କୁ ଗିରଫ କରାଯାଇଛି। ଏହି କାରବାରରେ ସ୍ୱାମୀ ସ୍ତ୍ରୀ ଜଡ଼ିତ ଥିବା ଜଣାପଡ଼ିଛି। ମହିଳାଙ୍କ ସ୍ୱାମୀ ବିଚିତ୍ର ନାଏକ ଫେରାର ହୋଇଯାଇଛନ୍ତି।

ଅବକାରୀ ବିଭାଗର ସୂଚନା ଅନୁଯାୟୀ, ଚଢ଼ାଉବେଳେ ଘର ଭିତରେ ଏକ ନକଲି ବିଦେଶୀ ମଦ କାରଖାନା ଚାଲୁଥିବା ଦେଖିବାକୁ ମିଳିଥିଲା। ଅବକାରୀ ଟିମ୍ ଯାଞ୍ଚବେଳେ ଲକ୍ଷାଧିକ ଟଙ୍କାର ନକଲି ବିଦେଶୀ ମଦ, ଗୋଟିଏ ମଦ ତିଆରି ମେଶିନ୍, ଗୋଟିଏ ବୋତଲ ସିଲ୍ ମେଶିନ୍, ୩୫୦ ଲିଟର ସ୍ପିରିଟ, ୬ ଲିଟର ଫ୍ଲେଭର୍, ବିଭିନ୍ନ ବ୍ରାଣ୍ଡର ନକଲି ବିଦେଶୀ ଖାଲି ମଦ ବୋତଲ, ୧୦ ଲିଟର କାରମେଲ୍, ୭୨୬୫ଟି ଲେବୁଲ ଷ୍ଟିକର,୧୭୯୧୭ ଠିପି, ମଦ ଭର୍ତ୍ତି ପେଟି ସହ ମଦ ତିଆରି ପାଇଁ ବିଭିନ୍ନ ପ୍ରକାର କେମିକାଲ ସାମଗ୍ରୀ ଜବତ କରାଯାଇଛି। କାମାକ୍ଷାନଗର ଅବକାରୀ ଉପଅଧୀକ୍ଷକ ସାୱନ କୁମାର ଭୋଳ, ପରଜଙ୍ଗ ଅବକାରୀ ଏସ୍ଆଇ ବାସନ୍ତୀ ଖ୍ଲାକି, ଭୁବନ ଅବକାରୀ ଏସ୍ଆଇ ଦିପନ ବିଶ୍ୱାଳଙ୍କ ସମେତ ଅନ୍ୟ କର୍ମଚାରୀ ମିଳିତ ଭାବେ ଚଢ଼ାଉ କରିଥିଲେ। ଦୀର୍ଘ ବର୍ଷଧରି ଘର ଭିତରେ ବ୍ୟାପକ ପରିମାଣର ନକଲି ବିଦେଶୀ ମଦ ତିଆରି କରାଯାଇ ତାହା କେଉଁ ଅଞ୍ଚଳକୁ ଚାଲାଣ କରାଯାଉଥିଲା ତାହା ଅସ୍ପଷ୍ଟ ରହିଛି। ଖୁବଶୀଘ୍ର ମଦ କାରଖାନାର ଗୁମର ଖୋଲିବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତିଙ୍କ କହିବା ଅନୁଯାୟୀ, ଉକ୍ତ ଘରକୁ ପ୍ରତିଦିନ କିଛି ଶ୍ରମିକ କାର୍ଯ୍ୟ କରିବାକୁ ଯାଇଥାନ୍ତି। କିନ୍ତୁ ସେଠାରେ ମଦ ତିଆରି କଥା ବାହାରକୁ ଆସି ନ ଥିଲା। ଏହାର ବିଧିବଦ୍ଧ ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ବିଭିନ୍ନ ସାମଗ୍ରୀ ସହ ମେଶିନ୍ ଜବତ, ଜଣେ ଗିରଫ


# Business

# ଓଡ଼ିଶାରେ ଜିଓର ୧.୬୫ କୋଟି, ବିଏସଏନଏଲର ୫୫.୫୮ ଲକ୍ଷ ଗ୍ରାହକ

## ଟ୍ରାଇ ତଥ୍ୟ

ଭୁବନେଶ୍ୱର,୨୬।୧୦(ଅନୁରାଧା ମହାରଣା)

ଓଡ଼ିଶାରେ ଏକ ନମ୍ବର ଡିଜିଟାଲ ସେବା ପ୍ରଦାନକାରୀ ଭାବରେ ନିଜର ସ୍ଥିତିକୁ ସୁଦୃଢ଼କରି ରିଲାଏନ୍ସ ଜିଓ ଅଗଷ୍ଟରେ ରାଜ୍ୟରେ ସର୍ବାଧିକ ନୂତନ ମୋବାଇଲ ଗ୍ରାହକ ଯୋଡ଼ିଛି। ଭାରତୀୟ ଦୂରସଞ୍ଚାର ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ ଗ୍ରାହକ ତଥ୍ୟ ଅନୁଯାୟୀ, ରିଲାଏନ୍ସ ଜିଓ ୨୦୨୫ ଅଗଷ୍ଟରେ ଓଡ଼ିଶାରେ ପ୍ରାୟ ୧.୪୯ ଲକ୍ଷ ନୂତନ ମୋବାଇଲ ଗ୍ରାହକ ଯୋଡ଼ିଛି। ଏଥିସହିତ ଓଡ଼ିଶାରେ ଜିଓ ନେଟୱର୍କରେ ମୋଟ ମୋବାଇଲ ଗ୍ରାହକ ସଂଖ୍ୟା ୧ କୋଟି ୬୫ ଲକ୍ଷ ଅତିକ୍ରମ କରିଛି ଏବଂ ଜିଓ ୪୬.୫ ପ୍ରତିଶତ ଗ୍ରାହକ ବଜାର ଅଂଶ ହାସଲ କରିଛି। ଅନ୍ୟପଟେ ବିଏସ୍ଏନ୍ଏଲ୍‌ର ମୋଟ୍ ଗ୍ରାହକସଂଖ୍ୟା ୫୫.୫୮ ଲକ୍ଷ, ଏୟାରଟେଲର ୧.୨ କୋଟିଏବଂ ଭୋଡାଫୋନ୍ ଆଇଡିଆର ମୋଟ ଗ୍ରାହକସଂଖ୍ୟା। ୧୪.୬ ଲକ୍ଷ ରହିଛି। ଓଡ଼ିଶାର ଗ୍ରାମାଞ୍ଚଳ ଓ ଉପାନ୍ତ ଅଞ୍ଚଳରେ ଜିଓ ଭାରତ ହଜାର ହଜାର ୨ଜି ଗ୍ରାହକଙ୍କୁ ୪ଜିକୁ ଅପଗ୍ରେଡ କରିବାରେ ସକ୍ଷମ କରିଛି। ତଥ୍ୟ ଅନୁଯାୟୀ, ଓଡ଼ିଶାରେ ମୋଟ ମୋବାଇଲ ଗ୍ରାହକଙ୍କ ସଂଖ୍ୟା ଅଗଷ୍ଟରେ ୨.୪୬ ଲକ୍ଷ ବୃଦ୍ଧି ପାଇ ୩୧ ଅଗଷ୍ଟ ୨୦୨୫ ସୁଦ୍ଧା ୩.୫୬ କୋଟି ଅତିକ୍ରମ କରିଛି। ଓଡ଼ିଶାରେ ୫ଜି ଫିକ୍ସଡ ୱାୟାରଲେସ ଆକ୍ସେସ (ଏଫଡବ୍ଲ୍ୟୁଏ) ସେବାରେ ପ୍ରାଧାନ୍ୟ ବିସ୍ତାର କରିଛି। ୨୦୨୫ ଅଗଷ୍ଟ ଶେଷ ସୁଦ୍ଧା ରାଜ୍ୟରେ ଜିଓର ୨.୨୬ ଲକ୍ଷରୁ ଅଧିକ ୫ଜି ଏଫ୍‌ଡବ୍ଲ୍ୟୁଏ ଏବଂ ୨୫୮୫୧ ୟୁବିଆର ଏଫ୍‌ଡବ୍ଲ୍ୟୁଏ ଗ୍ରାହକ ରହିଛନ୍ତି। ୱାୟାରଲେସ, ୱାୟାରଲାଇନ ଏବଂ ୫ଜି ଏଫଡବ୍ଲ୍ୟୁଏ କ୍ଷେତ୍ରରେ ଜିଓ ଓଡ଼ିଶାର ସର୍ବାଧିକ ପସନ୍ଦର ଡିଜିଟାଲ ସେବା ପ୍ରଦାନକାରୀ ହୋଇଛି। ଡିଜିଟାଲ ଅନ୍ତର୍ଭୁକ୍ତୀକରଣକୁ ପୁନଃପରିଭାଷିତ କରି ଜିଓ ଏୟାରଫାଇବର ହାଇ ସ୍ପିଡ ବ୍ରଡବ୍ୟାଣ୍ଡ, ଅସୀମିତ ୱାଇଫାଇ, ୮୦୦ରୁ ଅଧିକ ଟିଭି ଚ୍ୟାନେଲ, ୧୧ରୁ ଅଧିକ ଓଟିଟି ଆପ୍, ଅସୀମିତ ୱାଇଫାଇ ଏବଂ ଆହୁରି ଅନେକ ସୁବିଧା ସହିତ ଲକ୍ଷ ଲକ୍ଷ ଛାତ୍ରୀଛାତ୍ର, ବୃତ୍ତିଗତ ପ୍ରଫେସନାଲ, ଉଦ୍ୟୋଗୀ ଏବଂ ପରିବାରକୁ ଉପକୃତ କରିଛି।




# ମଦ ବିକ୍ରି ୧୦-୨୦% ବଢ଼ିବା ଆକଳନ

ଭୁବନେଶ୍ୱର,୨୬।୧୦

ପାର୍ବଣ ଋତୁରେ ମଦ ବ୍ୟବସାୟ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ଅକ୍ଟୋବର-ଡିସେମ୍ବର ମାସରେ ୧୦-୨୦% ବିକ୍ରି ବଢ଼ିବ ବୋଲି ଆକଳନ କରାଯାଉଛି। ପ୍ରିମିୟମ ମଦ ଯେମିତି ସ୍କଚ୍, ହ୍ୱିସ୍କି, ରମ୍, ଭୋଡ଼କା ଜିନ୍ ଓ ଟେକ୍ୱିଲାରେ ବେଶି ବିକ୍ରି ହୋଇଛି। କେବଳ ବଡ଼ ସହର ନୁହେଁ ବରଂ ଛୋଟ ସହରରେ ମଧ୍ୟ ବିକ୍ରି ବଢ଼ିଛି। ରାଡିକୋ ଖାଇତାନ୍ ମୁଖ୍ୟ ଅମର ସିଂହ କହିଛନ୍ତି, ଏହି ଉତ୍ସବ ଋତୁରେ ପ୍ରିମିୟମ ଓ ଲକ୍ଜୁରି ମଦରେ ଭଲ ବିକ୍ରି ହୋଇଛି। ଲୋକେ ଉନ୍ନତ ମଦ ପସନ୍ଦ କରୁଛନ୍ତି। ରାମପୁର୍ ଇଣ୍ଡିଆନ୍ ସିଙ୍ଗଲ ମାଲ୍ଟ ଓ ଜୈଶଲମେର ଇଣ୍ଡିଆନ୍ କ୍ରାପ୍ଟ ଜିନରେ ବେଶି ବିକ୍ରି ହୋଇଛି। ବଡ଼ଦିନ ଓ ନୂଆ ବର୍ଷରେ ମଧ୍ୟ ଏହି ଧାରା ଜାରି ରହିବ। ସିଆଇଏବିସିର ଅନନ୍ତ ଏସକ ଆୟର କହିଛନ୍ତି, ଭଲ ମୌସୁମୀ ଓ ଅର୍ଥନୀତି ବିକ୍ରି ବଢ଼ାଇବ। ଆଇଏସ୍‌ଡବ୍ଲ୍ୟୁଆଇ ସିଇଓ ସଞ୍ଜିତ ପାଢ଼ୀ କହିଛନ୍ତି, ଜିଏସ୍‌ଟି ଲାଭ କାରଣରୁ ପ୍ରିମିୟମ ମଦରେ ବିକ୍ରି ବେଶି ହୋଇଛି। ନୋଇଡ଼ା ଓ ଗୁରୁଗ୍ରାମରେ ରେକର୍ଡ ବିକ୍ରି ହୋଇଥିବାବେଳେ ତେଲଙ୍ଗାନାରେ ଦଶହରାରେ ୨ ଦିନରେ ୧,୦୦୦ କୋଟି ଓ କୋଲକାତାରେ ଦୁର୍ଗାପୂଜାରେ ୧୫-୧୬% ବିକ୍ରି ବୃଦ୍ଧି ହୋଇଛି। ୨୦୨୪ରେ ୪୦୮ ମିଲିୟନରୁ ୩.୫ ଲକ୍ଷ କୋଟି ଅବକାରୀ ଆୟ ହୋଇଛି।



# ଅକ୍ଟୋବର ୩୧ରେ ଆଇପିଓ ଲଞ୍ଚ କରିବ ଲେନ୍ସକାର୍ଟ

ଭୁବନେଶ୍ୱର,୨୬।୧୦

ଚଷମା କମ୍ପାନୀ ଲେନ୍ସକାର୍ଟ ସଲ୍ୟୁସନ୍ସ ଅକ୍ଟୋବର ୩୧ରେ ପ୍ରଥମ ଆଇପିଓ ଆରମ୍ଭ କରିବାକୁ ଯାଉଛି। ଏହା ମାଧ୍ୟମରେ କମ୍ପାନୀ ୨,୧୫୦ କୋଟିରୁ ଅଧିକ ଟଙ୍କା ସଂଗ୍ରହ କରିବାକୁ ଚେଷ୍ଟା କରୁଛି, ଯାହା ନୂଆ ଶେୟାରର୍ ଫ୍ରେଶ ଇସ୍ୟୁ ମାଧ୍ୟମରେ ହେବ। ରେଡ୍ ହେରିଙ୍ଗ ପ୍ରସ୍ପେକ୍ଟସ (ଆର୍ଏଚ୍‌ପି) ଅନୁଯାୟୀ, ଆଇପିଓ ନଭେମ୍ବର ୪ରେ ଶେଷ ହେବ। ଅକ୍ଟୋବର ୩୦ରେ ଗୋଟିଏ ଦିନ ପାଇଁ ଆଙ୍କର୍ ଇନ୍‌ଭେଷ୍ଟରଙ୍କ ପାଇଁ ବିଡିଙ୍ଗ ଖୋଲାଯିବ। ଫ୍ରେଶ ଇସ୍ୟୁ ସହିତ ଅଫର୍-ଫର୍-ସେଲ୍ (ଓଏଫ୍ଏସ୍) ମଧ୍ୟ ରହିବ, ଯେଉଁଥିରେ ପ୍ରମୋଟର୍ ଓ ଇନ୍‌ଭେଷ୍ଟରମାନେ ୧୨.୭୫ କୋଟିରୁ ଅଧିକ ଇକ୍ୱିଟି ଶେୟାର୍ ବିକ୍ରି କରିବେ। ଓଏଫ୍ଏସ୍‌ରେ ପ୍ରମୋଟର ପୀୟୂଷ ବଂଶଲ, ନେହା ବଂଶଲ, ଅମିତ ଚୌଧରୀ ଓ ସୁମିତ କପାହୀ ଏବଂ ଇନଭେଷ୍ଟରମାନେ ଏସ୍‌ଭିଏଫ୍-୨ ଲାଇଟବଲ୍‌ବ (କେମ୍ୟାନ) ଲିମିଟେଡ, ସ୍କ୍ରୋଡର୍ସ କ୍ୟାପିଟାଲ ପ୍ରାଇଭେଟ ଇକ୍ୱିଟି ଏସିଆ ମୌରିସସ ଲିମିଟେଡ, ପିଆଇ ଅପର୍ଚୁନିଟିଜ ଫଣ୍ଡ ୨, ମ୍ୟାକ୍ରିଟି ଇନଭେଷ୍ଟମେଣ୍ଟସ୍ ପ୍ରାଇଭେଟ ଲିମିଟେଡ, କେଦାର କ୍ୟାପିଟାଲ ଫଣ୍ଡ ୨ ଏଲଏଲପି ଓ ଆଲ୍ଫା ୱେଭ ଭେଞ୍ଚର୍ସ ଏଲପି ଶେୟାର ବିକ୍ରି କରିବେ।

# ୱାଇ-ଫାଇ ୮ର ସଫଳ ପରୀକ୍ଷଣ

ଭୁବନେଶ୍ୱର,୨୬।୧୦

ଇଣ୍ଟରନେଟ ଜଗତରେ ଏକ ନୂଆ ଅଧ୍ୟାୟ ଆରମ୍ଭ ହେବାକୁ ଯାଉଛି। ଟିପି-ଲିଙ୍କ ୟୁଏସ୍ଏ ଓ କ୍ୱାଲକମ ସମେତ ଅନେକ ଟେକ କମ୍ପାନୀ ମିଳିତ ଭାବେ ଓଇ-ଫାଇ ୮ ପ୍ରଯୁକ୍ତିବିଦ୍ୟାର ସଫଳ ପରୀକ୍ଷଣ କରିଛନ୍ତି। ଏକ ପ୍ରୋଟୋଟାଇପ ଡିଭାଇସ ମାଧ୍ୟମରେ ଡାଟା ପଠାଇବା ଓ ଗ୍ରହଣରେ ସଫଳତା ହାସଲ କରି ଓଇ-ଫାଇ ୮ ଏକ ଧାରଣାରୁ ବାସ୍ତବତା ଆଡ଼କୁ ଗତି କରୁଛି। ଏହି ନୂଆ ପିଢ଼ିର ଓ୍ୟାରଲେସ ପ୍ରଯୁକ୍ତି ଆଇଇଇଇ୮୦୨.୧୧ର ଅଲଟ୍ରା ହାଇ ରିଲାଏବିଲିଟି(ୟୁଏଚ୍ଆର୍) ଅଧୀନରେ ତିଆରି ହେଉଛି, ଯାହା ଦ୍ରୁତ ଗତି ସହିତ ସ୍ଥିର ଓ ଭରସାଯୋଗ୍ୟ ସଂଯୋଗ ପ୍ରଦାନ କରିବ। ଏଆଇ, ରୋବୋଟିକ୍ସ, ଶିଳ୍ପ ଅଟୋମେଶନ ଓ ହାଇ-ଡାଟା ପ୍ରୋସେସିଂ ପାଇଁ ଏହା ଉପଯୁକ୍ତ। ଓଇ-ଫାଇ ୮, ଓଇ-ଫାଇ ୭ ଅପେକ୍ଷା ୨୫% ଅଧିକ ଗତି, ୨୫% କମ୍ ଲେଟେନ୍ସି, ନେଟୱର୍କ ବଦଳାଇଲେ ଅବିଚ୍ଛିନ୍ନ ସଂଯୋଗ ଓ କମ ଶକ୍ତି ବ୍ୟୟ ସହିତ ଡିଭାଇସ ମଧ୍ୟରେ ସିଧାସଳଖ ସଂଯୋଗରେ ଉନ୍ନତି ଆଣିବ। ବର୍ତ୍ତମାନ ଏହା ପରୀକ୍ଷଣ ପର୍ଯ୍ୟାୟରେ ଅଛି ଓ ୨୦୨୮ ମାର୍ଚ୍ଚ ସୁଦ୍ଧା ଆଇଇଇଇ୮୦୨.୧୧ ବିଏନ୍ ଦ୍ୱାରା ଅନୁମୋଦିତ ହେବ, ଯାହା ପରେ ଓଇ-ଫାଇ ୮ ରାଉଟର ଓ ଡିଭାଇସ ବଜାରରେ ଆସିବ। ଭାରତରେ ଏହାର ଆଗମନ ୬ ଗିଗାହଜ୍ ବ୍ୟାଣ୍ଡ ସ୍ପେକ୍ଟ୍ରମ ବିବାଦ ହେତୁ ବିଳମ୍ବ ହୋଇପାରେ, ଯାହା ଟେଲିକମ ଓ ଟେକ କମ୍ପାନୀମାନଙ୍କ ମଧ୍ୟରେ ବିତର୍କର ବିଷୟ। ସରକାରୀ ନିଷ୍ପତ୍ତି ଅନୁଯାୟୀ ଭାରତରେ ଓଇ-ଫାଇ ୮ର ଉପଲବ୍ଧତା ନିର୍ଭର କରିବ।

# ଏସ୍‌ବିଆଇ କାର୍ଡସ: ୨ୟ ତ୍ରୈମାସରେ ୫,୧୩୬ କୋଟି ଆୟ

ଭୁବନେଶ୍ୱର,୨୬।୧୦(ଅନୁରାଧା ମହାରଣା)

ଏସ୍‌ବିଆଇ କାର୍ଡସ ଏଣ୍ଡ ପେମେଣ୍ଟ ସର୍ଭିସେସ ଲିମିଟେଡ୍‌ର ବୋର୍ଡ ସେପ୍ଟେମ୍ବର ୩୦ରେ ଶେଷ ହୋଇଥିବା ତ୍ରୈମାସିକର ଆର୍ଥିକ ଫଳାଫଳ ଅନୁମୋଦନ କରିଛି। ଆର୍ଥିକ ବର୍ଷ ୨୦୨୫-୨୬ର ଦ୍ୱିତୀୟ ତ୍ରୈମାସରେ ମୋଟ ଆୟ ୧୩% ବୃଦ୍ଧି ପାଇ ୫,୧୩୬ କୋଟି ଟଙ୍କା ଆୟ କରିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଏହା ୪,୫୫୬ କୋଟି ଟଙ୍କା ଥିଲା। ନେଟ ଲାଭ ୧୦% ବୃଦ୍ଧି ପାଇ ୪୪୫ କୋଟି ହୋଇଛି। ଯାହାକି ଗତ ଆର୍ଥିକ ବର୍ଷରେ ସମାନ ସମୟରେ ୪୦୪ କୋଟି ଟଙ୍କା ଥିଲା। କାର୍ଡ-ଇନ୍-ଫୋର୍ସ ୧୦% ବୃଦ୍ଧିପାଇ ୨.୧୫ କୋଟି ଓ ଖର୍ଚ୍ଚ ୩୧% ବୃଦ୍ଧି ପାଇ ୧,୦୭,୦୬୩ କୋଟି ହୋଇଛି। ରେସିଭବେଲ ୮% ବୃଦ୍ଧି ପାଇ ୫୯,୮୪୫ କୋଟି ରହିଛି। ବଜାର ଅଂଶ କାର୍ଡରେ ୧୯% ଓ ଖର୍ଚ୍ଚରେ ୧୭% ରହିଛି। ଅନ୍ୟପଟେ ଇଣ୍ଟରେଷ୍ଟ ଆୟ ୨,୪୯୦ କୋଟି, ଫିସ ୨,୪୭୧ କୋଟି, ଅପରେଟିଙ୍ଗ ଖର୍ଚ୍ଚ ୨,୪୮୪ କୋଟି ଓ ବ୍ୟାଡ ଡେବ୍ଟ ୧,୨୯୩ କୋଟି ଥିବା ସୂଚନା ରହିଛି।

## ଗଛ ଡାଳ ପଡ଼ି ଯୁବକ ଗୁରୁତର

ସୋର,(ଜଳେଶ୍ୱର ମିଶ୍ର): ବାଲେଶ୍ୱର ଜିଲା ସୋର ଥାନା ସୋର-ଅନନ୍ତପୁର ରାସ୍ତା ବାଲଙ୍ଗ ଛକ ନିକଟରେ ଗଛ କାଟୁଥିବା ବେଳେ ତଳେ ଛିଡ଼ା ହୋଇଥିବା ଜଣେ ଯୁବକଙ୍କ ମୁଣ୍ଡରେ ଡାଳ ପଡ଼ିଯିବାରୁ ସେ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ବାହାନଗା ବ୍ଲକ ଚିତଳ ଗ୍ରାମର ବିନୋଦ ମହାଳିକ। ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ମେଡିକାଲରେ ୨୪ଘଣ୍ଟିଆ ରୋଗୀସେବା, ଥାନା ପ୍ରତିଷ୍ଠା ଦାବି

### ବିଧାୟକଙ୍କ ସହ ତୁଡିଗଡିଆ ଜନକଲ୍ୟାଣ ପରିଷଦର ଆଲୋଚନା

ଖଇରା, ୨୬।୧୦(ଉତ୍କଳବନ୍ଧୁ ପଣ୍ଡା)


ବୈଠକରେ ବିଧାୟକ ଓ ଅନ୍ୟମାନେ।

ବାଲେଶ୍ୱର ଜିଲା ଖଇରା ବ୍ଲକର ପ୍ରସିଦ୍ଧ ତୁଡିଗଡିଆ କାଳୀପୂଜା ଧୁମଧାମରେ ଚାଲିଥିବା ବେଳେ ଶୁକ୍ରବାର ସନ୍ଧ୍ୟାରେ ବିଧାୟକ ପଲ୍ଲବଲୋଚନ ପଣ୍ଡା, ବ୍ଲକ ଅଧ୍ୟକ୍ଷ ଅଭିଜିଷ୍ଟା ସାହୁ, ଜିଲା ପରିଷଦ ସଭ୍ୟ ମାନସ କୁମାର ଦାସ, ବିଡିଓ ନାରାୟଣ ସାହୁ ଓ ତହସିଲଦାର ଅମିତ ରଞ୍ଜନ ହୋତା ପ୍ରମୁଖ ସ୍ଥାନୀୟ ଲୋକପ୍ରତିନିଧିଙ୍କ ସହ ପହଞ୍ଚି ମା'ଙ୍କ ଦର୍ଶନ କରିଥିଲେ। ଶହୀଦ ଭବନ ପରିସରରେ ଶହୀଦ ଜନକଲ୍ୟାଣ ପରିଷଦର କର୍ମକର୍ତ୍ତା, ଉପଦେଷ୍ଟା ଓ ସଭ୍ୟମାନଙ୍କ ସହ ବିଧାୟକଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିସହ ପରିଷଦ ତରଫରୁ ତୁଡିଗଡିଆର ବିଭିନ୍ନ ସମସ୍ୟା ନେଇ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିମଧ୍ୟରେ ତୁଡିଗଡିଆ ମେଡିକାଲରେ ୨୪ଘଣ୍ଟିଆ ସେବା ବ୍ୟବସ୍ଥା, ନିଳାମ୍ବର ସରକାରୀ ଉଚ୍ଚ ବିଦ୍ୟାଳୟକୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଉନ୍ନୀତ, ଅସାମାଜିକ କାର୍ଯ୍ୟକଳାପକୁ ରୋକିବାକୁ ତୁଡିଗଡିଆରେ ଏକ ଥାନା ପ୍ରତିଷ୍ଠା, ବସ୍‌ଷ୍ଟାଣ୍ଡଠାରୁ ଡାଲଙ୍ଗ ଛକ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ, ଡ୍ରେନେଜ ବ୍ୟବସ୍ଥାର ପୁନରୁଦ୍ଧାର, ପର୍ଯ୍ୟଟନସ୍ଥଳୀର ବିକାଶ ସାଙ୍ଗକୁ ବଜାର ଦୁଇ ପାର୍ଶ୍ୱରେ ତୋରଣ ନିର୍ମାଣ, ସୋର, ଖଇରା ଓ ଉପଦାର ମଧ୍ୟରେ ତୁଡିଗଡିଆଠାରେ ଏକ ନୂତନ ବ୍ଲକ ପ୍ରତିଷ୍ଠା ଅନ୍ତର୍ଭୁକ୍ତ। ବିଧାୟକ ଏସବୁ ଉପରେ ଧ୍ୟାନ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଆଲୋଚନା ବେଳେ ସଭାପତି ବିଷ୍ଣୁମୋହନ ସାହୁ, ସମ୍ପାଦକ ବସନ୍ତ କୁମାର ସାହୁ, ଉପଦେଷ୍ଟା ଲୋକନାଥ ପଣ୍ଡା, ବିଷ୍ଣୁମୋହନ ଶତପଥି, ଉପେନ୍ଦ୍ର ପ୍ରସାଦ ପାଢ଼ୀ, ଉପେନ୍ଦ୍ର ପାଣିଗ୍ରାହୀ, ସୁଦାମ ସାହୁ ଓ ଅଭିମନ୍ୟୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଜଙ୍ଗଲରୁ ମିଳିଲା ନିଖୋଜ ମହିଳାଙ୍କ ମୃତଦେହ

ରାଇରଙ୍ଗପୁର, ୨୬।୧୦(ମାନସ ମହାନ୍ତି)- ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅନ୍ତର୍ଗତ ମଧୁପୁର ଗ୍ରାମ ନିକଟସ୍ଥ ପିଢାକଟା ଜଙ୍ଗଲରୁ ଶନିବାର ନିଖୋଜ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ବିଶୋଇ ଥାନା ଅଧିକାରୀ ଶରତ ଚନ୍ଦ୍ର ଦାସ ଏବଂ ଏଏସ୍‌ଆଇ ରଞ୍ଜିତା ଦାସ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ମୃତ ମହିଳା ଜଣକ ହେଲେ ଗୋରୁମହିଷାଣୀ ଥାନା ଅନ୍ତର୍ଗତ ଲୁହାଶିଳା ଗ୍ରାମର ସୁନ୍ଦର ମୋହନ ମୁର୍ମୁଙ୍କ ସ୍ତ୍ରୀ ଇନ୍ଦ୍ରମଣି (୩୪)। ଇନ୍ଦ୍ରମଣି ଗତ ବୁଧବାରଠାରୁ ନିଖୋଜ ଥିଲେ। ପରିବାର ଲୋକେ ବିଭିନ୍ନ ଅଞ୍ଚଳରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୧/୨୦୨୫) ରୁଜୁ ହୋଇଛି।

# ଆଉ ୨ ଅଭିଯୁକ୍ତ ଗିରଫ

ମୋରଡ଼ା,୨୬।୧୦(ସ୍ୱାଗତ ମାଝୀ)

### ଆଦିବାସୀ ନାବାଳିକାଙ୍କୁ ଗଣବଳାତ୍କାର ଘଟଣା

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅଞ୍ଚଳରେ ଆଦିବାସୀ ନାବାଳିକାଙ୍କୁ ଗଣ ବଳାତ୍କାର ଘଟଣାରେ ପୋଲିସ ଆଉ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ କୁଣ୍ଡାବାଟି ଗ୍ରାମର ବିଶ୍ୱଜିତ ମାହାନ୍ତ ଏବଂ କ୍ଷୀରୋଦ କୁମାର ଗିରି। ଫଳରେ ଗିରଫ ସଂଖ୍ୟା ୫ରେ ପହଞ୍ଚିଛି। ଶନିବାର ୩ ଅଭିଯୁକ୍ତଙ୍କୁ ପୋଲିସ ଗିରଫ ପରେ କୋର୍ଟଚାଲାଣ କରିଥିଲା। ସୂଚନା ଅନୁଯାୟୀ, ଗତ ୨୨ ତାରିଖ ରାତିରେ ୨ ନାବାଳିକା ତାଙ୍କ ସାଙ୍ଗମାନଙ୍କ ସହିତ ସ୍କୁଟି ଯୋଗେ ଯାତ୍ରା ଦେଖି ଫେରୁଥିଲେ। ନିର୍ଜନ ରାସ୍ତାରେ ୫ଜଣ ଯୁବକ ୨ ନାବାଳିକାଙ୍କୁ ଜୋର ଜବରଦସ୍ତ ବାଇକରେ ବସାଇ ସ୍ଥାନୀୟ କେନାଲକୁ ନେଇ ଗଣ ବଳାତ୍କାର କରିଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା (ନଂ.୪୨୨/୨୫) ରୁଜୁ କରି ତଦନ୍ତ କରିଥିଲା। ବେତନଟୀ ଏସ୍‌ଡିପିଓ ମିନତୀ ବିଶ୍ୱାଳ ତଦନ୍ତ ଦାୟିତ୍ୱ ନେଇଛନ୍ତି। ତେବେ କେବଳ ଜଣେ ନାବାଳିକାଙ୍କୁ ହିଁ ଜଣେ ଯୁବକ ବଳାତ୍କାର କରିଥିବା ବେଳେ ଅନ୍ୟ ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇନାହିଁ ଓ ଅନ୍ୟମାନେ ସହଯୋଗୀ ବୋଲି ପୋଲିସ ସୂଚନା ଦେଇଛି।

## ଭାଲୁ ଆକ୍ରମଣରେ ଜଣେ ଗୁରୁତର

ନୀଳଗିରି,୨୬।୧୦(ପ୍ରଶାନ୍ତ ବିଶ୍ୱାଳ): ନୀଳଗିରି ଉପଖଣ୍ଡ କୁଲଡ଼ିହା ପାଦଦେଶ ଅଞ୍ଚଳରେ ରବିବାର ଭାଲୁ ଆକ୍ରମଣରେ ବରହମପୁର ଥାନା ତେଲିପାଳ ପଞ୍ଚାୟତ ହୁଡ଼ିସାହି ଗ୍ରାମର ବାପି ସିଂ ଗୁରୁତର ହୋଇଛନ୍ତି। ଅପରାହ୍ନ ୧ଟାରେ ଗାଁ ଲୋକଙ୍କ ସହ ସେ ଜଙ୍ଗଲକୁ ଛତୁ ତୋଳିବା ପାଇଁ ଯାଇଥିବା ବେଳେ ବୁଦାମୂଳରେ ଲୁଚିରହିଥିବା ଭାଲୁଟି ତାଙ୍କୁ ଆକ୍ରମଣ କରିଥିଲା। ସେ ଚିତ୍କାର କରିବାରୁ ଗାଁ ଲୋକ ଦୌଡ଼ିଆସି ଭାଲୁକୁ ଗୋଡ଼ାଇଥିଲେ। ଭାଲୁଟି ଜଙ୍ଗଲ ମଧ୍ୟକୁ ପଳାଇଯାଇଥିଲା। ବାପିଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ଓ ପରେ ବାଲେଶ୍ୱର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

ବସ୍ତା, ୨୬।୧୦(ହରିଶଙ୍କର ପାଢ଼ି): ବସ୍ତା ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ରବିବାର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦରଡ଼ା ଛକଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ମୁକୁଳିଶି ଚନ୍ଦନ ପଡ଼ିଆ ନିକଟରେ ପହଞ୍ଚିଥିଲା। ସେଠାରେ ବସ୍ତା ବ୍ଲକ ବିଜେଡ଼ି ସଭାପତି ଅନୀଲ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହେଇଥିଲା। ବିଧାୟିକା ସୁବାସିନୀ ଜେନା ଯୋଗଦେଇ ଜନସାଧାରଣଙ୍କୁ ନ୍ୟାୟ ପାଇଁ ଲଢ଼େଇ ଜାରି ରହିବ ବୋଲି କହିଥିଲେ।ପୂର୍ବତନ ଏମ୍‌ପି ରବୀନ୍ଦ୍ର କୁମାର ଜେନା ଯୋଗଦେଇ ଆଗାମୀ ପଞ୍ଚାୟତ ନିର୍ବାଚନରେ ଉଭୟ ବସ୍ତା ଓ ବାଲିଆପାଳ ପଞ୍ଚାୟତ ସମିତି ଏବଂ ନୂତନ ଭାବେ ଘୋଷଣା ହୋଇଥିବା ବସ୍ତା ଏନ୍‌ଏସିକୁ ବିଜେଡି କିପରି ଦଖଲ କରିବ ସେନେଇ ଆହ୍ୱାନ ଦେଇଥିଲେ। ବାଲିଆପାଳ ବ୍ଲକ ବିଜେଡ଼ି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ଜିଲା ଉପ-ସଭାପତି ବରଦା ପ୍ରସନ୍ନ ପଟ୍ଟନାୟକ, ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଗଣେଶ ମହାପାତ୍ର, ଜିଲା ଯୁବ ସଭାପତି ତାପସ ପରିଡ଼ା, ଜିଲା ଛାତ୍ର ସଭାପତି ସିମନ ଦାସ ମହାପାତ୍ର, ଜିଲାପରିଷଦ ସଭ୍ଯ ନିଶାକର ସେଠୀ, ବରିଷ୍ଠ ନେତା ଲକ୍ଷ୍ମୀଧର ଦାସ, ପ୍ରଦୀପ ବିଶ୍ୱାଳ, ସୁବ୍ରତ ପଣ୍ଡା, ଅଜୟ ସାମଲ, ମହେଶ୍ୱର ଜେନା ପ୍ରମୁଖ ଯୋଗଦେଇ ଭାଜପା ସରକାରଙ୍କ ବିଫଳତା ବିରୋଧରେ ବର୍ଷିଥିଲେ। ବିଜେଡ଼ି ନେତା ରଞ୍ଜନ କୁମାର ଧଳ ଧନ୍ୟବାଦ ଦେଇଥିଲେ।

## ଖାନନଗର ପଞ୍ଚାୟତ ଭାଜପା ସଭାପତି ମନୋନୀତ

ରସାଲପୁର, ୨୬।୧୦(ଶରତ ସାମଲ): ବାଲେଶ୍ୱର ସଦର ବ୍ଲକ ଖାନନଗର ପଞ୍ଚାୟତର ସଭାପତି ଭାବେ ସନ୍ନ୍ୟାସୀ ମହାନ୍ତି, ଉପସଭାପତି ଭାବେ ସନ୍ତୋଷ ଦାସ ମନୋନୀତ ହୋଇଥିବା ବେଳେ କୋର କମିଟିରେ ସରପଞ୍ଚ, ସମିତିସଭ୍ୟା, ୪ଜଣ ବୁଥ୍ ସଭାପତି ଏବଂ ୫ଜଣ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଏକ କମିଟି ଶନିବାର ସନ୍ଧ୍ୟାରେ ଗଠିତ ହୋଇଯାଇଛି।



ନୂତନ ସଭାପତି ମହାନ୍ତି ଆଗାମୀ ଦିନରେ ସମସ୍ତେ ଏକାଠି ହୋଇ ପଞ୍ଚାୟତ ନିର୍ବାଚନରେ ଯେଉଁଳି ଡବଲ ଇଞ୍ଜିନ ଚାଲିବ ସେଭଳି କାର୍ଯ୍ୟ କରିବା ଏବଂ ସରକାରଙ୍କ ଯୋଜନାଗୁଡିକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ। ପରେ କୁରୁଡ଼ା ଛକରେ ସଭାପତି ଓ କାର୍ଯ୍ୟକର୍ତ୍ତାମାନେ ବାଣ ଫୁଟାଇ ମିଠା ଖୁଆଇ ଉତ୍ସାହ ମନାଇଥିଲେ। ରେମୁଣା ବିଧାୟକଙ୍କ ପରାମର୍ଶକ୍ରମେ ବିଧାୟକ ପ୍ରତିନିଧି କାର୍ତ୍ତିକ ଚନ୍ଦ୍ର ଗିରିଙ୍କ ଆହ୍ୱାନରେ ମଣିନାଗେଶ୍ୱର ମଣ୍ଡଳ ସଭାପତି ପ୍ରଫୁଲ୍ଲ ଦ୍ୱିବେଦୀଙ୍କ ସହାୟତାରେ ବାଲେଶ୍ୱର ସଦର ବ୍ଲକ ଖାନନଗର ପଞ୍ଚାୟତର ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ନେଇ ବୈଠକ ହୋଇଥିଲା। ସଦର ବ୍ଲକ ବିଧାୟକ ପ୍ରତିନିଧି ଲମ୍ବୋଦର ପ୍ରଧାନ, ପର୍ଶୁରାମ ପରିଡା, ଏମ୍‌ପି ପ୍ରତିନିଧି ଉମାକାନ୍ତ ପଣ୍ଡା, ଶିବ ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ହୋଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ନିଲାମ ବାଲି ସ୍ଥାନାନ୍ତର ବେଳେ ଉତ୍ତେଜନା

ଜଳେଶ୍ୱର, ୨୬।୧୦(ନବୀନ ସାହୁ)


ଗ୍ରାମବାସୀଙ୍କ ସହ ଆଲୋଚନା କରାଯାଉଛି।

ବାଲେଶ୍ୱର ଜିଲା ଜଳେଶ୍ୱର ଅଧୀନ ରାୟାରାମଚନ୍ଦ୍ରପୁର ପଞ୍ଚାୟତ ଏକତାଳି ଗ୍ରାମରେ ନଦୀପଠାରେ ମହଜୁଦ ଥିବା ବାଲିକୁ ନିଲାମ ଦିଆଯାଇଥିଲା। ରବିବାର ଏହାକୁ ନିଲାମଧାରୀ ସ୍ଥାନାନ୍ତରିତ କରୁଥିବା ବେଳେ କେତେକ ଗ୍ରାମବାସୀ ବିରୋଧ କରିଛନ୍ତି। ଏହାକୁ ନେଇ ସେଠାରେ ଉତ୍ତେଜନାମୂଳକ ପରିବେଶ ସୃଷ୍ଟି ହୋଇଥିଲା। ରାଜସ୍ୱ ବିଭାଗ, ପୋଲିସ ଓ ଖଣି ବିଭାଗ ଗାଁରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଛି। ଏକତାଳି ଗ୍ରାମର ନଦୀପଠାରେ ଏକ ସରକାରୀ ଜାଗାରେ ବେଆଇନ ଭାବେ ବାଲି ମହଜୁଦ କରି ରଖାଯାଇଥିଲା। ଏନେଇ ଖଣି ବିଭାଗ ନିକଟରେ ଅଭିଯୋଗ ହେବା ପରେ ରବିବାର ପୂର୍ବାହ୍ନ ୧୦ଟାରେ କନିଷ୍ଠ ଖଣି ଅଧିକାରୀ ତାପସ କୁମାର ବେହେରା ଉକ୍ତ ବାଲିକୁ ୧ଲକ୍ଷ ୫ହଜାର ୨୮୮ଟଙ୍କାରେ ନିଲାମ ଦେଇଥିଲେ। ପାଟଣା ଗ୍ରାମର ଚନ୍ଦନ କୁମାର ନାୟକ ଏହି ବାଲିକୁ ନିଲାମ ନେଇଥିଲେ। ଅପରାହ୍ନରେ ନାୟକ ଏହି ନିଲାମ ବାଲିକୁ ଅନ୍ୟତ୍ର ସ୍ଥାନାନ୍ତରିତ କରିବାକୁ ଯାଉଥିବା ବେଳେ କେତେକ ଗ୍ରାମବାସୀ ବିରୋଧ କରିଥିଲେ। ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି, ଖଣି ଅଧିକାରୀ ବେହେରା ଓ ଜଳେଶ୍ୱର ଥାନା ଏଏସ୍‌ଆଇ ଭଗବାନ ଦାସ ପହଞ୍ଚି ନିୟମ ମୁତାବକ ନାୟକ ନିଲାମ ନେଇଛନ୍ତି। ତେଣୁ ସେ ବାଲି ଏଠାରୁ ନେଇପାରିବେ ବୋଲି ଗ୍ରାମବାସୀଙ୍କୁ କହିଥିଲେ। ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।


# ଜିଲ୍ଲାସ୍ତରୀୟ ଅନୁଷ୍ଠାନ ଭିତ୍ତିକ ତାଲିମ ପାଇଁ ବିଜ୍ଞାପନ

No. PP-40: ଚଳିତ ଶିକ୍ଷା ବର୍ଷ (୨୦୨୫-୨୬) ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାର ନିମ୍ନ ଲିଖିତ ହସ୍ତଶିଳ୍ପ ତାଲିମ କେନ୍ଦ୍ର/ବିଦ୍ୟାଳୟ ଗୁଡ଼ିକରେ ଛାତ୍ର/ଛାତ୍ରୀ ଗ୍ରହଣ ନିମିତ୍ତ ଆଗ୍ରହୀ ପ୍ରାର୍ଥୀ/ପ୍ରାର୍ଥିନୀଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଦରଖାସ୍ତ କରିବାର ଶେଷ ତାରିଖ ୨୪।୧୧।୨୦୨୫। ତାଲିମ ସମୟରେ ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କୁ ମାସିକ ଟ୨୦୦୦/-ଙ୍କା ବୃତ୍ତି ପ୍ରଦାନ କରାଯିବ।

| କ୍ରମିକ ସଂଖ୍ୟା | ଜିଲ୍ଲାର ନାମ | ହସ୍ତଶିଳ୍ପ ବିଦ୍ୟାଳୟ/ ତାଲିମ କେନ୍ଦ୍ରର ନାମ | ହସ୍ତଶିଳ୍ପର (ପାଠ୍ୟକ୍ରମ) ନାମ | ସ୍ଥାନ ସଂଖ୍ୟା | ତାଲିମ ଅବଧି |
|---|---|---|---|---|---|
| ୧ | ବାଲେଶ୍ୱର | ବଉଳଗାଡ଼ିଆ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ବଉଳ ଗାଡ଼ିଆ, ଈଶ୍ୱରପୁର, ବାଲେଶ୍ୱର | ପଥର ଖୋଦେଇ (ମୌଳିକ) | ୨୦ | ୧ ବର୍ଷ |
| ୨ | ବାଲେଶ୍ୱର | ବଉଳଗାଡ଼ିଆ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ବଉଳଗାଡ଼ିଆ, ବାଲେଶ୍ୱର | ମୃତ୍ତିକା ଶିଳ୍ପ (ମୌଳିକ) | ୧୦ | ୧ ବର୍ଷ |
| ୩ | ବାଲେଶ୍ୱର | ବଉଳଗାଡ଼ିଆ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ବଉଳ ଗାଡ଼ିଆ, ବାଲେଶ୍ୱର | ପଥର ଖୋଦେଇ (ଉଚ୍ଚତର) | ୧୦ | ୧ ବର୍ଷ |
| ୪ | ବରଗଡ଼ | ଚଢ଼େଇଗାଁ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ଚଢ଼େଇଗାଁ, ବରଗଡ଼ | ମୃତ୍ତିକା ଶିଳ୍ପ (ମୌଳିକ) | ୨୦ | ୧ ବର୍ଷ |
| ୫ | ଭଦ୍ରକ | ମହାନ୍ତିପଡ଼ା ହସ୍ତଶିଳ୍ପ ତାଲିମ କେନ୍ଦ୍ର, ମହାନ୍ତିପଡ଼ା, ଭଦ୍ରକ | ମୃତ୍ତିକା ଶିଳ୍ପ (ମୌଳିକ) | ୨୦ | ୧ ବର୍ଷ |
| ୬ | ବଲାଙ୍ଗୀର | ବାହାଳି ହସ୍ତଶିଳ୍ପ ତାଲିମ କେନ୍ଦ୍ର, ବାହାଳି, ବଲାଙ୍ଗୀର | ଧାନରୁ ତିଆରି ହସ୍ତଶିଳ୍ପ (ମୌଳିକ) | ୨୦ | ୧ ବର୍ଷ |
| ୭ | କଟକ | ଲଳିତଗିରି ହସ୍ତଶିଳ୍ପ ତାଲିମ କେନ୍ଦ୍ର, ଲଳିତଗିରି, କଟକ | ପଥର ଖୋଦେଇ (ମୌଳିକ) | ୧୦ | ୧ ବର୍ଷ |
| ୮ | କଟକ | ରାଜନଗର ହସ୍ତଶିଳ୍ପ ତାଲିମ କେନ୍ଦ୍ର, ରାଜନଗର, ଚକଡ଼ା, ଆଠଗଡ଼, କଟକ | ବେତ ବାଉଁଶ (ମୌଳିକ) | ୨୦ | ୧ ବର୍ଷ |
| ୯ | କଟକ | ଘାସିପୁଟ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ଘାସିପୁଟ, କଟକ | ବେତ ବାଉଁଶ (ମୌଳିକ) | ୧୨ | ୧ ବର୍ଷ |
| ୧୦ | ଦେଓଗଡ଼ | ଭିତରପଡ଼ା ହସ୍ତଶିଳ୍ପ ତାଲିମ କେନ୍ଦ୍ର, ଭିତରପଡ଼ା, ଦେଓଗଡ଼ | ଢୋକରା କାମ (ମୌଳିକ) | ୨୦ | ୧ ବର୍ଷ |
| ୧୧ | ଢେଙ୍କାନାଳ | କରମୂଳ ହସ୍ତଶିଳ୍ପ ତାଲିମ କେନ୍ଦ୍ର, କରମୂଳ, ଢେଙ୍କାନାଳ | ଆଦିବାସୀ ଅଳଙ୍କାର (ମୌଳିକ) | ୧୦ | ୧ ବର୍ଷ |
| ୧୨ | ଢେଙ୍କାନାଳ | ସାଆନ୍ଦାପଶିପାଟଣା ହସ୍ତଶିଳ୍ପ ତାଲିମ କେନ୍ଦ୍ର, ସାଆନ୍ଦାପଶିପାଟଣା, ଗନ୍ଦିଆ, ଢେଙ୍କାନାଳ | ବେତ ବାଉଁଶ (ମୌଳିକ) | ୧୨ | ୧ ବର୍ଷ |
| ୧୩ | ଢେଙ୍କାନାଳ | ସଦେଇବରେଣୀ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ସଦେଇବରେଣୀ, ଢେଙ୍କାନାଳ | ଢୋକରା କାମ (ମୌଳିକ) | ୨୦ | ୧ ବର୍ଷ |
| ୧୪ | ଗଜପତି | ପାରଳାଖେମୁଣ୍ଡି ହସ୍ତଶିଳ୍ପ ତାଲିମ କେନ୍ଦ୍ର, ପାରଳାଖେମୁଣ୍ଡି, ଗଜପତି | ଶିଙ୍ଗ କାମ (ମୌଳିକ) | ୨୦ | ୧ ବର୍ଷ |
| ୧୫ | ଗଞ୍ଜାମ | ମାମୁଡ଼ିହ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ମାମୁଡ଼ିହ, ଗଞ୍ଜାମ | କଂସା ଓ ପିତ୍ତଳ କାମ (ମୌଳିକ) | ୨୦ | ୧ ବର୍ଷ |
| ୧୬ | ଜଗତସିଂହପୁର | ଲୁଣୁକୁଆ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ଲୁଣୁକୁଆ, ଜଗତସିଂହପୁର | ମୃତ୍ତିକା ଶିଳ୍ପ (ମୌଳିକ) | ୧୦ | ୧ ବର୍ଷ |
| ୧୭ | ଜଗତସିଂହପୁର | ଅବଦଲପୁର ହସ୍ତଶିଳ୍ପ ତାଲିମ କେନ୍ଦ୍ର, ଅବଦଲପୁର, ଜଗତସିଂହପୁର | ବେତ ବାଉଁଶ (ମୌଳିକ) | ୧୨ | ୧ ବର୍ଷ |
| ୧୮ | ଯାଜପୁର | ଗଡ଼ମଧୁପୁର ହସ୍ତଶିଳ୍ପ ତାଲିମ କେନ୍ଦ୍ର, ଗଡ଼ମଧୁପୁର, ଯାଜପୁର | କାଇଁଚ କାମ (ମୌଳିକ) | ୨୦ | ୧ ବର୍ଷ |
| ୧୯ | କଳାହାଣ୍ଡି | ଖଇରପଦର ହସ୍ତଶିଳ୍ପ ତାଲିମ କେନ୍ଦ୍ର, ଖଇରପଦର, କଳାହାଣ୍ଡି | କାଠ ଖୋଦେଇ (ମୌଳିକ) | ୨୦ | ୧ ବର୍ଷ |
| ୨୦ | କନ୍ଧମାଳ | ଫିରିଙ୍ଗିଆ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ଫିରିଙ୍ଗିଆ, କନ୍ଧମାଳ | କାଠ ଖୋଦେଇ (ମୌଳିକ) | ୨୦ | ୧ ବର୍ଷ |
| ୨୧ | କେନ୍ଦ୍ରାପଡ଼ା | ଅନୁଆପଡ଼ା ହସ୍ତଶିଳ୍ପ ତାଲିମ କେନ୍ଦ୍ର, ଅନୁଆପଡ଼ା, ଡେରାବିଶ, କେନ୍ଦ୍ରାପଡ଼ା | କାଇଁଚ ଶିଳ୍ପ (ମୌଳିକ) | ୨୦ | ୧ ବର୍ଷ |
| ୨୨ | କେନ୍ଦୁଝର | ଆନନ୍ଦପୁର ହସ୍ତଶିଳ୍ପ ତାଲିମ କେନ୍ଦ୍ର, ଆନନ୍ଦପୁର, କେନ୍ଦୁଝର | କାଗଜ ମୁଖା (ମୌଳିକ) | ୨୦ | ୧ ବର୍ଷ |
| ୨୩ | କୋରାପୁଟ | ବୈପାରିଗୁଡ଼ା ହସ୍ତଶିଳ୍ପ ତାଲିମ କେନ୍ଦ୍ର, ବୈପାରିଗୁଡ଼ା, କୋରାପୁଟ | ବାଉଁଶ କାମ (ମୌଳିକ) | ୨୦ | ୧ ବର୍ଷ |
| ୨୪ | ମାଲକାନଗିରି | ମୁଦୁଲିପଡ଼ା ହସ୍ତଶିଳ୍ପ ତାଲିମ କେନ୍ଦ୍ର, ମୁଦୁଲିପଡ଼ା, ମାଲକାନଗିରି | ଆଦିବାସୀ ଅଳଙ୍କାର (ମୌଳିକ) | ୨୦ | ୧ ବର୍ଷ |
| ୨୫ | ମୟୂରଭଞ୍ଜ | ଖୁଚିଙ୍ଗ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ଖୁଚିଙ୍ଗ, ମୟୂରଭଞ୍ଜ | ପଥର ଖୋଦେଇ (ମୌଳିକ) | ୧୦ | ୧ ବର୍ଷ |
| ୨୬ | ମୟୂରଭଞ୍ଜ | କୃଷ୍ଣ ଚନ୍ଦ୍ରପୁର ହସ୍ତଶିଳ୍ପ ତାଲିମ କେନ୍ଦ୍ର, କୃଷ୍ଣ ଚନ୍ଦ୍ରପୁର, ମୟୂରଭଞ୍ଜ | ସବାଇ ଘାସ (ମୌଳିକ) | ୧୦ | ୧ ବର୍ଷ |
| ୨୭ | ନବରଙ୍ଗପୁର | ନବରଙ୍ଗପୁର ହସ୍ତଶିଳ୍ପ ତାଲିମ କେନ୍ଦ୍ର, ନବରଙ୍ଗପୁର | ଲାଖ କାମ (ମୌଳିକ) | ୨୦ | ୧ ବର୍ଷ |
| ୨୮ | ନୟାଗଡ଼ | ଆଙ୍ଗିଶିଙ୍ଗି ହସ୍ତଶିଳ୍ପ ତାଲିମ କେନ୍ଦ୍ର, ଆଙ୍ଗିଶିଙ୍ଗି, ନୟାଗଡ଼ | ବେତ ବଉଁଶ (ମୌଳିକ) | ୧୦ | ୧ ବର୍ଷ |
| ୨୯ | ପୁରୀ | ପୁରୀ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ନୀଳାଚଳ ହାଟ, ପୁରୀ | ପଥର ଖୋଦେଇ (ମୌଳିକ) | ୧୦ | ୧ ବର୍ଷ |
| ୩୦ | ପୁରୀ | ପୁରୀ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ନୀଳାଚଳ ହାଟ, ପୁରୀ | ଶଙ୍ଖ ଶାମୁକା (ମୌଳିକ) | ୧୦ | ୧ ବର୍ଷ |
| ୩୧ | ରାଗୟଡ଼ା | ପୁଟାସିଙ୍ଗ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ପୁଟାସିଙ୍ଗ, ରାୟଗଡ଼ା | ଜନଜାତି ଚିତ୍ରକଳା (ମୌଳିକ) | ୨୦ | ୧ ବର୍ଷ |
| ୩୨ | ରାୟଗଡ଼ା | ଚାଟିକୋଣ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ଚାଟିକୋଣ, ରାୟଗଡ଼ା | ଡଙ୍ଗରିଆ କନ୍ଧ ଏମବ୍ରୋଡରୀ ଶାଲ (ମୌଳିକ) | ୨୦ | ୧ ବର୍ଷ |
| ୩୩ | ସମ୍ବଲପୁର | ସହଜବହଲ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ସହଜବହଲ, ସମ୍ବଲପୁର | ମୃତ୍ତିକା ଶିଳ୍ପ (ମୌଳିକ) | ୨୦ | ୧ ବର୍ଷ |
| ୩୪ | ସୁବର୍ଣ୍ଣପୁର | କୁହିବହଲ ହସ୍ତଶିଳ୍ପ ତାଲିମ କେନ୍ଦ୍ର, କୁହିବହଲ, ସୁବର୍ଣ୍ଣପୁର | ମୃତ୍ତିକା ଶିଳ୍ପ (ମୌଳିକ) | ୨୦ | ୧ ବର୍ଷ |

**ଆବେଦନ ନିମନ୍ତେ ଯୋଜନା:**

ବୟସ: ମୌଳିକ ପାଠ୍ୟକ୍ରମ ପାଇଁ ୧୪ବର୍ଷରୁ ୪୦ବର୍ଷ ଓ ଉଚ୍ଚତର ପାଠ୍ୟକ୍ରମ ପାଇଁ ୧୫ବର୍ଷରୁ ୪୦ ବର୍ଷ। ତଫସିଲଭୁକ୍ତ ଜାତି/ଜନଜାତି/ଅନ୍ୟାନ୍ୟ ପଛୁଆ ବର୍ଗ/ଶାରୀରିକ ଭିନ୍ନକ୍ଷମ/ମହିଳା ଓ ସଂଖ୍ୟାଲଘୁ ସମ୍ପ୍ରଦାୟ ପ୍ରାର୍ଥୀମାନଙ୍କ ପାଇଁ ସର୍ବୋଚ୍ଚ ବୟସ ସୀମା ୩ ବର୍ଷ କୋହଳ କରାଯିବ।

**ଶିକ୍ଷାଗତ ଯୋଗ୍ୟତା – ୮ମ ପାସ୍ ଓ ତଦୂର୍ଦ୍ଧ୍ୱ**

ଉଚ୍ଚତର ପାଠ୍ୟକ୍ରମ ପାଇଁ ପ୍ରାର୍ଥୀ/ପ୍ରାର୍ଥିନୀ ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ କିମ୍ବା କୌଣସି ସରକାରୀ ଜିଲ୍ଲା ହସ୍ତଶିଳ୍ପ ତାଲିମ କେନ୍ଦ୍ରରୁ ସମ୍ପୃକ୍ତ ହସ୍ତଶିଳ୍ପରେ ମୌଳିକ ପାଠ୍ୟକ୍ରମରେ ତାଲିମ ସମାପ୍ତ କରିଥିବେ କିମ୍ବା ଜିଲ୍ଲାସ୍ତରୀୟ MCM ତାଲିମ କାର୍ଯ୍ୟକ୍ରମରେ ତାଲିମ ପ୍ରାପ୍ତ ହୋଇଥିବେ ତଥା କୌଣସି ନିପୁଣ ଶିଳ୍ପୀଙ୍କ ଅଧୀନରେ ଅନ୍ୟୂନ ୦୨ ବର୍ଷ କାର୍ଯ୍ୟ କରିବାର ଅଭିଜ୍ଞତା ଥିବା କିମ୍ବା କୌଣସି ରାଜ୍ୟ/ଜାତୀୟ ସ୍ତରୀୟ ହସ୍ତଶିଳ୍ପ ପୁରସ୍କାରପ୍ରାପ୍ତ କାରିଗରଙ୍କ ଅଧୀନରେ ଅନ୍ୟୂନ ୦୫ ବର୍ଷ କାର୍ଯ୍ୟ କରିବାର ଅଭିଜ୍ଞତା ଥିବ।

ସ୍ଥାନ ସଂରକ୍ଷଣ ବ୍ୟବସ୍ଥା: ତଫସିଲଭୁକ୍ତ ଜାତି/ଜନଜାତି/ଅନ୍ୟାନ୍ୟ ପଛୁଆ ବର୍ଗ/ଶାରୀରିକ ଭିନ୍ନକ୍ଷମ/ସଂଖ୍ୟାଲଘୁ ସମ୍ପ୍ରଦାୟ/ମହିଳା ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ପାଇଁ ସରକାରୀ ନିୟମ ଅନୁସାରେ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ରହିଛି।

ଆଗ୍ରହୀ ପ୍ରାର୍ଥୀ/ପ୍ରାର୍ଥିନୀମାନେ ଅନଲାଇନ୍ ମାଧ୍ୟମରେ **https://crafts.odisha.gov.in/** ୱେବସାଇଟ ପରିଦର୍ଶନ କରି Apply Online ଉପରେ Click କରି **https://spdp.odisha.gov.in/**ରେ ପ୍ରବେଶ କରିବା ପରେ Institutional Trainingର Apply Now ଉପରେ Click କରି ଆବେଦନ କରିପାରିବେ। ଏହି ସମ୍ବନ୍ଧୀୟ ସବିଶେଷ ତଥ୍ୟ ପାଇଁ ସମ୍ପୃକ୍ତ ଉପ ନିର୍ଦ୍ଦେଶକ (ହସ୍ତଶିଳ୍ପ)/ସହ ନିର୍ଦ୍ଦେଶକ (ହସ୍ତଶିଳ୍ପ)/ବ୍ଲକ ହସ୍ତଶିଳ୍ପ ବିକାଶ ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ।

ସ୍ୱା./- ନିର୍ଦ୍ଦେଶକ
OIPR-31034/11/0006/2526 ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର



## OFFICE OF THE DEPUTY DIRECTOR RESEARCH
**Research Development & Quality Promotion (R & B), Odisha**
**Sachivalaya Marg, Unit-IV, Bhubaneswar**
E-mail : eeqcrandbbbsr@gmail.com
"e"-Procurement Notice
Government Of Odisha
No.B-632 **WORKS DEPARTMENT**
**Bid Identification No. 02/DDR-RDQP/25-26**

1. The Deputy Director Research, RD & QP (R&B), Odisha, Bhubaneswar on behalf of Governor of Odisha invites online bids / tenders in double cover system from eligible and reputed / ISO Certified laboratory equipment manufacturers or their Authorized distributors / dealers in double cover system for the work **"Supply, Installation & Commissioning of Spark based Optical Emission Spectrometer for laboratories under Research Development and Quality Promotion Wing, Government of Odisha during the financial year 2025-26"**
2. Nature of work : Procurement of Machineries / Equipment
3. No. of work : 1 No.
4. Tender Paper cost : Rs.10000.00
5. Type of bidder : Original Equipment Manufacturer (OEM)/ Authorized Distributor / Dealer of OEM
6. Availability of bid documents on the website : From 10.00 A.M. of 27.10.2025 to 5.30 P.M. of 17.11.2025
7. Date of opening of Bid : Dt.18.11.2025 at 11.30 A.M.
8. The Bidders have to participate in ONLINE bidding only. Further details can be seen from the website : https://tenderodisha.gov.in. Any addendum / corrigendum / cancellation of tender can also be seen in the said website.

**Sd./- Deputy Director Research, RD&QP (R&B), Bhubaneswar**
OIPR-34167/11/0008/2526



## OFFICE OF THE SUPERINTENDING ENGINEER RWS&S DIVISION, BHUBANESWAR
**E-mail: eebbsrrwss@gmail.com**
**QUOTATION CALL NOTICE No. 20 of 2025-26**

No. O-1098: The Superintending Engineer, RWS&S Division, Bhubaneswar on behalf of Governor of Odisha invites sealed quotations from interested reputed Travel Agencies/Tour Operators/individuals for providing two No. of vehicle (Scorpio/Creta/Mahindra/Marazzon/Equivalent Mileage etc.) having seating capacity 7 Nos. including Driver which shall confirm to the terms and conditions (Appendix-A) for official use of Engineer-in-Chief, RWS & (O), Bhubaneswar on monthly basis as per the following details.

| Sl. No. | Nature of Work | Hiring of Vehicle for Office use of Engineer-in-Chief, RWS&S (O), Bhubaneswar |
|---|---|---|
| 1. | No. of Works | 02 (Two) |
| 2. | Time for Deployment | Three Years |
| 3. | Class of Contractors eligible | Reputed Travel Agencies/Tour Operators/Private Individuals |
| 4. | Availability of bids in the Office Superintending Engineer, RWS&S Division, Bhubaneswar | From Dt.28.10.2025 (11.00 A.M.) to Dt.06.11.2025 (1.00 P.M.) |
| 5. | Last date and time for submission of quotation papers in the quotation box kept in the Office of the Superintending Engineer, RWS&S Division, Bhubaneswar | Dt.07.11.2025 (1.00 P.M.) |
| 6. | Date & time of opening of bids | On Dt.07.11.2025 (04.00 P.M.) in the Office of the Superintending Engineer, RWS&S Division, BBSR |

Subsequent corrigendum if any shall display in the Office Notice Board.
**Sd./- Executive Engineer RWS&S Division, Bhubaneswar**
OIPR-25011/11/0037/2526



## OFFICE OF THE SUPERINTENDING ENGINEER RURAL WORKS DIVISION, KARANJIA (MAYURBHANJ)
No.O-1151
E-mail ID : eerwkaranjia@yahoo.com
Letter No. 4303 // Date : 18.10.2025
**"e" Procurement Notice for Special Repair to Roads for year 2025-26**
**Bid Identification No. - RWDKNJ - 08/2025-26**

1. Name of the work : Road Works (As per Annexure), 2. Estimated Cost : Rs.5.08 to Rs.25.42 Lakhs Approximately (As per Annexure), 3. Class of Contractor : 'D', 'C' & 'C', 'B' Class (As per Annexure), 4. Period of Completion : As per Annexure, 5. Tender Paper Cost : Paper cost of bid as mentioned in Annexure of Road Works.
Further details can be seen from the website www.tendersodisha.gov.in

| Procurement Officer | Bid Identification No. | Availability of tender Online for bidding | | Last date & time of seeking Tender Clarification | Date & Time of Opening of Tender in O/o S.E.R.W. Division, Karanjia Technical & Financial Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Karanjia | Road Online RWDKNJ-08/25-26 | Dt.28.10.2025 at 10.00 A.M. | Dt.06.11.2025 upto 5.00 P.M. | Dt.04.11.2025 upto 1.00 P.M. | Dt.07.11.2025 at 11.00 A.M. |

**Sd./- Executive Engineer R.W. Division, Karanjia**
OIPR-25086/11/0030/2526



## GOVERNMENT OF ODISHA PANCHAYATIRAJ & D.W. DEPARTMENT OFFICE OF THE PANCHAYAT SAMITI, NAUGAON, JAGATSINGHPUR
e-mail ID: ori-naugaon@nic.in
No. i-
**'e' Procurement Notice No. BDO/NPS-02 of 2025-26**

| | | |
|---|---|---|
| 1 | Number of the works | 04 (Four) Nos. |
| 2 | Tender Amount (Approx.) | Rs.22.32 Lakhs to Rs.24.33 lakhs |
| 3 | EMD (Online) | Rs.22,400 to Rs.24,400 |
| 4 | Tender Paper Cost (Online) (Non-Refundable) | Rs.6,000.00 |
| 5 | Class of Contractor | "C" & "B" Class Contractor |
| 6 | Period of Completion | 06 (Six) Calendar Months |

| Procurement Officer | Bid Identification No. | Availability of Tender | | Last date & time for seeking tender clarification | Date & Time of Opening of BID | Place of Opening of Bid |
|---|---|---|---|---|---|---|
| | | From | To | | | |
| Block Development Officer, Naugaon | BDO/NPS-02/ 2025-26 | 27.10.2025 at 10.00 hours | 10.11.2025 at 17.30 hours | 06.11.2025 upto 1.00 P.M. during office horus on working days | 11.11.2025 at 11.00 A.M. during office hours | O/o. the Panchayat Samiti, Naugaon |

Further details can be seen from the Govt. website "**https://tendersodisha.gov.in**.
All Corrigendum/Cancellation of tender if any, will only be uploaded in the above website.
OIPR-19447/11/0003/2526 **Sd./- Block Development Officer, Naugaon**



## GOVT. OF ODISHA OFFICE OF THE SUPERINTENDING ENGINEER RURAL WORKS DIVISION, ANANDAPUR
No.O-1124
E-Mail:- eerw_anandapur@yahoo.co.in
**NOTICE INVITING TENDER**
**NATIONAL COMPETITIVE BIDDING THROUGH e-PROCUREMENT NOTICE**
**Online-06 /EE/RW/AND/2025-26**
**Annual Maintenance Plan of Rural Roads under Administrative Expenditure**
No. ______// Date : 23.10.2025 //

**Executive Engineer, Rural Works Division, Anandapur on behalf of Government of Odisha invites PERCENTAGE (%) RATE tender for Annual Maintenance Plan of Rural Roads through e-Procurement as per annexure.** The bid should be submitted on-line in the website www.tendersorissa.gov.in by eligible class of contractors having legal competency & expertise, registered with the State Government & contractors of equivalent grades / class registered with Central Govt./ MES/ Railways for execution of only Civil works. The bidders should have necessary Portal Enrollment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrollment, but shall have to subsequently undergo registration with the appropriate authority of the State Government before award of the work.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender in : O/o the S.E., R.W. Division, Anandapur |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, R.W. Division, Anandapur | NCB-Online 06/EE/RW/ AND/2025-26 | 27.10.2025 at 10.00 A.M. | 04.11.2025 up to 5.00 P.M. | 03.11.2025 up to 5.00 P.M. | 06.11.2025 at 11.30 A.M. |

**Sd./- Executive Engineer R.W. Division, Anandapur**
OIPR-25055/11/0027/2526

# ମୋବାଇଲ ଟାୱାରରୁ ବ୍ୟାଟେରି ଚୋରି

ଧାମନଗର,୨୬।୧୦(ସନ୍ତୋଷ କୁମାର ମହାପାତ୍ର)

ଧାମନଗର ଥାନା ଅଧୀନ ଦୋବଲ ପଞ୍ଚାୟତର ସୋଧ ଗ୍ରାମରେ ଥିବା ଏୟାରଟେଲ ଟାୱାରରୁ ୨୨ ବ୍ୟାଟେରି ଶନିବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଏନେଇ ଏୟାରଟେଲ କମ୍ପାନୀର ଟେକ୍ନିସିଆନ ପ୍ରିୟବ୍ରତ ନାୟକ ରବିବାର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଦୁର୍ବୃତ୍ତମାନେ ଟାୱାର ଗୃହର ତାଲା ଭାଙ୍ଗି ବ୍ୟାଟେରିଗୁଡ଼ିକ ଖୋଲି ନେଇଥିଲେ। ଏହି ସମୟରେ ସେଠାରେ ଲାଗିଥିବା ସେନ୍ସର ଆଲାର୍ମ ବାଜିବାରୁ ଟେକ୍ନିସିଆନ ପ୍ରିୟବ୍ରତ ତୁରନ୍ତ ଟାୱାର ଜମି ମାଲିକ ସତ୍ୟବାଦୀ ପତିଙ୍କୁ ଖବର ଦେଇଥିଲେ। ସତ୍ୟବାଦୀ ଗ୍ରାମର କେତେଜଣ ଲୋକଙ୍କୁ ଘଟଣାସ୍ଥଳକୁ ନେଇ ପହଞ୍ଚିବା ସମୟରେ ଚୋରମାନେ ଏକ ବୋଲେରୋରେ ବ୍ୟାଟେରି ନେଇ ଦ୍ରୁତଗତିରେ ପଳାଇ ଯାଇଥିଲେ। ଖବରପାଇ ପିସିଆର୍ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ଅଭିଯୋଗ ପାଇ ପୋଲିସ ତଦନ୍ତ ଆରମ୍ଭ କରିଛି ଏବଂ ଚୋରମାନଙ୍କ ଚିହ୍ନଟ ପାଇଁ ସିସିଟିଭି ଫୁଟେଜ ଯାଞ୍ଚ କରାଯାଉଛି। ଚୋରି ହୋଇଥିବା ୨୨ ବ୍ୟାଟେରିର ଆନୁମାନିକ ମୂଲ୍ୟ ପ୍ରାୟ ୩ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଟେକ୍ନିସିଆନ ନାୟକ କହିଛନ୍ତି।

# ବାତ୍ୟା ଆଶ୍ରୟସ୍ଥଳୀରେ ଅକାମୀ ଉପକରଣ

## ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତି

ତିହିଡ଼ି,୨୬।୧୦(ସଞ୍ଜିତ ବଳ)

ତିହିଡ଼ି ବ୍ଲକର ବିଭିନ୍ନ ପଞ୍ଚାୟତରେ ଥିବା ବାତ୍ୟା ଆଶ୍ରୟସ୍ଥଳୀରେ ବିଭିନ୍ନ ଉପକରଣ ଅକାମୀ ହୋଇ ପଡ଼ିରହିଛି। ଫଳରେ ବାତ୍ୟା ସମୟରେ ଏହି ଉପକରଣ କାମରେ ଲାଗିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତିହିଡ଼ି ପଞ୍ଚାୟତ ସମିତି ସଭାଗୃହରେ ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ସମ୍ଭାବ୍ୟ ବାତ୍ୟା ମୁକାବିଲା ପ୍ରସ୍ତୁତି ବୈଠକରେ ଏନେଇ ଅଭିଯୋଗ ହେବା ପରେ ସୋମବାର ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକୁ ଯାଇ ଉପକରଣ ସବୁକୁ ଯାଞ୍ଚ କରି ସଚଳ କରିବାକୁ ବିଡିଓ ନିରଞ୍ଜନ ବାରିକ ନିର୍ଦ୍ଦେଶ ଦେଇଛନ୍ତି।

ବିଡିଓ ବାରିକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ ତିଆଡ଼ିସାହି ବାତ୍ୟା ଆଶ୍ରୟସ୍ଥଳୀ ସମ୍ପାଦକ ନୃସିଂହ ମହାକୁଡ଼ ବିଭିନ୍ନ ଉପକରଣ ଅକାମୀ ହୋଇ ପଡ଼ିଥିବା ଅଭିଯୋଗ କରିଥିଲେ। ପରେ ତହସିଲଦାର ଜୟଦ୍ରଥ



ପ୍ରସ୍ତୁତି ବୈଠକରେ ବିଡିଓ ନିରଞ୍ଜନ ବାରିକଙ୍କ ସହ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ ଓ ଅନ୍ୟ ଅଧିକାରୀ ଆଲୋଚନା କରୁଛନ୍ତି।

ଆଚାର୍ଯ୍ୟଙ୍କ ପରାମର୍ଶକ୍ରମେ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହ ବ୍ଲକର ଅନ୍ୟ କର୍ମଚାରୀମାନେ ବାତ୍ୟା ଆଶ୍ରୟସ୍ଥଳୀକୁ ଯାଇ ଉପକରଣ ଯାଞ୍ଚ ପାଇଁ ବିଡିଓ ନିର୍ଦ୍ଦେଶ ଦେଇଥିଲେ। ବାତ୍ୟା ସମୟରେ ବିପନ୍ନଙ୍କୁ ଉଦ୍ଧାର ସହ ଉପୁଡ଼ି କିମ୍ବା ଭାଙ୍ଗି ପଡ଼ିଥିବା ଗଛ ସଫା କରାଯିବାକୁ ଟିମ୍ ଗଠନ ହୋଇଥିବା ଅଗ୍ନିଶମ ବିଭାଗ ଅଧିକାରୀ ସୁବାସ ରାଉତ ସୂଚନା ଦେଇଥିଲେ। ଏହାବ୍ୟତୀତ ଆଶ୍ରୟସ୍ଥଳୀରେ ବିଦ୍ୟୁତ୍ ସଂଯୋଗ ନ ଥିବା ବାହାବଳପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ବିପିନ ବେହେରା ଜଣାଇଥିଲେ। ତେବେ ବିଦ୍ୟୁତ୍ ସଂଯୋଗ ପାଇଁ ବ୍ୟବସ୍ଥା କରାଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଥିଲେ। ବାତ୍ୟା ପୂର୍ବରୁ ଆସନ୍ନ ପ୍ରସବା ଗର୍ଭବତୀମାନଙ୍କୁ ତିହିଡ଼ି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ସୁପରଭାଇଜର ଅମରେନ୍ଦ୍ର ପୃଷ୍ଟି ସୂଚନା ପ୍ରଦାନ କରିଥିଲେ। ବିଭିନ୍ନ ପଞ୍ଚାୟତରେ ଥିବା ପାନୀୟ ଜଳ ପ୍ରକଳ୍ପଗୁଡ଼ିକୁ ଯାଞ୍ଚ କରାଯିବା ସହ ଆବଶ୍ୟକ ସ୍ଥଳେ ଡିଜି ସଂଯୋଗ ବ୍ୟବସ୍ଥା କରାଯାଇଥିବା ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ମାନସୀ ମହାପାତ୍ର କହିଥିଲେ। ବିଦ୍ୟୁତ୍‌ର ସୁପରିଚାଳନା ପାଇଁ ୧୨ଟି ଟିମ୍ ଗଠନ କରାଯାଇଛି। ଆବଶ୍ୟକ ସ୍ଥଳେ ଅଧିକ ଟିମ୍ ଗଠନ କରାଯିବ ବୋଲି ବିଭାଗୀୟ ଏସ୍‌ଡିଓ ଭାଗୀରଥି ପଣ୍ଡା ସୂଚନା ଦେଇଥିଲେ। ଧାନଚାଷ କ୍ଷତିଗ୍ରସ୍ତ ହେଲେ ଯୁଗ୍ମ ତଦନ୍ତ କରାଯାଇ ତୁରନ୍ତ ରିପୋର୍ଟ ପ୍ରଦାନ କରାଯିବ ବୋଲି ବ୍ଲକ କୃଷି ଅଧିକାରୀ ଅମର ପ୍ରସାଦ ସାହୁ କହିଥିଲେ। ବିପନ୍ନଙ୍କ ପାଖରେ ପହଞ୍ଚାଇବାକୁ ଶହେ କୁଇଣ୍ଟାଲ ଚୁଡ଼ା ମହଜୁଦ ଥିବା ବ୍ଲକ ଯୋଗାଣ ନିରୀକ୍ଷକ ପ୍ରୀତିଶ ସାମଲ ସୂଚନା ଦେଇଥିଲେ। ତେବେ କେତେ ଚୁଡ଼ା ଓ ଗୁଡ଼ ଆବଶ୍ୟକ, ସେ ସମ୍ପର୍କରେ ରିପୋର୍ଟ ଦେବାକୁ ବିଡିଓ ନିର୍ଦ୍ଦେଶ ଦେବା ସହ ବାତ୍ୟା ସମୟରେ ଜିରୋ କାଜୁଆଲିଟି ପାଇଁ ସବୁ ସ୍ତରରେ ଉଦ୍ୟମ ହେବା ଆବଶ୍ୟକ ବୋଲି କହିଥିଲେ। ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ନୀହାର ରଞ୍ଜନ ରାଉତ ବୈଠକରେ ଯୋଗ ଦେଇଥିଲେ। ସହକାରୀ ଯନ୍ତ୍ରୀ ତନୁଜା ମିଶ୍ର, ଭୀଷ୍ମଦେବ ଶତପଥୀ, କନିଷ୍ଠ ଯନ୍ତ୍ରୀ ଭରତ ବିଶ୍ୱାଳ, ଲଲାଟେନ୍ଦୁ ପାଲ, ବିପିସି କୌଶିକ ଗିରି, ଜୀବିକା ମିଶନ ବିପିଏମ୍ ରଶ୍ମିତା ନାୟକ, ତ୍ରିବେଣୀ ଟ୍ରଷ୍ଟର ଅଧ୍ୟକ୍ଷା ରଞ୍ଜୁଲତା ଗାହାଣ, ସରପଞ୍ଚ ସୁପ୍ରଭା ପାଣି, ନୀହାରିକା ବିଶ୍ୱାଳ, ଲକ୍ଷ୍ମୀପ୍ରିୟା ସାମଲ, ଦୀପ୍ତିମୟୀ ନାୟକ, ଯଶୋଦା ମଲ୍ଲିକ, ଚକ୍ରଧର ଦାସ, ପିଇଓ ଦୀନବନ୍ଧୁ ମହାନ୍ତିଙ୍କ ସମେତ ରାଜସ୍ୱ ନିରୀକ୍ଷକମାନେ ଉପସ୍ଥିତ ଥିଲେ।

# ଧାମରାରେ ହାଇଆଲର୍ଟ ଜାରି

## ସମୁଦ୍ରକୁ ଯିବାକୁ ମତ୍ସ୍ୟଜୀବୀଙ୍କୁ ବାରଣ

ଚାନ୍ଦବାଲି,୨୬।୧୦ (କିଷାନ ପାତ୍ର)

ସମ୍ଭାବ୍ୟ ବାତ୍ୟାକୁ ନେଇ ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ରବିବାର ସମୁଦ୍ର ଉପକୂଳବର୍ତ୍ତୀ ଚାନ୍ଦବାଲି ବ୍ଲକରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କନ୍‌ଫରେନ୍ସ ହଲ୍‌ରେ ବିଡିଓ ସଞ୍ଜୀବ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ପୂର୍ବ ପ୍ରସ୍ତୁତି, ଜନସୁରକ୍ଷା, ଖାଦ୍ୟ, ବିଦ୍ୟୁତ୍ ସୁବିଧା ଏବଂ ପୁନଃସ୍ଥାପନ ଯୋଜନା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବାତ୍ୟା ସମୟରେ ଜନସାଧାରଣଙ୍କ ସୁରକ୍ଷା ନିଶ୍ଚିତ କରିବାକୁ ପ୍ରତି ପଞ୍ଚାୟତରେ ନୋଡାଲ ଅଫିସର ନିଯୁକ୍ତି, ଆପତକାଳୀନ ଟୋଲ୍ ଫ୍ରି ନମ୍ବର ଓ ଶୁଖିଲା ଖାଦ୍ୟ ମହଜୁଦ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଧାମରା ମୁହାଣ ଓ ଚନ୍ଦିନୀପାଳ ଅଞ୍ଚଳରେ ହାଇଆଲର୍ଟ ଜାରି କରାଯାଇଛି। ମତ୍ସ୍ୟଜୀବୀମାନେ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ଡାକବାଜି ଯନ୍ତ୍ର ମାଧ୍ୟମରେ ସତର୍କ କରାଯାଇଛି। ସାଗର ମିତ୍ରମାନେ ଧାମରା, ଚନ୍ଦିନୀପାଳ, କୋଇଥଖୋଲା, ବୋଇଚା, କରଞ୍ଜମାଳ ଓ କରଣପଲ୍ଲୀ ଅଞ୍ଚଳରେ ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଉଛନ୍ତି। ମତ୍ସ୍ୟଜୀବୀଙ୍କୁ ନିଜ ଡଙ୍ଗା ଓ ଜାଲକୁ ସୁରକ୍ଷିତ ସ୍ଥାନକୁ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ଅମାନ୍ୟ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ଚେତାବନୀ ଦିଆଯାଇଛି। ଅଗ୍ନିଶମ, ପୋଲିସ, ବିଦ୍ୟୁତ୍, ଜଙ୍ଗଲ, ସ୍ୱାସ୍ଥ୍ୟ, ପ୍ରାଣୀ ଚିକିତ୍ସା, ମହିଳା ଓ ଶିଶୁ ବିକାଶ, ପାନୀୟ ଜଳ, ଶିକ୍ଷା ବିଭାଗ ଅଧିକାରୀଙ୍କ ସମେତ ବ୍ଲକ ପ୍ରଶାସନର ନୋଡାଲ ଅଫିସରମାନେ ବୈଠକରେ ଯୋଗ ଦେଇଥିଲେ।

# ସର୍ବସ୍ୱରୂପିଣୀ ମା' ଭଦ୍ରକାଳୀ ପୁସ୍ତକ ଲୋକାର୍ପିତ

ଭଦ୍ରକ,୨୬।୧୦(ସନାତନ ରାଉତ/ରବିନାରାୟଣ ଖିଲାର)

ଭଦ୍ରକର ଭଦ୍ରକାଳୀ ପୀଠରେ ଶନିବାର ଅବସରପ୍ରାପ୍ତ ଶିକ୍ଷକ ବିଚିତ୍ରାନନ୍ଦ ସାହୁଙ୍କ ରଚିତ 'ସର୍ବସ୍ୱରୂପିଣୀ ମା' ଭଦ୍ରକାଳୀ' ପୁସ୍ତକ ଲୋକାର୍ପିତ ହୋଇଛି। ଲୋକାର୍ପଣ ଉତ୍ସବରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ପୂର୍ଣ୍ଣଚନ୍ଦ୍ର ବହଳୀ, କୈଳାଶ ଦାସ, ବିଜୟ ବହଳୀ, ମନୋରଞ୍ଜନ ଦାସ, ବୈକୁଣ୍ଠନାଥ ଓଝା, ମଞ୍ଜୁଶ୍ରୀ ବିଶ୍ୱାଳ, ପ୍ରଦ୍ୟୁମ୍ନ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଯାଜପୁର ଟାଉନରେ ବିଚିତ୍ରାନନ୍ଦଙ୍କ ଘର ହୋଇଥିବା ବେଳେ ୨୦୦୩ରେ ଅବସର ପରେ ଓଡ଼ିଶାର ଅନେକ ଦେବୀ ପୀଠ ଦର୍ଶନ କରିବା ସହ ପଶ୍ଚିମବଙ୍ଗ, ରାଜସ୍ଥାନ, ଦିଲ୍ଲୀ, ହିମାଚଳ ପ୍ରଦେଶର ଅନେକ ଦେବୀ ପୀଠ ଦର୍ଶନ କରିଥିଲେ। ପ୍ରାୟ ୧୦ବର୍ଷ ତଳେ ମା' ଭଦ୍ରକାଳୀଙ୍କ ଦର୍ଶନ କରିବାକୁ ସେ ଆସିଥିଲେ। ଚଣ୍ଡୀ ପୁରାଣରେ ୬ଟି ଶ୍ଳୋକରେ ମା' ଭଦ୍ରକାଳୀଙ୍କ ସମ୍ପର୍କରେ ଉଲ୍ଲେଖ ରହିଛି। ୧୦ ବର୍ଷ ମଧ୍ୟରେ ସମଗ୍ର ଦେଶରେ ୫୧ଟି ଶକ୍ତିପୀଠ ଭ୍ରମଣ କରି ୫୧ଟି ଶ୍ଳୋକ ସଂଗ୍ରହ କରିଥିବା ବେଳେ ସେଥିରେ ମା' ଭଦ୍ରକାଳୀଙ୍କ ବିଷୟରେ ଉଲ୍ଲେଖ ରହିଛି ବୋଲି ଲେଖକ ସାହୁ କହିଛନ୍ତି।

# ମହାଲକ୍ଷ୍ମୀ ବେଶରେ ଭଦ୍ରକାଳୀ

## ସପ୍ତମାତୃକା ବେଶର ଅନ୍ତିମ ଦିବସ



ମା' ଭଦ୍ରକାଳୀ ରବିବାର ମହାଲକ୍ଷ୍ମୀ ବେଶରେ ଦର୍ଶନ ଦେଉଛନ୍ତି।

ଭଦ୍ରକ,୨୬।୧୦(ସନାତନ ରାଉତ)

ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ଭଦ୍ରକାଳୀଙ୍କ ପୀଠରେ ରବିବାର ଥିଲା ମା'ଙ୍କ ସପ୍ତମାତୃକା ବେଶର ଅନ୍ତିମ ଦିବସ। ମା' ମହାଲକ୍ଷ୍ମୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ମହାଲକ୍ଷ୍ମୀ ବେଶ ଦର୍ଶନ କରିବା ପାଇଁ ମନ୍ଦିରରେ ସକାଳ ୬ଟାରୁ ଭକ୍ତମାନଙ୍କର ଭିଡ଼ ଲାଗିଥିଲା। ମା' ମହାଲକ୍ଷ୍ମୀ ବେଶରେ ନାଲିରଙ୍ଗର ପାଟବସ୍ତ୍ର ପରିଧାନ କରିବା ସହ ସୁନା ଓ ରୂପା ଅଳଙ୍କାରରେ ସଜ୍ଜିତ ହୋଇଥିଲେ। ଗଜ ଓ ପେଚା ବାହନରେ ବିରାଜିତ ହୋଇଥିବା ବେଳେ ବାମ ହସ୍ତଯୁଗଳରେ ଶଙ୍ଖ ଓ ଗଦା, ଦକ୍ଷିଣ ହସ୍ତଯୁଗଳରେ ଚକ୍ର ଓ ପଦ୍ମ ଧାରଣ କରିଥିଲେ। ମହାଲକ୍ଷ୍ମୀ ବେଶରେ ମା'ଙ୍କୁ ଦର୍ଶନ କଲେ ଧନଧାନ୍ୟ, ଗୋପଲକ୍ଷ୍ମୀ, ଯଶ, ଐଶ୍ୱର୍ଯ୍ୟ ପ୍ରାପ୍ତ ହୋଇଥାଏ ବୋଲି ଭକ୍ତମାନଙ୍କର ବିଶ୍ୱାସ ରହିଛି।

ଦୀପାବଳିଠାରୁ ପୀଠରେ ଆରମ୍ଭ ହୋଇଥିବା ମହାଯଜ୍ଞର ରବିବାର ପୂର୍ଣ୍ଣାହୁତି ଦିଆଯାଇଛି। ମନ୍ଦିର ପ୍ରଶାସନ ଓ ସେବାୟତମାନଙ୍କ ପକ୍ଷରୁ ଭକ୍ତମାନଙ୍କୁ ପ୍ରସାଦ, ପହୁଡ଼ ଭୋଗ ପ୍ରଦାନ କରାଯାଇଥିଲା। ସେବାୟତ ମନ୍ଦରଧର ଦୀକ୍ଷିତ, ଦିପୁନ ଦୀକ୍ଷିତ, ଭାଗୀରଥି ଦୀକ୍ଷିତ, ଶେଖର ମହାପାତ୍ର, ଶରତ ପଣ୍ଡା, ଅରବିନ୍ଦ ଦୀକ୍ଷିତ, ଅନୁଗ୍ରହ ଦୀକ୍ଷିତ, କୃଷ୍ଣପ୍ରସାଦ ଦୀକ୍ଷିତ, ଜୀବନ ଦୀକ୍ଷିତ, ମଦନ ମୋହନ ଦୀକ୍ଷିତଙ୍କ ସମେତ ସମସ୍ତ ପୂଜକ, ସେବାୟତ ସହଯୋଗ କରିଥିଲେ।



ଚରମ୍ପା କାଳୀପୂଜା: ପାଟଣା ସାହି ପୂଜା ମଣ୍ଡପ।



ରେଲୱେ ଫୁଟ୍ ବ୍ରିଜ୍‌ରେ ଲୋକେ ପଥରକାଳୀ ମଣ୍ଡପକୁ ଯାଉଛନ୍ତି।

# ବସ୍-ବାଇକ୍ ଧକ୍କା: ଚାଲିଗଲା ଯୁବକଙ୍କ ଜୀବନ

## କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ



ଆରୁହା ଛକରେ ରାସ୍ତା ଅବରୋଧ କରିଛନ୍ତି ଉତ୍ତ୍ୟକ୍ତ ଲୋକେ।

ତିହିଡ଼ି, ୨୬।୧୦(ସଞ୍ଜିତ ବଳ)

ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥର ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ଆରୁହା ଛକ ନିକଟରେ ରବିବାର ପୂର୍ବାହ୍ନ ସାଢ଼େ ୧୧ଟା ବେଳେ ଏକ ବସ୍ ସହ ମୁହାଁମୁହିଁ ଧକ୍କା ହେବା ଫଳରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚାନ୍ଦବାଲି ଥାନା ଅଧୀନ ଚଡ଼ଦିଆ ଗ୍ରାମର ପ୍ରଭାତ ବୈଦ୍ୟ(୩୮)। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ରାସ୍ତା ଅବରୋଧ କରିଥିଲେ। ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ସହ ଆରୁହା ଛକରେ ହମ୍ପ୍‌ସ ନିର୍ମାଣ ପାଇଁ ସେମାନେ ଦାବି କରିଥିଲେ।

ସୂଚନା ଅନୁଯାୟୀ, ପ୍ରଭାତ ଭଦ୍ରକରୁ ବାଇକ୍‌ରେ ଘରକୁ ଫେରୁଥିଲେ। ଚାନ୍ଦବାଲିରୁ ଭଦ୍ରକ ଅଭିମୁଖେ ଯାଉଥିବା ଖୁସି ନାମକ ବସ୍(ଓଡି ୩୪ଡି ୬୩୭୭) ସହ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାରେ ବସ୍‌ର ସମ୍ମୁଖ ଭାଗର କିଛି ଅଂଶ ଭାଙ୍ଗି ଯାଇଥିବା ବେଳେ ବାଇକ୍ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି। ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ବସ୍ ଚାଳକ ସାବରଙ୍ଗ ଗ୍ରାମର ମୀର ମେହେରବାନଙ୍କୁ ଆକ୍ରମଣ କରିବାରୁ ସେ ଆହତ ହୋଇଥିଲେ। ପରେ ତାଙ୍କୁ ଚିକିତ୍ସା ନିମନ୍ତେ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ତିହିଡ଼ି ଥାନା ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ, ପୀରହାଟ ଥାନା ଭାରପ୍ରାପ୍ତ ଆଇଆଇସି ସ୍ନିଗ୍ଧାରଶ୍ମି ସାହୁ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ରାସ୍ତା ଅବରୋଧ ହଟି ନ ଥିଲା। ପରେ ଏସ୍‌ଡିପିଓ ତ୍ରିଲୋଚନ ସେଠୀ ପହଞ୍ଚି ମୃତକଙ୍କ ପରିବାରକୁ ରେଡ୍‌କ୍ରସରୁ ୨୦ହଜାର ଟଙ୍କା କ୍ଷତିପୂରଣ ରୂପେ ପ୍ରଦାନ କରିବା ପରେ ଅବରୋଧ ହଟିଥିଲା।

# ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ, ଗୁରୁପୂଜନ



ବନ୍ଧୁମିଳନ ଓ ଗୁରୁପୂଜନ ଉତ୍ସବରେ ସମ୍ବର୍ଦ୍ଧିତ ଶିକ୍ଷକଙ୍କ ସହ ପୁରାତନ ଛାତ୍ରୀଛାତ୍ର।

ବାସୁଦେବପୁର,୨୬।୧୦(ନାରାୟଣ ପ୍ରସାଦ ବାରିକ୍/କାଳିପଦ ରାୟ)

ବାସୁଦେବପୁର ବ୍ଲକ କରଞ୍ଜଆଡିଆ ଉଚ୍ଚ ବିଦ୍ୟାଳୟର ୧୯୯୦ ବ୍ୟାଚ୍‌ର ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଓ ଗୁରୁପୂଜନ ଉତ୍ସବ ରବିବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପାର୍ଥସାରଥି ବିଶ୍ୱାଳ ଏଥିରେ ସଭାପତିତ୍ୱ କରିଥିଲେ। ବ୍ୟାଚ୍ କମିଟି ସମ୍ପାଦିକା ରେଖାରାଣୀ ଦାସ ବିବରଣୀ ପାଠ କରିଥିବା ବେଳେ ସଭାପତି ଭାଗବତ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଗୁରୁପୂଜନ ଉତ୍ସବରେ ପ୍ରଧାନଶିକ୍ଷକ ପାର୍ଥସାରଥି ବିଶ୍ୱାଳ, ପୂର୍ବତନ ଶିକ୍ଷକ ଗଦାଧର ଦାସ, ଭୀମସେନ ସାହୁ, ବାଞ୍ଛାନିଧି ପଲେଇ, ବୈରାଗୀ ପୁହାଣ, ସୁରେଶ ଚନ୍ଦ୍ର ଦାସ, ଶଶୀଧର ବେହେରାଙ୍କ ସମେତ ପୂର୍ବତନ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୧୯୯୦ ବ୍ୟାଚ୍‌ର ସୁଧାକର ପରିଡ଼ା, ସୁବାସ ଜ୍ୟେଷ୍ଠ, ପ୍ରଭାକର ଲେଙ୍କା, ଦିଲୀପ ବାରିକ, ଦିଲୀପ ପଲେଇ, ଜ୍ଞାନେନ୍ଦ୍ର ଦାସ, ବାଇଧର ବେହେରା, ରତିକାନ୍ତ ବେହେରା, ହରପ୍ରିୟା ସାହୁ, କବିତା ବାରିକ, ସବିତା ବେହେରା ପ୍ରମୁଖ ଛାତ୍ର ଜୀବନର ସ୍ମୃତିକୁ ମନେ ପକାଇଥିଲେ। ଭକ୍ତି, ଭୟ, ଶୃଙ୍ଖଳା, ସେବା ଭଳି ମହନୀୟ ଗୁଣ ଛାତ୍ରୀଛାତ୍ରଙ୍କୁ ଆଗକୁ ଯିବା ପାଇଁ ବାଟ କଢ଼ାଇଥାଏ ବୋଲି ସମ୍ବର୍ଦ୍ଧିତ ଶିକ୍ଷକ ଗଦାଧର ଦାସ କହିଥିଲେ। ଶିକ୍ଷକ ବିକାଶ ଚନ୍ଦ୍ର କାଠ ସଂଯୋଜନା କରିଥିଲେ।

# ଗୋଚାଲାଣ ବେଳେ ଅଟକାଇଲେ ଗୋରକ୍ଷକ

ଭଣ୍ଡାରିପୋଖରୀ,୨୬।୧୦(ରାଜେନ୍ଦ୍ର ଶତପଥୀ)

ଗୋରକ୍ଷକମାନେ ଶନିବାର ବିଳମ୍ବିତ ରାତିରେ ୧୬ ନଂ. ଜାତୀୟ ରାଜପଥର ବାରିକପୁରଠାରୁ ୨ଟି ଗୋରୁ ବୋଝେଇ ଗାଡ଼ିକୁ ବିଷ୍ଣୁପୁର ଛକରେ ଅଟକାଇଛନ୍ତି। କଣ୍ଟେନର (ଓଡି ୦୪ ଭି ୨୧୯୬)ରେ ୩୪ ଓ କଣ୍ଟେନର (ଏପି ୩୯ଟି ଜେଡ୍ ୦୭୮୭)ରେ ୩୨ ଗୋରୁଙ୍କୁ ଅମାନୁଷିକ ଭାବେ ଚାଲାଣ କରାଯାଉଥିଲା। ୨ ଗାଡ଼ିକୁ ଧାମନଗର ପୋଲିସ ଜବତ କରି ଥାନାକୁ ନେଇଛି। କଣ୍ଟେନର ଚାଳକ ଫେରାର ହୋଇଯାଇଛନ୍ତି। ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ଅଞ୍ଚଳରୁ ଗୋରୁ ପଶ୍ଚିମବଙ୍ଗକୁ ଚାଲାଣ କରାଯାଉଥିଲା ବୋଲି ଜଣାପଡ଼ିଛି। ସହକାରୀ ସବ୍‌ଇନ୍‌ସପେକ୍ଟର ଲରେନ୍ସ କୁଜୁରଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା (ନଂ.୪୦୯/୨୫) ରୁଜୁ ହୋଇଛି। ଉଦ୍ଧାର ଗୋରୁଙ୍କୁ ମଇତାପୁର ଗୋଶାଳାକୁ ପଠାଯାଇଛି।

# ଉର୍ସ ଉତ୍ସବ ନେଇ ଶାନ୍ତି କମିଟି ବୈଠକ

ଧାମନଗର,୨୬।୧୦(ଦେବେନ୍ଦ୍ର ଆନ୍ଦିଆ)

ଧାମନଗରରେ ପୀରବାବା ହଜରତ ମୁଜାହିଦ-ଏ-ମିଲ୍ଲତଙ୍କ ୪୬ତମ ବାର୍ଷିକ ଉର୍ସ ଉତ୍ସବ ଆସନ୍ତା ୨୮ ଓ ୨୯ ତାରିଖ ଦୁଇଦିନ ଧରି ପାଳନ କରାଯିବ। ଏହି ଉପଲକ୍ଷେ ଶନିବାର ସନ୍ଧ୍ୟାରେ ଧାମନଗର ପଞ୍ଚାୟତ ସମିତି ସଭାଗୃହରେ ଶାନ୍ତି କମିଟିର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟିର ଆବାହକ ତଥା ଧାମନଗର ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଚୁନିବାଳା ବିଶ୍ୱାଳ, ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ଏସ୍‌ଡିପିଓ ତ୍ରିଲୋଚନ ସେଠୀ, ଧାମନଗର ଥାନା ଆଇଆଇସି ରଞ୍ଜନ କୁମାର ସେଠୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଉତ୍ସବରେ ଆଇନଶୃଙ୍ଖଳା, ବିଦ୍ୟୁତ୍ ସରବରାହ, ସ୍ୱାସ୍ଥ୍ୟସେବା, ପାନୀୟଜଳ ଯୋଗାଣ, ପରିମଳ ବ୍ୟବସ୍ଥା, ଟ୍ରାଫିକ ସମସ୍ୟା, ବିଭିନ୍ନ ରାସ୍ତା ଛକ ଆଲୋକୀକରଣ, ଡ୍ରୋନ୍ କ୍ୟାମେରା, ଅସ୍ଥାୟୀ ଶୌଚାଳୟ ବ୍ୟବସ୍ଥା ଆଦି ଉପରେ ଆଲୋଚନା କରାଯାଇଥିଲା। ଶାନ୍ତି କମିଟିର ବରିଷ୍ଠ ସଦସ୍ୟ ବୀରେନ୍ଦ୍ର କୁମାର ଜେନା, ଏମ୍‌ଡି ଇସ୍ରାଇଲ ହବିବି, ଗୋଲାମ ଜିଲାନି ହବିବି, ସେକ ଅବଦୁଲ ହକିମ, କୃଷ୍ଣଚନ୍ଦ୍ର ଜେନା, ଏମ୍‌ଡି ଫଜଲେ ବାରି, ଏମ୍‌ଡି ତାହେର ମହମ୍ମଦ, ସେକ ଗୋଲାମ ଅଲ୍ଲୀ, ଏମ୍‌ଡି ଫକିରୁଦ୍ଦିନ, ଏନ୍‌ଏସି ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ, ଏନ୍‌ଏସି ଉପାଧ୍ୟକ୍ଷ ଓସିମ ଏସ୍‌ଦାନୀ କାଦରୀଙ୍କ ସହ ବିଭିନ୍ନ ବିଭାଗ ଅଧିକାରୀ ଯୋଗ ଦେଇଥିଲେ।

ଉର୍ସ ଉତ୍ସବ ସମୟରେ ଯାତ୍ରୀବାହୀ ବସ୍‌ଗୁଡ଼ିକ ଦୋବଲ ବସ୍‌ଷ୍ଟାଣ୍ଡକୁ ଚଳାଚଳ ବନ୍ଦ କରିଦେବାରୁ ଯାତ୍ରୀମାନେ ଧାମନଗରରୁ ଓହ୍ଲାଇ ପିଲାଛୁଆଙ୍କୁ ଧରି ନାହିଁ ନ ଥିବା ହଇରାଣ ହୋଇଥାନ୍ତି। ଏଥିପ୍ରତି ପରିବହନ ବିଭାଗ କିମ୍ବା ଜିଲ୍ଲା ପ୍ରଶାସନ ଆଦୌ ଦୃଷ୍ଟି ଦେଉନାହିଁ। ଚଳିତବର୍ଷ ଉର୍ସ ସମୟରେ ଚାଷଜମିରେ ଧାନ ଥିବାରୁ ସେହି ବାଟେ ଚାରିଚକିଆ ଯାନ ଚଳାଚଳ କରିହେବ ନାହିଁ। ଫଳରେ ଧାମନଗର ମୁଖ୍ୟରାସ୍ତାରେ ଟ୍ରାଫିକ ସମସ୍ୟା ଉପୁଜିବ। ଏହାର ଆଶୁ ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ଓ ପରିବହନ ବିଭାଗ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ସର୍ଦ୍ଦାର ପଟେଲ, ମହତାବଙ୍କ ଜୟନ୍ତୀ ଉପଲକ୍ଷେ ହେବ ପଦଯାତ୍ରା



ଖବରଦାତା ସମ୍ମିଳନୀରେ ଏମ୍‌ପି ଅଭିମନ୍ୟୁ ସେଠୀ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲାପାଳ ଦିଲୀପ ରାଉତରାଏ ଓ ଅନ୍ୟ ଅଧିକାରୀ।

ଭଦ୍ରକ,୨୬।୧୦(ସନାତନ ରାଉତ)

ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଓ ନବଉତ୍କଳର ନିର୍ମାତା ଡ. ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ଉପଲକ୍ଷେ ଚଳିତବର୍ଷ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରତି ଲୋକସଭା କ୍ଷେତ୍ରରେ ୩ଟି ପଦଯାତ୍ରା ଅନୁଷ୍ଠିତ ହେବ। ରବିବାର ପୂର୍ବାହ୍ନ ୧୦ଟାରେ ଖବରଦାତା ସମ୍ମିଳନୀରେ ଏମ୍‌ପି ଅଭିମନ୍ୟୁ ସେଠୀ ଏନେଇ ସୂଚନା ଦେଇଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ସେ ସୂଚନା ଦେଇ କହିଛନ୍ତି, ଭଦ୍ରକ ସହରର ମହତାବଙ୍କ ମୂର୍ତ୍ତି ନିକଟରୁ ପଦଯାତ୍ରା ଆରମ୍ଭ ହୋଇ ଭାରତମାତା ମନ୍ଦିର ପର୍ଯ୍ୟନ୍ତ, ଧାମନଗରରେ ଷେଣ୍ଢପୁରରୁ ଗୋହିରାଟିକିରି, ଖଇରା ବ୍ଲକର ବର୍ତ୍ତନାଠାରୁ ମହତାବଙ୍କ ଜନ୍ମସ୍ଥାନ ଆଗରପଡ଼ା ପର୍ଯ୍ୟନ୍ତ ପଦଯାତ୍ରା ହେବ। ପଦଯାତ୍ରାରେ ଆତ୍ମନିର୍ଭର ଭାରତ ସ୍ୱଦେଶୀ ଓ ଏକତା ଥିମ୍ ରହିବ। ଭାରତର ଅଖଣ୍ଡତା ପ୍ରତି ଏହି ୨ ମହାପୁରୁଷଙ୍କର ପ୍ରମୁଖ ଅବଦାନ ରହିଥିଲା। ସର୍ଦ୍ଦାର ପଟେଲଙ୍କର ଦେଶ ପ୍ରତି ଥିବା ଅବଦାନକୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଚାର ପ୍ରସାର କରାଯିବ। ଏସବୁ କାର୍ଯ୍ୟକ୍ରମରେ ଯୁବକମାନଙ୍କୁ ସାମିଲ କରାଯିବାକୁ ପ୍ରାଧାନ୍ୟ ଦିଆଯାଇଥିବା ବେଳେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସମ୍ପାଦନ କରିବେ। ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଏସବୁ କାର୍ଯ୍ୟକ୍ରମ କରାଯିବ।

ଏହାବ୍ୟତୀତ ପ୍ରଥମ ଥର କରି ଭଦ୍ରକ ଲୋକସଭା କ୍ଷେତ୍ରରେ ସାଂସଦ ଖେଳ ମହୋତ୍ସବ ଅନୁଷ୍ଠିତ ହେବ। ତାରିଖ ଧାର୍ଯ୍ୟ ହୋଇ ନ ଥିବାବେଳେ ଭଦ୍ରକ ଏସ୍‌ବିଡି ସ୍କୁଲରେ ହେବ। ସେହିପରି ଚାନ୍ଦବାଲି ଓ ତିହିଡ଼ି ବ୍ଲକ ପକ୍ଷରୁ ମତୋ କଲେଜ ପଡ଼ିଆ, ଭଣ୍ଡାରିପୋଖରୀ ଓ ବନ୍ତ ବ୍ଲକ ପକ୍ଷରୁ ବନ୍ତ ପୁରୁଷୋତ୍ତମପୁରସ୍ଥିତ ନେତାଜୀ ଖେଳପଡ଼ିଆ, ଧାମନଗର ବ୍ଲକର ଦୋବଲ ଖେଳପଡ଼ିଆ, ବାସୁଦେବପୁର ବ୍ଲକର ଏବି ହାଇସ୍କୁଲ ପଡ଼ିଆ, ସିମୁଳିଆ ବ୍ଲକର ମାର୍କୋଣା ଆର୍‌ଏନ୍ ହାଇସ୍କୁଲ ପଡ଼ିଆ ଓ ସୋରରେ ୟୁଏନ୍ କଲେଜ ଖେଳପଡ଼ିଆରେ ସାଂସଦ ଖେଳ ମହୋତ୍ସବ ଅନୁଷ୍ଠିତ ହେବ। ଖବରଦାତା ସମ୍ମିଳନୀରେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲାପାଳ ଦିଲୀପ ରାଉତରାଏ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଅତିରିକ୍ତ ଉପଜିଲାପାଳ ଶ୍ୟାମଳ ରାୟ, ଓଏସ୍‌ଡି ରମେଶ କୁମାର ମହାନ୍ତି, ଭାଜପା ଜିଲା ସଭାପତି ଭଗବାନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# କଡ଼ା ସୁରକ୍ଷାବଳୟରେ ପିତେଇପୁର

## ଖୋର୍ଦ୍ଧା ରେଳ ଷ୍ଟେଶନରୁ ଧରାପଡ଼ିଲେ ଫେରାର ମହିଳା ଓ ପ୍ରେମିକ

ଧାମନଗର, ୨୬।୧୦ (ଦେବେନ୍ଦ୍ର ଆନ୍ଦିଆ/ସନ୍ତୋଷ କୁମାର ମହାପାତ୍ର)

ଧାମନଗର ଥାନା ଅଧୀନ ସୋହଡ଼ା ପଞ୍ଚାୟତ ପିତେଇପୁର ଗାଁରୁ ଫେରାର ହୋଇଯାଇଥିବା ଭିନ୍ନ ସମ୍ପ୍ରଦାୟର ମହିଳା ଓ ପୁରୁଷଙ୍କୁ ପୋଲିସ ଶନିବାର ବିଳମ୍ବିତ ରାତିରେ ଖୋର୍ଦ୍ଧା ରେଳ ଷ୍ଟେଶନରୁ ଧରିଛି। ଅପରପକ୍ଷେ ଉକ୍ତ ମହିଳାଙ୍କୁ ପରିବାର ଲୋକେ ଗ୍ରହଣ କରୁ ନ ଥିବାରୁ ରବିବାର ତାଙ୍କୁ ଭଦ୍ରକସ୍ଥିତ ଆସିୟାନାରେ ରଖାଯାଇଛି। ତାଙ୍କ ପ୍ରେମିକଙ୍କୁ ଭଣ୍ଡାରିପୋଖରୀ ଥାନାରେ ଅଟକ ରଖି ପୋଲିସ ତଦନ୍ତ କରୁଥିବା ସୂଚନା ମିଳିଛି। ଅପରପକ୍ଷେ ପିତେଇପୁରରେ ଗୋଟିଏ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିଛି। ଜଣେ ପୋଲିସ ଅଧିକାରୀ ପ୍ରତିଦିନ ସେଠାରେ ନିୟୋଜିତ ରହୁଛନ୍ତି। ଦିନକ ପରେ ଧାମନଗରରେ ଉର୍ସ ପର୍ବ ଥିବାରୁ ଗାଁକୁ କଡ଼ା ସୁରକ୍ଷାବଳୟରେ ରଖାଯାଇଛି। କୌଣସି ପ୍ରକାର ଆଇନଶୃଙ୍ଖଳା ପରିସ୍ଥିତିର ମୁକାବିଲା ଲାଗି ପୋଲିସ ପ୍ରସ୍ତୁତ ଥିବା ଧାମନଗର ଥାନା ଆଇଆଇସି ରଞ୍ଜନ ସେଠୀ କହିଛନ୍ତି।

ପ୍ରକାଶ ଯେ, ଜଣେ ବିବାହିତ ମହିଳା ଓ ଭିନ୍ନ ସମ୍ପ୍ରଦାୟର ଜଣେ ବିବାହିତ ପୁରୁଷଙ୍କ ମଧ୍ୟରେ ପ୍ରେମ ସମ୍ପର୍କକୁ ନେଇ ଏହି ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା। ଗତ ୧୮ ତାରିଖରୁ ସେମାନେ ଫେରାର ହୋଇଯାଇଥିଲେ। ପିତେଇପୁରରେ ଉତ୍ତେଜନାକୁ ଦୃଷ୍ଟିରେ ରଖି ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ସ୍ତ୍ରୀ ନିଖୋଜ ଥିବା ନେଇ ମହିଳାଙ୍କ ସ୍ୱାମୀ ଧାମନଗର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ନିଖୋଜ ମାମଲା (ନଂ.୧୩୧/୨୫) ରୁଜୁ କରିଥିଲା। ସେହିପରି ଏହି ଘଟଣାକୁ କେନ୍ଦ୍ରକରି ଗ୍ରାମରେ ଭଙ୍ଗାରୁଜା ନେଇ ଅନ୍ୟ ଏକ ମାମଲା (ନଂ.୩୯୮/୨୫) ରୁଜୁ ହୋଇଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଧାମନଗର ଥାନା ପୋଲିସର ୨ଟି ଟିମ୍ ଚଢ଼ାଉ ଜାରି ରଖିଥିଲା। ସୂଚନା ପାଇ ଗୋଟିଏ ଟିମ୍ ତାମିଲନାଡୁରେ ଚଢ଼ାଉ କରିଥିବା ବେଳେ ଉକ୍ତ ମହିଳା ଓ ତାଙ୍କ ପ୍ରେମିକ ଓଡ଼ିଶା ପଳାଇ ଆସୁଥିଲେ। ପୋଲିସର ଅନ୍ୟ ଏକ ଟିମ୍ ଖୋର୍ଦ୍ଧା ରେଳ ଷ୍ଟେଶନରୁ ସେମାନଙ୍କୁ ଧରିଥିଲା।

## ପୋଲିସ ଗାଡ଼ି ଦେଖି ଖାଲରେ ପଶିଲା ବୋଲେରୋ

ଯୋଡ଼ା,୨୬।୧୦(ମାନସ ମହାନ୍ତି): କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଜଳପାପଶି ଗ୍ରାମ ନିକଟରେ ଛେଳି ଚୋରି କରି ଫେରାର ହେଉଥିବା ଏକ ବୋଲେରୋ ପୋଲିସ ଗାଡି ଦେଖି ଖାଲରେ ପଶିଯାଇଥିଲା। ପୋଲିସ ଗ୍ରାମବାସୀଙ୍କ ସହାୟତାରେ ଗାଡ଼ିରୁ ୬ଟି ଛେଳି ଉଦ୍ଧାର କରିଛି। ରବିବାର ମଧ୍ୟାହ୍ନରେ ବାମେବାରୀ ଅଞ୍ଚଳରୁ ଛେଳି ଚୋରି କରି ଏହି ବୋଲେରୋଟି ଫେରାର ହେଉଥିଲା। ଜଳପାପଶି ନିକଟରେ ପୋଲିସ ପାଟ୍ରୋଲିଂ ଗାଡ଼ି ଦେଖି ଭାରସାମ୍ୟ ହରାଇ ରାସ୍ତାକଡ଼ ଖାଲରେ ପଶିଯାଇଥିଲା। ଦୁର୍ବୃତ୍ତମାନେ ଗାଡ଼ି ଛାଡ଼ି ଚମ୍ପଟ ମାରିଥିଲେ। ପୋଲିସ ବୋଲେରୋ ଜବତ କରି ତଦନ୍ତ କରୁଛି।

## ମେଲୋଡ଼ିକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ, ୪ ଆହତ

ଯୋଡ଼ା,୨୬।୧୦(ମାନସମହାନ୍ତି):କେନ୍ଦୁଝର ଜିଲା ଯୋଡ଼ା ସହର ବସ୍‌ଷ୍ଟାଣ୍ଡଠାରେ କାଳୀପୂଜା ଅବସରରେ ଅନୁଷ୍ଠିତ ମେଲୋଡି କାର୍ଯ୍ୟକ୍ରମରେ ନାଚକୁ କେନ୍ଦ୍ର କରି ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଛି। ଘଟଣାରେ ୪ ଜଣ ଆହତ ହୋଇଛନ୍ତି। ଆହତ ମାନେ ହେଲେ ଜୀବନ କୁମାର ପାତ୍ର, ନୁର୍ ମୁଣ୍ଡା, ବିର୍ଷି ମୁଣ୍ଡା ଓ ଭାଗ୍ୟଧର ମୁଣ୍ଡା। ଶନିବାର ରାତିରେ ମେଲୋଡି ଚାଲିଥିବା ବେଳେ ଏକ ନିର୍ଦ୍ଦିଷ୍ଟ ନାଚକୁ କେନ୍ଦ୍ର କରି ଗୋଷ୍ଠୀ ମଧ୍ୟରେ କନ୍ଦଳ ହୋଇଥିବା ପୋଲିସ କହୁଛି।

# ଟାଙ୍କି ଅଛି, ପାଣି ଆସୁନି

ଯୋଡ଼ା,୨୬।୧୦(ମାନସ ମହାନ୍ତି)

■କାମରେ ଲାଗୁନି ମେଗା ଜଳ ପ୍ରକଳ୍ପ
■ବିଶୁଦ୍ଧ ପାନୀୟ ଜଳରୁ ବଞ୍ଚିତ ପଞ୍ଚାୟତବାସୀ

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍‌ ବେଲଦାଠାରେ ଦୀର୍ଘ ୭ ବର୍ଷ ହେବ ତତ୍କାଳୀନ ସରକାରଙ୍କ ପକ୍ଷରୁ ଏକ ମେଗା ଜଳ ପ୍ରକଳ୍ପ ନିର୍ମାଣ କରାଯାଇଛି। ମାତ୍ର ଏହା ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇ ନ ଥିବାରୁ ପଞ୍ଚାୟତରେ ଓଭର ହେଡ୍‌ ଟାଙ୍କି ନିର୍ମିତ ହୋଇଥିଲେ ହେଁ ଦେଓଝର ଓ ଅସେଇଁକଳା ପଞ୍ଚାୟତବାସୀ ବିଶୁଦ୍ଧ ପାନୀୟ ଜଳରୁ ବଞ୍ଚିତ ହେଉଛନ୍ତି। ବିଭାଗୀୟ ଅବହେଳା ଯୋଗୁ ଜଳ ଯୋଗାଣ ହେଉ ନ ଥିବା ବେଳେ ଲୋକେ ବିଶୁଦ୍ଧ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ଏ ନେଇ ଅଭିଯୋଗ କଲେ ବି କେହି ଶୁଣୁ ନ ଥିବା ପଞ୍ଚାୟତବାସୀ କହିଛନ୍ତି।

ପ୍ରକାଶ ଯେ, ଓଡ଼ିଶା ସରକାର ଓ ଜିଲା ଖଣିଜ ପାଣ୍ଠି ଅନୁଦାନରେ ୧୬୪ କୋଟି ବ୍ୟୟ ଅଟକଳରେ ଏହି ମେଗା ପ୍ରକଳ୍ପ ନିର୍ମାଣ କରାଯାଇଛି। ପ୍ରକଳ୍ପ ଦ୍ୱାରା ଯୋଡ଼ା ବ୍ଲକ୍‌ର ୧୯ ପଞ୍ଚାୟତକୁ ପାଇପ୍‌ଲାଇନ ଦ୍ୱାରା ବିଶୁଦ୍ଧ ଜଳ ଯୋଗାଣ ଲକ୍ଷ୍ୟ ରହିଥିଲା। ପ୍ରକଳ୍ପରୁ ଅସେଇଁକଳା ଓ ଦେଓଝର ପଞ୍ଚାୟତକୁ ଜଳ ଯୋଗାଣ ନିମନ୍ତେ କୋହ୍ଲ ହୁଣ୍ଡୁଳାଠାରେ ଏକ ଓଭର ହେଡ୍‌ ଟାଙ୍କି ନିର୍ମାଣ କରାଯାଇ ଗ୍ରାମଗୁଡ଼ିକରେ ପାଇପ୍‌ଲାଇନ୍‌ ସଂଯୋଗୀକରଣ ହୋଇଛି। ଓଭର ହେଡ ଟାଙ୍କି ନିର୍ମାଣ ହୋଇଥିବା କୋହ୍ଲ ହୁଣ୍ଡୁଳା ଗ୍ରାମଠାରୁ ମେଗା ପ୍ରକଳ୍ପ ସ୍ଥାନ ବେଲଦା ବୈତରଣୀ ନଦୀ ପର୍ଯ୍ୟନ୍ତ ପ୍ରାୟ ୨୫ କିମି ଦୂର। ଫଳରେ ଯୋଡ଼ା ଓ ଝୁମ୍ପୁରା ବ୍ଲକ୍‌ର ଗ୍ରାମଗୁଡ଼ିକୁ ପାଇପ୍‌ଲାଇନ ସଂଯୋଗ ହୋଇପାରିନାହିଁ। ୨୦୧୮ରୁ କାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଦୀର୍ଘ ୭ ବର୍ଷ ପରେ ମଧ୍ୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଉ ନ ଥିବାରୁ ଓଭରହେଡ୍‌ ଟାଙ୍କି ଖତ ଖାଇବାକୁ ବସିଲାଣି। କୋହ୍ଲହୁଣ୍ଡୁଳା ଗ୍ରାମର ୨ନଂ. ୱାର୍ଡ ମେମ୍ବର ଶ୍ୟାମ ସୁନ୍ଦର ମୁଣ୍ଡା, ୧ ନଂ. ୱାର୍ଡ ମେମ୍ବର ବାଣେଶ୍ୱର୍‌ ମୁଣ୍ଡା, ମେଘନାଦ ପାତ୍ର, ନରେନ୍ଦ୍ର ପାତ୍ର, ଚନ୍ଦ୍ରମଣି ପାତ୍ର, ଭାଗୀରଥି ପାତ୍ର, ମୁଗ ପାତ୍ର, ବସନ୍ତ ପାତ୍ର, ସୁବାସ ପାତ୍ର ପ୍ରମୁଖ କହିଛନ୍ତି, ମେଗା ପ୍ରକଳ୍ପରୁ ଜଳ ଯୋଗାଣ କରାଯାଉ ନ ଥିବାରୁ ଗ୍ରାମବାସୀ ବର୍ଷ ସାରା ପାନୀୟ ଜଳ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ପାନୀୟ ଜଳ ପାଇଁ ଲୋକେ ବହୁ ଦୂରରେ ଥିବା ନଳକୂପ ଉପରେ ନିର୍ଭର କରୁଛନ୍ତି। ନଳକୂପଗୁଡ଼ିକ ବହୁ ପୁରାତନ ହୋଇ



ଥିବାରୁ ସେଥିରୁ ମଧ୍ୟ ନାଲି ପାଣି ବାହାରୁଛି। ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବାକୁ ସ୍ଥାନୀୟ ୱାର୍ଡ ମେମ୍ବର ଶ୍ୟାମ ସୁନ୍ଦର ୨ଥର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିବା ପ୍ରକାଶ କରିଛନ୍ତି। ଗ୍ରାମୀଣ ଜଳ ଯୋଗାଣ ସଂସ୍ଥାର କନିଷ୍ଠ ଯନ୍ତ୍ରୀ ଶୁଭେନ୍ଦୁ ନାଏକ କହିଛନ୍ତି, ବିଭିନ୍ନ ଶିଳ୍ପ ସଂସ୍ଥାର ସ୍ଲରୀ ପାଇପ୍‌ଲାଇନର ପାଇପ ସଂଯୋଗୀକରଣ ସମୟରେ ଜଳ ଯୋଗାଣ ପାଇପ୍‌ ଫାଟିଯାଉଛି। ଫଳରେ କାମ ବିଳମ୍ବ ହେଉଛି। ସରକାର ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜନସାଧାରଣ ଦାବି କରୁଛନ୍ତି।

## ଯାଞ୍ଚକଲା ସ୍ୱତନ୍ତ୍ର ଟିମ୍‌

ଛେନାପଦି,୨୬।୧୦(ନିରାକାର ପରିଡ଼ା)

**ବଞ୍ଜୋ ବରାହୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**
**ମାଣ୍ଡିଆ ଲଡ୍ଡୁ, ଛାତ୍ରବୃତ୍ତି ଅନୁଦାନ ନ ମିଳିବା ଘଟଣା**

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ ବଞ୍ଜୋ ବରାହୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମାଣ୍ଡିଆ ଲଡୁ ଦିଆ ନ ଯିବା ଏବଂ ଛାତ୍ରବୃତ୍ତି ଅନୁଦାନ ପିଲାଙ୍କୁ ନ ମିଳିବା ଘଟଣାରେ ସ୍ୱତନ୍ତ୍ର ଟିମ୍‌ ଯାଞ୍ଚ କରିଛି। ପିଲାଙ୍କୁ ପୁଷ୍ଟିକର ଖାଦ୍ୟ ପ୍ରଦାନର ଅବହେଳା ଏବଂ ସରକାରୀ ଅନୁଦାନ ଠିକରେ ଖର୍ଚ୍ଚ ହେଉ ନ ଥିବା ମଧ୍ୟ ଅଭିଯୋଗ ହୋଇଥିଲା। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ହାଟଡ଼ିହୀ ଶିକ୍ଷା ଅଧିକାରୀ ରାଜୀବ ଦଳାଇ ଏକ ସ୍ୱତନ୍ତ୍ର ଟିମ୍‌ ଗଠନ କରି ତଦନ୍ତ ପାଇଁ ପଠାଇଥିଲେ।

ପ୍ରକାଶ ଯେ, ଅଞ୍ଚଳର ଏହା ଏକ ସର୍ବପୁରାତନ ବିଦ୍ୟାଳୟ ହୋଇଥିବାରୁ ଏଥିରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ରହିଛି। ସ୍କୁଲକୁ ଆସୁଥିବା ସରକାରୀ ଅନୁଦାନକୁ ଠିକ୍‌ ଭାବେ ଖର୍ଚ୍ଚ କରାଯାଇନି। ପିଲାଙ୍କୁ ମାଣ୍ଡିଆ ଲଡୁ ଏବଂ ଛାତ୍ରବୃତ୍ତି ଅନୁଦାନ ଦିଆଯାଉନି ବୋଲି ସ୍କୁଲ ପରିଚାଳନା କମିଟିର ସଭାପତି ଦିପ୍ତିମୟୀ ଖୁଣ୍ଟିଆ, ସଭ୍ୟା ପଦ୍ମାବତୀ ବରାଳ, ସ୍ୱପ୍ନାରାଣୀ ବରାଳ, ଜ୍ୟୋସ୍ନାରାଣୀ ବରାଳ, ସୁରେଖା ନାୟକ ପ୍ରମୁଖ ତଥା ସ୍କୁଲ କମିଟି ପକ୍ଷରୁ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୂର୍ଯ୍ୟପ୍ରକାଶ ସେଠୀଙ୍କ ଦ୍ୱାରା ପରିଚାଳନାଗତ ତ୍ରୁଟି ଦେଖାଦେଉଥିବା ମଧ୍ୟ ଅଭିଯୋଗରେ ଦର୍ଶାଇଥିଲେ। ତଦନ୍ତ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ସୂଚନାନୁସାରେ, ମାଣ୍ଡିଆ ଲଡୁ ଶୁଭାରମ୍ଭ ଦିନ ଏବଂ ତଦନ୍ତ ଦିନ ତଥା ଗତ ଗୁରୁବାରକୁ ବାଦ ଦେଲେ ଅନ୍ୟଦିନରେ ପିଲାଙ୍କୁ ଦିଆଯାଇନାହିଁ। ସେହିପରି ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ମଧ୍ୟ ଦିଆଯାଇନି। ତଦନ୍ତ ସମୟରେ ବିଦ୍ୟାଳୟରେ ମାଣ୍ଡିଆ ଲଡୁ, ଛାତ୍ରବୃତ୍ତି ସହ ମଧ୍ୟାହ୍ନ ଭୋଜନର ମଧ୍ୟ କୌଣସି ରେକର୍ଡ ଦେଖିବାକୁ ମିଳି ନ ଥିଲା ବୋଲି ତଦନ୍ତ ଅଧିକାରୀ ପ୍ରକାଶ କରିଛନ୍ତି। ୩ ଦିନ ପୂର୍ବେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସମସ୍ତ ରିପୋର୍ଟ ବିଇଓ କାର୍ଯ୍ୟାଳୟର ବରିଷ୍ଠ ସହାୟକଙ୍କ ନିକଟରେ ଦାଖଲ କରିଥିବା ଭାରପ୍ରାପ୍ତ ଏବିଇଓ ପୂର୍ଣ୍ଣଚନ୍ଦ୍ର ଜେନା କହିଛନ୍ତି। ମାତ୍ର ବରିଷ୍ଠ ସହାୟକ ଶିଶିର ଜେନା ପ୍ରଧାନଶିକ୍ଷକ କୌଣସି ରିପୋର୍ଟ ଦାଖଲ କରାଯାଇନାହିଁ ବୋଲି କହିଛନ୍ତି। ରିପୋର୍ଟ ଦାଖଲ ନିମନ୍ତେ ପ୍ରଧାନଶିକ୍ଷକ ୧ ମାସ ସମୟ ମାଗିଥିବା ବରିଷ୍ଠ ସହାୟକ ସୂଚନା ଦେଇଛନ୍ତି। ଆନନ୍ଦପୁର ଉପ ଜିଲାପାଳ ଏଭଳି ଘଟଣା ଉପରେ ହସ୍ତକ୍ଷେପ କରି ତଦନ୍ତ କରିବା ସହ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଯୋଗକାରୀଙ୍କ ପକ୍ଷରୁ ଦାବି ହୋଇଛି।

## ବରିଷ୍ଠ ନାଗରିକ ବିକାଶ ମଞ୍ଚର ସମ୍ବର୍ଦ୍ଧନା ଉତ୍ସବ

ବଉଳା,୨୬।୧୦(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ଆଞ୍ଚଳିକ ବରିଷ୍ଠ ନାଗରିକ ବିକାଶ ମଞ୍ଚ ସୋସୋର ସାଧାରଣ ପରିଚାଳନା ବୈଠକ ଓ ସମ୍ବର୍ଦ୍ଧନା ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ମଞ୍ଚର କାର୍ଯ୍ୟକାରୀ ସଭାପତି ନୃସିଂହ ଚରଣ ଦେହୁରୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ବିଚାରପତି ନରେନ୍ଦ୍ର କୁମାର ସାମଲ, ମଞ୍ଚ ସଭାପତି ପର୍ଶୁରାମ ପେଡ଼ା, ସମ୍ପାଦକ ମୋହନ ମହାନ୍ତି, ବରିଷ୍ଠ କର୍ମକର୍ତ୍ତା ରମେଶଚନ୍ଦ୍ର ମହାନ୍ତି, ସୋସୋ ଥାନା ଅଧିକାରୀ ଶିବ ଶଙ୍କର ଆଳଦା ଯୋଗଦେଇଥିଲେ। ନାରାୟଣ ଚନ୍ଦ୍ର ଲେଙ୍କା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଞ୍ଚଳର ବିଭିନ୍ନ ସମସ୍ୟାକୁ କିଭଳି ପ୍ରଶାସନ ନିକଟରେ ଦାବି କରି ସଫଳ ହୋଇଥିବା ମତ ରଖିଥିଲେ। ଆଗାମୀ ଦିନରେ ବନ୍ଦ ହୋଇପଡ଼ିଥିବା କ୍ରୋମାଇଟ ମାଇନ୍ସ ଖୋଲିବା, ସାଳନ୍ଦୀ ବିଦ୍ୟାଧରପୁର ବ୍ୟାରେଜ୍‌ ନଦୀରେ ଗୋଟିଏ ପୋଲ ନିର୍ମାଣ, ପ୍ରତି ଛକରେ ଉତ୍କଳ ମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ଆଦି ବିଭିନ୍ନ ଦାବି ପୂରଣ ଉପରେ ପଦକ୍ଷେପ ନିଆଯିବ ବୋଲି ମଞ୍ଚ ପକ୍ଷରୁ ଆଲୋଚନା ହୋଇଥିଲା। ପରେ ପ୍ରତିଭାବାନ ଛାତ୍ର, ବୟସ୍କ ବ୍ୟକ୍ତି, ସଫଳ ଚାଷୀ, ସାମାଜିକକର୍ମୀ ଓ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚତୁର୍ଭୁଜ ପହି ମାନପତ୍ର ପାଠ କରିଥିବା ବେଳେ ଅନ୍ତର୍ଯ୍ୟାମୀ ରାଉତ ଧନ୍ୟବାଦ ଦେଇଥିଲେ। ଶରତ ରାଉତ, ନାରାୟଣ ଚନ୍ଦ୍ର ବିଶ୍ୱାଳ, ଗୋପାଳ ରାଉତ, ଅଜିତ୍‌ ରାଉତ, ହରମୋହନ ପଣ୍ଡା, ରବିନ୍ଦ୍ର କୁମାର ବିଶ୍ୱାଳ, ଭୁବନା ନନ୍ଦ ପଟ୍ଟନାୟକ, ଓଷା ବାରିକ୍‌ ପ୍ରମୁଖ ସହଯୋଗ କରିଥିଲେ।

# ଜଘିଁରାରେ ନୂତନ ବ୍ଲକ୍‌ ଗଠନ ଦାବି



ବୈଠକରେ ଉପସ୍ଥିତ ସ୍ଥାନୀୟ ଅଞ୍ଚଳର ମୁରବି, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଓ ଜନ ପ୍ରତିନିଧିମାନେ।

କେନ୍ଦୁଝର,୨୬।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ତେଲକୋଇ ନିର୍ବାଚନ ମଣ୍ଡଳୀ ଅଧୀନସ୍ଥ ହରିଚନ୍ଦନପୁର, ବାଂଶପାଳ ବ୍ଲକ୍‌ର ଅପହଞ୍ଚ ପଞ୍ଚାୟତଗୁଡ଼ିକୁ ନେଇ ନୂତନ ଜଂଘିରା ବ୍ଲକ୍‌ ଗଠନ ଦାବି ହୋଇଛି। ଏ ନେଇ ରବିବାର ଜଘିଁରା ହାଟ ପଡ଼ିଆରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା।

ତେଲକୋଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ହୁଣ୍ଡା, ଜଘିଁରା, ପିଠାଗୋଳା, ଜୁଙ୍ଗା, ବକ୍ସିବାରିଙ୍ଗା, ବୁଢ଼ାଖମଣ, ତେନ୍ତଲାପଶି, ଜିରାଙ୍ଗ, ତାଳପଦା, ବାରାଗଡ଼ ଓ ଗୋନାସିକା ଆଦି ପଞ୍ଚାୟତକୁ ନେଇ ଜଘିଁରାରେ ବ୍ଲକ୍‌ ଗଠନ କରିବାକୁ ଅଞ୍ଚଳର ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଯୁବଗୋଷ୍ଠୀ ଯୋଗଦେଇ ଆଲୋଚନା କରିଥିଲେ। ନୂତନ ବ୍ଲକ୍‌ ଗଠନ ଦ୍ୱାରା ଜନସାଧାରଣ କିଭଳି ଉପକୃତ ହେବେ ଓ ଅଞ୍ଚଳବିକାଶରେ ସହାୟକ ହୋଇ ପାରିବ ସେ ନେଇ ମତ ରଖିଥିଲେ। ଉପରୋକ୍ତ ପଞ୍ଚାୟତଗୁଡ଼ିକର ପଞ୍ଚାୟତ ସମିତି ହରିଚନ୍ଦନପୁର ହୋଇଥିବା ବେଳେ ହରିଚନ୍ଦନପୁରଠାରୁ ଜଘିଁରା ଓ ଅନ୍ୟ ପଞ୍ଚାୟତଗୁଡିକର ଦୂରତା ପ୍ରାୟ ୩୦କି.ମି.ରୁ ଅଧିକ। ଫଳରେ ଲୋକମାନେ ହରିଚନ୍ଦନପୁରକୁ ଗଲେ ଗୋଟିଏ ଦିନ ଚାଲି ଯାଉଛି। ନୂତନ ବ୍ଲକ୍‌ ଗଠନ ନେଇ ପୂର୍ବରୁ ବିଧାୟକ, ଏମ୍‌ପି, ଜିଲାପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଥିବା ମତ ରଖିଥିଲେ। ବୈଠକରେ ବରିଷ୍ଠ ନାଗରିକ ରମେଶ ଚନ୍ଦ୍ର ସାହୁ, ରମେଶ ଚନ୍ଦ୍ର ମିଶ୍ର, ଅନୀଲ ଭିତିରିଆ, ଭରତ ପ୍ରଧାନ, ସୁଦାମ ଚରଣ ନାଏକ, ବିଜୟ ନାଏକ, ଅଚ୍ୟୁତ ପ୍ରଧାନ, ବାଇଧର ଜୁଆଙ୍ଗ, ଲଛମନ ଦାସ, ପ୍ରସନ୍ନ ନାଏକ, ସୁମନ୍ତ ପୃଷ୍ଟିଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ୱାର୍ଡ ମେମ୍ବର ଯୋଗଦେଇଥିଲେ।

## ଭୂତତ୍ତ୍ୱ ବିଜ୍ଞାନରେ ବିଶ୍ୱବିଦ୍ୟାଳୟ ଟପ୍ପରଙ୍କୁ ସମ୍ବର୍ଦ୍ଧନା

ପାଟଣା,୨୬।୧୦(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍‌ ଚେମେଣା ପଞ୍ଚାୟତ ଚିଲଦା ଗ୍ରାମର ମେଧାବୀ ଛାତ୍ରୀ ଚନ୍ଦ୍ରିକା ମହାନ୍ତ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଭୂତତ୍ତ୍ୱବିଜ୍ଞାନରେ ଟପ୍ପର ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ବେଳେ ଏମ୍‌ଏସ୍‌ସି (ଭୂବିଜ୍ଞାନ) ମୋଟ ୮୭ ପ୍ରତିଶତ ନମ୍ବର ରଖିଛନ୍ତି। ସେ ଏରେଣ୍ଡେଇ ପଞ୍ଚାୟତ ହାଇସ୍କୁଲ ବେଗୁନା ଖମଣର ସଂସ୍କୃତ ଶିକ୍ଷକ ଲକ୍ଷ୍ମଣ ମହାନ୍ତ ଓ ଲଳିତା ମହାନ୍ତଙ୍କ କନ୍ୟା। କୃତୀତ୍ୱ ପାଇଁ ତାଙ୍କୁ ଚିଲିଦାରେ ସ୍ଥାନୀୟ ନାଗରିକ ମଞ୍ଚ ତରଫରୁ ପୁଷ୍ପଗୁଚ୍ଛ, ମାନପତ୍ର, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ବିଜ୍ଞାନ ଶିକ୍ଷକ ପାର୍ଥ ସାରଥୀ ବେଜଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥିଭାବରେ ସାମାଜିକକର୍ମୀ ବିଦ୍ୟାଧର ମହାନ୍ତ, ସମ୍ମାନିତ ଅତିଥିଭାବେ କୁଡୁମୀ ସେନା ରାଜ୍ୟ ଉପସଭାପତି ମିତ୍ରଭାନୁ ମହାନ୍ତ, ଶିକ୍ଷକ ଜଗନ୍ନାଥ ମହାନ୍ତ, ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ କୈଳାଶ ଚନ୍ଦ୍ର ମହାନ୍ତ, ଅବସରପ୍ରାପ୍ତ ସେନା ଅଧିକାରୀ ହେମନ୍ତ ମହାନ୍ତ ପ୍ରମୁଖ ଯୋଗଦେଇ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

## ୧୬ତମ ଜାତୀୟ ଜୁଡ଼ୋରେ ବୈଷ୍ଣବୀଙ୍କୁ ସ୍ୱର୍ଣ୍ଣ

କେନ୍ଦୁଝର,୨୬।୧୦
(ନରେଶ ଚନ୍ଦ୍ର ପଟ୍ଟନାୟକ)




ଗୁଜୁରାଟର ସୁରଟଠାରେ ଆୟୋଜିତ ଜାତୀୟ ଜୁଡୋ ପ୍ରତିଯୋଗିତାରେ ଓଡ଼ିଶା ଦଳରେ ସାମିଲ ଥିବା କେନ୍ଦୁଝର ଜିଲାର ବୈଷ୍ଣବୀ ଗୁପ୍ତା ରବିବାର କନିଷ୍ଠ ବିଭାଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ବୈଷ୍ଣବୀ କେନ୍ଦୁଝର କେନ୍ଦ୍ରୀୟ ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀରେ ଅଧ୍ୟୟନରତ ଥିବାବେଳେ କେନ୍ଦୁଝର ଗଡ଼ ରେଲଷ୍ଟେଶନର ଇନ୍‌ଷ୍ଟିଚ୍ୟୁଟଠାରେ ତପନ କୁମାର ପୁର୍ତି ଓ ଜଗନ୍ନାଥ ଟୁଡୁଙ୍କ ନିକଟରୁ ପ୍ରଶିକ୍ଷଣ ନେଉଛନ୍ତି। ତାଙ୍କ ବାପା ସଞ୍ଜୟ କୁମାର ପୂର୍ବତଟ ରେଳପଥର କେନ୍ଦୁଝରଠାରେ ଟ୍ରେନ୍‌ ମ୍ୟାନେଜର ଭାବେ କାର୍ଯ୍ୟରତ ଅଛନ୍ତି। ମା' ଗୁଡି କୁମାରୀ ଜଣେ ଗୃହିଣୀ। ବୈଷ୍ଣବୀଙ୍କୁ ଏହି ସଫଳତା ପାଇଁ ସମସ୍ତ ରେଳ କର୍ମଚାରୀ ଶୁଭେଚ୍ଛା ଜଣାଇଛନ୍ତି।

## ପୂର୍ବତନ ଜିଲା ଭାଜପା ସଭାପତି ନିର୍ଦ୍ଦୋଷ ସାବ୍ୟସ୍ତ

ପାଟଣା,୨୬।୧୦(ବୀର କିଶୋର ଦାଶ)

**ଗ୍ୟାସ ବିତରଣ ଅନିୟମିତତା ମାମଲା**

କେନ୍ଦୁଝର ଜିଲା ପୂର୍ବତନ ଜିଲା ଭାଜପା ସଭାପତି ତଥା ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାଧାକାନ୍ତ ମହାନ୍ତ ଓ ଗଙ୍ଗାଧର ମହାନ୍ତ ଏକ ଗ୍ୟାସ ବିତରଣ ଅନିୟମିତତା ମାମଲାରେ ଦୀର୍ଘ ୭ବର୍ଷ ପରେ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଛନ୍ତି। ଗତ ୧୭ତାରିଖରେ କେନ୍ଦୁଝର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ମାଜିଷ୍ଟ୍ରେଟ ଆମ୍ବିକେଶ ପାଣିଗ୍ରାହୀ ପ୍ରମାଣ ଅଭାବରୁ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ମୁକ୍ତ କରିଛନ୍ତି।

ସୂଚନାଯୋଗ୍ୟ, କେନ୍ଦୁଝର ଜିଲା ତୁରୁମୁଙ୍ଗା ପୋଲିସ ୭ ଫେବୃୟାରୀ ୨୦୧୭ରେ ପାଟଣା ବ୍ଲକ୍‌ ଖୀରେଇଟାଙ୍ଗିରିସ୍ଥିତ ଜୟ ଶ୍ରୀରାମ ଏଣ୍ଡିଆନଗ୍ରାମ୍ୟ ବିତରକ କାର୍ଯ୍ୟାଳୟ ଓ ଗୋଦାମରେ ଚଢ଼ାଉ କରିଥିଲା। ବିତରଣ ନିର୍ଦ୍ଦେଶ ୨୦୦୦କୁ ଉଲ୍ଲଂଘନ ଦର୍ଶାଇ ଗ୍ୟାସ ଏଜେନ୍ସିର ମାଲିକ ରାଧାକାନ୍ତ ମହାନ୍ତ ଓ ପରିଚାଳକ ଗଙ୍ଗାଧର ମହାନ୍ତଙ୍କୁ ଗିରଫ କରି ଗୋଦାମକୁ ସିଲ କରିଥିଲା। ଗୋଦାମରୁ କାଗଜପତ୍ର ସହ ବିଭିନ୍ନ ସାମଗ୍ରୀ ଜବତ କରିଥିଲା।

## ମା' ଶ୍ୟାମାକାଳୀଙ୍କୁ ମେଲାଣି



ଢେଙ୍କିକୋଟ,୨୬।୧୦(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ବ୍ୟବସାୟିକ ପେଣ୍ଠସ୍ଥଳି ଢେଙ୍କିକୋଟ ମା' ଶ୍ୟାମାକାଳୀ ପୂଜା କମିଟି ତରଫରୁ ମଣ୍ଡପରେ ପୂଜା ପାଉଥିବା ମା' ଶ୍ୟାମାକାଳୀଙ୍କ ମୃଣ୍ମୟୀ ମୂର୍ତ୍ତିକୁ ରବିବାର ଅପରାହ୍ନ ୪ଟାରେ ମେଲାଣି ଦିଆଯାଇଛି। ଭସାଣି ଉତ୍ସବରେ ମାଆଙ୍କ ମୂର୍ତ୍ତିକୁ ଟ୍ରାକ୍ଟର ସାହାଯ୍ୟରେ ଢେଙ୍କିକୋଟ ବଜାର, ସାହି, ବସ୍ତି ପରିକ୍ରମା କରାଯାଇଥିଲା। ବାଜା, ବାଣରେ ବଜାର, ସାହି ପ୍ରକମ୍ପିତ ହୋଇଥିଲା। ମାଆଙ୍କ ଶେଷ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ଜମିଥିଲା। ସନ୍ଧ୍ୟା ୭ଟାରେ ପୁଣ୍ୟତୋୟା ସୀତା ନଦୀରେ ମାଆଙ୍କୁ ଭସାଣି କରାଯାଇଛି। କମିଟିର ବିଜୟ କୁମାର ମଣ୍ଡଳ, ଖଗେଶ୍ୱର ନାୟକ, ଦେବେନ୍ଦ୍ର ମଣ୍ଡଳ, ଜଗବନ୍ଧୁ ନାୟକ, ପଦ୍ମନ ମଲ୍ଲିକ, ସାର୍ତ୍ତୁକ ଗିରି, ଶିବାନନ୍ଦ ମଣ୍ଡଳ, ବିରଞ୍ଚି ମଣ୍ଡଳ, ନିରଞ୍ଜନ ଗିରି, ସୁରେଶ ମଣ୍ଡଳ ପ୍ରମୁଖ ସହଯୋଗ କରିଥିଲେ।

## ଚନ୍ଦ୍ରଶେଖର କପ୍‌ ଫୁଟ୍‌ବଲ ପ୍ରତିଯୋଗିତା
## ବୈତରଣୀ ଚାର୍ଜସ ଚାମ୍ପିୟନ

ଚମ୍ପୁଆ,୨୬।୧୦(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ନେହେରୁ ଷ୍ଟାଡ଼ିୟମଠାରେ ୩ ଦିନ ଧରି ଅନୁଷ୍ଠିତ ପଞ୍ଚମ ଚନ୍ଦ୍ରଶେଖର କପ୍‌ ଫୁଟ୍‌ବଲ ମହାକୁମ୍ଭ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ପ୍ରତିଯୋଗିତାରେ ବୈତରଣୀ ଚାର୍ଜସ ୧-୦ ଗୋଲ୍‌ରେ ତେଜସ ଏକାଦଶକୁ ହରାଇ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଚମ୍ପୁଆ ଉପ ଜିଲାପାଳ ଉମାକାନ୍ତ ପରିଡ଼ା, ସମ୍ମାନିତ ଅତିଥିଭାବେ ଏସ୍‌ଡିପିଓ ରଶ୍ମିରଞ୍ଜନ ସାହୁ, ଆଇଟିଡିଏ ପ୍ରକଳ୍ପ ଅଧିକାରୀ ରାମକୃଷ୍ଣ ଗଣ୍ଡ, ଚମ୍ପୁଆ ଆଇଆଇସି ରମାକାନ୍ତ ମୁଦୁଲି, ଜିଲା ଭାଜପା ଯୁବ ମୋର୍ଚ୍ଚା ସଭାପତି ଅନିଧ ବେହେରା, ଚମ୍ପୁଆ ଆଥଲେଟିକ ଆସୋସିଏଶନ ସଭାପତି ରମେଶ ଚନ୍ଦ୍ର ପ୍ରଧାନ, ସମ୍ପାଦକ ଅଭୟ ଦାସ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ଅତିଥି ବୈତରଣୀ ଚାର୍ଜସକୁ ୨ ଲକ୍ଷ ୨୦ ହଜାର ଅର୍ଥରାଶି ସହିତ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟ ଅତିଥିମାନେ ରନସ୍‌ଅଫ ଦଳକୁ ୧ ଲକ୍ଷ ୩୦ ହଜାର, ତୃତୀୟ ଦଳଭାବେ ଏଏସ୍‌ ନାଇନ ଷ୍ଟାରକୁ ୭୫ ହଜାର ଓ ଚତୁର୍ଥ ଦଳ ଭାବେ ଅଲିବାବା ଏକାଦଶକୁ ୬୦ ହଜାର ଅର୍ଥ ରାଶି ପ୍ରଦାନ କରିଥିଲେ। ମର୍ଣ୍ଣିଂ କ୍ଲବ୍‌ ସଭାପତି ରଶ୍ମୀରଞ୍ଜନ ସେଠୀ ଓ ସମ୍ପାଦକ ଅମିତାଫ ପ୍ରଧାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତାରେ ପ୍ରାୟ ୮ ହଜାର ଦର୍ଶକ ଖେଳ ଉପଭୋଗ କରୁଥିଲେ। ଓଡ଼ିଆ ଅଭିନେତ୍ରୀ ଶିତଲ ପାତ୍ର ଉତ୍ସାହ ବୃଦ୍ଧି କରିଥିଲେ। ଶ୍ରେଷ୍ଠ ଖେଳାଳୀ ଏବଂ ଚାମ୍ପିୟନ ଦଳର ମ୍ୟାନେଜରଙ୍କୁ ବିଦେଶ ଭ୍ରମଣ ଯାତ୍ରାର ସୁବିଧା ରହିଛି ବୋଲି ସଭାପତି ସୂଚନା ଦେଇଥିଲେ।



ମୁଖ୍ୟ ଅତିଥିଙ୍କ ସହ ବିଜେତା ଓ ଉପ ବିଜେତା ଦଳର କ୍ରୀଡ଼ାବିତ୍‌।

# ପାଠ ଛାଡ଼ି ମୂଲ ଲାଗୁଛନ୍ତି ବଡ଼ ଭାଇ

ଆନନ୍ଦପୁର,୨୬।୧୦(ସୁଶାନ୍ତ କୁମାର ସାହୁ)

**ମା'ବାପାଙ୍କ ମୃତ୍ୟୁ ପରେ ୩ ପିଲା ଅନାଥ**

ପ୍ରଥମେ ବାପାଙ୍କୁ ହରାଇଲେ। ବାପାଙ୍କ ମୃତ୍ୟୁ ପରେ ମା' ମୂଲ ମଜୁରି କରି ପରିବାର ଚଳାଉଥିଲେ। ବାପାଙ୍କ ମୃତ୍ୟୁର ୪ ମାସ ପରେ ମା'ଙ୍କ ମୃତ୍ୟୁ ଘଟିଲା। ୩ ପିଲା ଅନାଥ ହୋଇଯାଇଥିଲେ। ପରିବାରର ଆଉ କେହି ରୋଜଗାରିଆ ନ ଥିବାରୁ ଅସହାୟ ଭାବେ ଦିନ କାଟୁଛନ୍ତି। ୨ ଛୋଟ ଭଉଣୀ, ଭାଇଙ୍କ ମୁହଁରେ ଆହର ଦେବାକୁ ବଡ଼ ଭାଇ ମୂଲ ଲାଗୁଛନ୍ତି। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍‌ କାଠକଟା ପଞ୍ଚାୟତ କୁଶବଣି ଗ୍ରାମରେ।

ପ୍ରକାଶ ଯେ, ଗ୍ରାମର ପାଇକାରୀ ହୋଙ୍କ ପରିବାର ସ୍ତ୍ରୀ ଓ ୩ ପିଲାଙ୍କୁ ନେଇ ସୁରୁଖୁରୁରେ ଚାଲୁଥିଲା। ପାଇକାରୀ ଦିନମଜୁରିଆ ଭାବେ କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ଗତ ୪ ବର୍ଷ ତଳେ କିଡ୍‌ନୀ ସହ ଅନ୍ୟାନ୍ୟ ରୋଗରେ ଆକ୍ରାନ୍ତ ହୋଇ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ପରିବାର ଅସହାୟ ହୋଇପଡ଼ିଥିବା



୩ ଅନାଥ ଭଉଣୀ, ଭାଇ।

ବେଳେ ସ୍ତ୍ରୀ ବେଲ ହୋ ପର ଘରେ କାମ କରି ଘର ଚଳାଉଥିଲେ। ମାତ୍ର ସ୍ୱାମୀଙ୍କ ମୃତ୍ୟୁର ୪ ମାସ ପରେ ରୋଗାଗ୍ରସ୍ତ ହୋଇ ବେଲଙ୍କ ମଧ୍ୟ ମୃତ୍ୟୁ ଘଟିଥିଲା। ମା'ବାପାଙ୍କୁ ହରାଇ ୩ ସନ୍ତାନ ନିରୁପାୟ ହୋଇଯାଇଥିଲେ। ଏଭଳି ପରିସ୍ଥିତିରେ ବଡ ପୁଅ ଚନ୍ଦନ ହୋ(୧୮) ପାଠ ପଢ଼ା ବନ୍ଦ କରି ମଜୁରି ଲାଗୁଛନ୍ତି। ଯାହା ରୋଜଗାର ହୁଏ ଭଉଣୀ, ଭାଇ ଚଳନ୍ତି ବୋଲି କୁହନ୍ତି। ଭଉଣୀ ଏବେ ୧୦ମ ଶ୍ରେଣୀରେ ପଢୁଥିବା ବେଳେ ସାନ ଭାଇ ମଧ୍ୟ ପାଠ ପଢ଼ା ଛାଡ଼ି ଘର ଜଗୁଛନ୍ତି। ବଡ଼ ଭାଇ ରୋଜଗାରରେ ଦୁଃଖ କଷ୍ଟରେ ଘର ଚଳୁଛି। ବାପାଙ୍କୁ ମିଳିଥିବା ଆବାସ ଘରଟିରେ କବାଟ, ଝରକା ଲାଗିପାରିନାହିଁ। ଅସହାୟ ଅବସ୍ଥାରେ ଖୋଲାମେଲା ଘରେ କପଡ଼ା ଟାଙ୍ଗି ରହୁଛନ୍ତି। ଛୋଟ ପିଲା ଓ ନାବାଳିକା ଝିଅଟି ରହୁଥିବାରୁ ବିପଦ ଆଶଙ୍କା ରହୁଛି। ବିଦ୍ୟୁତ ବିଲ୍‌ ବାକି ଥିବାରୁ ୮ ମାସ ହେବ ବିଦ୍ୟୁତ୍‌ କାଟିଦିଆଯାଇଥିଲା। ଏ ବିଷୟରେ ଆନନ୍ଦପୁର ବିଦ୍ୟୁତ ବିଭାଗୀୟ ଜେଇ ସୁଶାନ୍ତ କୁମାର ସେଠୀଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ ନିଜେ ୨୦୦୦ଟଙ୍କା ବକେୟା ବିଲ୍‌ ପଇଠ କରି ଅକ୍ଟୋବର ୯ରୁ ବିଦ୍ୟୁତ୍‌ ସଂଯୋଗ ଦେଇଥିଲେ। ସହଯୋଗ ପାଇଁ ସ୍ଥାନୀୟ ସରପଞ୍ଚଙ୍କୁ ଜଣାଇ ଥିଲେ ସୁଦ୍ଧା କୌଣସି ସାହାୟତା ମିଳି ନ ଥିବା ଚନ୍ଦନ କହିଛନ୍ତି। ୩ ସନ୍ତାନଙ୍କୁ ସରକାରୀ ସାହାର୍ଯ୍ୟ, ପିଲାଙ୍କ ପାଠପଢ଼ା ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ରେଳ ଧାରଣାରେ ପ୍ରଧାନଶିକ୍ଷକଙ୍କ ମୃତଦେହ

**କେନ୍ଦୁଝର/ଢେଙ୍କିକୋଟ, ୨୬।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ/ନୀଳମଣି ମଣ୍ଡଳ)**

କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ହରିଡ଼ାଗୋଠ ଗ୍ରାମ ନିକଟ ରେଳ ଧାରଣାରୁ ରେଳବାଇ ପୋଲିସ ଜଣେ ପ୍ରଧାନଶିକ୍ଷକଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ଘଟଗାଁ ଥାନା ତୋରାଣୀପଶି ପଞ୍ଚାୟତ ମଥୁରାପଶି ଗ୍ରାମର ଡମ୍ବରୁଧର ମହାନ୍ତ (୫୦)। ସେ ବାଙ୍କପାତୁଳି ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ସୂଚନା ଅନୁଯାୟୀ, ଡମ୍ବରୁଧର ତାଙ୍କ ସ୍ତ୍ରୀ ଓ ୧୪ ବର୍ଷର ପୁଅ ସହିତ କେନ୍ଦୁଝର ପୁରୁଣା ସହର ହୁଡ୍‌କୋ କଲୋନୀରେ ଘର କରି ରହିଆସୁଥିଲେ। ଶନିବାର ରାତି ପ୍ରାୟ ୩ଟାରେ ଘରୁ ବାହାରି କେଉଁଆଡ଼େ ଯାଇଥିଲେ। ରବିବାର ସକାଳେ ତାଙ୍କ ରକ୍ତାକ୍ତ ମୃତଦେହ ଟାଉନ ଥାନା ଅନ୍ତର୍ଗତ ହରିଡ଼ାଗୋଠ ନିକଟସ୍ଥ ରେଳଧାରଣାରୁ ମିଳିଥିଲା। ପ୍ରାଥମିକ ତଦନ୍ତରୁ ଟ୍ରେନ୍‌ରେ କଟି ମୃତ୍ୟୁବରଣ କରିଥିବା ଜଣାପଡିଛି। କେନ୍ଦୁଝର ଜିଲା ମୁଖ୍ୟାଳୟ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଇ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତେବେ ତାଙ୍କୁ କେହି ରାତିରେ ଡାକି ନେଇ ହତ୍ୟା କରିଥିବା ସ୍ଥାନୀୟ ଲୋକେ କହୁଛନ୍ତି। ଏହା ହତ୍ୟା ନା ଆତ୍ମହତ୍ୟା ତଦନ୍ତ ପରେ ଜଣାପଡିବ ବୋଲି ପୋଲିସ କହିଛି। ଯାଜପୁର ରେଳବାଇ ସବଇନ୍ସପେକ୍ଟର ସୁଶାନ୍ତ କୁମାର ସେଠୀ କହିଛନ୍ତି, ଏ ନେଇ ଏକ ଅପମୃତ୍ୟୁ ମାମଲା(ନଂ.୭୭/୨୦୨୫) ରୁଜୁ ହୋଇଛି। ପରିବାର ତରଫରୁ କୌଣସି ଅଭିଯୋଗ ଆସିନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଠିକ୍ କାରଣ ଜଣାପଡ଼ିବ।

# ଭାତହାଣ୍ଡିରେ ପଡ଼ି ଶିଶୁକନ୍ୟା ମୃତ

**ଫୁଲବାଣୀ, ୨୬।୧୦ (ରାକେଶ କୁମାର ରାଉତ)**

କନ୍ଧମାଳ ଫିରିଙ୍ଗିଆ ବ୍ଲକ୍ ସାଡିଙ୍ଗିଆ ପଞ୍ଚାୟତ ବାଡ଼ାଯୋଡି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଅସାବଧାନତା ଯୋଗୁ ବାଦେଶ୍ୱର କହଁରଙ୍କ ୪ ବର୍ଷର ଝିଅ ରାଜଶ୍ରୀ କହଁର ଭାତହାଣ୍ଡିରେ ପଡ଼ିଯିବାରୁ ପୋଡିହୋଇ ତାଙ୍କର ମୃତ୍ୟୁ ହୋଇଛି। ସୂଚନା ଅନୁସାରେ ରାଜଶ୍ରୀଙ୍କ ମା' ଶନିବାର ଚୁଲିରେ ଭାତ ବସେଇ ଅନ୍ୟ କୌଣସି ଏକ କାମରେ ଯାଇଥିଲେ। ରାଜଶ୍ରୀ ଚୁଲି ପାଖରେ ଖେଳୁଥିଲେ। ତେବେ କୌଣସି ପ୍ରକାରେ ସେ ଭାତହାଣ୍ଡିରେ ପଡି ଯାଇଥିଲେ। ତାଙ୍କ ଚିତ୍କାର ଶୁଣି ଘରଲୋକେ ଦୌଡ଼ିଯାଇ ତାଙ୍କୁ ହାଣ୍ଡିରୁ କାଢ଼ି ତୁରନ୍ତ ଫୁଲବାଣୀ ମେଡିକାଲରେ ଭର୍ତ୍ତି କରିଥିଲେ। ସେତେବେଳକୁ ତାଙ୍କ ଶରୀରର ୪୦ ପ୍ରତିଶତରୁ ଊର୍ଦ୍ଧ୍ୱ ପୋଡ଼ି ଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ମେଡିକାଲ ସ୍ଥାନାନ୍ତର କରାଯାଉଥିବା ବେଳେ ବାଟରେ ରାଜଶ୍ରୀଙ୍କ ମୃତ୍ୟୁ ହୋଇଥିଲା। ପରିବାର ଲୋକେ ମୃତଦେହକୁ ଗାଁକୁ ଆଣି ସଂସ୍କାର କରିଛନ୍ତି।

# ହାତଗୋଡ଼ ବାନ୍ଧି ଲୁଟିନେଲେ ଟଙ୍କା, ସୁନାଗହଣା

**ସୋର, ୨୬।୧୦(ଜନ୍ମେଜୟ ମିଶ୍ର)**

ବାଲେଶ୍ୱର ଜିଲା ସୋର ଥାନା ଅଞ୍ଚଳରେ ବାରମ୍ବାର ଚୋରି, ଲୁଟତ୍‌ରାଜ ଲୋକଙ୍କ ନିଦ ହଜାଇ ଦେଇଛି। ଶନିବାର ରାତିରେ ବେଲପୁର ଗ୍ରାମରେ ଦୁର୍ବୃତ୍ତମାନେ ପଶି ଜଣେ ମହିଳାଙ୍କ ହାତଗୋଡ ବାନ୍ଧି ମାରଣାସ୍ତ୍ରରେ ଆକ୍ରମଣ କରି ୫ଲକ୍ଷ ଟଙ୍କାର ଗହଣା ଓ ନଗଦ ଟଙ୍କା ଲୁଟି ନେଇଛନ୍ତି। ରବିବାର ସକାଳେ ଖବର ପାଇ ସୋର ପୋଲିସ ଓ ଅନନ୍ତପୁର ଫାଣ୍ଡି

**ସୋରରେ ପୁଣି ଆତଙ୍କ**

ପୋଲିସ ପହଞ୍ଚି ଖୋଳତାଡ଼ କରିଛି। ଏନେଇ ସୋର ଥାନାରେ ଅଭିଯୋଗ ହେବାପରେ ପୋଲିସ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହିତ ପହଞ୍ଚି ଅଧିକ ତଦନ୍ତ ଆରମ୍ଭ କରିଛି।

ଏହି ଗ୍ରାମର ଶେଖ ଆଲ୍ଲାଉଦ୍ଦିନ ଘରେ ନ ଥିବା ବେଳେ ତାଙ୍କ ସ୍ତ୍ରୀ ଆମିନା ବିବି ଓ ମା' ହାଲିମାନ ବିବି ୩ଜଣ ପିଲାଙ୍କୁ ନେଇ ଘରେ ଥିଲେ। ବିଳମ୍ବିତ ରାତିରେ ୫ଜଣ ମୁଖାପିନ୍ଧା ଦୁର୍ବୃତ୍ତ ତାଙ୍କ ଘର ପଛପଟ ଗ୍ରୀଲ କାଟି ଘର ଭିତରକୁ ପଶିବା ସହିତ ଆମିନା ଓ ତାଙ୍କ ଶାଶୁ ହାଲିମାନଙ୍କ ହାତଗୋଡ଼ ବାନ୍ଧି ମାଡ଼ ମାରିଥିଲେ। ଦୁର୍ବୃତ୍ତମାନେ ଆମିନା ଓ ପିଲାଙ୍କ ବେକରେ ଛୁରି ଲଗାଇ ଭୟଭୀତ କରି ଘର ମଧ୍ୟରେ ଥିବା ଆସବାବପତ୍ରକୁ ଭଙ୍ଗାରୁଜା କରି ୫ଲକ୍ଷ ଟଙ୍କାର ଗହଣା ଓ ନଗଦ ୬୫ହଜାର ଟଙ୍କା ନେଇ ଫେରାର ହୋଇଯାଇଥିଲେ।

# ଦେବଦାସ ଛୋଟରାୟଙ୍କୁ ୪୬ତମ 'ଶାରଳା ପୁରସ୍କାର'

**ଭୁବନେଶ୍ୱର,୨୬।୧୦ (ସୌମ୍ୟରଞ୍ଜନ ରାଉତ)**

ଇଣ୍ଡିଆନ୍ ମେଟାଲ୍ସ ପବ୍ଲିକ୍ ଚାରିଟେବୁଲ ଟ୍ରଷ୍ଟ (ଇମ୍ପାକ୍ଟ) ପକ୍ଷରୁ ମର୍ଯ୍ୟାଦାଜନକ ୪୬ତମ 'ଶାରଳା ପୁରସ୍କାର' ଚଳିତବର୍ଷ କବି ଓ କଥାକାର ଦେବଦାସ ଛୋଟରାୟଙ୍କୁ ପ୍ରଦାନ କରାଯାଇଛି। ରବିବାର ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିନ୍ଦୀ କବି ଓ ଲେଖିକା ପ୍ରଫେସର ସବିତା ସିଂହ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଗଳ୍ପ ସଂକଳନ 'ମ୍ୟାଗିନି ଶୋ' ଲାଗି

**ଗୁରୁ ରାମହରି ଓ ବଳଦେବଙ୍କୁ 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ'**



କଥାକାର ଦେବଦାସ ଛୋଟରାୟଙ୍କୁ 'ଶାରଳା ପୁରସ୍କାର' ପ୍ରଦାନ କରାଯାଉଛି।

ଦେବଦାସଙ୍କୁ ଏହି ପୁରସ୍କାର ମିଳିଛି। ପୁରସ୍କାର ବାବଦରେ ଲେଖକଙ୍କୁ ତାମ୍ର ଫଳକ, ଉପାୟନ ସହିତ ୭ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଛି। ଏଥିସହିତ କଳା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ଓଡ଼ିଶୀ ସଙ୍ଗୀତ ଗୁରୁ ରାମହରି ଦାସ ଏବଂ ପ୍ରସିଦ୍ଧ ଚିତ୍ରଶିଳ୍ପୀ ବଳଦେବ ମହାରଥାଙ୍କୁ ୨.୫ଲକ୍ଷ ଟଙ୍କା ଲେଖାଏ ଅର୍ଥରାଶି ଓ ତାମ୍ରଫଳକ ସହ 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ' ପ୍ରଦାନ କରାଯାଇଛି।

ଉତ୍ସବରେ ଅଧ୍ୟକ୍ଷତା କରି ଇମ୍ପାକ୍ଟର ଟ୍ରଷ୍ଟି ପାରମିତା ପଣ୍ଡା କହିଲେ, ଶାରଳା ପୁରସ୍କାର ବିଜେତା କବି ଦେବଦାସ ତାଙ୍କର ନିଆରା ଉପସ୍ଥାପନା ଶୈଳୀ ପାଇଁ ସେ ସବୁବେଳେ ପାଠକ ଓ ଶ୍ରୋତାଙ୍କ ଆଦର ଲାଭ କରିଆସିଛନ୍ତି। ପୁରସ୍କୃତ ଗଳ୍ପ ସଂକଳନ 'ମ୍ୟାଗିନି ଶୋ'ରେ ସେ ଜୀବନର ଅନେକ ସାଧାରଣ ତତ୍ତ୍ୱକୁ ଅସାଧାରଣ ଉଚ୍ଚତାକୁ ନେଇପାରିଛନ୍ତି, ଯାହା କେବଳ ସୁଖପାଠ୍ୟ ନୁହେଁ, ଶିକ୍ଷଣୀୟ ଓ ଅନୁକରଣୀୟ ମଧ୍ୟ। ଶାରଳା ପୁରସ୍କାରପ୍ରାପ୍ତ କବି ଦେବଦାସ କହିଲେ, ପୁରସ୍କାର ପାଇଁ ମୁଁ ଶାରଳା ପୁରସ୍କାରର ଉଦ୍ୟୋକ୍ତାଙ୍କ ପାଖରେ ଚିର କୃତଜ୍ଞ।

---

## PANCHAYAT SAMITI, PARALAKHEMUNDI (GOSANI), DIST. - GAJAPATI (ODISHA) PIN-761210

AdvNo-03/2025-26 Dt: 24.10.2025

**Tender Call Notice**

**No.i-355** : Sealed tenders (Percentage rate) are invited for 11 (Eleven) Number of works from the **Interested "B"/"C"/"D" Class Contractors** registered with the Govt. for execution of civil works under Panchayat Samiti, Paralakhemundi (Gosani), Dist.-Gajapati. The details notification is available at official website www.Gajapati.odisha.gov.in. Interested bidders fulfilling the eligibility criteria may submit their proposal(s) to the Panchayat Samiti, Paralakhemundi(Gosani), Gajapati. Proposal(s) complete in all respect should reach the undersigned on or before **3.00 PM of 11.11.2025** through Regd./Speed Post and the same will be opened on **11.00 AM of 12.11.2025**. The undersigned reserves the right to reject any or all the tender(s) without assigning any reason thereof.

Sd./- Block Development Officer, Paralakhemundi (Gosani) Gajapati

OIPR-19374/11/0006/2526

---

## Government of Odisha
## "e" Procurement Notice

No.O-1184

**Bid Identification No. : 06 of 2025-26**

| | | |
|---|---|---|
| 1. | Number of Works | 1 No. of Road Work |
| 2. | Estimated Cost (Aprox.) | Rs.92.63 lakh |
| 3. | Period of Completion | 3 (Three) Calendar months |
| 4. | Date & Time of availability of Bid documents in the Portal | 27/10/2025 at 11:00 hrs. |
| 5. | Last date & time for receipt of Bids in the Portal | 06/11/2025 at 17:00 hrs. |
| 6. | Date of Opening of Tender | 07/11/2025 at 11:00 hrs. |
| 7. | Name and address of the Officer Inviting Bid | O/o the Superintending Engineer, Rural Works Division, Jagatsinghpur |

Further details can be seen from the Government website **www.tendersorissa.gov.in**

Sd./- Executive Engineer, Rural Works Division, Jagatsinghpur

OIPR-25056/11/0025/2526

---

## ପୌର ପରିଷଦ, ହିଞ୍ଜିଳିକାଟୁ
## HINJILICUT MUNICIPAL COUNCIL

ହିଞ୍ଜିଳିକାଟୁ, ଜିଲ୍ଲା – ଗଞ୍ଜାମ, ପିନ୍ – ୭୬୧୧୦୨, ଦୂରଭାଷ – ୦୬୮୧୧ – ୨୮୦୦୨୫, ଟୋଲ୍ ଫ୍ରି – ୧୪୪୨୦

At - Hinjilicut, Dist. - Ganjam, Pin - 761102, Contact : 06811-280025, Toll Free No. : 14420

Email : hinjilicutmunicipality@gmail.com

Hinjilicut Municipality, Hinjilicutmunicipality

Letter No. 2685/Dev. Date : 22.10.2025

**E-Procurement Notice No. - HIN-MUN-03/2025-26**

**No.C-1315** : The Executive Officer, Hinjilicut Municipality on behalf of Governor of Odisha invites percentage of bid in Single cover system from bidders of eligible Class registered with State Government and bidders with equivalent grade / class registered with Central Govt. / MES / Railways according to norm of e-procurement system in online mode for the work as per DTCN.

1. Total Number of Civil works: 12 Nos.
2. Period of completion: As per DTCN
3. Date & time of availability of Bid Documents in the portal: From 10.00 A.M. of Dt.27.10.2025 to 5.00 P.M. of Dt.07.11.2025 for online bidding
4. Last date of receipt of Bid through Online: Dt.07.11.2025 of upto 5.00 P.M.
5. Date of opening of Bid: Dt.10.11.2025 at 11.00 A.M.

Further details can be seen from the procurement portal : https://tendersodisha.gov.in

Sd./- Executive Officer, Hinjilicut Municipality

OIPR-13105/11/0023/2526

---

No.A-768

## GOVT. OF ODISHA
## DEPARTMENT OF WATER RESOURCES
## OFFICE OF THE EXECUTIVE ENGINEER
## DRAINAGE DIVISION, KHORDHA

**E-PROCUREMENT NOTICE NO. EE-DD-KHR-06/2025-26**

email Id : eeddkhurda@gmail.com

**Bid Documents consisting of work, estimate cost, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal www.tendersorissa.gov.in complete online process only.**

| | | |
|---|---|---|
| 1 | Total number of work | 1 No. of work as mentioned below |
| 2 | Name of Work | Improvement of drain from village Haripur to Amaraoli along with structures outfalling to Chilika lake in Chilika Constituency |
| 3 | Tender Amount (Excluding GST) | 39.62 lakh |
| 4 | Bid Identification No. | EE-DD-KHR-01/2025-26 |
| 5 | Period of completion | Refer DTCN |
| 6 | Class of Contractor | Refer DTCN |
| 7 | Availability of Tender On-Line | From 28.10.2025 (11 A.M.) to 12.11.2025 (5.30 P.M.) |
| 8 | Date of opening of Tender documents & online bid | 13.11.2025 at 11 A.M. in the O/o the Executive Engineer, Drainage Division, Khordha |
| 9 | Date of Lottery | To be uploaded in Portal after evaluation of technical bids |
| 10 | Earnest Money Deposit | Referred DTCN |
| 11 | Cost of Tender paper | Referred DTCN |
| 12 | Procurement Officer | Exceutive Engineer, Drainage Division, Khordha |

Further details can be seen from the Govt. website www.tendersorissa.gov.in. Addendum/Corrigendum/Cancellation if any required will be published only in Govt. website www.tendersorissa.gov.in

Sd./- Executive Engineer, Drainage Division, Khordha

OIPR-32363/11/0007/2526

---

## OFFICE OF THE CHIEF CONSTRUCTION ENGINEER
## ANANDAPUR BARRAGE PROJECT, SALAPADA

**DIST.: KEONJHAR, ODISHA, PIN - 758020**

**Tel. No.: (06731) 295003, E-Mail: cceabp@gmail.com**

**Tender Reference No. CCEABP - 13 of 2025-26**

No. A-760: The Chief Construction Engineer, Anandapur Barrage Project, Salapada on behalf of the Governor of Odisha, invites Request for Proposal (RfP) through online mode in double cover system from eligible bidders for the works as detailed below:

| Sl. No. | BID ID No. | | Name of the Work |
|---|---|---|---|
| 01 | ABP-Soro-01/13 of 2025-26 | Appointment of Third-Party Inspection Agency (TPIA) | Construction of Distribution system for 12155.80 Ha. of CCA including Command Area Development (CAD) of Salandi Left Main Canal from RD 45.570 Km. to 49.810 Km. through under Ground Pipe Line Irrigation System (Gravity Flow) of Anandapur Barrage Project in Balasore District of Odisha on EPC-Turn Key Basis including operation and maintenance of the commissioned project. |
| 02 | ABP-Soro-02/13 of 2025-26 | Appointment of Proof Engineering Consultant (PEC) | |

a. Period of Completion: 27 (Twenty Seven) Calendar Months
b. Period of availability of Bid Document in the Portal: From 11.30 A.M. of 29.10.2025 to 18.11.2025 upto 5.00 P.M.
c. Last date/time for receipt of Bid: 18.11.2025 upto 5.00 P.M.
d. Date and Time of Opening of Technical Bid: 19.11.2025 at 11.30 A.M.
e. Name & address of the Officer Inviting Bid: Chief Construction Engineer, Anandapur Barrage Project, Salapada
f. Further details can be seen from E-Procurement Portal "**https://www.tendersodisha.gov.in**".

Sd./- Chief Construction Engineer, Anandapur Barrage Project, Salapada

OIPR-32180/11/0015/2526

---

GOVERNMENT OF ODISHA
## OFFICE OF THE SUPERINTENDING ENGINEER
## RURAL WORKS DIVISION, KESINGA

No. O-1097 E_mail: eerwkesinga@yahoo.com

**e-Procurement Notice**

**BID IDENTIFICATION No. RWKSNG-Online-06/25-26**

1. Name of Work: Road Works (As per Annexure)
2. Total No. of Work: 48 Nos.
3. Estimated Cost: Rs.5.08 lakhs to Rs.35.59 lakhs (Approximately)
4. E.M.D.: Please refer DTCN
5. Cost of Tender document: As per annexure
6. Class of Contractor: 'D, C & B' Class
7. Period of Completion: As per annexure
8. Other details: As per DTCN

| Procurement Officer | Bid Identification No. | Availability of Tender Online for Bidding: From | Availability of Tender Online for Bidding: To | Last date & time of seeking tender clarification | Date & Time of Opening of Tender |
|---|---|---|---|---|---|
| Superintending Engineer, Rural Works Division, Kesinga | RWKSNG-Online-06/25-26 | 27.10.2025 at 11.00 A.M. | 07.11.2025 upto 17.00 P.M. | 03.11.2025 upto 11.00 A.M. | 10.11.2025 at 11.00 A.M. |

Further details can be seen from the website i.e. **www.tenderodisha.gov.in**.

Sd./- Superintending Engineer, Rural Works Division, Kesinga

OIPR-25153/11/0026/2526

---

## GOVERNMENT OF ODISHA
**e-Procurement Notice, ANGUL (R&B) DIVISION**

**Bid Identification No. 38 of 2025-26**

No.B- e-mail ID - angulrbdivision@yahoo.co.in

1. Number of Works: 03 (Three) number of building works 08 (Eight) number of electrical works
2. Approximate estimated cost: Varies from 11.00 lakh to Rs.99.00 lakh
3. Period of completion: Varies from 03 (Three) to 06 (Six) Calendar months
4. Date & Time of availability of bid document in the portal: **Dt.24.10.2025 at 10.00 A.M.**
5. Last date / time for receipt of bid in the portal: **Dt.10.11.2025 up to 5.00 P.M.**
6. Date of opening Bid: **Dt.11.11.2025 at 11.00 A.M.**
7. Name and address of the Office Inviting Bid: Superintending Engineer, Angul (R&B) Division, Angul
8. The bidders must participate in **ONLINE** bidding only. Further details can be seen from the e-procurement portal https:/tendersodisha.gov.in

Sd./- Superintending Engineer, Angul (R&B) Division

OIPR-34074/11/0036/2526

---

No.N-182

## GOVERNMENT OF ODISHA
## DEPARTMENT OF HIGHER EDUCATION

**EXTENSION OF DATELINE FOR ONLINE APPLICATION AND VALIDATION OF SCHOLARSHIP UNDER "MUKHYAMANTRI MEDHABI CHHATRA PROTSAHAN YOJANA" 2025-26 FROM FRESH/RENEWAL STUDENTS**

| Sl. No. | Scheme & sub-Scheme | | Extended dateline for submission of online application by students from fresh students | Extended dateline for validation of scholarship application (Fresh and renewal) by Heads of Institutions / Principals concerned |
|---|---|---|---|---|
| 1 | e-Medhabruti | UG merit | 26.10.25 to 04.11.25 | Up to 14.11.25 |
| 2 | | PG merit | 26.10.25 to 04.11.25 | Up to 14.11.25 |
| 3 | | Technical & Professional merit | 26.10.25 to 04.11.25 | Up to 14.11.25 |
| 4 | Vyasakabi Fakir Mohan Bhasabruti Scheme | | 26.10.25 to 04.11.25 | Up to 14.11.25 |
| 5 | Gopabandhu Shikhya Sahayata Yojana | | 26.10.25 to 04.11.25 | Up to 14.11.25 Up to 21.11.25 (Only at DWO level) |
| | Important Note for Non-SAMS Students | | **Uploading of documents through DigiLocker has been made mandatory from the current academic year. Those who are unable to upload their documents through DigiLocker can opt for the "Skip DigiLocker option" available in the OSSP portal.** | **The "Skip DigiLocker Option" will remain available till 01.11.2025** |

In case of any problem faced by the students at the time of filling up the application online, they may refer to FAQs available on the home page of the website or take the help of helpline, Higher Education Department - **0674 (2396550), 0674 (2391126), 0674 (2391127), 0674 (2391128)** (on all working days from 10.30 A.M. to 5.30 P,.M.) or e-mail on scholarshiphed@gmail.com.

OIPR-11001/11/0115/2526 Sd./- Joint Secretary to Government

---

## GOVERNMENT OF ODISHA
## OFFICE OF THE SUPERINTENDING ENGINEER
## RURAL WORKS DIVISION, KENDRAPARA

No.O-1150 eerw_kpd@yahoo.com

**INVITATION FOR BIDS (SHORT NOTICE)**

**'E' PROCUREMENT NOTICE NO. RWD / KPD-07 / 2025-26 DT. 23.10.2025**

1. Name of work: Road works in the District of Kendrapara for the year 2025-26
2. Total No. of work: **57 Numbers of Road work**
3. Estimated Cost: **Rs.5.08 Lakhs to 38.13 lakhs** approximately
4. Period of Completion: As Specified in the Annexure
5. Class of contractors: As Specified in the Annexure
6. Cost of tender paper: Cost of tender paper is to be remitted ONLINE as specified in column-5 of the Annexure
7. Detail projects: As Specified in the Annexure

**Other details as follows :**

a) Procurement officer: Executive Engineer, Rural Works Division, Kendrapara
b) Availability of tender online: **28.10.2025** at 11.00 A.M. to **07.11.2025** up to 5.00 P.M.
c) Last date & time of seeking of tender clarification: 06.11.2025 up to 5.00 P.M.
d) Opening of Tender: 10.11.2025 at 11.00 A.M.
e) **Decision to conduct Lottery :** If requried to decide the agency, transparent Lottery shall be conducted for the work Sl No. 01 to 30 on dt.18.11.2025 at 11.00 A.M. & Sl No. 31 to 57 on dt.21.11.2025 at 11.00 A.M. in Office Chamber of the undersigned.

Further details can be seen from the Govt. website www.tendersorissa.gov.in

Sd./- Bhagirathi Dash, Executive Engineer, Rural Works Division, Kendrapara

OIPR-25064/11/0027/2526

---

No.C-1323

GOVERNMENT OF ODISHA, HOUSING & URBAN DEVELOPMENT
## OFFICE OF THE EXECUTIVE OFFICER, NAC, BARPALI

E-mail Id - barpalinac@gmail.com

**BID IDNETIFICATION No - EOBRP/02/2025-26**

| | | |
|---|---|---|
| 1. | Type of the work | As per DTCN |
| 2. | No. of works | 01 (One) |
| 3. | Class of contractor | "A" or "B" |
| 4. | Bid identification No | EOBRP/02/2025-26 |
| 5. | Estimated cost | As per DTCN |
| 6. | Period of Completion | As per DTCN |
| 7. | Date and time of availability of bid documents in the portal | Dt.28.10.2025 at 1.00 P.M. to Dt.12.11.2025 up to 5.00 P.M. |
| 8. | Last date/time for receipt of bids in the portal | Dt.12.11.2025 up to 5.00 P.M. |
| 9. | Date of opening of Bid | Dt.13.11.2025 at 11.00 A.M. (Technical Bid) At-Office of the Executive Officer, NAC Barpali, At/Po : Barpali, Dist : Bargarh 768029, Odisha |
| 10. | Name and Address of the Officer inviting Bid | Executive Officer, NAC Barpali At/Po - Barpali, Dist. - Bargarh, 768029, Email Id : barpalinac@gmail.com |

1. Any addendum/Corrigendum/cancellation/erratum of tender can also be seen in the said Website.
2. Further details can be seen from Government Website - http://tenderodisha.gov.in & official website www.nacbarpali.in

Sd./- Executive Officer, N.A.C., Barpali

OIPR-13127/11/0021/2526

---

## GOVERNMENT OF ODISHA
## OFFICE OF THE SUPERINTENDING ENGINEER
## RURAL WORKS DIVISION-II, MALKANGIR

Letter No. 3905/RWD-II Dated: 24.10.2025

**1st CORRIGENDUM TO E-TENDER CALL NOTICE**

**BID IDENTIFICATION No. 07/2025-26/ LTR No. 3525/Dt.24.09.2025**

No. O-1173: The tender for the works invited under Bid Identification 07/2025-26 is hereby modified and read as below:

| Sl. No. | Item | Time Schedule as per Original TCN | Time Schedule as per Corrigendum Notice |
|---|---|---|---|
| 1 | Availability of tender online for bidding | Dt.13.10.2025 at 11.00 A.M. to Dt.24.10.2025 upto 5.30 P.M. | Dt.01.11.2025 at 11.00 A.M. to Dt.12.11.2025 upto 5.30 P.M. |
| 2 | Date & time of seeking tender clarification if any | Dt.23.10.2025 upto 3.00 P.M. | Dt.11.11.2025 Upto 3.00 P.M. |
| 3 | Date & time of Opening of Tender (Price Bid) | Dt.27.10.2025 Upto 11.00 A.M. | Dt.13.11.2025 Upto 11.00 A.M. |

All other terms and conditions of the bids will remain unchanged.

Sd./- Superintending Engineer, Rural Works Division-II, Malkangiri

OIPR-25079/11/0037/2526

---

No.O-1101

## GOVERNMENT OF ODISHA
## OFFICE OF THE SUPERINTENDING ENGINEER
## RURAL WORKS DIVISION, JAJPUR

**e-PROCUREMENT NOTICE NO. Tender Online 08 JJPT of 2025-26**

1. **Name of work: Building Works**
2. **Total No. of Work: 4 Nos. Buildings Work**
3. **Estimated Cost (Approx.): Rs.2.51 to 12.59 Lakhs**
4. **Period of Completion: 30 Days**
5. **Class of contractors: D & C Class**

**Other details as follow :**

a) Procurement officer: Superintending Engingeer, Rural Works Division, Jajpur
b) Availability of tender online & submission of bid: 27.10.2025 at 10.00 A.M. to 06.11.2025 upto 5.00 P.M.
c) Last date & time of seeking of tender clarification: 04.11.2025 up to 5.00 P.M.
d) Opening of Technical Bid: 07.11.2025 at 11.30 A.M.

Further details can be seen from the Govt. website : www.tendersodisha.gov.in

Sd./- Superintending Engineer, Rural Works Division, Jajpur

OIPR-25047/11/0047/2526

---

## OFFICE OF THE SUPERINTENDING ENGINEER
## RURAL WORKS DIVISION-II, GANJAM, BERHAMPUR

Phone : 0680-2404096, E-Mail : eerwgmt@yahoo.co.in

No.O-1110 **Government of Odisha e-Procurement Notice**

**Bid Identification No. Online Tender/13/SERWD-II/2025-26**

**Memo No.7540/RWD-IIGB, Date : 10.10.2025**

| | | |
|---|---|---|
| 1 | Name of the Work | Road Works |
| 2 | Estimated Cost | Rs.5.88 to Rs.42.02 lakhs |
| 3 | Period of Completion | 1 (One) & 2 (Two) Months as per Annexure |
| 4 | Date & Time of availability of Bid documents in the Portal | 30.10.2025 at 10.00 A.M. to 07.11.2025 up to 5.00 P.M. |
| 5 | Last Date/Time for receipt of Bids in the Portal | 07.11.2025 up to 5.00 P.M. |
| 6 | Name and address of the Officer Inviting Bid | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal **tendersodisha.gov.in/nicgep/app**

Sd./- Executive Engineer, R.W. Division-II, Ganjam Berhampur

OIPR-25073/11/0036/2526

---

## OFFICE OF THE SUPERINTENDING ENGINEER
## RURAL WORKS DIVISION-II, GANJAM, BERHAMPUR

Phone : 0680-2404096, E-Mail : eerwgmt@yahoo.co.in

No.O-1113 **Government of Odisha e-Procurement Notice**

**Bid Identification No. Online Tender/12/SERWD-II/2025-26**

**Memo No.7532/RWD-IIGB, Date : 10.10.2025**

| | | |
|---|---|---|
| 1 | Name of the Work | Road Works |
| 2 | Estimated Cost | Rs.10.08 to Rs.40.34 lakhs |
| 3 | Period of Completion | 1 (one) & 2 (Two) Months as per Annexure |
| 4 | Date & Time of availability of Bid documents in the Portal | 28.10.2025 at 10.00 A.M. to 01.11.2025 up to 5.00 P.M. |
| 5 | Last Date/Time for receipt of Bids in the Portal | 01.11.2025 up to 5.00 P.M. |
| 6 | Name and address of the Officer Inviting Bid | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal **tendersodisha.gov.in/nicgep/app**

Sd./- Executive Engineer, R.W. Division-II, Ganjam Berhampur

OIPR-25073/11/0038/2526

---

## O/O CHIEF DISTRICT MEDICAL & PUBLIC HEALTH OFFICER
## DISTRICT PROGRAMME MANAGEMENT UNIT
## NATIONAL HEALTH MISSION, NABARANGPUR

**e-mail : dhionab@gmail.com (06858-222057)**

**Tender No. : 462/NHM/NGP Date :**

**No.E-468** : Sealed tenders are invited from registered, reputed and experienced Agencies /Firms/ Individuals for providing catering services-Meals and tiffin for various programmes including NHM, Nabarangpur. Bidders shall submit their complete bid in double cover system (Technical & Financial) in separate envelopes only. Category of supply must be superscribed in the top of the Bid envelope and addressing clearly to the CDM&PHO, Nabarangpur. Tender documents is to be downloaded from the website www.nabarangpur.odisha.gov.in.Last date for receipt of the tender documents is 24.11.2025 by 5 P.M only through Speed Post/Regd. Post and the bids,so received will be opened on 25.11.2025 at11.30 A.M in the office chamber of the CDM&PHO, Nabarangpur. Incomplete and late receipt bids shall be summarily rejected. The undersigned reserves the right to cancel all or any of the bids without assigning any reason thereof.

Sd./- CDM & PHO cum District Mission Director NHM, Nabarangpur

OIPR-10164/11/0011/2526

---

## OFFICE OF THE MUNICIPAL COUNCIL, KEONJHARGARH

**email: keonjharm.hud@rediffmail.com**

**Invitation for Bids (IFB)**

**'e' Procurement NOTICE**

**Bid Identification No. ODULB_KGM-17/2025-26**

**Letter No. 7898/KGM Date: 25.10.2025**

No. C-1326: On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online Bid in Single cover system, through e-Procurement.

1. Nature of Work: Civil Work
2. No. of Work: 23 Nos.
3. Value of Works: Rs.7,50,000/- to 20,00,000/-
4. Date & time of availability of Bid document in the portal: From 27.10.2025 at 11.00 A.M. upto 07.11.2025 at 5.30 P.M.
5. Date of opening of bid in portal: 12.11.2025 at 11.00 A.M.
6. Name & address of the Officer in Inviting Bid: EO, Keonjhargarh Municipality

Further details can be seen from website: **www.tendersorissa.gov.in**.

Sd./- Executive Officer, Keonjhargarh Municipality

OIPR-13115/11/0052/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................



ଓଁ ଶ୍ରୀ ପଲାଇ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଦିନିକିଆରୁ ବିଦାୟ ନେଲେ ଡିଭାଇନ



ଇଂଲଣ୍ଡ ବିପକ୍ଷ ମ୍ୟାଚ ପରେ ଦିନିକିଆ କ୍ରିକେଟକୁ ଅଲ୍‌ବିଦା ଜଣାଉଛନ୍ତି ନ୍ୟୁଜିଲାଣ୍ଡର ସୋଫି ଡିଭାଇନ।

### ମହିଳା କ୍ରିକେଟ ବିଶ୍ୱକପ୍; ନ୍ୟୁଜିଲାଣ୍ଡ ପରାସ୍ତ

**ବିଶାଖାପାଟଣା, ୨୬।୧୦**

ସ୍ପିନରଙ୍କ ଜବରଦସ୍ତ ବୋଲିଂ ପ୍ରଦର୍ଶନ ବଳରେ ଏଠାରେ ଖେଳାଯାଇଥିବା ମହିଳା କ୍ରିକେଟ୍ ବିଶ୍ୱକପ୍‌ର ଏକ ଲିଗ୍ ମ୍ୟାଚ୍‌ରେ ଇଂଲଣ୍ଡ ୮ ଉଇକେଟରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଏହି ପରାଜୟ ସହ ନ୍ୟୁଜିଲାଣ୍ଡର ଅଧିନାୟିକା ତଥା ଭେଟେରାନ ଅଲରାଉଣ୍ଡର ସୋଫି ଡିଭାଇନ ଦିନିକିଆ କ୍ରିକେଟ୍‌କୁ ଅଲବିଦା କରିଛନ୍ତି। ଏହି ବିଜୟ ସହ ଇଂଲଣ୍ଡ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉଠିଥିବା ବେଳେ ପରାଜିତ ହୋଇଥିବା ନ୍ୟୁଜିଲାଣ୍ଡ ଷଷ୍ଠ ସ୍ଥାନରେ ରହି ଟୁର୍ନାମେଣ୍ଟରୁ ବିଦାୟ ନେଇଛି।

ଟସ୍ ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ଆରମ୍ଭରୁ ସୁଜି ବେଟ୍ସ (୧୦)ଙ୍କ ଉଇକେଟ ହରାଇଥିଲେ। ଅନ୍ୟତମ ଓପନର ଜର୍ଜିଆ ପ୍ଲିମର (୪୩ ରନ, ୭ ଚୌକା) ଓ ଆମେଲିଆ କେର (୩୫ ରନ, ୫ ଚୌକା) ଦ୍ୱିତୀୟ ଉଇକେଟରେ ୬୮ ରନ୍ ଯୋଡ଼ିଥିଲେ। ଏହାପରେ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏକଦା ୮୯/୧ ସ୍କୋର କରିଥିବା ନ୍ୟୁଜିଲାଣ୍ଡ ୧୬୮ ରନରେ ଅଲଆଉଟ୍ ହୋଇଥିଲା। ଡିଭାଇନ ତାଙ୍କ କ୍ୟାରିୟରର ଅନ୍ତିମ ମ୍ୟାଚ୍‌ରେ ୧ ଚୌକା ସହ ୨୩ ରନ କରିଥିଲେ। ସେ ଆଉଟ୍ ହେବା ପରେ ଉଭୟ ଦଳର ଖେଳାଳି ତାଳି ମାରି ତାଙ୍କୁ ବିଦାୟ ଜଣାଇଥିଲେ। ଇଂଲଣ୍ଡ ପାଇଁ ଲିନସି ସ୍ମିଥ ୩ ଉଇକେଟ ନେଇଥିବା ବେଳେ ନାଟ ସ୍କିଭର ବ୍ରଣ୍ଟ ଓ ଆଲିସ କାପସି ୨ଟି ଲେଖାଏ ଉଇକେଟ ହାତେଇଥିଲେ। ଜବାବରେ ଇଂଲଣ୍ଡ ୨୯.୨ ଓଭରରେ ୨ ଉଇକେଟ ହରାଇ ୧୭୨ ରନ କରି ମ୍ୟାଚ୍ ଜିତି ନେଇଥିଲା। ଦଳ ପାଇଁ ଆମି ଜୋନ୍ସ ଅପରାଜିତ ୮୬ (୧୧ ଚୌକା ଓ ୧ ଛକା) ରନ କରିଥିବା ବେଳେ ଟାମି ବ୍ୟୁମଣ୍ଟ ୪୦ ଓ ହିଥର ନାଇଟ୍ ୩୩ ରନ କରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଡିଭାଇନ ଓ ଲି ତାହୁହୁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ମ୍ୟାଚ୍ ପରେ ଦୁଇ ଦଳର ଖେଳାଳି ଏକତ୍ରିତ ହୋଇ ଡିଭାଇନଙ୍କୁ ଗାର୍ଡ ଅଫ୍ ଅନର ଦେଇଥିଲେ। ଉଲ୍ଲେଖଯୋଗ୍ୟ, ୧୫ ବର୍ଷ ଧରି ଅନ୍ତର୍ଜାତୀୟ ମହିଳା କ୍ରିକେଟରେ ସକ୍ରିୟ ଥିବା ଡିଭାଇନ ୧୫୯ ଦିନିକିଆ ଓ ୧୪୬ ଟି୨୦ ମ୍ୟାଚ୍ ଖେଳିଥିଲେ। ଦିନିକିଆରେ ୯ ଶତକ ସହ ୪,୨୭୯ ରନ କରିବା ସହ ୧୧୧ ଉଇକେଟ ନେଇଥିଲେ। ସେହିଭଳି ଟି୨୦ରେ ତାଙ୍କ ନାମରେ ୧ ଶତକ ସହ ୩,୪୩୧ ରନ ଓ ୧୧୯ ଉଇକେଟ ରହିଛି।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ: ୩୮.୨ ଓଭରରେ ୧୬୮/ଅଲଆଉଟ୍ (ଜର୍ଜିଆ ପ୍ଲିମର-୪୩, ଆମେଲିଆ କେର-୩୫, ସୋଫି ଡିଭାଇନ-୨୩, ଲିନସି ସ୍ମିଥ-୩/୩୦, ନାଟ୍ ସ୍କିଭର-ବ୍ରଣ୍ଟ-୨/୩୧)। ଇଂଲଣ୍ଡ: ୨୯.୨ ଓଭରରେ ୧୭୨/୨ (ଆମି ଜୋନ୍ସ-୮୬, ଟମି ବ୍ୟୁମଣ୍ଟ-୪୦, ସୋଫି ଡିଭାଇନ-୧/୨୦, ଲି ତାହୁହୁ-୧/୯)।

# ପ୍ରଥମ ଦିନିକିଆ ଜିତିଲା ନ୍ୟୁଜିଲାଣ୍ଡ

**ମାଉଣ୍ଟ ମାଉଙ୍ଗାନୁଇ, ୨୬।୧୦**

ଅଧିନାୟକ ହ୍ୟାରୀ ବ୍ରୁକ୍‌ଙ୍କ ଲଢୁଆ ଶତକ ସତ୍ତ୍ୱେ ଏଠାରେ ଖେଳାଯାଇଥିବା ପ୍ରଥମ ଦିନିକିଆ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡଠାରୁ ୪ ଉଇକେଟରେ ଇଂଲଣ୍ଡ ପରାସ୍ତ ହୋଇଛି। ଇଂଲଣ୍ଡ ପକ୍ଷରୁ ଧାର୍ଯ୍ୟ ୨୨୪ ରନର ଟାର୍ଗେଟକୁ ନ୍ୟୁଜିଲାଣ୍ଡ ୩୬.୪ ଓଭରରେ ୬ ଉଇକେଟ ହରାଇ ହାସଲ କରି ନେଇଥିଲା। ଏହି ବିଜୟ ସହ ନ୍ୟୁଜିଲାଣ୍ଡ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ରେ ୧-୦ରେ ଆଗରେ ରହିଛି। ବ୍ରୁକ୍‌ଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ୨୯ ତାରିଖରେ ସେଡନ ପାର୍କରେ ଖେଳାଯିବ।

ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ଇଂଲଣ୍ଡ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଅଧିନାୟକ ବ୍ରୁକ୍ ଗୋଟିଏ ପଟେ ଆଟାକିଂ ଶଟ୍ ଖେଳୁଥିବା ବେଳେ ଅନ୍ୟ ପଟେ ଉଇକେଟ ପତନ ଜାରି ରହିଥିଲା। କେବଳ ଜେମି ଓଭରଟନ (୪୬ ରନ, ୬ ଚୌକା ଓ ୧ ଛକା)କୁ ଛାଡ଼ି ଦେଲେ ଅନ୍ୟ କେହି ବ୍ରୁକ୍‌ଙ୍କୁ ସହଯୋଗ କରିପାରି ନ ଥିଲେ। ବ୍ରୁକ ଅନ୍ତିମ ବ୍ୟାଟର ଭାବେ ୧୦୧ ବଲରେ ୧୩୫ ରନର ବିସ୍ଫୋରକ ପାଳି ଖେଳି ଆଉଟ୍ ହୋଇଥିଲେ। ତାଙ୍କର ଏହି ଇନିଂସରେ ୯ ଚୌକା ଓ ୧୧ ଛକା ସାମିଲ ଥିଲା। ଇଂଲଣ୍ଡ ମାତ୍ର ୩୫.୨ ଓଭରରେ ୨୨୩ ରନ କରି ଆଉଟ୍ ହୋଇଯାଇଥିଲା। ନ୍ୟୁଜିଲାଣ୍ଡ ପାଇ ଜାକାରି ଫାଉଲକେସ ୪ ଓ ଜ୍ୟାକବ ଡଫି ୩ ଉଇକେଟ ନେଇଥିଲେ। ଜବାବରେ ନ୍ୟୁଜିଲାଣ୍ଡ ୩୬.୪ ଓଭରରେ ୬ ଉଇକେଟ ହାରଇ ୨୨୪ ରନ କରି ମ୍ୟାଚ୍ ଜିତି ନେଇଥିଲା। ଦଳ ପାଇଁ ଡାର୍ଲି ମିଚେଲ ଅପରାଜିତ ୭୮ (୭ ଚୌକା ଓ ୨ ଛକା) ଓ ମାଇକେଲ ବ୍ରେସୱେଲ ୫୧ (୬ ଚୌକା) ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ: ୩୫.୨ ଓଭରରେ ୨୨୩/ଅଲଆଉଟ୍ (ହ୍ୟାରୀ ବ୍ରୁକ୍-୧୩୫, ଜେମି ଓଭରଟନ-୪୬, ଜାକାରି ଫାଉଲକେସ-୪/୪୧, ଜ୍ୟାକବ ଡଫି-୩/୫୫, ମ୍ୟାଟ ହେନରୀ-୨/୫୩)। ନ୍ୟୁଲଜାଣ୍ଡ: ୩୬.୪ ଓଭରରେ ୨୨୪/୬ (ଡାର୍ଲି ମିଚେଲ-୭୮*, ମାଇକେଲ ବ୍ରେସୱେଲ-୫୧, ବ୍ରାଇଡନ କାର୍ସ-୩/୫୪)।

# ଭୁବନେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲକୁ ହରାଇଲା ତାରିଣୀ କ୍ଲବ

### ନନ୍ଦକିଶୋର ସ୍ମାରକୀ ମହିଳା ଫୁଟବଲ

**ଭୁବନେଶ୍ୱର, ୨୬।୧୦ (ତପନ ସ୍ୱାଇଁ)**

ନୟାପଲ୍ଲୀର ସିଟି କ୍ଲବ ଆନୁକୂଲ୍ୟରେ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ନନ୍ଦକିଶୋର ପଟ୍ଟନାୟକ ସ୍ମାରକୀ ମହିଳା ଫୁଟବଲ ଟୁର୍ନାମେଣ୍ଟର ରବିବାର ଅନୁଷ୍ଠିତ ମ୍ୟାଚରେ କେନ୍ଦୁଝରର ତାରିଣୀ କ୍ଲବ ୫-୪ ଗୋଲରେ ଭୁବନେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲକୁ ପରାସ୍ତ କରିଛି। ପୂରା ମ୍ୟାଚରେ ପ୍ରଭାବୀ ପ୍ରଦର୍ଶନ ପାଇଁ ତାରିଣୀ କ୍ଲବର ରାଣୀ ବାଗ୍ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଶେଖାଓ୍ୱତ ଖାଁ, ସୁଜିତ କୁମାର ପାତ୍ର, ଶିବ ପ୍ରସାଦ ସାମନ୍ତରାୟ ଏବଂ ଶୋଭାଲିନ ପଣ୍ଡା ମ୍ୟାଚ ପରିଚାଳନା କରିଥିଲେ। ମ୍ୟାଚ କମିଶନର ଥିଲେ ଶିବ ଶଙ୍କର ପଣ୍ଡା। ଓଡ଼ିଶାର ପୂର୍ବତନ ଅନ୍ତର୍ଜାତୀୟ ଫୁଟବଲ ଖେଳାଳି ରଞ୍ଜିତା ମହାନ୍ତି ଅତିଥିଭାବେ ଯୋଗ ଦେଇ ରାଣୀ ବାଗ୍‌ଙ୍କୁ ପୁରସ୍କୃତ କରିଥିଲେ। ଗୀତାଞ୍ଜଳି ଖୁଣ୍ଟିଆ ଓ ଗାୟତ୍ରୀ ମଲିକ ମଧ୍ୟ ଉପସ୍ଥିତ ଥିଲେ। ସିଟି କ୍ଲବର ସମ୍ପାଦକ ପ୍ରଦୀପ କୁମାର ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହେନ୍ଦ୍ର କୁମାର ନାୟକ, ବନୋଜ କୁମାର ପ୍ରଧାନ, ତିଳୋତ୍ତମା ଦଳେଇ, ଦୀପକ କୁମାର ରାଉତରାୟ ପ୍ରମୁଖ ସହଯୋଗ କରିଥିଲେ।




ରାଣୀ ବାଗ୍‌ଙ୍କୁ ଅତିଥି ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

# ରଣଜୀ ଇତିହାସର ସବୁଠୁ ଛୋଟ ମ୍ୟାଚ୍

**ନୂଆଦିଲ୍ଲୀ, ୨୬।୧୦**

ଚଳିତ ରଣଜୀ ଟ୍ରଫି କ୍ରିକେଟ୍ ଟୁର୍ନାମେଣ୍ଟର ଦ୍ୱିତୀୟ ରାଉଣ୍ଡରେ ସର୍ଭିସେସ ଓ ଆସାମ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ସବୁଠୁ ଛୋଟ ମ୍ୟାଚ୍ ହେବାର ରେକର୍ଡ କରିଛି। ଏହି ୪ ଦିନିଆ ମ୍ୟାଚ୍ ମାତ୍ର ୯୦ ଓଭର ମଧ୍ୟରେ ଶେଷ ହୋଇଛି। ମ୍ୟାଚ୍‌ରେ ସର୍ଭିସେସ ୮ ଉଇକେଟରେ ଆସାମକୁ ପରାସ୍ତ କରିଛି। ମ୍ୟାଚ୍‌ରେ ଖେଳାଯାଇଥିବା ବଲ ସଂଖ୍ୟା ଦୃଷ୍ଟିରୁ ଏହା ଟୁର୍ନାମେଣ୍ଟ ଇତିହାସର ସବୁଠୁ ଛୋଟ ମ୍ୟାଚ୍। ଏଥିପୂର୍ବରୁ ଏହି ରେକର୍ଡ ୧୯୬୨ରେ ରେଲୱେ ଓ ଦିଲ୍ଲୀ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ୫୪୭ ବଲରେ ଶେଷ ହୋଇଥିଲା। ମ୍ୟାଚ୍‌ର ପ୍ରଥମ ଇନିଂସରେ ଆସାମ ୧୦୩ ରନ କରିଥିବା ବେଳେ ସର୍ଭିସେସ ୧୦୮ ରନ କରିଥିଲା। ଫଳରେ ୫ ରନରେ ପଛୁଆ ଥିବା ଆସାମ ତା'ର ଦ୍ୱିତୀୟ ଇନିଂସରେ ୭୫ ରନରେ ଅଲଆଉଟ୍ ହୋଇଯାଇଥିଲା। ଏଥିଯୋଗୁ ୭୧ ରନର ଟାର୍ଗେଟ ନେଇ ଓହ୍ଲାଇଥିବା ସର୍ଭିସେସ ମ୍ୟାଚ୍‌ର ଦ୍ୱିତୀୟ ଦିନ ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲା।


### ଜନ୍ମଦିନ ଶୁଭେଚ୍ଛା



**ଓଁ ଶ୍ରୀ ପଲାଇ**

ଗମ୍ଭାରିମୁଣ୍ଡା, ମହତପଲା, ପଙ୍କାଳ, ବାଣପୁର, ଖୋର୍ଦ୍ଧା

ଆଜି ତୋର ତା୨୭।୧୦।୨୫ରିଖରେ ୧୯ତମ ଜନ୍ମବାର୍ଷିକୀ ଉତ୍ସବରେ ମା' ଖିଲାମୁଣ୍ଡା ଏବଂ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ସହ ଶୁଭକାମନା କରୁଛୁ।

ବାବା, ମମି, ଆଈ, ମଉସା, ମାଉସୀ, ବଡ଼ବାବା, ବଡ଼ବୋଉ,ମାମୁ, ଖୁସି, ଟିଣ୍ଟୁ, ଟିକୁ, ଲିପିନା,ବୁବୁନା, ସୋମୁ, ଗୋପୀ, ଲକ୍ଷ୍ମୀପ୍ରିୟା ଓ ପରିବାରବର୍ଗ।

ଧ-୨୩୯୧


# ପାକିସ୍ତାନ ମହିଳା ଦଳର ମୁଖ୍ୟ କୋଚ୍ ହଟିବେ

**କରାଚୀ, ୨୬।୧୦(ପି.ଟି.):** ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ମହିଳା ଜାତୀୟ ଦଳର ମୁଖ୍ୟ କୋଚ୍ ମହମ୍ମଦ ଓ୍ୱାସିମଙ୍କ ସହ କରାଯାଇଥିବା ଚୁକ୍ତିର ସମୟସୀମା ବୃଦ୍ଧି ନ କରିବାକୁ ନିଷ୍ପତ୍ତି ନେଇଛି। ଭାରତ ଓ ଶ୍ରୀଲଙ୍କାରେ ଚାଲିଥିବା ଦିନିକିଆ ବିଶ୍ୱକପ୍‌ରେ ପାକିସ୍ତାନ ଦଳର ନୈରାଶ୍ୟଜନକ ପ୍ରଦର୍ଶନ ପରେ ଏଭଳି ନିଷ୍ପତ୍ତି ନିଆଯାଇଛି। ପାକିସ୍ତାନ ୮ ଦଳ ବିଶିଷ୍ଟ ପ୍ରତିଯୋଗିତାରେ ସପ୍ତମ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ସେମାନେ ଖେଳିଥିବା ୭ ମ୍ୟାଚ୍‌ରେ ୪ ଥର ପରାଜିତ ହୋଇଥିବା ବେଳେ ଅନ୍ୟ ୩ ମ୍ୟାଚ୍ ବର୍ଷାରେ ଧୋଇ ହୋଇଯାଇଥିଲା।

ମିଳିଥିବା ସୂଚନା ମୁତାବକ, ପ୍ରତିଶ୍ରୁତି ରକ୍ଷା ନ କରିପାରିଥିବାରୁ ଓ୍ୱାସିମଙ୍କ କାର୍ଯ୍ୟକାଳ ବଢ଼ାଇବାକୁ ପିସିବି ମୁଖ୍ୟ ମହସିନ ନକ୍‌ଭି ରାଜି ନାହାନ୍ତି। ଓ୍ୱାସିମଙ୍କୁ ଗତ ବର୍ଷ ନିଯୁକ୍ତ କରାଯାଇଥିଲା। ତାଙ୍କ କାର୍ଯ୍ୟକାଳରେ ପାକିସ୍ତାନ ଏସିଆ କପ୍ ସେମିଫାଇନାଲରେ ଶ୍ରୀଲଙ୍କାଠାରୁ ପରାସ୍ତ ହୋଇଥିବା ବେଳେ ଦକ୍ଷିଣ ଆଫ୍ରିକାରେ ଖେଳାଯାଇଥିବା ମହିଳା ଟି୨୦ ବିଶ୍ୱକପ୍‌ରେ ଦଳ ମାତ୍ର ଗୋଟିଏ ମ୍ୟାଚ୍‌ରେ ଜିତିଥିଲା।

# ଓଡ଼ିଶା ବିପକ୍ଷରେ ଆସାମ ୨୦୦/୯

### ସି.କେ. ନାଇଡୁ ଟ୍ରଫି

### ରୀତେଶଙ୍କୁ ୪ ଉଇକେଟ ସଫଳତା

**ଭୁବନେଶ୍ୱର, ୨୬।୧୦ (ବିଜୟ ରଣା)**

ସ୍ଥାନୀୟ କିଟ୍ କ୍ରିକେଟ ଷ୍ଟାଡିୟମରେ ରବିବାର ଆରମ୍ଭ ହୋଇଥିବା ଓଡ଼ିଶା ବିପକ୍ଷ ସି.କେ. ନାଇଡୁ ଟ୍ରଫି କ୍ରିକେଟ ମ୍ୟାଚରେ ଆସାମ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଛି। ଦଳ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ପ୍ରଥମ ଇନିଂସରେ ୭୧.୨ ଓଭରରେ ୯ ଉଇକେଟ ବିନିମୟରେ ୨୦୦ ରନ କରିଛି। ଦଳ ପକ୍ଷରୁ ରଜବୀର ସିଂ ୯୪ରନ କରି ଅପରାଜିତ ରହିଥିବା ବେଳେ କବୀର ହସନ ଦେଶମୁଖ ୩୭ ରନ କରିଛନ୍ତି। ଓଡ଼ିଶା ପକ୍ଷରୁ ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ କରିଥିବା ରିତେଶ ପ୍ରିୟରଞ୍ଜନ ତାଙ୍କ ୧୬ ଓଭର ବୋଲିଂରେ ୩୫ ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଛନ୍ତି। ମହମ୍ମଦ ଦାନିଶ ତାଙ୍କ ୧୨ ଓଭର ବୋଲିଂରେ ୫ ମେଡେନ ସହ ୨୮ ରନ ଦେଇ ୨ ଉଇକେଟ ହାସଲ କରିଛନ୍ତି।

# ଉତ୍କଳ କରାଟେ ସ୍କୁଲରେ କରାଟେ ଗ୍ରେଡିଂ



କରାଟେ ଗ୍ରେଡିଂ ଟେଷ୍ଟରେ ଉତ୍ତୀର୍ଣ୍ଣ ହୋଇଥିବା କରାଟେକାମାନେ କର୍ମକର୍ତ୍ତାଙ୍କ ଗହଣରେ।

**ଭୁବନେଶ୍ୱର, ୨୬।୧୦ (ତପନ ସ୍ୱାଇଁ)**

ଉତ୍କଳ କରାଟେ ସ୍କୁଲରେ ସମସ୍ତ ବେଲ୍ଟ ଗ୍ରେଡିଂ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ମୋଟ ୩୩୬ କରାଟେକା ଏଥିରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସିନିୟର ପ୍ରଶିକ୍ଷକ ସେନସେଇ ଖାରବେଳ ମଲିକ, ଅରବିନ୍ଦ ପଟ୍ଟନାୟକ, ଦୀପକ ସାମନ୍ତରା, ସନ୍ତୋଷ ମହାରଣା, ଶୁଭେନ୍ଦୁ ଲେଙ୍କା, ସପନ ମିଶ୍ର, ରାହୁଲ ପ୍ରଧାନ, ଗୋପାଳ ରାଓ, ଆଶିଷ ରାଉତ, ଦୀପକ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ଭୁବନେଶ୍ୱରର ମୁଖ୍ୟ ଶାଖା, ଟଙ୍କପାଣି ରୋଡ, ଡେକାଥଲନ, ଓଏମ୍‌ସି, ଚନ୍ଦ୍ରଶେଖରପୁର, କଳ୍ପନା, ଡୁମ୍‌ଡୁମା, ଉରାଳି, ଭରତପୁର ଓ ରଘୁନାଥପୁରରୁ କରାଟେକାମାନେ ଏଥିରେ ଅଂଶ ଗ୍ରହଣ କରିଥିଲେ। ଜାତୀୟ କରାଟେ ସଂଘର ବୈଷୟିକ ନିର୍ଦ୍ଦେଶକ ତଥା ରାଜ୍ୟ କରାଟେ ସଂଘର ସଭାପତି ହରି ପ୍ରସାଦ ପଟ୍ଟନାୟକ କୃତୀ କରାଟେକାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ପରୀକ୍ଷାରେ ୟେଲୋ ବେଲ୍ଟରେ ୫୮, ଅରେଞ୍ଜ ବେଲ୍ଟରେ ୫୬ , ଗ୍ରୀନ୍ ବେଲ୍ଟରେ ୬୬, ବ୍ଲୁ ବେଲ୍ଟରେ ୫୨ ଏବଂ ବ୍ରାଉନ୍ ବେଲ୍ଟରେ ୧୦୪ ଜଣ କୃତକାର୍ଯ୍ୟ ହୋଇଛନ୍ତି।

# ବେନ୍‌ସିକ୍‌ଙ୍କୁ କ୍ୟାରିୟରର ୧୦ମ ଟାଇଟଲ

**ଟୋକିଓ, ୨୬।୧୦ (ଏପି)**

ଡବ୍ଲ୍ୟୁଟିଏ ପାନ ପାସିଫିକ୍ ଓପନ ମହିଳା ସିଙ୍ଗଲ୍ସ ଫାଇନାଲରେ ଲିଣ୍ଡା ନୋସ୍କୋଭାଙ୍କ ବିପକ୍ଷରେ ୬-୨, ୬-୩ ସିଧାସଳଖ ସେଟ୍‌ରେ ବିଜୟ ସହ ବେଲିଣ୍ଡା ବେନ୍‌ସିକ୍ ତାଙ୍କ କ୍ୟାରିୟରର ୧୦ମ ଟାଇଟଲ ହାସଲ କରିଛନ୍ତି। ବେନ୍‌ସିକ୍ ୧୦ ବର୍ଷ ପରେ ଟୋକିଓ ଟୁର୍ନାମେଣ୍ଟ ଫାଇନାଲରେ ପ୍ରବେଶ କରିଥିଲେ। ରବିବାର ଅନୁଷ୍ଠିତ ଏହି ମ୍ୟାଚରେ ବେନ୍‌ସିକ୍ ତାଙ୍କ ଚେକ୍ ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲେ। ନୋସକୋଭାଙ୍କ ତିନୋଟି ସର୍ଭିସକୁ ସେ ବ୍ରେକ୍ କରିବା ସହ ୧ ଘଣ୍ଟା ଓ ୨୨ ମିନିଟ୍‌ରେ ମ୍ୟାଚକୁ ସହଜରେ ଜିତି ନେଇଥିଲେ। ସୁଇସ୍ ଖେଳାଳିଙ୍କ ଟୋକିଓରେ ଏହା ଆଉ ଏକ ସୁଖଦ ଅନୁଭୂତି। ୪ବର୍ଷ ପୂର୍ବେ ସେ ଟୋକିଓରେ ଅଲିମ୍ପିକ ସିଙ୍ଗଲ୍ସ ସ୍ୱର୍ଣ୍ଣ ଏବଂ ଡବଲ୍ସ ରୌପ୍ୟ ଜିତିଥିଲେ।

# କିମ୍ବଦନ୍ତୀ ଫୁଟ୍‌ବଲ କୋଚ୍ ଲାପୁଏଣ୍ଟେଙ୍କ ପରଲୋକ

**ମେକ୍ସିକୋ ସିଟି, ୨୬।୧୦**

ମେକ୍ସିକାନ ଫୁଟବଲର ଅନ୍ୟତମ ସଫଳ କୋଚ୍ ମାନୁଏଲ ଲାପୁଏଣ୍ଟେଙ୍କର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ତାଙ୍କର ମୃତ୍ୟୁ ସମ୍ପର୍କରେ ମେକ୍ସିକାନ ସକର ଫେଡେରେଶନ ପକ୍ଷରୁ କୁହାଯାଇଛି। ହେଲେ ତାଙ୍କ ମୃତ୍ୟୁର କାରଣ ପ୍ରକାଶ କରାଯାଇ ନାହିଁ। ଲାପୁଏଣ୍ଟେ ଉଭୟ ଜଣେ ଖେଳାଳି ଓ କୋଚ୍ ଭାବେ ବେଶ ସଫଳ ଥିଲେ। ସେ ୧୯୬୪ରୁ ୧୯୭୫ ପର୍ଯ୍ୟନ୍ତ ଖେଳାଳି ଭାବେ ସକ୍ରିୟ ରହିଥିଲେ। ସେ ଦୁଇ ଥର ଜାତୀୟ ଦଳର କୋଚ୍ ଭାର ସମ୍ଭାଳିଥିଲେ। ତାଙ୍କର ଦ୍ୱିତୀୟ କାର୍ଯ୍ୟକାଳରେ ମେକ୍ସିକୋ ୧୯୯୮ ବିଶ୍ୱକପ୍‌ରେ ରାଉଣ୍ଡ ଅଫ୍-୧୬ ପର୍ଯ୍ୟାୟରେ ପହଞ୍ଚିଥିଲା। କ୍ଲବ ସ୍ତରରେ ସେ ୫ ଲିଗ୍ ଟାଇଟଲ ଜିତିଥିଲେ।

# ଅନାହତ ପ୍ରି-କ୍ୱାର୍ଟରରେ

**ଟରଣ୍ଟୋ, ୨୬।୧୦ (ପି.ଟି.)**

ଭାରତର ଜାତୀୟ ଚାମ୍ପିୟନ ଅନାହତ ସିଂ ୯୬, ୨୫୦ ଆମେରିକୀୟ ଡଲାର ପୁରସ୍କାର ବିଶିଷ୍ଟ କାନାଡିଆନ ଓପନ ମହିଳା ସ୍କ୍ୱାଶର ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେ ସୁଇଜରଲାଣ୍ଡର ସିଣ୍ଡି ମର୍ଲୋଙ୍କୁ ମାତ୍ର ୧୭ ମିନିଟରେ ୧୧-୩, ୧୧-୩, ୧୧-୪ରେ ହରାଇ ଦେଇଛନ୍ତି।

### ୨୩ବର୍ଷରୁ କମ୍ ବିଶ୍ୱ କୁସ୍ତି ଚାମ୍ପିୟନଶିପ୍

# ସୁଜିତ ସେମିରେ

**ନୋଭି ସାଦ୍ (ସର୍ବିୟା), ୨୬।୧୦ (ପି.ଟି.):** ସୁଜିତ କାଲ୍‌କାଲ୍ ଏଠାରେ ଚାଲିଥିବା ୨୩ ବର୍ଷରୁ କମ୍ ବିଶ୍ୱ କୁସ୍ତି ଚାମ୍ପିୟନଶିପ୍‌ର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଭାରତର ଅନ୍ୟ ୩ଜଣ ସେମାନଙ୍କ ଓଜନ ଶ୍ରେଣୀରେ ପରାଜିତ ହୋଇ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ଗତବର୍ଷ ଏହି ଚାମ୍ପିୟନଶିପ୍‌ରେ ଏକ ବ୍ରୋଞ୍ଜପଦକ ହାସଲ କରିଥିବା ସୁଜିତ ଏହି ବର୍ଷ ୨୩ବର୍ଷରୁକମ୍‌ଏସିଆନ ଚାମ୍ପିୟନଶିପ୍‌ରେ ଟାଇଟଲ ବିଜୟୀ ହୋଇଥିଲେ। ସେ ମାଲ୍‌ଡୋଭାର ଫିଓଦୋର ସିଏଭାରି (୨୧-୨) ଓ ପୋଲାଣ୍ଡର ଡୋମିନିକ ଜାକବ (୧୧-୦)ଙ୍କ ବିପକ୍ଷ ପ୍ରଥମ ଦୁଇ ବାଉଣ୍ଟ ଟେକ୍‌ନିକାଲ ସୁପରିୟରିଟି ଦ୍ୱାରା ପରାଜିତ ହୋଇଥିଲେ। ଏକଦା ବଶିର ମାଗୋମ୍‌ଦୋଭଙ୍କ ବିପକ୍ଷ କ୍ୱାର୍ଟରଫାଇନାଲରେ ଆରମ୍ଭରେ ପଛୁଆ ଥାଇ ଶେଷର ୪-୨ରେ ବିଜୟ ହାସଲକରି ସେମିଫାଇନାଲରେ ପ୍ରବେଶ କରିଥିଲେ।


# Classified Everyday

0674-2580101, 9692975378



REAL ESTATE
SALE

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/ Duplex ଅଛି– 8327785834

B h u b a n e s w a r Gothapatna 100ft ମେନ୍‌ରୋଡକୁ ଲାଗି ଘରବାରି ପ୍ଲଟ୍ ମିଳୁଛି। 9090963952। D- 07

Gharabari bounded plot 10000sq.ft and 2400sq. ft for sale. Adjacent to Meera's Courtyard at Kurunti near Kuranga footballfield, 200mtr. from Niali-Nakhara SH Cuttack sadar. Contact- 9861044442. D-2364

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500 Sq.ft, 6,75,000/– ପ୍ଲଟ୍ ବିକ୍ରିହେବ– 9776974912. D-05




Newly open Jyoti spa positively health benefits (Expert therapist). 8458067955. D-76942

## AFFIDAVIT

I, Bhajaram Pradhan son of Subal Pradhan of At/ Post.- Baradandi, P.S.- Bolagarh, Dist.- Khordha, PIN- 752066 declare by this affidavit No.- 2875, Dtd.- 23.10.25, that now onwards I shall be known as Bhajaman Pradhan for all future purposes. D-2395

I, Hari Hara Nath, S/o.- Bauribandhu Nath, Resident of Vill.- Sompur, Rajatei, Dist.- Puri, Odisha, declare by this affidavit No.-9, dtd.- 24.10.2025 that, now onwards I shall be known as Harihara Nath for all future purposes. D-76943

By virtue of an affidavit sworn before Executive Magistrate, Basudevpur, dated- 04.10.2025, I, Narayan Ghadai (71), S/o.- Late Jogendra Ghadai, Residing At- Apartipur, P.O.- Matipaka, P.S.- Naikanidihi, Dist.- Bhadrak, Odisha declare that my name is wrongly mentioned as Narayan Chandra Ghadai in the Passport of my son Krushna Chandra Ghadai. I declare that Narayan Ghadai and Narayan Chandra Ghadai is same and one person. D-2394

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

By virtue of an affidavit sworn before Executive Magistrate, Jajpur, dated- 25.10.2025, I, Kaikeyee Sahu, At- Indaroi, P.O.- Erabank, P.S.- Jajpur Sadar, Dist.- Jajpur, Odisha, PIN- 755017 declare that I have changed my name from Pokeya Sahu to Kaikeyee Sahu. Henceforth, I shall be known as Kaikeyee Sahu for all purposes.
Kaikeyee Sahu
D-2393

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ମନେ ପଡ଼ନ୍ତି

**ସପ୍ତଦଶ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ରେଣୁବାଳା ପଣ୍ଡା**

ଗୁଣ୍ଡିଚା ବିହାର, ପୁରୀ
ଆବିର୍ଭାବ :୧୨।୦୯।୧୯୫୨
ତିରୋଧାନ: ୦୪।୧୧।୨୦୦୮
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ପରିବାରବର୍ଗ ଓ ବନ୍ଧୁବାନ୍ଧବ
ଧ-୨୩୯୨


## ନୋବେଲ ପୁରସ୍କାର-୨୦୨୫ (ରସାୟନ ବିଜ୍ଞାନ)

# ମେଟାଲ ଅର୍ଗାନିକ୍ ଫ୍ରେମ୍ୱାର୍କ



ରମେଶ ଚନ୍ଦ୍ର ପରିଡ଼ା

''ଚଳିତବର୍ଷର ରସାୟନ ବିଜ୍ଞାନ ନୋବେଲ ପୁରସ୍କାର ମିଳିତ ଭାବେ ପ୍ରାପ୍ତ ହୋଇଛନ୍ତି ଜାପାନର କିୟୋଟୋ ବିଶ୍ୱବିଦ୍ୟାଳୟର ସୁସୁମୁ କିଟାଗାୱା, ମେଲବୋର୍ନ ବିଶ୍ୱବିଦ୍ୟାଳୟ (ଅଷ୍ଟ୍ରେଲିଆ)ର ରିଚାର୍ଡ ରୋବସନ୍ ଏବଂ ବର୍କଲେସ୍ଥିତ କାଲିଫର୍ନିଆ ବିଶ୍ୱବିଦ୍ୟାଳୟ (ଆମେରିକା)ର ଓମାର ୟାଘି। ସେମାନଙ୍କ ମଧ୍ୟରେ ଏହାର ପୁରସ୍କାର ରାଶି ୧୧ ନିୟୁତ ସ୍ୱିଡଶ କୋନାର (ସ୍ୱିଡେନ୍ ମୁଦ୍ରା) ସମାନ ଭାବରେ ଭାଗ କରାଯିବ। ଏକ ନୂତନ ଶ୍ରେଣୀର ସଚ୍ଛିଦ୍ର ସଂରଚନାମାନ ଉଦ୍ଭାବନ ପାଇଁ ଏହି ତିନି ଜଣ ରସାୟନବିତ୍‌ଙ୍କୁ ନୋବେଲ ପୁରସ୍କାର ପ୍ରଦାନ କରାଯିବ। ଏଥିରେ ନିୟମିତ ଧାରାରେ ସ୍ଥାନିତ ହୋଇଥାଏ ବହୁ ସଂଖ୍ୟକ ବଡ଼ ବଡ଼ ଛିଦ୍ର। ଅତଏବ ତାହା ବାଷ୍ପ ଶୋଷଣ କରିବା ଏବଂ ଗଚ୍ଛିତ କରିବାଠାରୁ ଶରୀର ମଧ୍ୟରେ ଔଷଧର ପ୍ରବାହ, ଉତ୍‌ପ୍ରେରକ ରୂପେ କାର୍ଯ୍ୟ କରିବା ଏବଂ ଆହୁରି ଅନେକ କାର୍ଯ୍ୟ ସମ୍ପାଦନ ଲାଗି ସମର୍ଥ।''



ଚଳିତବର୍ଷର ରସାୟନ ବିଜ୍ଞାନ ନୋବେଲ ପୁରସ୍କାର ମିଳିତ ଭାବେ ପ୍ରାପ୍ତ ହୋଇଛନ୍ତି ଜାପାନର କିୟୋଟୋ ବିଶ୍ୱବିଦ୍ୟାଳୟର ସୁସୁମୁ କିଟାଗାୱା, ମେଲବୋର୍ନ ବିଶ୍ୱବିଦ୍ୟାଳୟ (ଅଷ୍ଟ୍ରେଲିଆ)ର ରିଚାର୍ଡ ରୋବସନ୍ ଏବଂ ବର୍କଲେସ୍ଥିତ କାଲିଫର୍ନିଆ ବିଶ୍ୱବିଦ୍ୟାଳୟ (ଆମେରିକା)ର ଓମାର ୟାଘି। ସେମାନଙ୍କ ମଧ୍ୟରେ ଏହାର ପୁରସ୍କାର ରାଶି ୧୧ ନିୟୁତ ସ୍ୱିଡିଶ କ୍ରୋନ୍ (ସ୍ୱିଡେନ୍ ମୁଦ୍ରା) ସମାନ ଭାବରେ ଭାଗ କରାଯିବ। ଏକ ନୂତନ ଶ୍ରେଣୀର ସଚ୍ଛିଦ୍ର ସଂରଚନାମାନ ଉଦ୍ଭାବନ ପାଇଁ ଏହି ତିନି ଜଣ ରସାୟନବିତ୍‌ଙ୍କୁ ନୋବେଲ ପୁରସ୍କାର ପ୍ରଦାନ କରାଯିବ। ଏଥିରେ ନିୟମିତ ଧାରାରେ ସ୍ଥାନିତ ହୋଇଥାଏ ବହୁ ସଂଖ୍ୟକ ବଡ଼ ବଡ଼ ଛିଦ୍ର। ଅତଏବ ତାହା ବାଷ୍ପ ଶୋଷଣ କରିବା ଏବଂ ଗଚ୍ଛିତ କରିବା ଠାରୁ ଶରୀର ମଧ୍ୟରେ ଔଷଧର ପ୍ରବାହ, ଉତ୍‌ପ୍ରେରକ ରୂପେ କାର୍ଯ୍ୟ କରିବା ଏବଂ ଆହୁରି ଅନେକ କାର୍ଯ୍ୟ ସମ୍ପାଦନ ଲାଗି ସମର୍ଥ। ତମ୍ବା, କୋବାଲଟ୍, ନିକେଲ ଆଦି ଧାତବ ଆୟନ ଚତୁଃପାର୍ଶ୍ୱରେ କେତେକ ଜୈବିକ ଲିଜେଣ୍ଡ ବା ସଂଯୋଜକ ସଜ୍ଜିତ ରହି ଏହାକୁ ଗଠନ କରିଥାଆନ୍ତି। ଏଣୁ ଏହାକୁ ଧାତବ-ଜୈବିକ ବ୍ୟବସ୍ଥା ବା 'ମେଟାଲ-ଅର୍ଗାନିକ୍ ଫ୍ରେମ୍ୱାର୍କ (ଏମ.ଏଫ.ଓ.) ରୂପେ ନାମିତ କରାଯାଇଛି।

**ବ୍ୟବସ୍ଥାର ବିକାଶ:** ପ୍ରଥମେ ରୋବସନ୍ ୧୯୮୦ ଦଶକରେ ହୀରାର ସଂରଚନା ଦ୍ୱାରା ପ୍ରଭାବିତ ହୋଇ ଏଥିପାଇଁ ଅନୁପ୍ରାଣିତ ହୋଇଥିଲେ। ସେ ତମ୍ବାଧାତୁର ଆୟନ ସହିତ ଏକ ଜୈବିକ ୪ଟି ଗ୍ରୁପ ଥିବା 'ଲିଜେଣ୍ଡ' ଅଣୁ ଯୋଡି ଏହା ପ୍ରସ୍ତୁତ କରିଥିଲେ। ଏହାର ସଂରଚନା ହୀରା ସହିତ ମେଳ ଖାଉଥିଲା। ତେବେ ସେଥିରେ ଥିଲା



ସୁସୁମୁ କିଟାଗାୱା



ରିଚାର୍ଡ ରୋବସନ୍



ଓମାର ୟାଘି

ବଡ଼ ବଡ଼ ରନ୍ଧ୍ର। ତତ୍ପରେ ସେ ଏକ ପ୍ରକାର ଆହୁରି ଅନେକ ଆଣବିକ ସଂରଚନାମାନ ପ୍ରସ୍ତୁତ କଲେ ଏବଂ ତାହାକୁ ନେଇ ୧୯୮୯ ମସିହାରେ ନିବନ୍ଧଟିଏ ପ୍ରକାଶ କଲେ 'ଦ ଜର୍ନାଲ ଅଫ ଆମେରିକାନ୍ କେମିକାଲ ସୋସାଇଟି'। ତେବେ ତାଙ୍କର ଏହି ସଂରଚନାଗୁଡିକ ଭଙ୍ଗୁର ଥିଲା।

ତତ୍ପରେ କିଟାଗାୱା ୧୯୯୦ ଦଶକର ପ୍ରାରମ୍ଭରେ ଏହି ଶ୍ରେଣୀର ଆଣବିକ ସଂରଚନାମାନ ପ୍ରସ୍ତୁତ କରି ତାହା ଅଧ୍ୟୟନ କରିବାକୁ ଲାଗିଲେ। ତାଙ୍କୁ ଏଥିରେ ବଡ ଧରଣର ସଫଳତା ମିଳିଲା। ସେ ୧୯୯୭ ମସିହାରେ ପ୍ରସ୍ତୁତ କଲେ କୋବାଲଟ ନିକେଲ କିମ୍ବା ଦସ୍ତା ଆୟନ ଏବଂ ୪.୪-ବାଇପିରିଡିନ ଜୈବିକ ଲିଜେଣ୍ଡ' ବ୍ୟବହାର କରି ନାନାଦି ୩-ସ୍ତରୀୟ ଏଫ୍.ଏମ୍.ଓ.। ଏଗୁଡ଼ିକ ଅତ୍ୟନ୍ତ ସୁଦୃଢ଼ ଥିଲା ଏବଂ ୩୫୦ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ତାପମାତ୍ରା ସହ୍ୟ କରିପାରୁଥିଲା। ପୁନଶ୍ଚ ତାହା ଆକାର ପରିବର୍ତ୍ତନ ନ କରି ପ୍ରତ୍ୟାବର୍ତ୍ତୀ ଭାବେ ମିଥେନ୍, ଯବକ୍ଷାରଜାନ ଏବଂ ଅମ୍ଳଜାନ ଆଦି ବାଷ୍ପ ଶୋଷଣ କରି ପାରୁଥିଲା। ଏହାର ପ୍ରସ୍ତୁତି ଏବଂ ବିନିଯୋଗ ସମ୍ପର୍କରେ ସେ ୧୯୯୮ ମସିହାରେ 'ଦ ବୁଲେଟିନ୍ ଅଫ ଦି କେମିକାଲ ସୋସାଇଟି ଅଫ ଜାପାନ' ପ୍ରକାଶ କଲେ।

ଇତିମଧ୍ୟରେ ୟାଘି ଏ କ୍ଷେତ୍ରରେ ଆଉ ଏକ ପାଦ ଅଗ୍ରସର ହେଲେ। ସେ ଏବଂ ତାଙ୍କର ସହଯୋଗୀମାନେ ଏକ ନୂତନ ଶ୍ରେଣୀର ଏମ୍.ଓ.ଏଫ. ତିଆରି କରିବାକୁ ଲାଗିଲେ। ଏଗୁଡିକ ଥିଲା ଅଧିକ ଚଉଡା ଏବଂ ଅତ୍ୟନ୍ତ ମଜଭୁତ, ଯାହାକି ୩୦୦ ଡିଗ୍ରୀ ସେଲସିୟସ ତାପମାତ୍ରା ସହ୍ୟ କରିପାରୁଥିଲା। ଏହାକୁ ନେଇ ସେ ୨୦୦୨ ଏବଂ ୨୦୦୩ ମସିହାରେ ଯଥାକ୍ରମେ 'ଦ ସାଇନ୍ସ' ଏବଂ 'ଦ ନେଚର' ପତ୍ରିକାରେ ଦୁଇଟି ଗବେଷଣା ପତ୍ର ପ୍ରକାଶ କରିଥିଲେ। ତହିଁରେ ସେ ସୂଚିତ କରିଥିଲେ ଯେ ଭିନ୍ନ ଭିନ୍ନ ମୂଳବସ୍ତୁ ବ୍ୟବହାର କରି ନାନାପ୍ରକାର ଏମ.ଓ.ଏଫ.ମାନ ପ୍ରସ୍ତୁତ କରିବା ସମ୍ଭବ। ପୁନଶ୍ଚ ଏହା ନାନାକ୍ଷେତ୍ରରେ ବ୍ୟବହାର ପାଇଁ ଉପଯୋଗୀ।

**ଏମ.ଓ.ଏଫ.କାହିଁକି ଗୁରୁତ୍ୱପୂର୍ଣ୍ଣ:** ପ୍ରଥମେ ୟାଘି ଏବଂ ତାଙ୍କର ସହ ଗବେଷକଗଣ ନିର୍ମାଣ କରିଥିବା ଏମ. ଓ. ଏଫ.ଗୁଡିକ କେବଳ ବାଛି ବାଛି ଜଳକଣା ଶୋଷଣ କରିପାରୁଥିଲେ। ଏଣୁ ମରୁ ଅଞ୍ଚଳରେ ବାୟୁରୁ ଜଳୀୟ ବାଷ୍ପ ଗ୍ରହଣ କରି ତାହାକୁ ଜଳରେ ପରିଣତ କରିବାକୁ ଏହା ନିୟୋଜିତ ହେଉଥିଲା। କିନ୍ତୁ ବର୍ତ୍ତମାନ ଏଗୁଡିକର ବ୍ୟବହାର ଅତି ବ୍ୟାପକ ହେଲାଣି। ତାହା ଜଳରୁ ପ୍ରଦୂଷକ ଅଲଗା କରିବାଠାରୁ ଆରମ୍ଭ କରି ବିଭିନ୍ନ ବାଷ୍ପ ଶୋଷଣ ଓ ସଞ୍ଚୟ, ପରିସ୍ରବଣ, ବାୟୁମଣ୍ଡଳ ଓ କଳକାରଖାନାରୁ ନିର୍ଗତ ବାଷ୍ପରୁ ଅଙ୍ଗାରକାମ୍ଳ ଶୋଷଣ, ଉତ୍‌ପ୍ରେରଣ, ବିଦ୍ୟୁତ୍ ରସାୟନକ୍ଷେତ୍ର, ଫ୍ଲୋରେସେନ୍ସ ଭିତ୍ତିକ ଚିତ୍ରଗ୍ରହଣ ଆଦି କାର୍ଯ୍ୟରେ ନିୟୋଜନ କରାଯାଉଛି। ଏଣୁ ବିଭିନ୍ନ କମ୍ପାନୀମାନେ ଏହାର ବ୍ୟବସାୟିକ ଉତ୍ପାଦନ ଆରମ୍ଭ କରିଦେଲେଣି। ଉଦାହରଣସ୍ୱରୂପ, ଇଂଲଣ୍ଡର 'ନୁଆଡା' ନାମକ କମ୍ପାନୀ ଫଳ ଓ ପନିପରିବାକୁ ଦୀର୍ଘକାଳ ଧରି ଗଚ୍ଛିତ ରଖିବା ଲାଗି ଏହାର ଉପଯୋଗ କରୁଛି। ଏଥିରେ ସଞ୍ଚିତ ରହୁଛି ଏକ ରାସାୟନିକ ପଦାର୍ଥ, ଯାହାକି ସେଗୁଡିକୁ ସତେଜ ରଖୁଛି। ସେହିପରି ଆମେରିକାର 'ନୁମାର୍ଟ' ଏକ ପ୍ରକାର ଏମ.ଓ.ଏଫ. ତିଆରି କଲାଣି, ଯାହାକି ବିଭିନ୍ନ ଶିଳ୍ପରୁ ନିର୍ଗତ ପ୍ରଦୂଷଣକାରୀ ବାଷ୍ପରୁ ଅଙ୍ଗାରକାମ୍ଳ ଏବଂ ଅଲଗା ଅଲଗା ଭାବେ ଅନ୍ୟାନ୍ୟ ବାଷ୍ପ ଶୋଷଣ କରିପାରୁଛି। (କ୍ରମଶଃ..)

-ଉଷା ନିବାସ, ୧୨୪/୨୪୪୫,
ଖଣ୍ଡଗିରି ବିହାର, ଭୁବନେଶ୍ୱର-୩୦
ମୋ : ୯୯୩୭୩୦୧୪୬୦

# ଯକ୍ଷ୍ମା: କିଛି କଥା




**ଯ**କ୍ଷ୍ମା ଏକ ଜୀବାଣୁଜନିତ ରୋଗ। 'ମାଇକୋବ୍ୟାକ୍ଟେରିୟସ' ଜୀବାଣୁ ଦ୍ୱାରା ଏହି ରୋଗ ବ୍ୟାପିଥାଏ।। ସଂକ୍ରମିତ ରୋଗୀର କାଶ ଓ ଛିଙ୍କ ଦ୍ୱାରା ଜୀବାଣୁ ବାୟୁରେ ମିଶି ସୁସ୍ଥ ଲୋକର ଶରୀରରେ ପ୍ରବେଶ କରେ ଓ ରୋଗ ସୃଷ୍ଟିର କାରଣ ହୋଇପଡେ। ଶରୀରର ପ୍ରାୟ ସବୁ ଅଙ୍ଗକୁ ଯକ୍ଷ୍ମା ଆକ୍ରାନ୍ତ କରିଥାଏ। କିନ୍ତୁ ପାଖାପାଖି ୮୦ ଶତାଂଶ କ୍ଷେତ୍ରରେ ଫୁସଫୁସରେ ଏହି ରୋଗ ହୋଇଥାଏ। ସାଧାରଣତଃ ଜୀବାଣୁଗୁଡିକ ବାୟୁବାହିକ। ହେଲେ ଏହି ରୋଗଟି ବଂଶଗତ ନୁହେଁ। ଡାଇବେଟିସ୍, କ୍ୟାନ୍ସର, ଏଚଆଇଭି ସଂକ୍ରମିତ ରୋଗୀ, ଅପପୁଷ୍ଟି ଆକ୍ରାନ୍ତ ବ୍ୟକ୍ତି, ନିଶାଦ୍ରବ୍ୟ ସେବନ କରୁଥିବା ବ୍ୟକ୍ତି, ମାନସିକ ଚାପଗ୍ରସ୍ତ ଲୋକ ଏବଂ ଷ୍ଟେରଏଡ୍ ଔଷଧ ଚିକିତ୍ସାରେ ରହିଥିବା ରୋଗୀ ଯକ୍ଷ୍ମାଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଛି। ଯକ୍ଷ୍ମା ରୋଗର ପ୍ରଧାନ ଲକ୍ଷଣ ବିଷୟରେ ଜାଣି ରଖିବା ନିହାତି ଦରକାର। ସବୁରୋଗୀଙ୍କ ଠାରେ ଲକ୍ଷଣ ପ୍ରକାଶ ପାଇ ନ ଥାଏ। ଯେଉଁ ରୋଗୀମାନଙ୍କଠାରେ ଲକ୍ଷଣ ପ୍ରକାଶ ପାଇଥାଏ, ସେହି ଲକ୍ଷଣଗୁଡିକ ମଧ୍ୟରେ ପ୍ରଧାନ ହେଲା ସାମାନ୍ୟ ଜ୍ୱର ଓ କାଶ। ଏହି ଲକ୍ଷଣ ତିନି ସପ୍ତାହରୁ ବେଶି ସମୟ ଲାଗି ରହିପାରେ। ସାଧାରଣତଃ ସନ୍ଧ୍ୟା ସମୟରେ ଜ୍ୱର ଆସିଥାଏ। ଛାତିରେ ଯନ୍ତ୍ରଣା ହୋଇପାରେ। ଭୋକ ମରିଯାଏ। ଚିକିତ୍ସା ନ କଲେ ରୋଗୀ କଙ୍କାଳସାର ହୋଇଯାଏ। ତେଣୁ ଉପରୋକ୍ତ ଲକ୍ଷଣ ଦେଖାଦେଲେ ତୁରନ୍ତ ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସିତ ହୁଅନ୍ତୁ।

# କାର୍ଯ୍ୟଦକ୍ଷତାକୁ ପ୍ରଭାବିତ କରେ ସୋସିଆଲ ମିଡିଆ



**ଆ**ଜିକାଲି ସୋସିଆଲ ମିଡିଆର ବ୍ୟବହାର କେତେ ବହୁଳ ହେଲାଣି ତାହା ପ୍ରାୟ ସମସ୍ତେ ଜାଣନ୍ତି। ଏଥିରୁ ଅନେକ କଥା ଜାଣିହୁଏ- ଏକଥା ସତ, ହେଲେ ସବୁବେଳେ ଏଥିରେ ନିମଗ୍ନ ରହିଲେ ତାହାର ଦୈନନ୍ଦିନ ଜୀବନକୁ ପ୍ରଭାବିତ କରିବା ସହ ଏହା ଦ୍ୱାରା କାର୍ଯ୍ୟଦକ୍ଷତାରେ ତାରତମ୍ୟ ଦେଖିବାକୁ ମିଳିଥାଏ ବୋଲି ଜଣାପଡିଛି। ଏଭଳି ସିଦ୍ଧାନ୍ତରେ ପହଞ୍ଚିବା ପୂର୍ବରୁ ସେମାନେ କେତେକ ବ୍ୟକ୍ତି ଯେଉଁମାନେ ପ୍ରାୟ ଅଧିକାଂଶ ସମୟ ସୋସିଆଲ ମିଡିଆ ସହ ଜଡିତ ରହୁଥିଲେ ସେମାନଙ୍କର କାର୍ଯ୍ୟଦକ୍ଷତାକୁ ତନ୍ନ ତନ୍ନ କରି ତର୍ଜମା କରିଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ ଏମାନଙ୍କ ମଧ୍ୟରୁ ପ୍ରାୟ ୫୦ ପ୍ରତିଶତ ବ୍ୟକ୍ତିଙ୍କର କାର୍ଯ୍ୟଦକ୍ଷତାରେ ତାରତମ୍ୟତା ଦେଖିବାକୁ ମିଳିଥିଲା। ତେଣୁ ସୋସିଆଲ ମିଡିଆ ସହ ଆବଶ୍ୟକତାଠାରୁ ଅଧିକ ସମୟ ଜଡିତ ହେବା ଠିକ୍ ନୁହେଁ ବୋଲି ଉକ୍ତ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ପରାମର୍ଶ ଦେଇଛନ୍ତି।

# ସହଜରେ ନିୟନ୍ତ୍ରିତ ହେବ ଡିମେନସିଆ



**ଡି**ମେନ୍‌ସିଆ ହେଉଛି ଏକ ସ୍ନାୟୁଜନିତ ରୋଗ। ଏଥିରେ ଆକ୍ରାନ୍ତ ଥିବା ଲୋକମାନଙ୍କର ମସ୍ତିଷ୍କ ବିକାଶରେ ବାଧା ସୃଷ୍ଟି ହେବା ସହ ଶାରୀରିକ, ମାନସିକ ଓ ବ୍ୟାବହାରିକ କ୍ଷେତ୍ରରେ ପରିବର୍ତ୍ତନ ଆସିଥାଏ। ତେଣୁ ଏହାକୁ ପ୍ରତିହତ କରିବା ପାଇଁ ଆମିନୋ ଏସିଡ୍ ଥିବା ୭ଟି ଜିନିଷର ସମ୍ମିଶ୍ରଣରେ 'ଆମିନୋ ଏଲ୍‌ପି-୭' ପ୍ରସ୍ତୁତ ହୋଇଛି। ନିକଟରେ ଜାପାନସ୍ଥିତ ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଫର୍ କ୍ୱାଣ୍ଟମ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ପକ୍ଷରୁ ପ୍ରକାଶିତ ଏକ ନିବନ୍ଧରେ ଏହା ଉଲ୍ଲେଖ କରାଯାଇଛି। ଏହାକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆଣିବା ପାଇଁ ଏ ପର୍ଯ୍ୟନ୍ତ କୌଣସି ନିର୍ଦ୍ଦିଷ୍ଟ ଔଷଧ ବାହାରି ନଥିବା ବେଳେ 'ଆମିନୋ ଏଲ୍‌ପି-୭' ଏ କ୍ଷେତ୍ରରେ କେତେକାଂଶରେ ସହାୟକ ହେବ ବୋଲି ଜଣାପଡ଼ିଛି। ଆମିନୋ ଏସିଡ୍‌କୁ ନେଇ ପ୍ରୋଟିନ୍ ଗଠିତ ହୋଇଥିବା ବେଳେ ଶରୀରରେ ଯେତେବେଳେ ଏହାର ପରିମାଣ କମିଯାଏ, ସେତେବେଳେ କେତେକ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥାଏ। ଏହାର ପ୍ରଭାବ ମସ୍ତିଷ୍କ ଓ ସ୍ନାୟୁ ଉପରେ ଅନେକାଂଶରେ ପଡ଼ିଥାଏ। ତେଣୁ ଏହାକୁ ବ୍ୟବହାର କରିବା ଦ୍ୱାରା ମସ୍ତିଷ୍କ କାର୍ଯ୍ୟଧାରା ଠିକ୍ ଭାବରେ ଚାଲିବା ସହ ଜଣେ ଡିମେନେସିଆରୁ କେତେକାଂଶରେ ଉପଶମ ଲାଭ କରିପାରିବ ବୋଲି ରିପୋର୍ଟରେ ଦର୍ଶାଯାଇଛି।

# ଉପକାରୀ ଜୁସ୍

**ତ**ଟକା ଫଳମୂଳ ଆମ ଶରୀର ପାଇଁ ବେଶ୍ ଉପକାରୀ। ତା'ସହ ଏଥିରୁ ପ୍ରସ୍ତୁତ ଜୁସ୍‌ରେ ମଧ୍ୟ ଅନେକ ପ୍ରକାର ଉପକାରୀ ତତ୍ତ୍ୱ ଭରି ରହିଛି। ବିଶେଷଭାବରେ ଜୁସ୍‌ରେ ଭିଟାମିନ୍ 'ଏ', 'ସି' ଏବଂ 'ଇ' ବ୍ୟତୀତ ଫୋଲିକ୍ ଏସିଡ ଅଛି। ଏହାକୁ ନିୟମିତ ପିଇଲେ ତାହା ଶରୀରରୁ ଖରାପ କୋଲେଷ୍ଟରଲକୁ ବାହାର କରିଦେଇଥାଏ। ଏଥିରେ ଏଭଳି ଉପକାରୀ ତତ୍ତ୍ୱ ରହିଛି, ଯାହା ହୃତ୍‌ପିଣ୍ଡ ବା ହାର୍ଟର କାର୍ଯ୍ୟଧାରାକୁ ସକ୍ରିୟ କରିଥାଏ। କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞ ଜୁସ୍ ଉପରେ ଗବେଷଣା କରି ଏକ ନୂତନ ତଥ୍ୟ ଲୋକଲୋଚନକୁ ଆଣିଛନ୍ତି। ତାହା କ'ଣ ଜାଣନ୍ତି? ଯଦି ଜଣେ ବ୍ୟକ୍ତି ନିୟମିତ ଜୁସ୍ ପିଅନ୍ତି, ତେବେ ସେ ନିଜକୁ କ୍ୟାନ୍‌ସରଠାରୁ କେତେକାଂଶରେ ଦୂରେଇ ରଖିପାରିବେ। କାରଣ ଏଥିରେ ଥିବା ତତ୍ତ୍ୱ ସୁସ୍ଥ କୋଷକୁ କ୍ୟାନସର ଭାଇରସ ଆକ୍ରମଣରୁ ଅନେକାଂଶରେ ସୁରକ୍ଷା ଦେଇଥାଏ। ଏଥିରୁ ଶରୀରକୁ ମଧ୍ୟ ଶକ୍ତି ମିଳିଥାଏ।

## ସ୍ୱାସ୍ଥ୍ୟ ସୂଚନା

- ଯେତେ ସମ୍ଭବ ଡାକ୍ତରଙ୍କ ସହ ପରାମର୍ଶ କରି ଔଷଧ ଖାଆନ୍ତୁ। କାରଣ ରୋଗର ଲକ୍ଷଣକୁ ଭଲ ଭାବରେ ତର୍ଜମା କରି ସେଥିରୁ ଉପଶମ ପାଇବା ଲାଗି ଡାକ୍ତର ଔଷଧ ଖାଇବାକୁ ପରାମର୍ଶ ଦେଇଥାଆନ୍ତି।
- ପ୍ରତିଦିନ ସକାଳେ ଖାଲି ପେଟରେ ଗ୍ଲାସେ ଉଷୁମ ପାଣି ପିଅନ୍ତୁ। ଏହା ଓଜନକୁ ନିୟନ୍ତ୍ରଣରେ ରଖିବାକୁ କେତେକାଂଶରେ ସାହାଯ୍ୟ କରିଥାଏ।
- ଆଜିକାଲିର ବ୍ୟସ୍ତମୟ ଜୀବନରେ ସକାଳୁ କିଛି ସମୟ ବ୍ୟାୟାମ କରନ୍ତୁ। ଏହାଦ୍ୱାରା ଶରୀର କେତେକାଂଶରେ ସୁସ୍ଥ ରହିବା ସହ ମନ ପ୍ରଫୁଲ୍ଲ ରହିଥାଏ।
- ସବୁବେଳେ ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ତା' ସହ ରାତିରେ ଅତିକମ୍‌ରେ ୬-୭ ଘଣ୍ଟା ଶୁଅନ୍ତୁ।
- ଟେନ୍‌ସନ୍‌କୁ ନେଇ ଟେନ୍‌ସନ୍ ହେବା ପରିବର୍ତ୍ତେ ତାହାର କାରଣ ବାହାର କରି ସମାଧାନ କରନ୍ତୁ।
- ପେଟଜନିତ ସମସ୍ୟାଠାରୁ ନିଜକୁ ଦୂରେଇ ରଖିବା ଲାଗି ତେଲ-ମସଲାଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।
- ଯେତେ ସମ୍ଭବ ନିଜକୁ ଖୁସିର ମାହୋଲରେ ରଖିବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା ଜଣେ ନିଜକୁ କେତେକାଂଶରେ ସୁସ୍ଥ ରଖିପାରିବ।



# ଡାଇବେଟିସ୍‌ଜନିତ ପାଦ ଘା'



ଡା. ଯତୀନ କୁମାର ମାଝୀ

''ଦୁର୍ଘଟଣାକୁ ବାଦ୍ ଦେଲେ ଅଧିକାଂଶ ପାଦ କାଟିବାର କାରଣ ହେଉଛି ଡାଇବେଟିସ୍‌ଜନିତ ପାଦ ଘା'। ଏହି ଘା' ନା କେବଳ ଶାରୀରିକ କଷ୍ଟ ଦେଇଥାଏ ଅବା ଏହାର ଚିକିତ୍ସା ବ୍ୟୟବହୁଳ, ବରଂ ଏହା ପ୍ରାଣଘାତୀ ମଧ୍ୟ। ତେଣୁ ଡାଇବେଟିସ୍ ରୋଗୀଙ୍କଠାରେ ପାଦ ଘା' ହେବା ମାତ୍ରେ ଅବହେଳା ନ କରି ତୁରନ୍ତ ଡାକ୍ତରଙ୍କ ପରାମର୍ଶକ୍ରମେ ଚିକିତ୍ସା କରାଇନେଲେ ସୁସ୍ଥ ଜୀବନ ଜିଇପାରିବେ।''

**ଡା**ଇବେଟିସ୍ ରୋଗୀଙ୍କ ପାଇଁ ପ୍ରମୁଖ ସମସ୍ୟା ହେଉଛି ସୁଗାର ଏବଂ ଖାଦ୍ୟକୁ ନିୟନ୍ତ୍ରଣ କରିବା ଓ ନିୟମିତ ଔଷଧ ସେବନ କରିବା। ମାତ୍ର ଡାଇବେଟିସ୍‌ର ଏକ ଜଟିଳ ସମସ୍ୟା ହେଉଛି ଏହା ଜନିତ ପାଦ ଘା' ଯାହାର ପରିଣାମ ପ୍ରାଣଘାତୀ ହୋଇପାରେ। ଡାଇବେଟିସ୍ ପାଦ ଘା' ସାଧାରଣତଃ ଗୋଟିଏ ଛୋଟ ଖଣ୍ଡିଆ ବା ଫୋଟକାରୁ ଆରମ୍ଭ ହୋଇଥାଏ। ଯେହେତୁ ଅଧିକାଂଶ ଡାଇବେଟିସ୍ ରୋଗୀ ସ୍ନାୟୁ ବା ନର୍ଭ ଯନ୍ତ୍ରଣାକୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଭଲ ଭାବେ ଅନୁଭବ କରିପାରନ୍ତି ନାହିଁ ଏବଂ ସେମାନଙ୍କ କ୍ଷେତ୍ରରେ ପ୍ରାୟତଃ ଗୋଡକୁ ରକ୍ତ ସଞ୍ଚାଳନ ଠିକ୍ ଭାବେ ହୋଇପାରି ନ ଥାଏ ବା କମ୍ ହୋଇଥାଏ, ତେଣୁ ଏହି ଛୋଟ ଖଣ୍ଡିଆ ବା ଫୋଟକା ମଧ୍ୟ ସହଜରେ ନ ଶୁଖି ଘା'ରେ ପରିଣତ ହୋଇଯାଏ। କେତେକଙ୍କ କ୍ଷେତ୍ରରେ ଏହା ଧୀରେ ଧୀରେ ସଂକ୍ରମିତ ହୋଇ ହାଡକୁ ପହଞ୍ଚିବା ସହ ବେଳେ ବେଳେ ଜଟିଳ ହୋଇ ପାଦ କାଟିବା ଭଳି ସ୍ଥିତି ମଧ୍ୟ ଉପୁଜିଥାଏ। ତେବେ ଅତ୍ୟନ୍ତ ଦୁଃଖର ବିଷୟ ଯେ, ଆମ ଦେଶ ଭାରତକୁ ପୃଥିବୀର ଡାଇବେଟିସ୍ କ୍ୟାପିଟାଲ୍ ବୋଲି କୁହାଯାଉଛି। ଏଠାରେ ଥିବା ସମସ୍ତ ଡାଇବେଟିସ୍ ରୋଗୀଙ୍କ ମଧ୍ୟରେ ପ୍ରତି ଚାରିଜଣରେ ଜଣଙ୍କଠାରେ ପାଦ ଘା' ଜନିତ ସମସ୍ୟା ଦେଖାଦେଇଥାଏ। ଦୁର୍ଘଟଣାକୁ ବାଦ୍ ଦେଲେ ଅଧିକାଂଶ ପାଦ କାଟିବାର କାରଣ ହେଉଛି ଡାଇବେଟିସ୍ ଜନିତ ପାଦ ଘା'। ଏହି ଘା' ନା କେବଳ ଶାରୀରିକ କଷ୍ଟ ଦେଇଥାଏ ବରଂ ଏହାର ଚିକିତ୍ସା ଜନିତ ଖର୍ଚ୍ଚ ମଧ୍ୟ ବ୍ୟୟବହୁଳ। ଏମିତିକି ଏଥିପାଇଁ ବର୍ଷ ବର୍ଷର ସଞ୍ଚିତ ଆୟ ବି ଶେଷ ହୋଇଯାଇଥାଏ।

### ପ୍ରମୁଖ କାରଣ

ଭାରତୀୟମାନଙ୍କଠାରେ ଡାଇବେଟିସ୍ ଜନିତ ପାଦ ଘା' ସମସ୍ୟା ଅଧିକ ଦେଖାଦେବାର ମୁଖ୍ୟ କାରଣଗୁଡ଼ିକ ହେଉଛି-

- କେତେକ ସମୁଦାୟରେ ଏବେବି ପ୍ରଚଳିତ ଥିବା ଖାଲି ପାଦରେ ଚାଲିବା ପ୍ରଥା।
- ପାଦକୁ ଠିକ୍ ଭାବରେ ଫିଟ୍ ହେଉ ନ ଥିବା ବା ଟାଇଟ୍ ଜୋତା ପିନ୍ଧିବା।
- ଯଥା ସମୟରେ ଏହାର ଚିକିତ୍ସା ନ କରାଇବା, ବିଶେଷ ଭାବରେ ଗ୍ରାମୀଣ ଅଞ୍ଚଳରେ ଠିକ୍ ସମୟରେ ଚିକିତ୍ସାରେ ଅବହେଳା କରିବା।
- ଅନିୟନ୍ତ୍ରିତ ବ୍ଲଡ୍ ସୁଗାର।

### ନିୟନ୍ତ୍ରଣର ଉପାୟ

ଡାଇବେଟିସ୍‌ଜନିତ ପାଦ ଘା' ଏବଂ ଏହାର ଜଟିଳତାକୁ ରୋକିବା ପାଇଁ କେତେକ ଦିଗ ପ୍ରତି ବିଶେଷ ଧ୍ୟାନ ଦେଲେ ଏହାକୁ ନିୟନ୍ତ୍ରଣ କରାଯାଇପାରେ। ସେହି ପଦକ୍ଷେପଗୁଡିକ ହେଲା:

- ଡାଇବେଟିସ୍ ସମସ୍ୟା ଥିଲେ ପ୍ରତିଦିନ ନିଜେ ପାଦକୁ ଯାଞ୍ଚ କରିବା ଦରକାର।
- ଖାଲି ପାଦରେ ଚାଲିବା ଅନୁଚିତ।
- ଠିକ୍ ଫିଟ୍ ହେଉଥିବା ଏବଂ କମ୍ଫର୍ଟେବଲ୍ ଜୋତା ପିନ୍ଧିବା।
- ପ୍ରତିଦିନ ଗୋଡ଼କୁ ଭଲ ଭାବେ ଧୁଅନ୍ତୁ, ବିଶେଷ କରି ଆଙ୍ଗୁଠି ସନ୍ଧିଗୁଡ଼ିକୁ ଭଲ ଭାବେ ଧୋଇ ସଫା କରନ୍ତୁ ଏବଂ ଭଲ ଭାବେ ପୋଛନ୍ତୁ।
- ଶୁଖିଲା ପାଦରେ ପ୍ରତିଦିନ ନଡ଼ିଆ ତେଲ କିମ୍ବା ମଶ୍ଚରାଇଜର୍ ଲଗାନ୍ତୁ।
- ନଖ କାଟନ୍ତୁ ଏବଂ ଏହାକୁ ପରିଷ୍କାର ରଖନ୍ତୁ।
- ପାଦରେ ଘା' ନ ଥିଲେ ବି ଡାଇବେଟିସ୍ ରୋଗୀ ବର୍ଷରେ ଥରେ ଡାକ୍ତରଙ୍କ ନିକଟରେ ପାଦ ପରୀକ୍ଷା କରାଇନେବା ଭଲ।
- ଯଦି ପାଦରେ ଘା' ହୁଏ ଏବଂ ଏହା ଶୁଖିବାରେ ବିଳମ୍ବ ହୁଏ, ସେଥିରୁ ଦୁର୍ଗନ୍ଧ କିମ୍ବା ପୂଜ ବାହାରେ ତେବେ ମନଇଚ୍ଛା ଔଷଧ ନ ଲଗାଇ ଅବା ଆଦୌ ଅବହେଳା ନ କରି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେଲେ ଏହା ଶୀଘ୍ର ଠିକ୍ ହୋଇପାରେ।



ଡାଇବେଟିସ୍‌ଜନିତ ପାଦ ଘା' ପ୍ରତିରୋଧ କେବଳ ରୋଗୀଙ୍କ ଦାୟିତ୍ୱ ନୁହେଁ। ତେଣୁ ଏଥିପାଇଁ ଡାକ୍ତର, ନର୍ସ, କମ୍ୟୁନିଟି ହେଲ୍‌ଥ କର୍ମଚାରୀ ଏବଂ ପରିବାର ସଦସ୍ୟମାନଙ୍କ ସହଯୋଗ ଆବଶ୍ୟକ। ଯଦିଓ ଭାରତରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଦ୍ୱାରା ଲୋକଙ୍କୁ ଏ ଦିଗରେ ସତର୍କ କରାଯାଇ ହଜାର ହଜାର ଲୋକଙ୍କ ପାଦ କାଟିବାରୁ ରକ୍ଷା କରାଯାଇପାରୁଛି। ତଥାପି ପରିତାପର ବିଷୟ ଯେ, ଏବେ ବି ପ୍ରତି ୩୦ ସେକେଣ୍ଡରେ ଗୋଟିଏ ପାଦ ଡାଇବେଟିସ୍ ଯୋଗୁ କଟାଯାଉଛି। ତେଣୁ ଏହି ସମସ୍ୟାକୁ ଏକ ଜରୁରିକାଳୀନ ସ୍ଥିତି ଭାବେ ଧରାଯିବା ଆବଶ୍ୟକ। ଡାଇବେଟିସ୍ ରୋଗୀ ନିଜ ପାଦର ଯତ୍ନ ନେବା ସହ ଘା'ର ଲକ୍ଷଣ ଦେଖିବା ମାତ୍ରେ ଅବହେଳା ନ କରି ତୁରନ୍ତ ଡାକ୍ତରଙ୍କ ପରାମର୍ଶକ୍ରମେ ଚିକିତ୍ସା କରାଇନେଲେ ଏହି ସମସ୍ୟାରୁ ଦୂରେଇ ରହିବା ସହିତ ଏକ ସୁସ୍ଥ ଜୀବନ ଜିଇପାରିବେ।

-ଡାଇବେଟୋଲୋଜିଷ୍ଟ ଆଣ୍ଡ
ଏଣ୍ଡୋକ୍ରାଇନୋଲୋଜିଷ୍ଟ, ଭୁବନେଶ୍ୱର
ମୋ: ୯୪୩୮୩୭୦୬୩୯

# ରଣ୍‌ଜୀ ଟ୍ରଫି ; ଉତ୍ତର ପ୍ରଦେଶ ଅଗ୍ରଣୀ

**ଭୁବନେଶ୍ୱର, ୨୬।୧୦ (ତପନ ସ୍ୱାଇଁ)**

କାନ୍‌ପୁରର ଗ୍ରୀନ୍‌ପାର୍କରେ ଚାଲିଥିବା ରଣ୍‌ଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଓଡ଼ିଶାର ବ୍ୟାଟିଂ ଓ ବୋଲିଂ ପ୍ରଭାବହୀନ ରହିଛି। ସମାନ କାରଣରୁ କଟକର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ବରୋଦା ବିପକ୍ଷ ପ୍ରଥମ ମ୍ୟାଚରେ ପରାଜୟ ବରଣ କରିଥିବା ଓଡ଼ିଶା କାନ୍‌ପୁରରେ ରବିବାର ଦ୍ୱିତୀୟ ଦିବସ ଖେଳ ଶେଷ ବେଳକୁ ଉତ୍ତର ପ୍ରଦେଶଠାରୁ ପ୍ରଥମ ଇନିଂସରେ ପଛୁଆ ହୋଇଯାଇଛି। ଓଡ଼ିଶା ପ୍ରଥମ ଇନିଂସରେ ୨୪୩ ରନରେ ଅଲ୍‌ଆଉଟ ହୋଇଥିବାବେଳେ ଉତ୍ତର ପ୍ରଦେଶ ଦ୍ୱିତୀୟ ଦିବସ ଷ୍ଟମ୍ପ ଅପସାରଣ ବେଳକୁ ୩ ଉଇକେଟ ହରାଇ ୨୬୨ ରନ ସଂଗ୍ରହ କରି ନେଇଛି। ଆରାଧ୍ୟ ଯାଦବ ଓ ଅଧିନାୟକ କରନ ଶର୍ମା ଅସମାପ୍ତ ୪ର୍ଥ ଉଇକେଟରେ ୧୪୬ ରନ ଯୋଗକରି ଉତ୍ତର ପ୍ରଦେଶକୁ ଅଗ୍ରଣୀ କରାଇଛନ୍ତି।

ପ୍ରଥମ ଦିବସର ଅସମାପ୍ତ ସ୍କୋର ୧୭/୦ରୁ ଖେଳ ଆରମ୍ଭ କରିଥିବା ଉତ୍ତର ପ୍ରଦେଶ ୪୫ ରନରେ ୨ଟି ଏବଂ ୧୧୬ ରନରେ ତୃତୀୟ ଉଇକେଟ ହରାଇଥିଲା। ଅଭିଷେକ ଗୋସ୍ୱାମୀ ୨୪ ଓ ମାଧବ କୌଶିକ ୬୭ ରନ କରିଥିବାବେଳେ ଆର୍ଯ୍ୟନ ଜୁୟାଲ ଖାତା ଖୋଲିପାରି ନ ଥିଲେ। ମାତ୍ର କରନ ଓ ଆରାଧ୍ୟ ସତର୍କତାର ସହ ବ୍ୟାଟିଂ କରି ଉତ୍ତର ପ୍ରଦେଶକୁ ଆଉ କ୍ଷତି ହେବାକୁ ଦେଇ ନ ଥିଲେ। ଶତକୀୟ ଭାଗୀଦାରି ଗଢ଼ି ସାରିଥିବା କରନ ୮୩ ଓ ଆରାଧ୍ୟ ୮୦ ରନରେ ଅପରାଜିତ ରହି ଦଳକୁ ବଡ଼ ଅଗ୍ରଣୀ ଆଡ଼କୁ ନେଇ ଯାଇଛନ୍ତି। ଓଡ଼ିଶା ପକ୍ଷରୁ ୩ଟି ଯାକ ଉଇକେଟ ଡାହାଣହାତୀ ମିଡିୟମ ପେସ୍ ବୋଲର ସମ୍ବିତ ବରାଳ ହାସଲ କରିଛନ୍ତି। ସୋମବାର ତୃତୀୟ ଦିବସ ଓଡ଼ିଶା ପାଇଁ ଗୁରୁତ୍ୱପୂର୍ଣ୍ଣ। ବୋଲରମାନେ ଉତ୍ତର ପ୍ରଦେଶର ପ୍ରଥମ ଇନିଂସ ଶୀଘ୍ର ଶେଷ ନ କଲେ ଓଡ଼ିଶାକୁ ଯେ ପ୍ରଥମ ମ୍ୟାଚ ପରି ଆଉ ଏକ ବିପଦର ସମ୍ମୁଖୀନ ହେବାକୁ ନ ପଡ଼ିବ ତାହା କହି ହେବନାହିଁ।



ସମ୍ବିତ ବରାଳ

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୪୩। ଉତ୍ତର ପ୍ରଦେଶ ପ୍ରଥମ ଇନିଂସ: ୨୬୨/୩ (କରନ ଶର୍ମା-୮୩*, ଆରାଧ୍ୟ ଯାଦବ-୮୦*, ମାଧବ କୌଶିକ-୬୭, ସମ୍ବିତ ବରାଳ-୩/୩୫)।

## ଭାରତୀୟ ରଗ୍‌ବୀ ଦଳ ସେମିଫାଇନାଲରେ

**ମସ୍କଟ, ୨୬।୧୦ (ପି.ଟି.)**

ଭାରତର ପୁରୁଷ ରଗ୍‌ବୀ ଦଳ ଏଠାରେ ଏସିଆ ରଗ୍‌ବୀ ଏମିରେଟ୍ସ ସେଭେନ୍ସ ଟ୍ରଫି ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଦଳ ଏହାର ପ୍ରଥମ ମ୍ୟାଚରେ ଆଫଗାନିସ୍ତାନକୁ ୧୪-୧୦ରେ ପରାସ୍ତ କରିବା ପରେ ଦ୍ୱିତୀୟ ମ୍ୟାଚରେ ଆଫଗାନିସ୍ତାନ ବିପକ୍ଷରେ ୨୬-୫ରେ ବିଜୟ ହାସଲ କରିଥିଲା। କ୍ୱାର୍ଟରଫାଇନାଲରେ ଦଳ ୨୧-୭ରେ ଇରାନକୁ ହରାଇ ଦେଇଥିଲା। ଭାରତ ଏହାର ସମସ୍ତ ତିନୋଟି ମ୍ୟାଚରେ ବିଜୟ ହାସଲ କରିବା ପରେ ବର୍ତ୍ତମାନ ସେମିଫାଇନାଲରେ ସୋମବାର ସାଉଦି ଆରବକୁ ଭେଟିବାକୁ ଯାଉଛି। ଏଥିରେ ବିଜୟ ହାସଲ କରିବା ଦ୍ୱାରା ଭାରତ କେବଳ ଫାଇନାଲରେ ପ୍ରବେଶ କରିବ ତାହା ନୁହେଁ ବରଂ ଡିଭିଜନ-୧ ଦି ଏସିଆ ରଗ୍‌ବୀ ସେଭେନ୍ସ ସିରିଜ ପାଇଁ ପ୍ରଥମ ଥର ଯୋଗ୍ୟତା ଅର୍ଜନ କରିବ।

# ଅସ୍ମିତା ଖେଲୋ ଇଣ୍ଡିଆ ସାଇକ୍ଲିଂ




ଅସ୍ମିତା ଖେଲୋ ଇଣ୍ଡିଆ ସାଇକ୍ଲିଂ ଲିଗ୍‌ର ଶୁଭାରମ୍ଭ ଅବସରରେ ଅତିଥିଙ୍କ ସହ ସାଇକ୍ଲିଷ୍ଟମାନେ।

**ଭୁବନେଶ୍ୱର, ୨୬।୧୦ (ତପନ ସ୍ୱାଇଁ)**

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ରବିବାର ଖେଲୋ ଇଣ୍ଡିଆ ଅସ୍ମିତା ସାଇକ୍ଲିଂ ଲିଗ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ନାରୀ ସଶକ୍ତୀକରଣ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ଖେଲୋ ଇଣ୍ଡିଆ ଅସ୍ମିତା ଲିଗ୍ ପ୍ରତି ଜିଲା ଓ ସଦର ମହକୁମାରେ ହେବାପାଇଁ ନିଷ୍ପତ୍ତି ନିଆଯାଇଥିବାରୁ ତାହା କଟକରେ ସମ୍ପନ୍ନ ହୋଇଛି। ଏହି ପ୍ରତିଯୋଗିତାରେ ୧୫୦ ମହିଳା ଅଂଶଗ୍ରହଣ କରିଥିଲେ। ଓଡ଼ିଶା ଅଲିମ୍ପିକ ଆସୋସିଏଶନ ସମ୍ପାଦକ ଅଭିଜିତ ପାଲ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ସାଇକ୍ଲିଂ ଆସୋସିଏଶନ ସମ୍ପାଦକ ପ୍ରସନ୍ନ କୁମାର ରାଉତ, କୋଷାଧ୍ୟକ୍ଷ ସୁଜିତ ରାଉତ, ସାଇକ୍ଲିଷ୍ଟ ଦିଲୀପ କୁମାର ନାଗିଆ ଏବଂ ସ୍କୁଲଗୁଡ଼ିକର ଶାରୀରିକ ଖେଳ ଶିକ୍ଷକ ଉପସ୍ଥିତ ଥିଲେ। ସାଇକ୍ଲିଂର ଏହି କାର୍ଯ୍ୟକ୍ରମ ଇନ୍‌ଡୋର ଷ୍ଟାଡିୟମରୁ ଆରମ୍ଭ ହୋଇ ଚଣ୍ଡୀ ଛକ, ବକ୍ସି ବଜାର, ମଣିସାହୁ ଛକ, କ୍ୟାଣ୍ଟନମେଣ୍ଟ ରୋଡ ଦେଇ ପୁନର୍ବାର ଇନ୍‌ଡୋର ଷ୍ଟାଡିୟମରେ ପହଞ୍ଚିଥିଲା।

# ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ ସମ୍ପର୍କରେ ଆଲୋଚନା




ଓସିଏର ସ୍ୱତନ୍ତ୍ର ସାଧାରଣ ବୈଠକ ଅବସରରେ ଉପସ୍ଥିତ କର୍ମକର୍ତ୍ତା।

**ଓସିଏର ସ୍ୱତନ୍ତ୍ର ସାଧାରଣ ବୈଠକ**

**ଭୁବନେଶ୍ୱର, ୨୬।୧୦ (ତପନ ସ୍ୱାଇଁ)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ସ୍ୱତନ୍ତ୍ର ସାଧାରଣ ବୈଠକ ରବିବାର କଟକ ବାରବାଟୀ ଷ୍ଟାଡିୟମସ୍ଥିତ କନ୍‌ଫରେନ୍ସ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ବୈଠକରେ ଉପସଭାପତି ଜଗମୋହନ ପଟ୍ଟନାୟକ, ସମ୍ପାଦକ ସଞ୍ଜୟ ବେହେରା, ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ ଏବଂ ଆପେକ୍ସ କାଉନ୍ସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହା ବ୍ୟତୀତ ଅନ୍ୟ ଅନୁବନ୍ଧିତ ୟୁନିଟଗୁଡ଼ିକର ସଦସ୍ୟମାନେ ମଧ୍ୟ ଯୋଗଦେଇଥିଲେ। ବୈଠକରେ ଓଡ଼ିଶାରେ କ୍ରିକେଟର ବିକାଶ ଏବଂ ଆସନ୍ତା ଡିସେମ୍ବର ୯ରେ ହେବାକୁଥିବା ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ଆୟୋଜନ ଆଦି କେତେକ ବିଷୟ ଉପରେ ଆଲୋଚନା ହୋଇଥିଲା। କୋଷାଧ୍ୟକ୍ଷଙ୍କ ପକ୍ଷରୁ ଆଗତ ବାର୍ଷିକ ଆର୍ଥିକ ରିପୋର୍ଟ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା।

# ଶାଇନା, ଦୀକ୍ଷାଙ୍କୁ ସ୍ୱର୍ଣ୍ଣ ପଦକ

**ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିୟନଶିପ୍**

**ଚେଙ୍ଗଡ୍ଡୁ, ୨୬।୧୦ (ପି.ଟି.)**

ବ୍ୟାଡ୍‌ମିଣ୍ଟନ ଏସିଆ ୧୭ବର୍ଷରୁ କମ୍ ଓ ୧୫ବର୍ଷରୁ କମ୍ ଚାମ୍ପିୟନଶିପ୍‌ରେ ଶାଇନା ମଣିମୁଥୁ ଓ ଦୀକ୍ଷା ସୁଧାକର ସେମାନଙ୍କ କାଟେଗୋରୀରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ରବିବାର ଅନୁଷ୍ଠିତ ୧୫ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ଫାଇନାଲରେ ଶାଇନା ଜାପାନର ଚିହାରୁ ଟୋମିଟାଙ୍କୁ ୨୧-୧୪, ୨୨-୨୦ରେ ହରାଇ ଦେଇଥିବା ବେଳେ ଦୀକ୍ଷା ନିଜ ଦେଶର ଲକ୍ଷା ରାଜେଶଙ୍କୁ ୨୧-୧୬, ୨୧-୯ରେ ପରାସ୍ତ କରି ୧୭ବର୍ଷରୁ କମ୍ ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ରବିବାର ସଫଳତା ପରେ ଭାରତ ଏହି ମହାଦେଶୀୟ ଇଭେଣ୍ଟରେ ଦୁଇ ସ୍ୱର୍ଣ୍ଣ, ଏକ ରୌପ୍ୟ ଓ ଦୁଇ ବ୍ରୋଞ୍ଜ ସହ ଚାମ୍ପିୟନଶିପ୍‌ରେ ଏପର୍ଯ୍ୟନ୍ତ ସୁଦ୍ଧା ଶ୍ରେଷ୍ଠ ପ୍ରଦର୍ଶନ କରିପାରିଛି। ଭାରତ ଗତଥର ୨୦୧୩ରେ ଦୁଇଟି ସ୍ୱର୍ଣ୍ଣ ପଦକ ପାଇଥିଲା। ସେତେବେଳେ ସିରିଲ ବର୍ମା ୧୫ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ବିଭାଗରେ ଟାଇଟଲ ଜିତିଥିବା ବେଳେ ଚିରାଗ ଶେଟ୍ଟି ଓ ଏମ୍.ଆର୍ ଅର୍ଜୁନ ୧୭ ବର୍ଷରୁ କମ୍ ବାଳକ ଡବଲ୍ସ ଚାମ୍ପିୟନ ହୋଇଥିଲେ। ଶାଇନା ରବିବାର ୪ର୍ଥ ଭାରତୀୟ ବାଳିକା ସିଙ୍ଗଲ୍ସ ଖେଳାଳି ଭାବେ ୧୫ବର୍ଷରୁ କମ୍ ଟାଇଟଲ ଜିତିବାର ଗୌରବ ଅର୍ଜନ କରିଥିଲେ। ପରେ ଦୀକ୍ଷା ପ୍ରଥମ ଭାରତୀୟ ସିଙ୍ଗଲ୍ସ ବାଳିକା ଭାବେ ୧୭ବର୍ଷରୁ କମ୍ ଚାମ୍ପିୟନ ହୋଇଥିଲେ। ୨୭ମିନିଟ ଧରି ଅନୁଷ୍ଠିତ ଅଲ୍ ଇଣ୍ଡିଆନ ଫାଇନାଲରେ ସେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲେ। ଜୁଦିଶ ସିଂ ଖଙ୍ଗାରୁ ଏବଂ ମିକ୍ସଡ ଡବଲ୍ସ ଯୋଡ଼ି ଜାଙ୍ଗଜିତ୍ ସିଂ କାଜଲ ଓ ଜନନିକା ରମେଶ ଶନିବାର ବ୍ରୋଞ୍ଜ ପଦକ ଜିତିଥିଲେ।

# ରାଜ୍ୟ ଭାରୋତ୍ତୋଳନ ୨୮ରୁ

**ଭୁବନେଶ୍ୱର, ୨୬।୧୦ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମର ବିଜୁ ପଟ୍ଟନାୟକ ଭାରୋତ୍ତୋଳନ କକ୍ଷରେ ରାଜ୍ୟ ଭାରୋତ୍ତୋଳନ ପ୍ରତିଯୋଗିତା ଚଳିତ ମାସ ୨୮ରୁ ଆରମ୍ଭ ହେବ। ୩୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତାରେ ଉଭୟ ମହିଳା ଓ ପୁରୁଷ ବିଭାଗର ୟୁଥ୍, ଜୁନିୟର ଓ ସିନିୟର ବର୍ଗରେ ପ୍ରତିଯୋଗିତା ହେବ। ପ୍ରତିଯୋଗିତାରେ ରାଜ୍ୟର ୨୦ ଜିଲାରୁ ୨୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ୫୦ କୋଚ୍, ମ୍ୟାନେଜର ଉପସ୍ଥିତ ରହିବା ସହ ୪୦ ଟେକ୍ନିକାଲ ଅଫିସିଆଲ ପ୍ରତିଯୋଗିତାକୁ ପରିଚାଳନା କରିବେ। ଏଥିରୁ ଆସନ୍ତା ଜାତୀୟ ପ୍ରତିଯୋଗିତା ପାଇଁ ଭାରୋତ୍ତୋଳକ ଚୟନ କରାଯିବ ବୋଲି ଓଡ଼ିଶା ଭାରୋତ୍ତୋଳନ ସଂଘ ପକ୍ଷରୁ ସୂଚନା ଦିଆଯାଇଛି।







ସଂଶୋଧିତ GST ହାର 22 ସେପ୍ଟେମ୍ବର ଠାରୁ ପ୍ରଯୁଜ୍ୟ।

*ନିୟମ ଓ ସର୍ତ୍ତାବଳୀ। ଗୋଟିଏ ଜିନିଷ ପାଇଁ ଯେଉଁ ଦାମ ଲେଖା ଅଛି, ସେଥିରେ ସବୁ ଟ୍ୟାକ୍ସ ଯୋଗ କରି ଏମଆରପି ଦିଆ ହୋଇଛି। ରିହାତି କେବଳ ଏମଆରପି ଉପରେ ପ୍ରଯୁଜ୍ୟ, ଏବଂ ଦୁଇଟି ଅଫର ଏକ ସାଥିରେ ନିଆ ଯାଇ ପାରିବ ନାହିଁ। ପ୍ରତିଟି ଅଫର କେବଳ ଏକ ୟୁନିଟ୍ କିଣିବା କ୍ଷେତ୍ରରେ ପ୍ରଯୁଜ୍ୟ। ପ୍ରତିଟି ଯୋଗ୍ୟ କ୍ରୟରେ ଏକ ୟୁନିଟ୍ ମାଗଣାରେ ଦିଆ ହେବ। ଅଫର କେବଳ ନିର୍ଦ୍ଦିଷ୍ଟ ମଡେଲ୍ ଓ ବଛା ଯାଇଥିବା ଷ୍ଟୋର୍‌ରେ ପ୍ରଯୁଜ୍ୟ, ଏବଂ ଷ୍ଟକ୍ ଥିବା ପର୍ଯ୍ୟନ୍ତ ଚାଲିବ। ଗୋଟିଏ ସ୍ୱଚ୍ଛ ଟ୍ରାଇ-ପ୍ଲାଇ 3 ଲିଟର ଇନର ଲିଡ୍ କୁକର୍ କିଣିଲେ, ଗ୍ରାହକ 24 ସେମିର ଗୋଟିଏ ଏସ୍ଏସ୍ କଡ଼େଇ ପାଇବେ। ଟ୍ରାଇ-ପ୍ଲାଇ 3-ପିସ୍ କୁକୱେୟାର ସେଟ୍‌ରେ ରହିଛି 24 ସେମି ଫ୍ରାଇ ପ୍ୟାନ୍, ଏସ୍ଏସ୍ ଲିଡ୍ ସହ 24 ସେମି କଡ଼େଇ ଓ 16 ସେମି ସସ୍‌ପ୍ୟାନ୍। ଏସ୍ଏସ୍ ପ୍ଲାଟିନା 3-ପିସ୍ କୁକୱେୟାର ସହିତ ରହିଛି 22 ସେମି ଫ୍ରାଇ ପ୍ୟାନ୍, ଗ୍ଲାସ୍ ଲିଡ୍ ସହ 22 ସେମି କଡ଼େଇ ଓ ଗ୍ଲାସ୍ ଲିଡ୍ ସହ 16 ସେମି ସସ୍‌ପ୍ୟାନ୍। ପ୍ରେଷ୍ଟିଜ୍‌ର ଲୋଗୋ ଭାରତରେ ଟିଟିକେ ପ୍ରେଷ୍ଟିଜ୍ ଲିମିଟେଡ୍‌ର ରେଜିଷ୍ଟର୍ଡ ଟ୍ରେଡମାର୍କ। ବିଶଦ ନିୟମ ଓ ସର୍ତ୍ତାବଳୀ ଜାଣିବା ପାଇଁ ଆପଣଙ୍କ ନିକଟବର୍ତ୍ତୀ ପ୍ରେଷ୍ଟିଜ୍ ଏକ୍ସକ୍ଲୁସିଭ୍/ଡିଲର୍ ଆଉଟଲେଟ୍‌କୁ ଯାଆନ୍ତୁ।

For Franchise Enquiry, please contact Mob - 7978985580 ■ For Distributor & Institutional enquiries Call +91 7008309169

Prestige Xclusive

**BHUBANESWAR, Rabi Takies Chhak:** opposite to Kedar Gouri Resort Mob: 7750925223 , **Bapuji Nagar**: 105 Bapuji Nagar, Behind Yes Bank(Old Post Office Lane) Lane No 08, 0674-2597141/9937138998 **Bapuji Nagar:** 237,Pani Tanki Lane,Bapuji Nagar Ph: 0674 2597685 Mob: 9777744071, **Sunderpada** :Shop No. 11, Vinayak Enclave, , 7008463572 **Satyangar:** 10, Janpath, Satyangar, Mob: 8280056821, **ID Market:** Shop No FG 3, I.D. Market, Near Reliance Fresh, IRC Village Mob: 9861404879, **Damana:** 248, Sailashree Vihar Road, Damana Mob : 7327902258, **Baramunda:** A/37, Ruchika Market, Baramunda, Mob : 9937073674, **CUTTACK, Dolmundai:** Hotel Akbari complex, Dolomundai, Haripur Road, Ph: 0671 2910337; Mob: 9348222581, **CDA:** Plot No.CM/3 (In front of Police Station), Markat Nagar, Sector - 7, Mob: 8917442506, 8280079702 , **Rourkela:** Daily Market, Near Reliance trend, Rourkela, Mob: 9777457774 , **BALUGAON**: Chilika Road, Balugaon, Mob: 8984858783 **KENDRAPARA**: Kakat Chhak, Ph: 06727 221241; Mob: 9040562233 **DHENKANAL:** I.G. Super Market, near SBI ATM; Mob: 9337477279/ 9348178750 **BOLANGIR:** A.B.S.S. Road, Near Samaleswari Temple, Ph: 06652 232419; Mob : 9437331171, 9437241863 **SEMILIGUDA:** Infront of RAM Mandir Gate,Main Road, Mob: 8328800974. **BARGARH:** C/o: New patra needs, infront of Gopal Goshala,NH-6, Main Road, Mob: 9776323188. **Berhampur:**Plot No 1865/2608, Khata No 833/395, Aska Road, opposite Chaturbhuj Petrol Pump- 09337748007,**Khordha:** Shop No- 140 & 145, Municipality Complex, New Bus Stand, in front of Bajaj Showroom,9552614450

**BHUBANESWAR:-**REETA-9938677424, Crockery Plaza-9938399889,BNM Enterprises-7008480152, Lingaraj Store-7978209549,Sulochana Enterprises-9338067682,Spectra Vision, Ph.-9937722277, Pratap Sewing Machine-9937138544, Utkal Light house-9937019272, Tammana Trading-7004248554 -Utkal Sales-9853150619, Triveni Agency-9937612806,Ghar Sansar Mart-7205377126,Bharat Electronics-9556760383, Balaji Electonics-9938469841, Sai Traders-7008298692-Bhubaneswar, S B Enterprises-9437310480, B S Enterprises, Ph 9861155551, ,Sai Associate-9937065641,Pursty Home appliances-8249694212,Sreeji Enterprises-9040533801, **Jatni-**D B enterprises-9078919100,**Khordha-**Maharana enterprises-7978018288,Kitchen Plaza-9337756820,**Balipatna-** Tarini Aluminum Stores-9438568797, **CUTTACK-** Patra Electonics-7008312282,Union Sales Emporium-9338461472,Nigam store-8249064237, Janata General Store-9937966355,Arbinda Plastic-8763923528,Arbinda home Appliances-9438480346,Puspak Agency-7205016581, Balaji Distributor-8763153928 ,**Chowdar-**Prince Electronics-986110122, **Salepur-** Sanjaya electronics-9777777529, **Rahama** -Maa Padmavati Bastralaya-8908194534,**PARADEEP:-**Krishna Enterprise, **Kujanga-**Satapathy Enterprises-9437088525,**ROURKELA:-** Prestige-7064584070.Kitchen Accessories-7008058146 , **Sundergarh-**Laxmi Steel-8895443777 , **Sambalpur-**Samuka Steel Center-9437331074,Rathi Steel -9040448466, **Bhadrak-**Sako Sales-9777988814,Radhika Furniture-9437991876, **Baripada-**Aerovision-9861828643 , **Angul-**Saralia Trading-9439471222, M.K Enterprises- 9776667882 **Nayagarh-**Ganapati Home Appliances-9583281930,**Balasore-**United Sales Agency-9583519516,**Pattamundei-**Nalini & Sons-9938175761 , **Pallahara** -Kanha Enterprises-9437334629 ,

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ